ପୃଷ୍ଠା–୮+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୧/୨୦୨୨(୮+୮=୧୬ ପୃଷ୍ଠା) Bhubaneswar, Monday, March 21/2022 Page 16 ₹ 7.00 ★★★★

୪୮ଶ ଭାଗ ୧୧୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-

# ପାଣିରେ ବୁଡ଼ି ୧୭ ମୃତ

**ଦୋଳ ଏବଂ ରଙ୍ଗର ପର୍ବ ହୋଲିରେ ରାଜ୍ୟରେ ଉତ୍ସାହ ଦେଖିବାକୁ ମିଳିଥିବାବେଳେ କେତେକ ସ୍ଥାନରେ ଘଟିଛି ଦୁଃଖଦ ଘଟଣା। ରଙ୍ଗ ଖେଳ ସାରି ଗାଧୋଇବାବେଳେ ପାଣିରେ ବୁଡ଼ି ୧୭ଜଣଙ୍କର ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ଯାଜପୁର ଜିଲାରେ ସର୍ବାଧିକ ୬ ଜଣ ଥିବାବେଳେ ସମ୍ବଲପୁର, କେନ୍ଦୁଝର ଓ କୋରାପୁଟ ଜିଲାରେ ୨ ଜଣ ଲେଖାଏ ରହିଛନ୍ତି। ଗଞ୍ଜାମ, କଟକ, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ନୟାଗଡ଼ ଜିଲାରୁ ମୋଟ ୫ଜଣଙ୍କର ସଲିଳ ସମାଧି ଘଟିଛି। ସେହିପରି କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକ ଗୁପ୍ତେଶ୍ୱର ପୀଠ ନିକଟ କୋଲାବ ନଦୀରେ ରବିବାର ଗାଧୋଇବା ବେଳେ ଆଉ ୨ ଭାଇ ଭାସିଯାଇଛନ୍ତି।**

### ଦୋଳ, ହୋଲିରେ ଦୁଃଖ

- **ଖରସ୍ରୋତାରେ ଭାସି ୬ ମୃତ**
- **ଗୁପ୍ତେଶ୍ୱର ନିକଟ କୋଲାବ ନଦୀରେ ୨ ଭାଇ ଭାସିଗଲେ**

ଯାଜପୁର ଅଫିସ/ବୈପାରିଗୁଡ଼ା/କୋଟପାଡ଼/କୁଚିଣ୍ଡା/କଟକ ସଦର (ଡି.ଏନ.ଏ.)/କେନ୍ଦୁଝର/ଖଣ୍ଡପଡ଼ା(ସ୍ୱ.ପ୍ର.)/ବ୍ରହ୍ମପୁର ଅଫିସ୍/ରାଉରକେଲା ଅଫିସ୍/ବାରିପଦା ଅଫିସ୍,୨୦।୩

ଯାଜପୁର ଜିଲା ବଡ଼ସୁଆର ନିକଟ ଖରସ୍ରୋତା ନଦୀର ମଙ୍ଗଳାଘାଟରେ ଶୁକ୍ରବାର ଭାସିଯାଇ ନିଖୋଜ ହୋଇଥିବା ସମସ୍ତ ୬ ଜଣଙ୍କର ମୃତଦେହ ଜବତ କରାଯାଇଛି। ମୃତକମାନେ ହେଲେ ବିଶ୍ୱଜିତ ଜେନା, ଶୁଭମ୍ ଜେନା(୧୫), ସମ୍ବିତ କୁମାର ଜେନା(୧୭), ରଶ୍ମିରଞ୍ଜନ ଜେନା(୧୭), କିରଣ ଜେନା(୧୫) ଓ କୃଷ୍ଣ ଜେନା(୧୭)। ଏମାନେ ୩ ପରିବାରର ସମ୍ପର୍କୀୟ ଭାଇ ବୋଲି ସୂଚନା ମିଳିଛି। ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ବନ୍ଧମୁଣ୍ଡ ଗାଁର ରଶ୍ମିରଞ୍ଜନ, କିରଣ, କୃଷ୍ଣ, ଶୁଭମ୍, ଅମିତ୍ ଏବଂ ଜାଲପୁରର ବିଶ୍ୱଜିତ ଜେନା, ରାଉଳ ଜେନା ଓ ଯାଜପୁର ଟାଉନ୍‌ର ସମ୍ବିତ କୁମାର ଜେନା ରଙ୍ଗ ଖେଳିବା ପରେ ଗାଧୋଇବା ପାଇଁ ଖରସ୍ରୋତା ନଦୀକୁ ଯାଇଥିଲେ। ମଙ୍ଗଳାଘାଟରେ ଗାଧୋଉଥିବା ବେଳେ ଏମାନେ ଗଣ୍ଡ ଭିତରକୁ ପଳାଇ ଯାଇଥିଲେ। ଫଳରେ ସେମାନେ ଆଉ ବାହାରି ପାରି ନ ଥିଲେ। ସେପଟେ ପରିବାର ଲୋକ ଖୋଜି ଖୋଜି ଆସି ନଦୀକୂଳରେ ପହଞ୍ଚିଥିଲେ। ନଦୀପଠାରେ ସେମାନଙ୍କ ଲୁଗା ଓ ଚପଲ ପଡ଼ିଥିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେବା ସହିତ ଆଖପାଖ ଲୋକଙ୍କୁ ଜଣାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ଆସିବା ପୂର୍ବରୁ ଗାଁ ଲୋକେ ୧୭ ବର୍ଷୀୟ ଅମିତ୍ ଏବଂ ରାଉଳ ଜେନାଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲଥିବା ଜଣାଯାଇଛି। ଏହାପରେ ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଟିମ୍ ଓ ପୋଲିସ ସହାୟତାରେ ଖୋଜାଖୋଜି ଜୋରଦାର ହୋଇଥିଲା। ଶନିବାର ଅପରାହ୍ନ ସୁଦ୍ଧା ୫ ଜଣଙ୍କର ଏବଂ ରବିବାର ସକାଳେ ଆଉ ଜଣଙ୍କର ମୃତଦେହ ପାଣିରୁ ବାହାର କରାଯାଇଥିଲା। ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ମୃତକଙ୍କ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ସେହିପରି କେନ୍ଦୁଝର ଜିଲା ଟାଉନ ଥାନା ଅଞ୍ଚଳରେ ପୋଖରୀରେ ବୁଡ଼ି ୨ ଜଣଙ୍କ ମୃତ୍ୟୁ ଘଟିଛି। ରବିବାର ସକାଳେ ମଣ୍ଡୁଆସ୍ଥିତ ଏକ ପୋଖରୀରୁ ଧନେଶ୍ୱର ନାୟକ ନାମକ ବ୍ୟକ୍ତିଙ୍କ ମୃତଦେହ ମିଳିଛି। ସେ ଶନିବାର ହୋଲି ଖେଳିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ତାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଖୁସିର ସନ୍ଧାନେ**

**ଆଜିର ମନ୍ତବ୍ୟ**

" ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ଭଳି ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାର ପାକ୍ ଅଧିକୃତ କଶ୍ମୀରକୁ ମଧ୍ୟ ମୁକ୍ତ କରିବ।

**-ଜିତେନ୍ଦ୍ର ସିଂ, କେନ୍ଦ୍ରମନ୍ତ୍ରୀ**

# କୋଭିଶିଲ୍ଡ ଡୋଜ୍ ମଧ୍ୟରେ ବ୍ୟବଧାନ ହ୍ରାସ

### ୮ରୁ ୧୬ ସପ୍ତାହକୁ ହ୍ରାସ କରିବାକୁ ସୁପାରିସ

ନୂଆଦିଲ୍ଲୀ,୨୦।୩

ଭାରତର ଜାତୀୟ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କୋଭିଶିଲ୍ଡର ଦୁଇ ଡୋଜ୍ ମଧ୍ୟରେ ବ୍ୟବଧାନ ହ୍ରାସ କରିବା ଲାଗି ଏନ୍‌ଟିଏଜିଆଇ (ନ୍ୟାଶନାଲ ଟେକ୍‌ନିକାଲ ଆଡଭାଇଜରୀ ଗ୍ରୁପ୍ ଅନ୍ ଇମ୍ୟୁନାଇଜେଶନ) ସୁପାରିସ୍ କରିଛି। ପ୍ରଥମ ଡୋଜ୍ କୋଭିଶିଲ୍ଡ ଟିକା ନେବାର ୮ରୁ ୧୬ ସପ୍ତାହ ମଧ୍ୟରେ ଦ୍ୱିତୀୟ




ଡୋଜ୍ ଦିଆଯାଇପାରିବ। ଏବେ ଏହି ଟିକାର ଦୁଇ ଡୋଜ୍ ମଧ୍ୟରେ ବ୍ୟବଧାନ ୧୨ରୁ ୧୬ ସପ୍ତାହ ରହିଛି। ତେବେ ଭାରତ ବାୟୋଟେକ୍‌ର କୋଭାକ୍ସିନ୍ କ୍ଷେତ୍ରରେ ବ୍ୟବଧାନରେ କୌଣସି ପରିବର୍ତ୍ତନ ହୋଇନାହିଁ। ☞ପୃଷ୍ଠା–୪






# ବୀରେନ୍ ସିଂ ଦ୍ୱିତୀୟ ଥର ହେବେ ମଣିପୁର ମୁଖ୍ୟମନ୍ତ୍ରୀ

ଇମ୍ଫାଲ,୨୦।୩

ଏନ୍. ବୀରେନ୍ ସିଂଙ୍କୁ ଦ୍ୱିତୀୟ ଥର ଲାଗି ମଣିପୁର ମୁଖ୍ୟମନ୍ତ୍ରୀ କରିବା ଲାଗି ଭାଜପା ନିଷ୍ପତ୍ତି ନେଇଛି। ରାଜ୍ୟ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ୧୦ ଦିନ ପରେ ଭାଜପା ବୀରେନ୍ ସିଂଙ୍କୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛି। ଏହି ଦୌଡ଼ରେ ବିଶ୍ୱଜିତ ସିଂ ଏବଂ ୟୁମ୍‌ନାମ ଖେମ୍‌ଚାନ୍ଦ ରହିଥିଲେ। ଶନିବାର ଦିଲ୍ଲୀରେ ସେମାନେ ଭାଜପା କେନ୍ଦ୍ରୀୟ ନେତୃତ୍ୱଙ୍କୁ ଭେଟି ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ନେଇ ଆଲୋଚନା କରିଥିଲେ। ମଣିପୁର ପାଇଁ ଭାଜପାର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଥିବା କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରାମନ୍ ଏବଂ କିରେନ୍ ରିଜିଜୁ ରବିବାର ଇମ୍ଫାଲରେ ପହଞ୍ଚି ବୀରେନଙ୍କୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।


ଏନ୍. ବୀରେନ୍ ସିଂ

୬୦ ଆସନ ବିଶିଷ୍ଟ ମଣିପୁର ବିଧାନସଭା ନିର୍ବାଚନରେ ଭାଜପା ୩୨ ଆସନରେ ବିଜୟୀ ହୋଇ ସରକାର ଗଢ଼ିବାକୁ ଯାଉଛି। ବୀରେନ୍ ପ୍ରଚାରର ନେତୃତ୍ୱ ନେଇଥିଲେ ହେଁ ତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇ ନ ଥିଲା। ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିବା ବିଶ୍ୱଜିତ ସିଂ ଭାଜପାରେ ବହୁ ପୂର୍ବରୁ ଯୋଗଦେଇଥିଲେ ହେଁ ୨୦୧୭ ନିର୍ବାଚନ ପରେ ଦଳ ବୀରେନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ଚୟନ କରିଥିଲା। ସେହିପରି ମୁଖ୍ୟମନ୍ତ୍ରୀ ପଦ ପାଇଁ ତୃତୀୟ ଦାବିଦାର କୁହାଯାଉଥିବା ୟୁମ୍‌ନାମ ଖେମ୍‌ଚାନ୍ଦଙ୍କ ପଛରେ ଆର୍‌ଏସ୍‌ଏସ୍‌ର ସମର୍ଥନ ରହିଥିଲା। ସେ ପୂର୍ବ ବିଧାନସଭାରେ ବାଚସ୍ପତି ଥିଲେ।

ବୀରେନ୍‌ଙ୍କୁ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ଲାଗି ଦଳ ନିଷ୍ପତ୍ତି ନେଇଥିବାରୁ କେନ୍ଦ୍ର ଅର୍ଥମନ୍ତ୍ରୀ ସୀତାରାମନ୍ ଏହାକୁ ସ୍ୱାଗତ କରିଛନ୍ତି। ସର୍ବସମ୍ମତିକ୍ରମେ ନିଆଯାଇଥିବା ଏହା ଏକ ଭଲ ନିଷ୍ପତ୍ତି। ଏହା ଦ୍ୱାରା ମଣିପୁରରେ ସ୍ଥିର ଓ ଉତ୍ତରଦାୟୀ ସରକାର ହୋଇପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଉଥିବାରୁ ମଣିପୁରର ବିକାଶକୁ ଆଗେଇନେବାରେ ଏହା ସହାୟକ ହେବ ବୋଲି ସୀତାରାମନ୍ କହିଛନ୍ତି।

ପୂର୍ବତନ ଫୁଟ୍‌ବଲର୍ ତଥା ସାମ୍ବାଦିକ ବୀରେନ୍ ୨୦୦୨ରେ ରାଜନୀତିରେ ପ୍ରବେଶ କରିଥିଲେ। ସେ ପ୍ରଥମେ ଡେମୋକ୍ରାଟିକ୍ ରିଭଲ୍ୟୁଶନାରୀ ପିପୁଲ୍ସ ପାର୍ଟିରେ ଯୋଗଦେଇ ହେଇଙ୍ଗାଙ୍ଗ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୭ରେ ସେ କଂଗ୍ରେସ ଟିକେଟରେ ଉକ୍ତ ଆସନରୁ ବିଜୟୀ ହୋଇ ମଣିପୁର ସରକାରରେ ଜଳସେଚନ, ବନ୍ୟା ନିୟନ୍ତ୍ରଣ, ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ହୋଇଥିଲେ। ୨୦୧୬ ଅକ୍ଟୋବରରେ ସେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଓକ୍ରାମ୍ ଇବୋବି ସିଂଙ୍କ ବିରୋଧରେ ବିଦ୍ରୋହ କରିବା ସହ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ୨୦୧୭ରେ ଭାଜପା ଟିକେଟରେ ବିଜୟୀ ହେବା ସହ ଭାଜପା ବିଧାୟକ ଦଳ ନେତା ନିର୍ବାଚିତ ହୋଇଥିଲେ। ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରି ନ ଥିଲେ ମଧ୍ୟ ସରକାର ଗଢ଼ିବାରେ ସକ୍ଷମ ହୋଇଥିଲା ଓ ବୀରେନ୍ ରାଜ୍ୟର ପ୍ରଥମ ଭାଜପା ମୁଖ୍ୟମନ୍ତ୍ରୀ ହୋଇଥିଲେ।

# ୨୫ ବର୍ଷ ପରେ ଲାଲୁ-ଶରଦ ଯାଦବ ଏକାଠି


ଆର୍‌ଜେଡି ସହ ଏଲ୍‌ଜେଡିର ମିଶ୍ରଣ ଘୋଷଣା ଅବସରରେ ଶରଦ ଯାଦବଙ୍କ ସହ ତେଜସ୍ୱୀ ଯାଦବ।

## ଆର୍‌ଜେଡିରେ ମିଶିଲା ଏଲ୍‌ଜେଡି

ପାଟନା,୨୦।୩

ଦୀର୍ଘ ୨୫ ବର୍ଷର ବ୍ୟବଧାନ ପରେ ପୁଣିଥରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶରଦ ଯାଦବ ତାଙ୍କ ଲୋକତାନ୍ତ୍ରିକ ଜନତା ଦଳ (ଏଲ୍‌ଜେଡି)କୁ ରବିବାର ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି)ରେ ସାମିଲ କରିଛନ୍ତି। ବିରୋଧୀ ଦଳଗୁଡ଼ିକୁ ଏକାଠି କରିବାର ଏହା ପ୍ରଥମ ପଦକ୍ଷେପ ବୋଲି ସେ କହିଛନ୍ତି। ଭାଜପାକୁ ପରାଜିତ କରିବାକୁ ହେଲେ ସମସ୍ତ ବିରୋଧୀ ଦଳ ଏକାଠି ହେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ସବୁ ବିରୋଧୀଙ୍କୁ ଏକାଠି କରିବା ବର୍ତ୍ତମାନର ପ୍ରାଥମିକତା ଏବଂ ଏ ଦିଗରେ ତାଙ୍କର ଉଦ୍ୟମ ଜାରି ରହିବ। ବିରୋଧୀ ଦଳଗୁଡ଼ିକର ନେତା କିଏ ହେବେ ତାହା ପରେ ନିଷ୍ପତ୍ତି ହେବ ବୋଲି ଶରଦ ଗଣମାଧ୍ୟମକୁ କହିଛନ୍ତି। ସେ ଆର୍‌ଜେଡି ଯୁବନେତା ତେଜସ୍ୱୀ ଯାଦବଙ୍କୁ ପ୍ରଶଂସା କରିବା ସହ ତାଙ୍କୁ ବିହାରର ଭବିଷ୍ୟତ ବୋଲି କହିଛନ୍ତି। ତେଜସ୍ୱୀ ମଧ୍ୟ ଶରଦଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଆଗାମୀ ଲୋକ ସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନରେ ସେମାନେ ଏକାଠି ଲଢ଼ିବେ ବୋଲି ତେଜସ୍ୱୀ କହିଛନ୍ତି।

୧୯୯୦ରେ ତତ୍କାଳୀନ ଜନତା ଦଳରେ ଦୁଇ ପ୍ରମୁଖ ନେତା ଲାଲୁ ଏବଂ ଶରଦ ଯାଦବଙ୍କ ମଧ୍ୟରେ ଘନିଷ୍ଠତା ରହିଥିଲା। ଲାଲୁଙ୍କୁ ବିହାର ମୁଖ୍ୟମନ୍ତ୍ରୀ କରାଇବାରେ ଶରଦଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ତେବେ ୧୯୯୭ରେ ଉଭୟ ପରସ୍ପରଠାରୁ ଦୂରେଇ ଯାଇଥିଲେ। ଲାଲୁ ଆରଜେଡି ଗଠନ କରିଥିବାବେଳେ ଶରଦ ଯାଦବ ଜେଡିୟୁ ଦଳ ଗଢ଼ିଥିଲେ, ଯାହା ପରେ ଜର୍ଜ ଫର୍ନାଣ୍ଡିଜ୍‌ଙ୍କ ସମତା ପାର୍ଟିରେ ମିଶିଯାଇଥିଲା। ୨୦୧୮ରେ ଶରଦ ଜେଡିୟୁରୁ ବାହାରିଯାଇ ଏଲ୍‌ଜେଡି ଗଠନ କରିଥିଲେ। ତେବେ ଏହି ଦଳ କୌଣସି ନିର୍ବାଚନ ଲଢ଼ିନାହିଁ।

# ଦଣ୍ଡୁଆସିପଡ଼ାରେ ପୁଣି ବୋମାମାଡ଼

- ହୋଲିଖେଳକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ
- ଗିରଫଦାରି ଭୟରେ ଗାଁ ଏବେ ପୁରୁଷଶୂନ୍ୟ

ବ୍ରହ୍ମଗିରି, ୨୦।୩(ଡି.ଏନ୍.ଏ)

ରାଜନୈତିକ ବିବାଦ ତଥା ପୂର୍ବ ଶତ୍ରୁତା ଏବଂ ହୋଲିଖେଳକୁ କେନ୍ଦ୍ରକରି ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଦଣ୍ଡୁଆସିପଡ଼ା ଗ୍ରାମରେ ଶନିବାର ପୁଣି ଗୋଷ୍ଠୀ ସଂଘର୍ଷ ସହ ବୋମା ମାଡ଼ ହୋଇଛି। ୩୦ରୁ ଊର୍ଦ୍ଧ୍ୱ ବୋମାମାଡ଼ରେ କେତେକ ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ଦୁଇଜଣ ଆହତ ହେଇଛନ୍ତି। ପୋଲିସ ଭୟରେ ଗାଁ ଏବେ ପୁରୁଷଶୂନ୍ୟ ହୋଇପଡ଼ିଛି।


ଦଣ୍ଡୁଆସିପଡ଼ାରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ।

ସୂଚନା ଅନୁଯାୟୀ, ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ମଣପଡ଼ା ଗ୍ରାମପଞ୍ଚାୟତର ଦଣ୍ଡୁଆସିପଡ଼ା ଗ୍ରାମରେ ଗତ ୯ ତାରିଖରେ ଏକ ରାଜନୈତିକ ଶୋଭାଯାତ୍ରାକୁ ନେଇ ଯୁକ୍ତିତର୍କ ହୋଇଥିଲା। ତେବେ ଏହାକୁ ନେଇ ୧୦ ତାରିଖ ସକାଳେ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ଓ ଟେକାପଥର ସହ ଠେଙ୍ଗାମାଡ଼ ହୋଇଥିଲା। ଏଥିରେ ଜଣେ ମହିଳାଙ୍କ ସମେତ ୬ ଗୁରୁତର ହୋଇଥିଲେ। ଗୁରୁତର ଆହତଙ୍କୁ ପ୍ରଥମେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣା ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କ୍ରମେ ଦୁଇଟି ମାମଲା ରୁଜୁ କରାଯାଇଥିଲା। ପୋଲିସ ଉଭୟ ପକ୍ଷର ୩ ମହିଳାଙ୍କ ସମେତ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ଭୟରେ ସେହି ସମୟରେ ସମସ୍ତେ ଚୁପ୍ ରହିଥିଲେ ମଧ୍ୟ ଭିତରେ ଭିତରେ ପ୍ରତିହିଂସାର ନିଆଁ କୁହୁଳୁଥିଲା। ବିବାଦକୁ କେନ୍ଦ୍ର କରି ପୁଣି ଗତ ୨୪ ତାରିଖରେ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରସ୍ପରକୁ ଟେକା ପଥର ସହ ୨୦ରୁ ଅଧିକ ବୋମା ମାଡ଼ କରିଥିଲେ। ବ୍ରହ୍ମଗିରି ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିବାରୁ ସମସ୍ତେ ଛତ୍ରଭଙ୍ଗ ଦେଇଥିଲେ। ପରେ ପୋଲିସ ୨୧ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଭଳି ପରିସ୍ଥିତିରେ ଗାଁରେ ବିବାଦର ସମାଧାନ ପାଇଁ ଉଦ୍ୟମ ଚାଲିଥିଲା। ତେବେ ଶନିବାର ହୋଲିଖେଳକୁ ନେଇ ଦୁଇ ଗୋଷ୍ଠୀର ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଉଭୟ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ କରିଥିଲେ। ଫଳରେ ଦୁଇଜଣ ଆହତ ହୋଇଥିଲେ। ଏଥିସହ ଗାଁରେ ଘନ ଘନ ବୋମାମାଡ଼ କରାଯାଇଥିଲା। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ପୁରୀ ସଦର ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ କହିଛନ୍ତି, ଅଭିଯୁକ୍ତମାନଙ୍କୁ ଖୋଜାଖୋଜି ଚାଲିଛି। ସେମାନଙ୍କୁ ତୁରନ୍ତ ଗିରଫ କରାଯିବ।

# ପୌର ନିର୍ବାଚନକୁ ନେଇ ହିଂସା


ମହିଳାମାନେ ରାସ୍ତା ଅବରୋଧ କରିଛନ୍ତି।

ବାରିପଦା ଅଫିସ,୨୦।୩

ବାରିପଦା ପୌର ନିର୍ବାଚନ ପ୍ରଚାର ସମୟରେ ଦଳୀୟ କର୍ମକର୍ତ୍ତାଙ୍କ ଅଶ୍ରାବ୍ୟ ଭାଷା ପ୍ରୟୋଗ ଅଭିଯୋଗରେ ଶନିବାର ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମହିଳାଙ୍କୁ ଅସମ୍ମାନ କରିବା ଘଟଣାକୁ ନେଇ ୱାର୍ଡବାସୀ ରାସ୍ତାରୋକୋ କରିବା ସହ ଉତ୍ତେଜନା ଦେଖାଦେଇଛି। ଘଟଣା ସ୍ଥଳରେ ଟାଉନ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି। ଅନ୍ୟପକ୍ଷରେ ଭାଜପାକୁ ସମର୍ଥନ ଜଣାଉଥିବା ଯୁବକଙ୍କ ଦୋକାନ ଘରକୁ ଦୁର୍ବୃତ୍ତମାନେ ନିଆଁ ଲଗାଇଛନ୍ତି। ଏନେଇ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଜଣେ କାଉନ୍‌ସିଲର ପ୍ରାର୍ଥୀ ନିଜ ସମର୍ଥକଙ୍କ ସହ ଘରକୁ ଘର ବୁଲି ଭୋଟରଙ୍କ ନିକଟତର ହେଉଥିଲେ। ଏହି ସମୟରେ ପ୍ରାର୍ଥୀଙ୍କ ସମର୍ଥକମାନେ ମହିଳାଙ୍କୁ ଦେଖି ଗାଳିଗୁଲଜ କରିଥିଲେ। ଏଥିରେ ମହିଳାମାନେ ଉତ୍ୟକ୍ତ ହୋଇ ସେମାନଙ୍କୁ ବିରୋଧ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ୟକ୍ତ ଲୋକେ ଦେବେନ୍ଦ୍ରପୁର ରାସ୍ତାକୁ ଅବରୋଧ କରିଥିଲେ। ଏହାକୁ ନେଇ ସମର୍ଥକ ଜଣକ କ୍ଷମା ମାଗିବା ପରେ ଘଟଣା ଶାନ୍ତ ପଡିଥିଲା।

# ସମିତି ସଭ୍ୟାଙ୍କ ଘର ପୋଡ଼ି ସହ ବିରୋଧୀଙ୍କୁ ଆକ୍ରମଣ

- ହୋଲି ଖେଳ ପରେ ୨ ଗ୍ରାମରେ ରାଜନୈତିକ ହିଂସା
- ଟ୍ରାକ୍ଟର, କାର୍, ୫ ବାଇକ ଭାଙ୍ଗି ଦେଲେ

ବାଙ୍କୀ,୨୦।୩(ସ୍ୱ.ପ୍ର.)

ପଞ୍ଚାୟତ ନିର୍ବାଚନ ସରିଥିଲେ ମଧ୍ୟ ରାଜନୈତିକ ହିଂସା ଥମିବାର ନାଁ ନେଉନାହିଁ। ଶନିବାର କଟକ ଜିଲା ବୈଦେଶ୍ୱର ଥାନା ଅନ୍ତର୍ଗତ କାଳିପୋଇ ପଞ୍ଚାୟତର ୨ ଗ୍ରାମରେ ହୋଲି ଖେଳ ପରେ ରାଜନୈତିକ ହିଂସାକାଣ୍ଡ ଘଟିଛି। ନବନିର୍ବାଚିତ ସମିତି ସଭ୍ୟାଙ୍କ ଘର ଜାଳି ଦିଆଯାଇଥିବା ବେଳେ ଆଉ କେତେଜଣଙ୍କୁ ମାଡ଼ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଥାନାରେ ୧୨ଟି ମାମଲା ରୁଜୁ କରାଯାଇ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ନବନିର୍ବାଚିତ ସମିତି ସଭ୍ୟା ମନୋରମା ନାୟକଙ୍କ ଅଭିଯୋଗ ଅନୁଯାୟୀ, କାଳିପୋଇ ଗ୍ରାମରେ ତାଙ୍କ ଘର।


ଦୁର୍ବୃତ୍ତମାନେ ଭାଙ୍ଗିଥିବା ଘର ଓ ଗାଡ଼ି।

ପଞ୍ଚାୟତ ନିର୍ବାଚନରେ ହୋଇଥିବା ପରାଜୟକୁ ସହ୍ୟ କରି ନ ପାରି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କେତେଜଣ ସମର୍ଥକ ଦିନ ପ୍ରାୟ ୨ଟା ବେଳେ ତାଙ୍କ ଘରେ ପହଞ୍ଚି ଗାଳିଗୁଲଜ କରିଥିଲେ। ଏନେଇ ନାୟକଙ୍କ ସହ ସେମାନଙ୍କ ବଚସା ହେବାରୁ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ଆସବାବପତ୍ର ବାହାରକୁ ଫୋପାଡ଼ି ଦେଇଥିଲେ। ଏଥିସହ ଘରେ ଥିବା ଲକ୍ଷାଧିକ ଟଙ୍କା ସମେତ, ସୁନା ଗହଣା ଆଦି ଲୁଟି ନେଇଥିଲେ। ସ୍ୱାମୀ ମାୟାଧର ଓ ଘରେ କାମ କରୁଥିବା ଶରତ ପ୍ରଧାନ ଏହାକୁ ବିରୋଧ କରିବାରୁ ସେମାନଙ୍କୁ ମାଡ଼ ଦିଆଯିବା ସହ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିଲା। ଦୁର୍ବୃତ୍ତମାନେ ଉତ୍ୟକ୍ତ ହୋଇ ନାୟକଙ୍କ ଘରେ ନିଆଁ ଲଗାଇ ଚାଲିଯାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଏହାପରେ ଦୁର୍ବୃତ୍ତମାନେ ଉକ୍ତ ଗ୍ରାମର ଲିଙ୍ଗରାଜ ସ୍ୱୟଂସହାୟିକା ଗୋଷ୍ଠୀ ସଭାପତି ସୁଜାତା ପଟସିଂଙ୍କ ରାଶନ ଦୋକାନରେ ପହଞ୍ଚି ଚାଉଳ, କିରୋସିନ ଆଦି ଲୁଟି ନେଇଥିଲେ। ଏଥିସହ ଦୁର୍ବୃତ୍ତମାନେ ଚଢ଼େଇବନ୍ଧ ଗ୍ରାମକୁ ଯାଇ ଦଳୀୟ ପ୍ରାର୍ଥୀଙ୍କୁ କାହିଁକି ଭୋଟ ଦେଲନି କହି ୬ ପରିବାରକୁ ଆକ୍ରମଣ କରି ପାଣି ମେଶିନ, ଗ୍ୟାସ,ଧାନ ଓ ହଣ୍ଡା ଆଦି ଲୁଟି ନେଇଥିଲେ। ସେମାନେ ଘରକୁ ଭାଙ୍ଗିବା ସହ, ଟ୍ରାକ୍ଟର, ଗୋଟିଏ କାର, ୫ଟି ବାଇକ ଭାଙ୍ଗି ଦେଇଥିଲେ। ବ୍ରଜବନ୍ଧୁ ପ୍ରଧାନଙ୍କ ସ୍ତ୍ରୀ ଲଳିତା ମଞ୍ଜରୀ ପ୍ରଧାନ, ମାଧବ ଜେନାଙ୍କ ପୁଅ ଓ ଝିଅ ଜୟନ୍ତୀଙ୍କୁ ମାଡ଼ମାରି ଗୁରୁତର କରିଥିଲେ। ଗୁରୁତରମାନେ ଏବେ ଖୋର୍ଦ୍ଧା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଚଢ଼େଇବନ୍ଧ ଗ୍ରାମର ପ୍ରମୋଦ ମହାପାତ୍ର,ଅଭିନାଶ ରାଉତରାୟ, ପୂର୍ଣ୍ଣଚନ୍ଦ୍ର ଛୋଟରାଏ, ଯଦୁଜେନା, ବାଉରୀବନ୍ଧୁ ଜେନା, ମାଗିଜେନା ଓ ଭଗବାନ ଜେନାଙ୍କୁ ଗିରଫ କରିଛି। ତେବେ ଉଭୟ ସ୍ଥାନରେ ପୋଲିସ ପହଞ୍ଚିବାରେ ବିଳମ୍ବ କରିବାରୁ ଉତ୍ତେଜନା ପ୍ରକାଶ ପାଇଛି। ଏହାର କାରଣ ସମ୍ପର୍କରେ ଜାଣିବା ପାଇଁ ବୈଦେଶ୍ୱର ଥାନା ଅଧିକାରୀ ଦୋଳ ଗୋବିନ୍ଦ ସ୍ୱାଇଁ ଓ ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ ଫୋନ ଉଠାଇ ନ ଥିଲେ।

# ଦଳ ବିରୋଧୀ କାର୍ଯ୍ୟ: ବିଜେଡିରୁ ୭ ନିଲମ୍ବିତ

ବାରିପଦା ଅଫିସ,୨୦।୩

ମୟୂରଭଞ୍ଜ ସାଙ୍ଗଠନିକ ଜିଲା ପୂର୍ବ କ୍ଷେତ୍ରରେ ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ୭ ଜଣଙ୍କୁ ନିଲମ୍ବନ କରାଯାଇଛି। ସାଙ୍ଗଠନିକ ଜିଲା(୧)ର ସଭାପତି ତଥା ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡି ସେମାନଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରିଛନ୍ତି। ସେମାନେ ହେଲେ ଟାଉନ କମିଟି ସଦସ୍ୟ ଦେବାଶିଷ ଦାସ ଓ ଜଗବନ୍ଧୁ ମୁଖୀ, ପ୍ରାକ୍ତନ କାଉନ୍‌ସିଲର ସଞ୍ଜିତା ବିଶ୍ୱାଳ, ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ବିକାଶ ବାରିକ, ଜିଲା ଯୁବ ଜନତା ଦଳର ସମ୍ପାଦକ ମନୋରଞ୍ଜନ ମୁଖୀ, ୱାର୍ଡ ସଭାପତି ବିଶ୍ୱଜିତ ସେଠୀ ଓ ଆଇଟି କୋଅର୍ଡିନେଟର ବିବେକ ସେଠୀ। ତେବେ ପୌର ନିର୍ବାଚନ ସମୟରେ ଦଳ ବିରୋଧୀ କାର୍ଯ୍ୟକଳାପକୁ ଦେଖି ଦଳ ପକ୍ଷରୁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାଯାଇଛି।

# ବିଜେଡିରେ ମିଶିଲେ ଭାଜପା, କଂଗ୍ରେସ କର୍ମୀ


ନୂତନ କର୍ମୀଙ୍କୁ ସ୍ୱାଗତ କରାଯାଉଛି।

ଭଞ୍ଜନଗର,୨୦।୩(ଡି.ଏନ.ଏ.)

ଭଞ୍ଜନଗର ନଗର ବିଜେଡ଼ି ପକ୍ଷରୁ ରବିବାର ସ୍ଥାନୀୟ ବିଜୁ ସ୍ମୃତି ସଂସଦ ଭବନ ପରିସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ଏବଂ କଂଗ୍ରେସର ଶତାଧିକ ନେତା କର୍ମୀ ଦଳ ତ୍ୟାଗ କରି ବିଜେଡିରେ ମିଶିଛନ୍ତି। ସେମାନଙ୍କୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସ୍ୱାଗତ କରିବା ସହ ଆଗାମୀ ଦିନରେ ଦଳ ଆହୁରି ଅଧିକ ସୁଦୃଢ଼ ହେବ ବୋଲି କହିଥିଲେ। ଏଥିରେ ଆସନ୍ତା ୨୪ ତାରିଖରେ ହେବାକୁ ଥିବା ପୌର ନିର୍ବାଚନରେ ବିଜେଡ଼ି ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ନଗର ବିଜେଡ଼ି ସଭାପତି ରାଜେନ୍ଦ୍ର ବିଶୋଇ, ଯୁବ ବିଜେଡ଼ି ସଭାପତି ସୁଧୀର ରଞ୍ଜନ ବେହେରା, ଏମ୍‌ପି ପ୍ରତିନିଧି ଦିବାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବରଗଡ଼ ପୌର ପରିଷଦ

# ପ୍ରାର୍ଥୀଙ୍କୁ ପ୍ରସଙ୍ଗ ଭରସା

ବରଗଡ଼ ଅଫିସ୍,୨୦।୩

ପୌର ନିର୍ବାଚନକୁ ଆଉ ମାତ୍ର ୪ଦିନ ବାକି। ଆସନ୍ତା ୨୪ତାରିଖରେ ମତଦାନ ହେବ। ମତଦାନ ଦିବସ ଯେତିକି ପାଖେଇ ଆସୁଛି, ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ହୃଦ୍‌ସ୍ପନ୍ଦନ ସେତିକି ବଢ଼ିବାରେ ଲାଗିଛି। ଚିରାଚରିତ ଢ଼ଙ୍ଗରେ ସେମାନେ ବିଭିନ୍ନ ପ୍ରସଙ୍ଗ ଧରି ଭୋଟରଙ୍କ ପାଖକୁ ଯାଉଛନ୍ତି। ୧୯ଟି ୱାର୍ଡ ବିଶିଷ୍ଟ ବରଗଡ଼ ପୌର ପରିଷଦ ଅଧ୍ୟକ୍ଷା ପଦବୀ ପାଇଁ ନିର୍ବାଚନ ମଇଦାନରେ ୧୦ଜଣ ପ୍ରାର୍ଥୀ ରହିଛନ୍ତି। ଜଣେ ସ୍ୱାଧୀନ ପ୍ରାର୍ଥୀ ବିଜେଡ଼ିରେ ମିଶିବା ପରେ ଏବେ ଅନ୍ୟ ୯ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଚାଲିଛି। ସେମାନଙ୍କ ମଧ୍ୟରୁ ୫ଜଣ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ହୋଇଥିବାବେଳେ ଅନ୍ୟ ୪ଜଣ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଛନ୍ତି।

**ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼**

### ବିକାଶଧାରାରେ ସାମିଲ ଆହ୍ୱାନ



ରାଜ୍ୟବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁବିଧ ଯୋଜନା ହାତକୁ ନେଇଛନ୍ତି। ମମତା ଯୋଜନାରୁ ହରିଶ୍ଚନ୍ଦ୍ର ଯୋଜନା ପର୍ଯ୍ୟନ୍ତ ସବୁଥିରେ ଲୋକେ ଉପକୃତ ହେଉଛନ୍ତି। ସେହିପରି ରାଜ୍ୟର ଗାଁଠାରୁ ସହର ସବୁଠି ବିକାଶ କାର୍ଯ୍ୟକୁ ବିଜେଡ଼ି ସରକାର ଆଗେଇ ନେଉଛି ଏବଂ ଏହି ବିକାଶଧାରାରେ ସାମିଲ ହେବାକୁ ସଭିଙ୍କୁ ଆହ୍ୱାନ କରୁଛୁ।

- କଳ୍ପନା ମାଝି, ବିଜେଡ଼ି ପ୍ରାର୍ଥୀ

### ସମସ୍ୟା ଜାଲରେ ସହରବାସୀ



ବରଗଡ଼ ସହର ବହୁ ସମସ୍ୟାରେ ଛନ୍ଦି ହୋଇଛି। ଜିଲା ମୁଖ୍ୟ ଡାକ୍ତରଖାନାକୁ ସହରରୁ ଉଠାଇ ନେବା ପରେ ସ୍ୱାସ୍ଥ୍ୟସେବା ଭୁଶୁଡ଼ି ପଡ଼ିଛି। ଅର୍ଦ୍ଧନିର୍ମିତ ଜିରା ପୋଲ ଯୋଗୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ୱାର୍ଡ, ଗଳିକନ୍ଦିରେ ଡ୍ରେନେଜ ସମସ୍ୟା ରହିଥିବାବେଳେ ପିଇବା ପାଣି ମଧ୍ୟ ଭଲଭାବେ ମିଳୁନାହିଁ।

-ଅନୁରାଧା ଅଗ୍ରୱାଲ, ଭାଜପା ପ୍ରାର୍ଥୀ

### ସବୁଥିରେ ଅବହେଳା



ବରଗଡ଼ ସହରବାସୀଙ୍କୁ ସବୁକ୍ଷେତ୍ରରେ ଅବହେଳା କରାଯାଉଛି। ଗରିବ, ଦୁଃଖୀ ଲୋକଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉନାହିଁ। ଜିଲା ମୁଖ୍ୟ ଡାକ୍ତରଖାନା ଉଠିଯିବା ପରେ ସହରବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଜିରା ପୋଲ ନିର୍ମାଣ ସରି ନ ଥିବାବେଳେ ସହରରେ ଅନେକ ସ୍ଥାନରେ ଏପର୍ଯ୍ୟନ୍ତ ଡ୍ରେନ ନାହିଁ।

- ତପସ୍ୱିନୀ ବେହେରା, କଂଗ୍ରେସ ପ୍ରାର୍ଥୀ

### ବହୁଜନଙ୍କୁ ଅଣଦେଖା



ବହୁଜନ ସମାଜ ବାସିନ୍ଦା ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ଏପର୍ଯ୍ୟନ୍ତ ସେମାନଙ୍କୁ ଥଇଥାନ କରାଯାଇନାହିଁ। ଡ୍ରେନେଜ, ଶୌଚାଳୟ ଅଭାବରୁ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଘରୋଇ ବସ୍‌ଷ୍ଟାଣ୍ଡରେ ଶୌଚାଳୟ ନ ଥିବାବେଳେ ସହର ଦେଇ ଯାଇଥିବା ଭେଡ଼େନ କେନାଲ ମଇଳା, ଆବର୍ଜନାରେ ପୋତି ହୋଇଛି।

- ଲାଲି କୁମ୍ଭାର, ବିଏସ୍‌ପି ପ୍ରାର୍ଥୀ

### ଲୋକଙ୍କୁ ସେବା ମିଳୁନି



ବରଗଡ଼ ପୌର ପରିଷଦ ଟ୍ୟାକ୍ସ ନେଉଛି। ଅଥଚ ସହରବାସୀଙ୍କୁ ଠିକ୍ ଭାବେ ସେବା ଯୋଗାଇ ପାରୁନାହିଁ। ପୌରାଞ୍ଚଳର ଅନେକ ସ୍ଥାନରେ ଡ୍ରେନ ନାହିଁ। ସାମାନ୍ୟ ବର୍ଷାରେ ମଇଳା, ଆବର୍ଜନା ଘରେ ପଶୁଛି। ଷ୍ଟ୍ରିଟ ଲାଇଟ୍ ନ ଥିବାରୁ ରାତିରେ ଲୋକଙ୍କୁ ଅନ୍ଧାରରେ ରହିବାକୁ ପଡୁଛି। ଏହାସତ୍ତ୍ୱେ ପିଇବା ପାଣି ପାଇଁ ଟ୍ୟାକ୍ସ ଅସୁଲି ମସୁଧା ଚାଲିଛି।

-ଦେବିକା ଦେହେରୀ, ଆପ୍ ପ୍ରାର୍ଥୀ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୭,୦୪,୧୧,୯୮୭ | ୬୦,୯୯,୩୫୫ | ୪୦,୦୯,୩୧,୦୧୦ |
| ଭାରତ | ୪,୩୦,୦୭,୮୪୧ | ୫,୧୬,୫୧୦ | ୪,୨୪,୭୫,୧୨୨ |
| ଓଡ଼ିଶା | ୧୨,୮୭,୧୫୩ | ୯୧୧୬(+୫୩) | ୧୨,୭୭,୩୫୭ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର






# ଦୁଇବର୍ଷ ପରେ ଶ୍ରୀମନ୍ଦିରରେ ରବିବାର ମିଳିଲା ଦର୍ଶନ

## ଚାରିଦ୍ୱାରରେ ପ୍ରବେଶ ଅନୁମତି ଦାବି

**ପୁରୀ ଅଫିସ,୨୦।୩**

ଦୀର୍ଘ ଦୁଇବର୍ଷ ପରେ କଟକଣା ହଟିଛି। ରବିବାର ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଖୋଲିଛି। ଏଣିକି ପ୍ରତ୍ୟେକ ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ମିଳିପାରିବ। ଏଥିଯୋଗୁ ଭକ୍ତଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ନୂତନ ଏସ୍‌ଓପି କାର୍ଯ୍ୟକାରୀ ହେବା ପରେ ପ୍ରଥମ ରବିବାରରେ ହଜାର ହଜାର ଭକ୍ତ ଦାରୁଦିଅଁଙ୍କ ଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ରବିବାର ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ବନ୍ଦ ରଖାଯାଉଥିଲା। ଉକ୍ତଦିନ ଶ୍ରୀମନ୍ଦିର ପରିସର ଓ ସମ୍ମୁଖ ଅଞ୍ଚଳ ସାନିଟାଇଜ୍ କରାଯାଉଥିଲା। ଏବେ ସଂକ୍ରମଣ ହ୍ରାସ ପାଇଥିବାରୁ ରବିବାର ଶ୍ରୀମନ୍ଦିର ଖୋଲିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି।

ନୂଆ ଏସ୍‌ଓପି ଅନୁଯାୟୀ ଦର୍ଶନକୁ ନେଇ ଥିବା ସମୟ ସୀମାକୁ ପ୍ରଶାସନ ଉଠାଇଦେଇଛି। ରବିବାର ଭୋର ୫ଟାରୁ ଦର୍ଶନ ଆରମ୍ଭ ହୋଇ ରାତ୍ର ପହୁଡ଼ ପର୍ଯ୍ୟନ୍ତ ଚାଲିଥିଲା। ବିଶେଷଭାବେ ରାତିରେ ପୁରୀ ସହରବାସୀ ଦର୍ଶନ କରିଥିଲେ। ରବିବାର ଗହଳି ଜୋର ହୋଇଛି। ବିଶେଷ ଭାବେ ରାଜ୍ୟ ବାହାରୁ ଭକ୍ତମାନେ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ବୋଲି ସେବାୟତ ନରସିଂହ ଗୋଚ୍ଛିକାର କହିଛନ୍ତି। ପଶ୍ଚିମବଙ୍ଗର ଶ୍ରଦ୍ଧାଳୁ ବିଶ୍ୱକେତନ ଘୋଷ କହିଛନ୍ତି, ରବିବାର ଶ୍ରୀମନ୍ଦିର ଖୋଲା ରହିବା ଖବର ଶୁଣି ପୁରୀ ଆସିଛୁ। ସପରିବାର ମହାପ୍ରଭୁଙ୍କ ଦର୍ଶନ କରିବାର ସୁଯୋଗ ପାଇଲୁ। ତେଣୁ ବହୁତ ଖୁସି ଲାଗୁଛି। ସେହିପରି ସୁଆର ମହାସୁଆର ନିଯୋଗର ସଦସ୍ୟ ଦାମୋଦର ମହାସୁଆର କହିଛନ୍ତି, ପୂର୍ବାପେକ୍ଷା ରବିବାର ଅଧିକ ଅବଢ଼ା ଆବଶ୍ୟକ ହେବ ବୋଲି ଜଣାଥିଲା। ଏଣୁ ଆଗୁଆ ପ୍ରସ୍ତୁତି କରିଥିଲୁ। ଶ୍ରଦ୍ଧାଳୁମାନେ ଯଥେଷ୍ଟ ପରିମାଣର ଅବଢ଼ା ପାଇଥିଲେ। ଅନ୍ୟପକ୍ଷରେ ଶନିବାର ପ୍ରବଳ ଗହଳି ଯୋଗୁ ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍ ଭାଙ୍ଗି ପ୍ରବେଶ କରିଥିଲେ। ଏହି ସମୟରେ କେତେଜଣ ମହିଳା ତଳେ ପଡ଼ିଯାଇ ଦଳାଚକଟାର ଶିକାର ହୋଇଥିଲେ। ପୋଲିସର ହସ୍ତକ୍ଷେପ ପରେ ଗହଳି ନିୟନ୍ତ୍ରଣ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବାଉଁଶ ଯୋଗେ ବ୍ୟାରିକେଡିଂ ବ୍ୟବସ୍ଥା କରାଯାଇଛି। ରବିବାର ଶୃଙ୍ଖଳିତ ଦର୍ଶନ ହୋଇଛି ବୋଲି ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି। ପ୍ରବଳ ଖରାକୁ ଦୃଷ୍ଟିରେ ରଖି ମରୀଚିକୋଟ ଛକଠାରେ ଅସ୍ଥାୟୀ ଶେଡ୍ ଓ ପାନୀୟଜଳର ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ସୁବିଧା ଲାଗି ଇ-ରିକ୍ସା ଏବଂ ଅଟୋ ବ୍ୟବସ୍ଥା ରହିଛି ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ତେବେ ଶ୍ରୀମନ୍ଦିର ଗହଳିକୁ ନେଇ ସାଧାରଣରେ ଅସନ୍ତୋଷ ଲାଗିରହିଛି। କେବଳ ସିଂହଦ୍ୱାର ଦେଇ ପ୍ରବେଶ ଅନୁମତି ଥିବାରୁ ଏଭଳି ସମସ୍ୟା ଉପୁଜୁଛି। ତେଣୁ ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବାକୁ ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ଦାବି କରିଛି।


ମହାପ୍ରଭୁଙ୍କ ଦର୍ଶନ ପାଇଁ ରବିବାର ଶ୍ରଦ୍ଧାଳୁଙ୍କ ଭିଡ଼।

# ଜଙ୍ଗଲ ଜମି କିସମ ପରିବର୍ତ୍ତନ ପାଇଁ ଅନୁମତି

## ସୁକିନ୍ଦା ଜିନ୍ଦଲ କ୍ରୋମାଇଟ ଖଣି

**ଯାଜପୁର ଅଫିସ,୨୦।୩:** ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳରେ ଜିନ୍ଦଲ କ୍ରୋମାଇଟ ଖଣି ପ୍ରକଳ୍ପ ପାଇଁ ୬୬.୨୦ ହେକ୍ଟର ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରିବାକୁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ଜଙ୍ଗଲ ଉପଦେଷ୍ଟା କମିଟି(ଏଫ୍‌ଏସି) ଦ୍ୱାରା ଏହା ସ୍ପଷ୍ଟ ହୋଇଛି। ଗତ ଫେବୃୟାରୀ ୨୧ରେ ଅନୁଷ୍ଠିତ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅଧୀନ ପ୍ୟାନେଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୨୦୧୯ ମାର୍ଚ୍ଚରୁ ବନ୍ଦ ପଡ଼ିଥିବା ଏହି ଖଣି ପ୍ରକଳ୍ପ ପୁନଃ ଚାଲୁ ହେଲେ ଛଟେଇ ହୋଇଥିବା ପ୍ରାୟ ୫୦୦ ଅଧିକାରୀ ଓ କର୍ମଚାରୀ ପୁନଃ କର୍ମନିଯୁକ୍ତି ପାଇପାରିବେ ବୋଲି ଆଶା କରାଯାଉଛି।

ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲ୍‌ର କାଳିଆପାଣି କ୍ରୋମାଇଟ ମାଇନ୍ସକୁ ଗତ ମାର୍ଚ୍ଚ ୯ରେ ବିଧିବଦ୍ଧ ଭାବେ ବନ୍ଦ ଘୋଷଣା କରାଯାଇଥିଲା। ସରକାରଙ୍କର ଇଣ୍ଡଷ୍ଟ୍ରିଆଲ ଡିସ୍‌ପୁଟ ଧାରା-୭୫(ଏ) ସେଣ୍ଟ୍ରାଲ ରୁଲସ୍ ୧୯୫୭ ଓ କ୍ଷତିପୂରଣ ପ୍ରଦାନ ଧାରା୨୫(ସି) ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଥିଲା। ଏନେଇ ମାମଲା କୋର୍ଟରେ ବିଚାରାଧୀନ ଥିଲା। ୨୦୧୬ ଅଗଷ୍ଟ ୨ରେ ଜିନ୍ଦଲ ଷ୍ଟେନଲେସ ୬୬.୨୦ ହେକ୍ଟର ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରିବାକୁ ଏକ ପ୍ରସ୍ତାବ ଦାଖଲ କରିଥିଲା। ସୂଚନାଯୋଗ୍ୟ ଯେ, ଖଣି ଦୁର୍ନୀତି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ୧୦୦% ଜରିମାନା ଆଦାୟ କରାଯିବ ବୋଲି ରାୟ ପ୍ରକାଶ କରିଥିଲେ। ଏଥିରେ ଯାଜପୁର ଜିଲାର ୧୩ ଖଣି ଲିଜଧାରୀଙ୍କଠାରୁ ୪,୭୯୮ କୋଟି ୩୬ ଲକ୍ଷ ୫ ହଜାର ୩୫୮ ଟଙ୍କା ଜରିମାନା ଆଦାୟ ହେବ ବୋଲି ଜିଲା ମାଇନିଂ ବିଭାଗରୁ ସୂଚନା ମିଳିଥିଲା। ଏନେଇ ଖଣି କମ୍ପାନୀ କର୍ତ୍ତୃପକ୍ଷମାନେ ସୁପ୍ରିମକୋର୍ଟରେ ରହିତାଦେଶ ଆଣିଥିଲେ। ତେବେ ସମ୍ପୃକ୍ତ ଖିଲାପି ଖଣି କମ୍ପାନୀଗୁଡ଼ିକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ପରିବେଶଗତ ଅନୁମତି(ଇସି) ଆଉ ମିଳି ନ ଥିଲା। ଫଳରେ ସେହି କମ୍ପାନୀଗୁଡ଼ିକର ଖଣି ଉତ୍ତୋଳନ ବନ୍ଦ ରହିଛି। ଅନ୍ୟପକ୍ଷେ ସରକାରୀ ଖଣି ସଂସ୍ଥା ଓଏମ୍‌ସି ଚଢ଼ା ଦରରେ କ୍ରୋମାଇଟ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଆସୁଛି। ଚଢ଼ାଦରରେ କ୍ରୋମାଇଟ ଓ ଲୁହାପଥର କିଣିବାକୁ ପଡୁଥିବାରୁ ଲାଭରେ ହ୍ରାସ ଘଟିଛି। ଏହି କାରଣରୁ କଳିଙ୍ଗନଗର ଶିଳ୍ପାଞ୍ଚଳର ମେସ୍କୋ ଦୀର୍ଘ ବର୍ଷ ହେଲା ବନ୍ଦ ପଡିଛି। ମୈଥାନ ଇସ୍ପାତ ଓ ନୀଳାଚଳ ଇସ୍ପାତ ନିଗମ ବିକ୍ରି ହୋଇ ସାରିଛି। ଏହିକ୍ରମରେ କର୍ମଚାରୀ ଛଟେଇ ବଢ଼ିବା ଏବଂ ଅର୍ଥନୀତି ରୁଗ୍ଣ ହେବା ଆଶଙ୍କା କରାଯାଉଛି। ସରକାର ନୀରବ ରହିଲେ ପରିସ୍ଥିତି ଆହୁରି ଜଟିଳ ହେବ ବୋଲି ମତପ୍ରକାଶ ପାଉଛି।


IMMEDIATE
AIR COMPRESSORS FOR SALE



**Specifications:**

| Make | Capacity (Air - 12Kg.) |
|---|---|
| 1. ELGI Aircompressor TS15HN | 15HP 11KW 500 Ltr. Tank |
| 2. ELGI Compressor TS07HN | 7HP 5.5KW 300 Ltr. Tank |
| 3. ELGI Compressor TS07HN | 7HP 5.5KW 300 Ltr. Tank |
| 4. (IR) Ingersoll Rand 2545 | 7.5HP 5.5KW 300 Ltr. Tank |
| 5. (IR) Ingersoll Rand 2475 | 7.5HP 5.5KW 300 Ltr. Tank |

All above air compressors and dryers are in excellent working condition.
Interested parties may kindly send quotation to **<dhtacc@gmail.com>**.
The Compressors and dryers can be inspected between 11.30 am to 4 pm.
**Please contact: 9937996852**


# ପଖାଳ ମୋର ପସନ୍ଦ: ମୁଖ୍ୟମନ୍ତ୍ରୀ


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ପଖାଳ ଦିବସ ଅବସରରେ ନବୀନ ନିବାସରେ ପଖାଳ ଖାଉଛନ୍ତି।

**ଭୁବନେଶ୍ୱର, ୨୦।୩(ବ୍ୟୁରୋ)**

ସାରା ଓଡ଼ିଶା ରବିବାର ପଖାଳ ଦିବସ ପାଳନ କରିଛି। ନେତା, ଜନତା ସମସ୍ତେ ସୁସ୍ୱାଦୁ ବ୍ୟଞ୍ଜନ ସହ ପଖାଳର ମଜା ନେଉଥିବା ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସରେ ଓଡ଼ିଆଙ୍କ ପାରମ୍ପରିକ ଓ ପ୍ରିୟ ଖାଦ୍ୟ ପଖାଳ ଖାଇ ନିଜର ଏକ ଭିଡିଓ ଟୁଇଟର ଆକାଉଣ୍ଟରେ ଶେୟାର କରିଛନ୍ତି। କଦଳୀ ପତ୍ର ଉପରେ ପଖାଳ କଂସା ରହିଛି। ପଖାଳରେ ଦହି, କାକୁଡ଼ି ଆଦି ବିଭିନ୍ନ ସାମଗ୍ରୀ ପକାଯାଇ ସ୍ୱାଦଯୁକ୍ତ କରାଯାଇଛି। କଂସା ବାସନରେ ଚୂନା ମାଛଭଜା, ଶଜନା ଛୁଇଁ ଭଜା, ଆଳୁ କଦଳୀ ଭଜା, ଶାଗ, କଲରା ଭଜା, ବଡିଚୁରା ଆଦି ସୁସ୍ୱାଦୁ ବ୍ୟଞ୍ଜନ ସହ ଲେମ୍ବୁ, ଲୁଣ ଓ ଲଙ୍କା ରହିଛି। ମୁଖ୍ୟମନ୍ତ୍ରୀ ଏହାକୁ ଖାଇବା ସହ ପଖାଳ ମୋର ପସନ୍ଦର ଖାଦ୍ୟ ବୋଲି କହିଛନ୍ତି।

ସେପଟେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ନୂଆଦିଲ୍ଲୀସ୍ଥିତ ବାସଭବନରେ ପଖାଳ ଖାଇ ପ୍ରତ୍ୟେକ ଓଡ଼ିଆଙ୍କୁ ପଖାଳ ଦିବସର ଅଭିନନ୍ଦନ ଜଣାଇଛନ୍ତି। ସେ ଟୁଇଟ୍ କରି କହିଛନ୍ତି, ପଖାଳ ମୋର ଅତି ପ୍ରିୟ। ପଖାଳର ସ୍ଥାନ ସ୍ୱତନ୍ତ୍ର। ଏହା କେବଳ ଆମ ପାଇଁ ଖାଦ୍ୟ ନୁହେଁ, ବରଂ ଖାଦ୍ୟ ପାଇଁ ଥିବା ଆମର ଭଲପାଇବା, ଶ୍ରଦ୍ଧା ଓ ସଦିଚ୍ଛାର ନିଚ୍ଛକ ପ୍ରମାଣ। ସେହିପରି କଂଗ୍ରେସ ବିଧାୟକ ସୁର ରାଉତରାୟ ମଧ୍ୟ ପରିବାର ସହ ଘରେ ପଖାଳ ଦିବସ ପାଳିଛନ୍ତି। ସେ ନିଜେ ପଖାଳ ଖାଇବା ସହ ଅନ୍ୟମାନଙ୍କୁ ମଧ୍ୟ ପଖାଳ ଖୁଆଇଛନ୍ତି। ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ପରିବାରର ସମସ୍ତ ସଦସ୍ୟଙ୍କ ସହ ଭୂମି ଉପରେ ବସି ପଖାଳ ଖାଇଛନ୍ତି। ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ପରିବାର ଲୋକଙ୍କ ସହ ପଖାଳ ଖାଇ ବିଶ୍ୱ ପଖାଳ ଦିବସ ପାଳନ କରିଛନ୍ତି।

## ମେଳଣରେ ବାଣ ଫୁଟି ଯୁବକଙ୍କ ମୃତ୍ୟୁ

**ବାଲିପାଟଣା, ୨୦।୩ (ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ନରିସ ଶାସନ ଗ୍ରାମରେ ଶୁକ୍ରବାର ରାତିରେ ଦୋଳ ମେଳଣ ବେଳେ ବାଣ ଫୁଟି ସ୍ମୃତିରଞ୍ଜନ ଷଡ଼ଙ୍ଗୀ(୨୪)ଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ, ନରିସ ଶାସନ ଗ୍ରାମ ମେଳଣ ପଡ଼ିଆରେ ପ୍ରତିବର୍ଷ ଭଳି ଦୋଳ ମେଳଣ ସହିତ ବାଣ ଫୁଟା ପରମ୍ପରା ଅନୁଷ୍ଠିତ ହେଉଥିଲା। ଏହି ସମୟରେ ସେଠାରେ ଛିଡ଼ା ହୋଇଥିବା ସ୍ମୃତିରଞ୍ଜନଙ୍କ ମୁଣ୍ଡରେ ହଠାତ୍ ଏକ ଚକ୍ରିବାଣ ପଡ଼ିଥିଲା। ଫଳରେ ସେ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ ତାଙ୍କୁ ସଙ୍ଗେସଙ୍ଗେ ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଘରୋଇ ସ୍କୁଲ ସୂଚନା ଅଧିକାର ଆଇନ ପରିସରଭୁକ୍ତ

**ଭୁବନେଶ୍ୱର, ୨୦।୩(ବ୍ୟୁରୋ)**

ଏଣିକି ଘରୋଇ ସ୍କୁଲ ସୂଚନା ଅଧିକାର ଆଇନ ପରିସରଭୁକ୍ତ ହେବେ। ସୂଚନା ମାଗୁଥିବା ନାଗରିକଙ୍କୁ ଘରୋଇ ବିଦ୍ୟାଳୟ ଆବେଦନର ୩୦ ଦିନ ମଧ୍ୟରେ ତଥ୍ୟ ଦେବା ବାଧ୍ୟତାମୂଳକ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଆଧାର କରି ଓଡ଼ିଶା ସୂଚନା ଆୟୋଗ ଏହା ସ୍ପଷ୍ଟ କରିଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକୁ ସୂଚନା ଆଇନର ପରିସରଭୁକ୍ତ କରିବା ପାଇଁ ଅଭିଭାବକ ସଂଘ (ଓପାଫ୍) ବାରମ୍ବାର ଦାବି କରିଆସୁଥିଲା। ସଂଘ ସଭାପତି ଗଗନ ବିହାରୀ ରାଉତଙ୍କ ଏକ ଆବେଦନର ଶୁଣାଣି କରି ସୂଚନା ଅଧିକାର ଆୟୋଗ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଦୋହରାଇଛନ୍ତି। ଆୟୋଗ କହିଛନ୍ତି, କୌଣସି ଘରୋଇ ଶିକ୍ଷାନୁଷ୍ଠାନ ବାସ୍ତବ କ୍ଷେତ୍ରରେ ସରକାରଙ୍କଠାରୁ ସିଧାସଳଖ କିମ୍ବା ପରୋକ୍ଷ ଭାବେ ଆର୍ଥିକ ସହାୟତା ପାଇଥିଲେ, ସେଗୁଡ଼ିକ ସୂଚନା ଅଧିକାର ଆଇନ ପରିସରଭୁକ୍ତ ହେବେ। ସର୍ବାଧିକ ସହାୟତା ପାଇ ନ ଥିବା ଯୁକ୍ତିକୁ କୌଣସି ମାପଦଣ୍ଡ ଭାବେ ନିଆଯାଇପାରିବ ନାହିଁ। ଏପରିକି କରମୁକ୍ତ ବା ରିହାତି ମୂଲ୍ୟରେ ସରକାରୀ ଜମି ପାଇଥିବା ଶିକ୍ଷାନୁଷ୍ଠାନ ବାସ୍ତବ କ୍ଷେତ୍ରରେ ଆର୍ଥିକ ସହାୟତା ପାଇଛନ୍ତି ବୋଲି ଧରାଯିବ।

ସୂଚନାଯୋଗ୍ୟ, ଗଗନ ରାଉତ ଭୁବନେଶ୍ୱରସ୍ଥିତ ୟୁନିଟ୍-୮ ଡିଏଭି ସ୍କୁଲର କିଛି ତଥ୍ୟ ସୂଚନା ଅଧିକାର ମାଧ୍ୟମରେ ଭୁବନେଶ୍ୱର ଜିଲା ଶିକ୍ଷାଧିକାରୀ ଓ ଶିକ୍ଷା ନିର୍ଦ୍ଦେଶାଳୟଙ୍କୁ ମାଗିଥିଲେ। ହେଲେ ସ୍କୁଲ ସୂଚନା ଅଧିକାର ଆଇନ ପରିସରଭୁକ୍ତ ନୁହେଁ କହି ତଥ୍ୟ ଦିଆଯାଇ ନ ଥିଲା। ତେଣୁ ଏ ନେଇ ସେ ସୂଚନା ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ। ରବିବାର ସଂଘ ପକ୍ଷରୁ ଶ୍ରମିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ ଗଗନ କହିଛନ୍ତି, ଗୋଟିଏ ପଟେ ଶିକ୍ଷା ବିଭାଗ ଓ ଶିକ୍ଷା ମନ୍ତ୍ରୀ କହୁଛନ୍ତି ଘରୋଇ ସ୍କୁଲଗୁଡ଼ିକରେ ପିଲାଙ୍କ ନାମଲେଖା ପୂର୍ବରୁ ଅଭିଭାବକମାନେ ବିଦ୍ୟାଳୟର ଏନ୍‌ଓସି/ସିଓଆର୍/ଆଫିଲିଏଶନ/ସେଫ୍ଟି ସିକ୍ୟୁରିଟି ଆଦିର ସତ୍ୟାସତ୍ୟକୁ ତନଖି କରନ୍ତୁ। କିନ୍ତୁ ଘରୋଇ ସ୍କୁଲଗୁଡ଼ିକ କିଛି ତଥ୍ୟ ଦେବା ପାଇଁ ରୋକ୍‌ଠୋକ୍ ମନା କରିଦେଉଛନ୍ତି। ତେବେ ଆୟୋଗଙ୍କ ଏହି ରାୟକୁ ଅଭିଭାବକ ସଂଘ ସ୍ୱାଗତ କରୁଛି ବୋଲି ଗଗନ କହିଛନ୍ତି। ଏହି ସମ୍ମିଳନୀରେ ସଂଘ ସାଧାରଣ ସମ୍ପାଦିକା ମିତାରାଣୀ ସାହୁଙ୍କ ସମେତ ସତ୍ୟାଶିଷ ସ୍ୱାଇଁ, ବୈକୁଣ୍ଠ ପ୍ରସାଦ ଦାସ ଓ ଅଭିଭାବକ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଅଭିଭାବକ ସଂଘର ସଦସ୍ୟମାନେ ସୂଚନା ଦେଉଛନ୍ତି।




# ବିକ୍ରି ପର ସେବାକୁ ଗୁରୁତ୍ୱ

**ଇଚ୍ଛା ଥିଲା, ସ୍ୱପ୍ନ ବି ଥିଲା। ଯାନବାହନ ପ୍ରତି ଦୁର୍ବଳତା ତାଙ୍କୁ ବୈଷୟିକ ବିଦ୍ୟା ଆଡ଼କୁ ଟାଣିନେଇଥିଲା। ଇଞ୍ଜିନିୟରିଂ ସାରି ସର୍ଭିସ ସେଣ୍ଟର ଓ ପରେ ଗାଡ଼ି ଶୋ'ରୁମ୍ ଖୋଲିଥିଲେ। ଦୁଇଚକିଆ ଯାନର ଚାହିଦା ବଢ଼ିବାରେ ଲାଗିଥିବାବେଳେ ଗ୍ରାହକଙ୍କୁ ସର୍ଭିସ୍ ଦେବା କେତେ ଚ୍ୟାଲେଞ୍ଜିଂ ଧରିତ୍ରୀକୁ ସାକ୍ଷାତ୍କାର ବେଳେ କହିଛନ୍ତି କଟକର ୟାମାହା ବିକ୍ରେତା ପିଏମ୍‌ଜି ମୋଟର୍ସ ମ୍ୟାନେଜିଂ ପାର୍ଟନର ମନୋରଞ୍ଜନ ଦାସ।**



**ମନୋରଞ୍ଜନ ଦାସ**
**ମ୍ୟାନେଜିଂ ପାର୍ଟନର, ପିଏମଜି ମୋଟର୍ସ**

**➲ ଇଞ୍ଜିନିୟରିଂ ଡିଗ୍ରୀ ପରେ ଉଚ୍ଚ ବେତନ ଚାକିରି ଛାଡ଼ି ବ୍ୟବସାୟ ଆଡ଼କୁ କାହିଁକି ମୁହାଁଇଲେ?**

ଅଟୋମୋବାଇଲ ବୈଷୟିକ ଜ୍ଞାନ ପ୍ରତି ପିଲାବେଳୁ ଆଗ୍ରହ ଥିଲା। ସ୍କୁଲ ଶିକ୍ଷା ପରେ ଅଟୋମୋବାଇଲ ଡିପ୍ଲୋମା ପଢ଼ିଲି। ତା'ପରେ ଶିକ୍ଷା ନବୀଶ ପାଇଁ ଟେଲକୋ (ଟାଟା ମୋଟର୍ସ) ରେ ସୁଯୋଗ ପାଇଲି। ଓଡ଼ିଶାରେ ଅଟୋମୋବାଇଲ ଶିଳ୍ପ ୨୦୦୦ ପୂର୍ବରୁ ଦ୍ରୁତ ଅଭିବୃଦ୍ଧି ଘଟୁଥାଏ। ତାହା ମୋତେ ଅଟୋମୋବାଇଲ ସେବା କେନ୍ଦ୍ର ଆରମ୍ଭ କରିବା ପାଇଁ ପ୍ରେରିତ କଲା। ୨୦୦୧ ମସିହାରେ କେତେଜଣ ଆଗ୍ରହୀ ଯୁବକଙ୍କୁ ନେଇ ନିଜସ୍ୱ ୱାର୍କଶପ୍ ଖୋଲିବାକୁ ଇଚ୍ଛା ପ୍ରକାଶ କରିଥିଲି।

**➲ ଅଟୋମୋବାଇଲ ବ୍ୟବସାୟ ଆରମ୍ଭରୁ ଏଯାଏ ଯାତ୍ରା କିପରି ରହିଛି ?**

ବ୍ୟବସାୟରେ ଉତ୍ତମ ବ୍ୟବହାର ଓ ଗ୍ରାହକ ସେବାକୁ ମୂଳମନ୍ତ୍ର କରି ଆଗେଇ ଚାଲିଲୁ। ନାନା ବାଧାବିଘ୍ନକୁ ସାମ୍ନା କରି ବ୍ୟବସାୟ ବଢ଼ାଇଲୁ। ୨୦୦୧ରେ ମଞ୍ଚେଶ୍ୱରରେ ଆରମ୍ଭ ହୋଇଥିବା ଟାଟା କାର୍ ସର୍ଭିସର ଆଉ ଏକ ଶାଖା କଟକରେ ଖୋଲିଲୁ। ପରେ ଯନ୍ତ୍ରାଂଶ ପାଇବାରେ ଅସୁବିଧା ଯୋଗୁ ଯନ୍ତ୍ରାଂଶ ବିତରକ ଭାବେ ମଧ୍ୟ କାର୍ଯ୍ୟ କରିଥିଲୁ। ୨୦୧୨ରେ ୟାମାହାର ଆମନ୍ତ୍ରଣ ପାଇବା ପରଠାରୁ ବିକ୍ରେତା ଭାବେ ଅଦ୍ୟାବଧି ୨୭,୦୦୦ରୁ ଅଧିକ ଗାଡ଼ି ବିକ୍ରି କରିପାରିଛୁ। ବିକ୍ରି ପର ସେବା କ୍ଷେତ୍ରରେ ଅଧିକ ଧ୍ୟାନଦେଇ ଆମେ ସଫଳତାର ପାହାଚ ଅତିକ୍ରମ କରିଚାଲିଛୁ।

**➲ ୟାମାହା ପରି ଏକ ଆନ୍ତର୍ଜାତିକ ବ୍ରାଣ୍ଡ ବିକ୍ରେତା ଭାବେ କ'ଣ ସବୁ ଆହ୍ୱାନ ରହିଛି?**

ୟାମାହା ସ୍ୱତନ୍ତ୍ର ବର୍ଗଙ୍କୁ ଆକୃଷ୍ଟ କରେ, ଯେଉଁଥିରେ ଯୁବପିଢ଼ି ଅଧିକ ଅଛନ୍ତି। ଏହାର ସ୍ପୋର୍ଟି ଲୁକ୍ ରେସିଙ୍ଗ ବାଇକ୍ ହେତୁ ଗ୍ରାହକଙ୍କୁ ରକ୍ଷଣାବେକ୍ଷଣ ଓ ବୈଷୟିକ ଜ୍ଞାନ ବିଷୟରେ ଅଧିକ ଜଣାଇବାକୁ ପଡ଼େ। ୨୦୧୨ ବେଳକୁ ଛୋଟ ସହର ତଥା ଗ୍ରାମାଞ୍ଚଳରେ ସର୍ଭିସିଂ ଓ ଯନ୍ତ୍ରାଂଶ ଉପଲବ୍ଧ ହେଉ ନ ଥିବାରୁ ଗାଡ଼ି ବିକିବା ସହଜ ନ ଥିଲା।

**➲ ଗ୍ରାହକଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେବା କ୍ଷେତ୍ରରେ କ'ଣ କରିବାକୁ ପଡ଼ିଥାଏ?**

ଗାଡ଼ି ବିକିବା ସହ ପରବର୍ତ୍ତୀ ସେବା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଗ୍ରାହକଙ୍କୁ ଉପଯୁକ୍ତ ସେବା ଯୋଗାଇବା ପାଇଁ ଓରିଜିନାଲ ପାର୍ଟ୍ସ ଯୋଗାଇବା ସହ ଉତ୍ତମ ବ୍ୟବହାର ଏବଂ କୁଶଳୀ ପ୍ରଶିକ୍ଷିତ ମେକାନିକ୍‌ଙ୍କ ଦ୍ୱାରା ସର୍ଭିସ୍ ବିଶେଷ ଭାବରେ ନିର୍ଭର କରେ। ସମୟ ସମୟରେ ଭ୍ରାମ୍ୟମାଣ ସେବା, ଗ୍ରାହକଙ୍କ ଘର ପାଖରେ ସେବା ଆଦି ଦିଆଯାଇଥାଏ। ମହିଳା ଗ୍ରାହକଙ୍କ ପାଇଁ ଘରୁ ଗାଡ଼ି ଆଣି ପୁଣି ପହଞ୍ଚାଇବା ସେବା ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ଅସମୟରେ ରାସ୍ତାରେ ସେବା ଦେବା ପାଇଁ ମଧ୍ୟ ଆମେ ପ୍ରସ୍ତୁତ ଥାଉ।

**➲ ଅଟୋମୋବାଇଲ ବ୍ୟବସାୟ ପାଇଁ ରାଜ୍ୟରେ ନୀତି କିପରି ଅଛି ?**

ଅଟୋମୋବାଇଲ ବ୍ୟବସାୟ ପାଇଁ ନୀତି ଠିକ୍ ଅଛି। ପେପରଲେସ୍ ପଞ୍ଜୀକରଣ ଅନ୍‌ଲାଇନ୍ ସେବା ଯୋଗୁ ସମୟ ଓ ଅର୍ଥ ସଞ୍ଚୟ ହୋଇପାରୁଛି। ଗ୍ରାହକମାନେ ଶୋ'ରୁମ୍‌ରୁ ଏକକାଳୀନ ଗାଡ଼ି ନମ୍ବର, ବୀମାକରଣ ସହିତ କାଗଜପତ୍ର ପାଇପାରୁଛନ୍ତି।

**➲ କୋଭିଡ୍ ବେଳେ ବ୍ୟବସାୟ ସମ୍ଭାଳିବା ପାଇଁ କି ପଦକ୍ଷେପ ନେଇଥିଲେ ?**

କୋଭିଡ୍-୧୯ ସମୟରେ ସମସ୍ତ କର୍ମଚାରୀ ଅନେକ ସହଯୋଗ କରିଛନ୍ତି। ଏହି ପ୍ରତିକୂଳ ସ୍ଥିତିରେ ୟାମାହା ସହାୟତା ପ୍ରଦାନ କରିଛି। ଦୀର୍ଘଦିନ ଧରି ଶୋ'ରୁମ୍ ବନ୍ଦ ରହିବା ଫଳରେ ଗ୍ରାହକଙ୍କୁ ସେବା ଦେବା କଷ୍ଟକର ଥିଲା। କର୍ମଚାରୀମାନଙ୍କ ଦୃଢ଼ ମନୋବଳ, ନିଷ୍ଠା ସହ ଅନିଷ୍ଟର ଆଶଙ୍କା ଥାଇ ମଧ୍ୟ ୱାର୍କଶପ ଖୋଲା ରଖିଥିଲୁ।

**➲ ଆଗାମୀ ଲକ୍ଷ୍ୟ କ'ଣ ରଖିଛନ୍ତି?**

ତୈଳଦର ବୃଦ୍ଧି ହୋଇଚାଲିଛି। ଫଳରେ ଇ-ଯାନର ଚାହିଦା ବଢ଼ୁଛି। ପିଏମ୍‌ଜି ମୋଟର୍ସ ମଧ୍ୟ ଏକ ଇ-ଯାନର ବିକ୍ରେତା ଭାବେ କାର୍ଯ୍ୟ ଆରମ୍ଭ କରିଛି। ପରେ ବି ଚାରିଚକିଆ ଯାନ ବିକ୍ରି କରିବାର ଯୋଜନା ରଖିଛି। ଏହା ଛଡ଼ା ଇ-ଯାନର ସର୍ଭିସିଂ ସେଣ୍ଟର ଓ ଦ୍ରୁତ ଚାର୍ଜ ଷ୍ଟେସନ ଖୋଲିବା ଯୋଜନା ରହିଛି।

**➲ ବୃତ୍ତିଗତ ଜୀବନ ବାହାରେ ଆପଣଙ୍କ ହବି କ'ଣ?**

କ୍ରିକେଟ ଓ ଟେନିସ ପ୍ରତି ପିଲାଦିନୁ ଦୁର୍ବଳତା ରହିଛି। ପହଁରିବାକୁ ବି ବହୁତ ଭଲ ପାଏ। ନୂଆ ନୂଆ ଜାଗା ଭ୍ରମଣ କରିବାକୁ ମୋର ଆଗ୍ରହ ରହିଛି। ସମୟ ମିଳିଲେ ବିଭିନ୍ନ ବାଳାଶ୍ରମ ଯାଇ ପିଲାଙ୍କ ଦୁଃଖସୁଖରେ ସାମିଲ ହେବାକୁ ଭଲ ଲାଗେ।

**➲ ଓଡ଼ିଶାକୁ ଏକ ଅର୍ଥନୈତିକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ଯୁବବର୍ଗଙ୍କୁ କି ପରାମର୍ଶ ଦେବେ ?**

ଓଡ଼ିଶାର ଯୁବସମାଜ ରୋଜଗାର କରି ଉଦ୍ୟୋଗୀ ବନିବା ଆଶା ପୋଷଣ କରନ୍ତୁ। ଅନ୍ୟମାନଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରନ୍ତୁ। ଫଳରେ ରାଜ୍ୟ ବାହାରକୁ ଯାଇ ଖଟୁଥିବା ଶ୍ରମିକମାନଙ୍କୁ ବଞ୍ଚିବାର ରାହା ଦେଖେଇହବ। ପାଠପଢ଼ା ସହ ନିଯୁକ୍ତିଭିତ୍ତିକ ଶିକ୍ଷା ପ୍ରତି ରୁଚି ରଖନ୍ତୁ।

ଧରିତ୍ରୀ | OrissaPOST BUSINESS EMINENCE AWARDS

# ମୁଖ୍ୟ ଅଭିଯୁକ୍ତ ଦୀପକ କିଣ୍ଡୋ ଜେଲ ଗଲେ

**୧୦୦ କୋଟିରୁ ଊର୍ଦ୍ଧ୍ୱ ଋଣ ଠକେଇ ମାମଲା**
- ସୁନ୍ଦରଗଡ଼ରୁ ଗିରଫ କଲା ଇଓଡବ୍ଲ୍ୟୁ
- ପୂର୍ବରୁ ଗିରଫ ହୋଇ ଜେଲ ଯାଇଛନ୍ତି ସ୍ତ୍ରୀ



ଦୀପକ କିଣ୍ଡୋ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ଜାଲ୍ କାଗଜପତ୍ର ଦେଇ ବିଭିନ୍ନ ସଂସ୍ଥାରୁ ୧୦୦ କୋଟିରୁ ଊର୍ଦ୍ଧ୍ୱ ଋଣ ଟଙ୍କା ଠକେଇ ମାମଲାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ଦୀପକ କିଣ୍ଡୋଙ୍କୁ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗୁରୁବାର ସୁନ୍ଦରଗଡ଼ ଜିଲା ତଳସରା ଥାନା ଅଞ୍ଚଳରୁ ଗିରଫ କରିଛି। ଶୁକ୍ରବାର ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ କୋର୍ଟ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଏହି ମାମଲାରେ ପୂର୍ବରୁ ଦୀପକଙ୍କ ସ୍ତ୍ରୀ ତଥା ଦିବ୍ୟା ଡାଏରି ଆଗ୍ରୋ ପ୍ରୋସେସର ପ୍ରାଇଭେଟ ଲି.ର ଏମ୍‌ଡି ଅମ୍ରିତା କିଣ୍ଡୋଙ୍କୁ ଇଓଡବ୍ଲ୍ୟୁ ଗିରଫ କରି ଜେଲ ପଠାଇଛି। ତେବେ ଫେରାର ଥିବା ଦୀପକ ଦେଶ ଛାଡ଼ି ପଳାଇଯିବା ଆଶଙ୍କା ଥିବାରୁ ଇଓଡବ୍ଲ୍ୟୁ କେନ୍ଦ୍ର ସରକାରଙ୍କ ବ୍ୟୁରୋ ଅଫ୍ ଇମିଗ୍ରେଶନର ସହାୟତା ଲୋଡ଼ିଥିଲା। ଏନେଇ ଗତ ଫେବୃୟାରୀ ୩ରେ ଦୀପକଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରାଯାଇଥିଲା। ଏହି ମାମଲାରେ ଅଧିକ ତଦନ୍ତ କରାଯାଉଥିବା ଇଓଡବ୍ଲ୍ୟୁ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ଦୀପକ ସମ୍ବନ୍ଧ ଫିନ୍‌ସର୍ଭ ପ୍ରାଇଭେଟ୍ ଲି. ସଂସ୍ଥା ଖୋଲିବା ସହ ନିଜେ ଏମ୍‌ଡି ଥିଲେ। ଉକ୍ତ ସଂସ୍ଥା ମାଧ୍ୟମରେ ଦୀପକ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ଦେବାକୁ କହି ବିଭିନ୍ନ ସଂସ୍ଥାରୁ ଋଣ ଆଣି ତାହାକୁ ନିଜେ ଚଳୁ କରିଥିଲେ। ଖଣ୍ଡଗିରିସ୍ଥିତ ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ ଲି.ରୁ ୨୦୨୦ ଡିସେମ୍ବରରେ ଜାଲ୍ କାଗଜପତ୍ର ଦେଇ ୫ କୋଟି ଟଙ୍କା ଋଣ ନେଇଥିଲେ। ଦୀପକଙ୍କ ଠକେଇ ସଂକ୍ରାନ୍ତରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଅନ୍ନପୂର୍ଣ୍ଣା ଫାଇନାନ୍ସ କର୍ତ୍ତୃପକ୍ଷ ତାଙ୍କୁ ଟଙ୍କା ଫେରାଇବାକୁ କହିଥିଲେ। ହେଲେ ସେ ୫୦ ଲକ୍ଷ ଟଙ୍କା ଫେରାଇ ଆଉ ଧରାଛୁଆଁ ଦେଇ ନ ଥିଲେ। ଏନେଇ ଅନ୍ନପୂର୍ଣ୍ଣା ଫାଇନାନ୍ସ ପକ୍ଷରୁ ୨୦୨୧ ଡିସେମ୍ବର ୩୧ରେ ଅଭିଯୋଗ ପରେ ଇଓଡବ୍ଲ୍ୟୁ ଏକ ମାମଲା(ନଂ.୧୭/୨୦୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨୦୧୫ରୁ ୨୦୨୦ ମଧ୍ୟରେ ବିଭିନ୍ନ ସଂସ୍ଥାଠାରୁ ଏପରି ଋଣ ଆଣି ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ତଦନ୍ତବେଳେ ଜଣାପଡିଥିଲା। ଏପରିକି ଅଧିକାଂଶ ଟଙ୍କା ସମ୍ବନ୍ଧ ଫିନ୍‌ସର୍ଭର ସହବନ୍ଧିତ ସଂସ୍ଥା ଦିବ୍ୟା ଡାଏରି ଏଗ୍ରୋ ପ୍ରୋସେସର ପ୍ରାଇଭେଟ ଲି.ର ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିବା ତଦନ୍ତବେଳେ ଜଣାପଡିଥିଲା।

# ବହୁ କାର୍ଯ୍ୟକର୍ତ୍ତାଙ୍କୁ ବହିଷ୍କାର କଲା ଭାଜପା

ଭୁବନେଶ୍ୱର, ୨୦।୩(ବ୍ୟୁରୋ)

ଜିଲା ସଭାପତିଙ୍କ ସୁପାରିସ ଏବଂ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଦଳ ବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ ଯୋଗୁ ଅନେକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କୋରାପୁଟ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ କୁମାର ସ୍ୱାଇଁ, ସୁନାବେଡାର ରାଜେନ୍ଦ୍ର କୁମାର ପାତ୍ର, ରାୟଗଡ଼ା ଜିଲା ସମ୍ପାଦିକା ସୁଜାତା ପଟ୍ଟନାୟକ, ରାୟଗଡା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ବି.ଗଙ୍ଗାଧର, ନବରଙ୍ଗପୁର ପୌର ପରିଷଦ ମଣ୍ଡଳର ମଳୟ ଜେନା, ମହିଳା ମୋର୍ଚ୍ଚା ମଣ୍ଡଳ ସାଧାରଣ ସମ୍ପାଦିକା ବବିତା ସାହୁ, ସୁନ୍ଦରଗଡ଼ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ହିମାଂଶୁ ଷଡଙ୍ଗୀ, ସୁନ୍ଦରଗଡ ଜିଲାର ବୈକୁଣ୍ଠ ବନଛୋର, ସୁନ୍ଦରଗଡ ନଗର ମଣ୍ଡଳ ସଭାପତି (ଅନୁସୂଚିତ ଜାତି ମୋର୍ଚ୍ଚା) ମହେଶ ତନ୍ତି, ବଲାଙ୍ଗୀର ଜିଲା ତୁଷୁରାର ଅମରେଶ କେଡିଆ, ଝାରସୁଗୁଡ଼ାର ମନୋଜ ଅଗ୍ରୱାଲ, ନୂଆପଡ଼ା ଜିଲା ସାଧାରଣ ସମ୍ପାଦକ (ଅନୁସୂଚିତ ଜାତି ମୋର୍ଚ୍ଚା) ନିମାଇଁ ଚରଣ ତାଣ୍ଡିଙ୍କୁ ବହିଷ୍କାର କରାଯାଇଥିବା ରାଜ୍ୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

# ପାରାଦୀପଗଡ଼ ସବ୍‌ଷ୍ଟେଶନରେ ଅଗ୍ନିକାଣ୍ଡ

**ପାରାଦୀପ,୨୦।୩(ସ୍ୱ.ପ୍ର.):** ପାରାଦୀପଗଡରେ ଥିବା ୧୩୨ କେଭି ସବ୍‌ଷ୍ଟେଶନରେ ଶୁକ୍ରବାର ମଧ୍ୟାହ୍ନରେ ନିଆଁ ଲାଗି ଅନେକ ଯନ୍ତ୍ରାଂଶ ପୋଡ଼ିଯାଇଛି। ଅଗ୍ନିକାଣ୍ଡର କାରଣ ଜଣା ପଡ଼ିନାହିଁ। ଖବରପାଇ ପାରାଦୀପ ବନ୍ଦର ଅଗ୍ନିଶମ ବିଭାଗ ପକ୍ଷରୁ ୨ ଦମକଳ ଗାଡ଼ି ଏବଂ ପିପିଏଲ୍ ଇଫ୍‌କୋ କମ୍ପାନୀର ନିଆଁ ଲିଭା ଗାଡ଼ିଗୁଡିକ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ସବ୍‌ଷ୍ଟେଶନ ପୁରୁଣା ହୋଇଯାଇଥିବାରୁ ଏପରି ଦୁର୍ଘଟଣା ଘଟିଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି ବୋଲି ବନ୍ଦର ଅଗ୍ନିଶମ ବିଭାଗ କମାଣ୍ଡାଣ୍ଟ ଜି କୁମାର ସୂଚନା ଦେଇଛନ୍ତି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**

| SR. No. | Post | Qualification | Sex | Salary | Nos. |
|---|---|---|---|---|---|
| 1 | Office Staff | Graduation (PGDCA) & DTP Knowledge | M/F | 10,000/- - 11,000/- | 2 |
| 2 | Care Taker | | M | 9000/- | 4 |
| 3 | Office Peon | Matriculation / Under | M | 8000/- | 1 |

Contact Details: KM CONVENTION, Bhubaneswar
Mail Id: kmconvention1@gmail.com, Cont. No.: 9337105335, (Cont. Between 1 P.M. to 4 P.M.)

**URGENT REQUIRED**
A reputed CNF company required for its Bhubaneswar Branch
1) **Warehouse Manager/Assistant Warehouse Manager:** Experience in warehouse activities and transportation of goods.SAP knowledge will be added advantage. 2) **Computer Operator:** Knowledge in SAP & EXCEL is must, Good English Communication will be added advantage. 3. **Transportation Manager:** Experience in arrangement of vehicle for loading/Negotiation of rate. Follow up for timely POD received from Transporter. **4. Godown In Charge:** Experience in maintaining of stock, Loading & Unloading of goods & handling labours.**5. Godown Supervisor:** Experience in maintaining of stock and Loading & Unloading of goods. **6. Vehicle Maintenance:** Experience in maintenance of heavy vehicles. **7.Accountant/ Accounts Assistant:** Marinating day to day accounts, TDS, GST and Balance Sheet Finalisation.
Walk In Interview : 25.03.22 (From 11.00 A.M. to 5 P.M.)
Venue: Treebo Trend Hotel Oasis, Laxmi Sagar, Cuttack-Puri Road, Bhubaneswar-751006
Contact: 8017139980


# ଘରୋଇ ତୈଳ ରିଟେଲର୍ସଙ୍କ ପାଇଁ ଡିଜେଲ୍ ୨୫ ଟଙ୍କା

ନୂଆଦିଲ୍ଲୀ,୨୦।୩(ପି.ଟି.)

ଦେଶର ପ୍ରମୁଖ ଘରୋଇ ତୈଳ ବିକ୍ରୟକାରୀ ସଂସ୍ଥାଗୁଡ଼ିକ ଏଣିକି ଡିଜେଲ୍ ଲିଟର ପିଛା ଅତିରିକ୍ତ ୨୫ଟଙ୍କା ଦେଇ କ୍ରୟ କରିବେ। କିଛିଦିନ ହେବ ଅନ୍ତର୍ଜାତୀୟ ତୈଳ ବଜାରରେ ଉତ୍ପାଦନଜନିତ ସମସ୍ୟା ଲାଗିରହିଥିବାରୁ ଏହାର ପ୍ରଭାବ ଭାରତୀୟ ବଜାରରେ ଦେଖିବାକୁ ମିଳୁଛି। ଘରୋଇ କମ୍ପାନୀଗୁଡ଼ିକ ନିକଟରେ ମହଜୁଦ ଥିବା ଡିଜେଲ ଶେଷ ହେବାକୁ ବସିଥିବାବେଳେ ଏହି ଦର ବୃଦ୍ଧି ସେମାନଙ୍କ ଉପରେ ଚାପ ପକାଇଛି। ଆବଶ୍ୟକତା ମେଣ୍ଟାଇବା ପାଇଁ ଘରୋଇ ତୈଳ ରିଟେଲର୍ସ ଏବେ ଲିଟର ପିଛା ୨୫ ଟଙ୍କା ଅଧିକ ବିକିବେ। ଅନ୍ତଃରାଷ୍ଟ୍ରୀୟ ବଜାରରେ ତୈଳ ଦରରେ ପ୍ରାୟ ୪୦% ବୃଦ୍ଧି ପାଇବା କାରଣରୁ ଏଭଳି ବୃଦ୍ଧି ଘଟିଥିବା କୁହାଯାଉଛି। ହେଲେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକରେ ଡିଜେଲର ଖୁଚୁରା ମୂଲ୍ୟ ଅପରିବର୍ତ୍ତିତ ରହିଛି। ଘରୋଇ ରିଟେଲର୍ସ ପାଇଁ ଡିଜେଲ୍ ଦର ବୃଦ୍ଧି ପାଇଥିବାରୁ ଉକ୍ତ ସଂସ୍ଥାଗୁଡ଼ିକ ଏବେ ସିଧାସଳଖ ତୈଳ କମ୍ପାନୀଠାରୁ ଡିଜେଲ ଅର୍ଡର କରିବା ପରିବର୍ତ୍ତେ ପେଟ୍ରୋଲ୍ ପମ୍ପରେ ଧାଡ଼ି ଲଗାଉଥିବା ଦେଖିବାକୁ ମିଳୁଛି। ବିଶେଷକରି ନାୟାରା ଏନର୍ଜି, ଜିଓ-ବିପି ଏବଂ ଶେଲ୍ ଭଳି ଅନ୍ୟ ଘରୋଇ ତୈଳ ସଂସ୍ଥା ପ୍ରଭାବିତ ହୋଇଛନ୍ତି। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଅଧୀନସ୍ଥ ପେଟ୍ରୋଲ୍ ଓ ଡିଜେଲ୍ ପମ୍ପଗୁଡ଼ିକରେ ଡିଜେଲ୍ ଦର ଅପରିବର୍ତ୍ତିତ ରହିଥିବାରୁ ଗ୍ରାହକମାନେ ୨୫ଟଙ୍କା ଅଧିକ ଦରରେ ଘରୋଇ ତୈଳ ରିଟେଲର୍ସରୁ ଡିଜେଲ କିଣିବାକୁ ଚାହୁଁନାହାନ୍ତି। ଅପରପକ୍ଷରେ ତେଲ ବିକ୍ରି ଅଧିକ ଥିବାରୁ ଘରୋଇ ରିଟେଲର୍ସଗୁଡ଼ିକ ଭଲ୍ୟୁମ୍ ହ୍ରାସ କରିବାକୁ ଚାହୁଁ ନ ଥିଲେ। ମାତ୍ର ଏବେ ଏକା ଥରକେ ୨୫ଟଙ୍କା ଡିଜେଲ ଲିଟରେ ପିଛା ବୃଦ୍ଧି ପାଇଥିବାରୁ ଉପରୋକ୍ତ ରିଟେଲର୍ସ ସେମାନଙ୍କ ଆବଶ୍ୟକତା ପୂରଣ କରିବାକୁ ପମ୍ପକୁ ଯାଉଛନ୍ତି। ଏଭଳି ସ୍ଥିତି ଲାଗି ରହିଲେ ଆଗାମୀ ଦିନରେ କମ୍ପାନୀ ବନ୍ଦ କରିବା ବ୍ୟତୀତ କୌଣସି ବିକଳ୍ପ ନାହିଁ ବୋଲି ଘରୋଇ ରିଟେଲର୍ସ ପକ୍ଷରୁ କୁହାଯାଇଛି। ମୁମ୍ବାଇରେ ଏବେ ଘରୋଇ ତୈଳ ରିଟେଲର୍ସରେ ଡିଜେଲ ମୂଲ୍ୟ ୧୨୨ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଦ୍ୱାରା ପରିଚାଳିତ ପେଟ୍ରୋଲ୍ ପମ୍ପରେ ଡିଜେଲ ଲିଟର ପିଛା ୯୪.୧୪ଟଙ୍କାରେ ବିକ୍ରି ହେଉଛି। ଦିଲ୍ଲୀରେ ଏହି ମୂଲ୍ୟ ୮୬.୬୭ଟଙ୍କା ଥିବାବେଳେ ଘରୋଇ ତୈଳ ରିଟେଲର୍ସରେ ଏହା ୧୧୫ଟଙ୍କା ରହିଛି। ଗତ ନଭେମ୍ବର ୪ ପରଠାରୁ ରାଷ୍ଟ୍ରାୟତ୍ତ ତୈଳ ଉଦ୍ୟୋଗଗୁଡ଼ିକରେ ଦରବୃଦ୍ଧି କରି ନ ଥିବାବେଳେ ଏବେ ଘରୋଇ ରିଟେଲର୍ସରେ ଯଦି ତୈଳ ଦର ବୃଦ୍ଧି ପାଏ, ତା'ହେଲେ ଏଗୁଡ଼ିକର ବ୍ୟବସାୟ ଠପ୍ ହୋଇଯିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

# କେୱାଇସି ଅପଡେଟ୍ ଆଳରେ ଠକେଇ ଘଟଣା, ଆଉ ଜଣେ ଗିରଫ

**୩୬ ଏଟିଏମ୍ କାର୍ଡ, ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ**



ଜବତ ମୋବାଇଲ, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ। ଗିରଫ ଅଭିଯୁକ୍ତ

କଟକ ଅଫିସ,୨୦।୩

କେୱାଇସି ଅପଡେଟ୍ ଆଳରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରଫେସର ଜୟଦେବ ଜେନାଙ୍କଠାରୁ ୩ ଲକ୍ଷ ୯୯ ହଜାର ୯୯୬ ଟଙ୍କା ଠକି ନେବା ଅଭିଯୋଗରେ କଟକ ସାଇବର ଥାନା ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳର ଦୀପକ କୁମାର ଦାସ(୨୯)। ତାଙ୍କଠାରୁ ୧ ଲକ୍ଷ ୮ ହଜାର ୯୮୦ ଟଙ୍କା, ୧୧ ମୋବାଇଲ, ବିଭିନ୍ନ ବ୍ୟାଙ୍କର ୩୬ଟି ଏଟିଏମ୍ କାର୍ଡ, ଏକ ଲାପ୍‌ଟପ୍, ହାର୍ଡଡିସ୍କ, ୧୧୬ଟି ସିମ୍‌କାର୍ଡ ଓ ୪ଟି ପେନ୍‌ଡ୍ରାଇଭ ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ଦୀପକଙ୍କ ସହଯୋଗୀ ବାଲେଶ୍ୱର ଜିଲା ରୂପ୍‌ସା ଥାନା ଓଡିଆପଡାର ସୁଶାନ୍ତ ବେହେରା ଓ ସିଙ୍ଗଲା ଥାନା ନବରା ଗ୍ରାମର ଶଙ୍କର ଦାସ ଅଧିକାରୀଙ୍କୁ ଗତ ୧୭ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ପୋଲିସ ସୂଚନା ଅନୁଯାୟୀ, ଗତମାସ ୨୮ ତାରିଖରେ ପ୍ରଫେସର ଜେନାଙ୍କ ମୋବାଇଲକୁ ଏକ ନିର୍ଦ୍ଦିଷ୍ଟ ନମ୍ବରରୁ କଲ୍ ଅସିଥିଲା। ଅଭିଯୁକ୍ତ ଜଣକ ବିଏସ୍‌ଏନ୍‌ଏଲ୍‌ର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ତାଙ୍କୁ କେୱାଇସି ଅପ୍‌ଡେଟ୍ କରାଇବା ପାଇଁ ପ୍ଲେଷ୍ଟୋରରୁ ଟିମ୍ ଭ୍ୟୁଆର ଆପ୍ ଓ ଅଟୋମେଟିକ୍ ଏସ୍‌ଏମ୍‌ଏସ୍ ଫରୱାର୍ଡ ଆପ୍ ଡାଉନଲୋଡ କରିବାକୁ କହିଥିଲେ। ନଚେତ ତାଙ୍କ ସିମ୍ ବନ୍ଦ ହୋଇଯିବ କହିଥିଲେ। ଏଥିସହ ତାଙ୍କ ମୋବାଇଲ ନମ୍ବରକୁ ଅନ୍‌ଲାଇନ୍‌ରେ ୧୦ ଟଙ୍କା ପଠାଇବାକୁ କହିଥିଲେ । ପ୍ରଫେସର ଜେନା ଆପ୍ ଦୁଇଟି ଡାଉନ୍ ଲୋଡ୍ କରିବା ସହ ତାଙ୍କ ନମ୍ବରକୁ ଟଙ୍କା ପଠାଇଥିଲେ। ପରେ ତାଙ୍କ ଫୋନରେ ଥିବା ଅଟୋମେଟିକ ଏସ୍‌ଏମ୍‌ଏସ୍ ଫରୱାର୍ଡ ଆପ୍ ଜରିଆରେ ଅଭିଯୁକ୍ତ ତାଙ୍କ ଏସ୍‌ବିଆଇ ୟୋନୋ ଆପ୍‌ର ଏମ୍‌ପିନ ଏବଂ ଓଟିପି ହାସଲ କରିନେଇଥିଲେ। ପରେ ତାଙ୍କ ଆକାଉଣ୍ଟରୁ ୩ ଲକ୍ଷ ୯୯ ହଜାର ୯୯୬ ଟଙ୍କା ଉଠାଯାଇଥିଲା।


**ଭାରତୀୟ ସାଂଖ୍ୟିକୀୟ ସଂସ୍ଥାନ**
STATISTICAL INDIAN INSTITUTE UNITY IN DIVERSITY
୨୦୩, ବି.ଟି. ରୋଡ୍, କୋଲକାତା-୭୦୦୧୦୮
**ନାମଲେଖା ବିଜ୍ଞପ୍ତି**
ଅଧିବେଶନ ୨୦୨୨-୨୩

ଭାରତୀୟ ସାଂଖ୍ୟିକୀୟ ସଂସ୍ଥାନ ଦ୍ୱାରା ବିଭିନ୍ନ ଡିଗ୍ରୀ/ଡିପ୍ଲୋମା ପାଠ୍ୟକ୍ରମ ଏବଂ ଗବେଷଣା ଫେଲୋଶିପ୍ ନିମନ୍ତେ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି:
ବିସ୍ତୃତ ନାମଲେଖା ବିଜ୍ଞପ୍ତି ତଥା ବିବରଣ ପତ୍ରିକା ୨୦୨୨-୨୩ ଆନୁଷ୍ଠାନିକ ନାମଲେଖା ୱେବ୍‌ସାଇଟ୍ http://www.isical.ac.in/~admission ରେ ଉପଲବ୍ଧ ।
ପ୍ରତ୍ୟେକ କାର୍ଯ୍ୟକ୍ରମର ବିଷୟ ପରିସର, ଅବଧି, ଯୋଗ୍ୟତା, ଷ୍ଟାଇପେଣ୍ଡ/ଫେଲୋଶିପ୍, ଦରଖାସ୍ତ ଦେୟ ଇତ୍ୟାଦି ବିବରଣ ପତ୍ରିକା, ୨୦୨୨-୨୩ରେ ଉପଲବ୍ଧ ।
ପ୍ରାର୍ଥୀମାନେ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ ଆନୁଷ୍ଠାନିକ ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ ।

| | |
|---|---|
| ଅନ୍-ଲାଇନ୍ ଆବେଦନ | - ୧-୩୧ ମାର୍ଚ୍ଚ, ୨୦୨୨ |
| ସମସ୍ତ ପାଠ୍ୟକ୍ରମ ପାଇଁ ଅନ୍‌ଲାଇନ୍ ପରୀକ୍ଷା | - ୮ ମେ, ୨୦୨୨ |
| ସିଏସ୍‌ଆଇଆର/ୟୁଜିସି ଜେଆର୍‌ଏଫ୍ (କମ୍ପ୍ୟୁଟର ବିଜ୍ଞାନ) ପୁରସ୍କୃତଙ୍କ ପାଇଁ ସମତୁଲ୍ୟ ପରୀକ୍ଷା | - ୬ ଜୁନ୍, ୨୦୨୨ |

davp 39103/12/0019/2122

**All Odisha State Bank Officers' Cooperative Scoiety Ltd**
*(Registered under the Odisha Co-operative Societies Act : 1962)*
IDCO Towers,Bhubaneswar-751022 ,ph.: (0674) 2542735
**NOTICE**
**ANNUAL GENERAL BODY MEETING DATED 26th MARCH, 2022**
Notice is hereby given to hold the Annual General Body Meeting of the Society, as required under clause 24 of the Bye-laws on the **26th March, 2022.** You are requested to attend the meeting on the said day, i.e. **26th March, 2022 (Saturday) at 10 A.M.** without fail and make it a grand success. Agenda items are already sent to members by post.
Venue :
"Guru Kelu Charan Mohapatra"ODISSI RESEARCH CENTRE, BHUBANESWAR, At- Plot No. 1/A, Xavier Square, Jayadev Vihar, Bhubaneswar-751013 (Infront of Hotel " SANDY TOWERS"
Sd/- (Mrs. Alakananda Jena )
Deputy Registrar Coop. Societies, Khordha - cum- Administrator
All Odisha SB Officers' Coop. Society Ltd.,Bhubaneswar- 751022




ହୋଲି ଉତ୍ସବ ପାଳନ ପାଇଁ ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ଶ୍ରୀଦୋଳଗୋବିନ୍ଦଙ୍କୁ ଶ୍ରୀମନ୍ଦିରର ଦୋଳବେଦିକୁ ନିଆଯାଉଛି।


**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**
always with U
ଆଞ୍ଚଳିକ କାର୍ଯ୍ୟାଳୟ: ଖୋର୍ଦ୍ଧା, ସା: ସାନପଲ୍ଲୀ, ପୋ: ପଲ୍ଲୀହାଟ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଫୋନ୍ ନଂ.: ୦୬୭୫୫-୨୯୬୨୧୩
**ଦଖଲ ନୋଟିସ୍**
[ପରିଶିଷ୍ଟ-୪(ରୁଲ ୮(୧)] (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଋଣ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
୧) ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ଦର୍ଶିତ ତାରିଖରେ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି।
୨) ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କରନ୍ତି ତେବେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**ର ଦାବି ମୁତାବକ ନିମ୍ନ ଦର୍ଶିତ ରାଶି ସହ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି, ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ଡିମାଣ୍ଡ ନୋଟିସ୍ ତାରିଖ ଠାରୁ ପୈଠ ତାରିଖ ପର୍ଯ୍ୟନ୍ତ ପରିଶୋଧ ଯଦି କିଛି ଥାଏ ତାହାକୁ ଛାଡି ପ୍ରଦାନ କରିବାକୁ ବାଧ୍ୟ ହେବେ। ନିମ୍ନଦର୍ଶିତ ଦଖଲ ତାରିଖ ସୁଦ୍ଧା ବକେୟା ଦେୟ ତତ୍‌ସହିତ ପରିଶୋଧ ତାରିଖ ଯାଏ ଚୁକ୍ତିହାରରେ ପରବର୍ତ୍ତୀ ସୁଧ ଏବଂ ଚକ୍ରବୃଦ୍ଧି ସୁଧ ଏବଂ ଦେୟ । ୩) **ଏତଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| କଣ୍ଟିଲୋ ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ | ଡିମାଣ୍ଡ / ଦଖଲ ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ |
|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଲୋଚନ ବିଶ୍ୱାଳ, ପିତା: ସ୍ୱ ମଦନ ବିଶ୍ୱାଳ / ଜାମିନ୍‌ଦାରମାନେ: ୧) ଶ୍ରୀ ପ୍ରଦୀପ କୁମାର ଦାସ, ପିତା: ସ୍ୱ କାର୍ତ୍ତିକ ଦାସ, ୨) ଶ୍ରୀ ପ୍ରଭାତ ବେହେରା, ପିତା: ହରି ବେହେରା, ସମସ୍ତଙ୍କ ଠିକଣା- ସା.: ପଥରଦୁଆର, ପୋ: ବେଣାଗାଡିଆ, ଜିଲ୍ଲା: ନୟାଗଡ, ପିନ୍-୭୫୨୦୭୭ | ଶ୍ରୀ ଲୋଚନ ବିଶ୍ୱାଳଙ୍କ ନାମରେ ଥିବା ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୮୭/୫୩, ପ୍ଲଟ୍ ନଂ.: ୧୮୩୧/୪୩୨୫, କ୍ଷେତ୍ର: ଏକର୦.୦୪୦ଡିସିମିଲି, କିସମ: ଘରବାରି, ମୌଜା: ପଥରଦୁଆର, ଜିଲ୍ଲା: ନୟାଗଡ | ୧୫.୦୯.୨୦୨୧ ସୁଦ୍ଧା ଟ.୨,୧୨,୧୮୨/- / ୧୧.୦୩.୨୦୨୨ ସୁଦ୍ଧା ଟ.୨,୨୫,୬୯୧/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୫.୦୯.୨୦୨୧ / ୧୧.୦୩.୨୦୨୨ |

ତାରିଖ: ୧୧.୦୩.୨୦୨୨, ସ୍ଥାନ: ଖୋର୍ଦ୍ଧା
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

ଧରିତ୍ରୀ
DHARITRI
ସୋମବାର, ୨୧ ମାର୍ଚ୍ଚ, ୨୦୨୨

“ଆଧ୍ୟାତ୍ମିକ ଚିନ୍ତାରେ ଓ ଅନୁଭବରେ ସବୁପ୍ରକାର ନୀଚତା, ସଂକୀର୍ଣ୍ଣତା ଓ ବହିର୍ମୁଖତା ପରିତ୍ୟାଗ କରିବ। ବିଶାଳତମ ଦିଗ୍‌ବଳୟ ଅପେକ୍ଷା ବିଶାଳ ହେବ। ଉଚ୍ଚତମ କାଞ୍ଚନଜଂଘା ଅପେକ୍ଷା ସମୁଚ୍ଚ ହେବ। ଗଭୀରତମ ମହାସାଗର ଅପେକ୍ଷା ମଧ ଗଭୀର ହେବ। -ଶ୍ରୀଅରବିନ୍ଦ



# ଖୁସିର ସନ୍ଧାନେ

ବିଶ୍ୱ ଖୁସି (ହାପିନେସ୍) ରିପୋର୍ଟ ୨୦୨୨ ଏବେ ପ୍ରକାଶ ପାଇଛି। ଏଥିରେ ଫିନ୍‌ଲାଣ୍ଡ କ୍ରମାଗତ ୫ମ ଥର ସକାଶେ ତାଲିକାର ଶୀର୍ଷରେ ରହିଥିବା ବେଳେ ଆଫଗାନିସ୍ତାନ ସବା ତଳେ ରହିଛି। ଭାରତର ସ୍ଥାନ ୧୩୬ରେ ଅଛି। ସମୁଦାୟ ୧୪୬ ଦେଶ ଉପରେ କରାଯାଇଥିବା ସର୍ଭେରୁ ଏହା ଜଣାପଡ଼ିଛି। ଭାରତ ବିଶ୍ୱର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ବୋଲି କହୁଛି। ହେଲେ ଏହାର ନାଗରିକମାନେ ଖୁସି ଅନୁଭବ ନ କରିବା ସଂକ୍ରାନ୍ତ ରିପୋର୍ଟ ପ୍ରକାଶ ପାଇବା ଚିନ୍ତାର ବିଷୟ। ଉଲ୍ଲେଖଯୋଗ୍ୟ ଯେ ପଡ଼ୋଶୀ ରାଷ୍ଟ୍ର ଚାଇନା, ନେପାଳ, ବାଂଲାଦେଶ, ପାକିସ୍ତାନ ଓ ଶ୍ରୀଲଙ୍କାଠାରୁ ଖୁସି ତାଲିକାର ତଳେ ଆମ ଦେଶ ଅଛି। ସେହି ଦେଶଗୁଡ଼ିକ ଯଥାକ୍ରମେ ୭୨, ୮୫, ୯୪, ୧୨୧ ଏବଂ ୧୨୭ ସ୍ଥାନରେ ଅଛନ୍ତି।

ମଣିଷ ଖୁସିରେ ରହିଲେ ତାହା ଦ୍ୱାରା ଉନ୍ନତିମୂଳକ କାର୍ଯ୍ୟ ସମ୍ଭବପର ହୁଏ। ଅସନ୍ତୁଷ୍ଟ ମାନବ ସମ୍ବଳ କେବେହେଲେ କାରଖାନା, କାର୍ଯ୍ୟାଳୟ, ଚିକିତ୍ସାଳୟ, ବିଦ୍ୟାଳୟଠାରୁ ଆରମ୍ଭକରି ବାସଗୃହରେ ଦକ୍ଷତା ପ୍ରଦର୍ଶନ କରିପାରନ୍ତି ନାହିଁ। ସବୁ ଉନ୍ନତିମୂଳକ କାର୍ଯ୍ୟର ମୂଳରେ ରହିଛି ମାନବ ସମ୍ବଳର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ଜାତିସଂଘର ନିରନ୍ତର ବିକାଶ ସଲ୍ୟୁସନ୍ସ ନେଟ୍‌ୱର୍କ ଦ୍ୱାରା ୨୦୧୨ରେ ବିଶ୍ୱ ଖୁସି ରିପୋର୍ଟ ପ୍ରଥମେ ପ୍ରକାଶ ପାଇଥିଲା। ମାର୍ଚ୍ଚ ୨୦ରେ ଅନ୍ତର୍ଜାତୀୟ ଖୁସି ଦିବସ ପାଳନ ପୂର୍ବରୁ ପ୍ରକାଶିତ ରିପୋର୍ଟରେ ୧୪୬ ଦେଶର ଆନନ୍ଦାବସ୍ଥାକୁ ସ୍ଥାନିତ କରାଯାଇଛି। ଗୋଟିଏ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି), ଜୀବନ ଜିଇବାର କାଳ, ବ୍ୟକ୍ତିର ପସନ୍ଦ ଲାଗି ସ୍ୱାଧୀନତା ମିଳିବା ଆଦି ବିଷୟବସ୍ତୁକୁ ବିଚାରକୁ ନିଆଯାଇ ସର୍ଭେ ମାଧ୍ୟମରେ ମତ ସଂଗ୍ରହ କରାଯାଇଥାଏ। ଦେଶ ଉପରେ ଏହିସବୁ ପ୍ରମୁଖ ଉପାଦାନ ଏକ ସକାରାତ୍ମକ ପ୍ରଭାବ ପକାଉଥିବାରୁ ନାଗରିକମାନେ ଖୁସି ରହୁଛନ୍ତି। ଆଫଗାନିସ୍ତାନ ସବୁଠାରୁ ଦୁଃଖୀ ଦେଶ ହେବା ପଛରେ ଯେଉଁସବୁ କାରଣ ଦାୟୀ ତାହା ବିଶ୍ୱବାସୀ ଭଲ ଭାବେ ଅବଗତ ଅଛନ୍ତି। ଗତବର୍ଷ ଅଗଷ୍ଟ ୧୫ରେ ଆମେରିକା ଯେଉଁଭଳି ଭାବେ ନିଜର ସୈନ୍ୟ ସେଠାରୁ ପ୍ରତ୍ୟାହାର କରିନେଲା ଓ ତାଲିବାନ ସହଜରେ କ୍ଷମତା ଦଖଲ କରିନେଲେ, ତାହାର କୁପ୍ରଭାବ ବିଶେଷକରି ମହିଳା ଓ ପିଲାମାନଙ୍କ ଉପରେ ପଡ଼ିଛି। ଅନ୍ୟପକ୍ଷରେ ଫିନ୍‌ଲାଣ୍ଡ ସବୁଠାରୁ ଖୁସି ଦେଶ ରହିଆସିଛି। ସମଗ୍ର ୟୁରୋପର ୭୦ ପ୍ରତିଶତ ଜଙ୍ଗଲ ଏହି ଦେଶରେ ରହିଛି। ସରକାର ଓ ସମାଜ ନାଗରିକଙ୍କ ସାମାଜିକ ଦାୟିତ୍ୱକୁ ପୂରଣ କରିଥାଆନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଦିଆଯିବା ସହ ଦୁର୍ନୀତି ଓ ହିଂସା ନ ଥିବାରୁ ଲୋକେ ଆନନ୍ଦରେ ଜୀବନ ଅତିବାହିତ କରୁଛନ୍ତି। ଉତ୍ତର ୟୁରୋପ ଅର୍ଥାତ୍ ସ୍କାଣ୍ଡିନେଭିଆ ଦେଶ ଯଥା ଫିନ୍‌ଲାଣ୍ଡ, ସୁଇଡେନ୍ ଓ ଡେନ୍‌ମାର୍କରେ ‘ହାଇଗେ’ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହାଇଗେର ଅର୍ଥ ହେଉଛି ପ୍ରତ୍ୟେକ ମଣିଷ ଏକ ସମୃଦ୍ଧ ଓ ସନ୍ତୋଷଜନକ ବାତାବରଣରେ ବଞ୍ଚିବା। ସବୁ ସମୟରେ ଧନ ସମ୍ପତ୍ତି ଏବଂ ସ୍ୱାର୍ଥ ପଛରେ ଦୌଡ଼ୁଥିବା ମଣିଷ ସନ୍ତୋଷଲାଭ କରିପାରେ ନାହିଁ। ଆମେ ଅନେକ ସମୟରେ ଅଳସୁଆ ବ୍ୟକ୍ତିଙ୍କୁ ସମାଲୋଚନା କରିଥାଉ। କିନ୍ତୁ ଏହି ଆଧୁନିକ ହାଇଗେ ଦୃଷ୍ଟିରୁ ଦେଖିଲେ ମାନବ ଜାତିର ସର୍ବୋଚ୍ଚ ଲକ୍ଷ୍ୟ ସବୁବେଳେ ରହିଆସିଛି ଖୁସି ଓ ସନ୍ତୁଷ୍ଟିପ୍ରାପ୍ତି। ଯଦି କେହି ପଖାଳ ଖାଇ ସୁଖନିଦ୍ରା ନେଇପାରିଲେ, ତେବେ ସେହି ସୁଖଠାରୁ ଅନ୍ୟ କୌଣସି ବିଷୟ କେବେ ହେଲେ ବଡ଼ ହୋଇପାରିବ ନାହିଁ। ଅନ୍ୟପଟେ ଏହିଭଳି ପରିସ୍ଥିତିରେ ପହଞ୍ଚିବା ସକାଶେ ଏକ ସମାଜରେ ପ୍ରତ୍ୟେକ ନାଗରିକଙ୍କୁ ମୌଳିକ ଆବଶ୍ୟକତା ଯଥା ଖାଦ୍ୟ, ବସ୍ତ୍ର ଓ ବାସଗୃହ ଯୋଗାଇ ଦିଆଯିବା ଜରୁରୀ। ଏହି ଲକ୍ଷ୍ୟ ହାସଲ ହେବା ପରେ ଯେକୌଣସି ବ୍ୟକ୍ତି ଅଧିକ କାର୍ଯ୍ୟ କରି ମୋଟରଗାଡ଼ି, ଟେଲିଭିଜନ୍, ଏୟାରକଣ୍ଡିସ୍‌ନର ଇତ୍ୟାଦି ବସ୍ତୁବାଦୀ ସାମଗ୍ରୀ କିଣିବାକୁ ଚାହିଁଲେ ତାହା ଏକ ଅସରନ୍ତି ଦୌଡ଼।

> ଉତ୍ତର ୟୁରୋପ ଅର୍ଥାତ୍ ସ୍କାଣ୍ଡିନେଭିଆ ଦେଶ ଯଥା ଫିନ୍‌ଲାଣ୍ଡ, ସୁଇଡେନ୍ ଓ ଡେନ୍‌ମାର୍କରେ ‘ହାଇଗେ’ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହାଇଗେର ଅର୍ଥ ହେଉଛି ପ୍ରତ୍ୟେକ ମଣିଷ ଏକ ସମୃଦ୍ଧ ଓ ସନ୍ତୋଷଜନକ ବାତାବରଣରେ ବଞ୍ଚିବା।

ଏହି ପ୍ରଚ୍ଛଦପଟରେ ଭାରତକୁ ଦେଖିଲେ ପୃଥିବୀର ଦ୍ୱିତୀୟ ସର୍ବାଧିକ ଜନବହୁଳ ରାଷ୍ଟ୍ର ହୋଇଥିବାରୁ ଏହାର ବହୁବିଧ ସମସ୍ୟା ରହିଛି। ଏକ ବିକାଶଶୀଳ ରାଷ୍ଟ୍ର ବୋଲି ଜଗତରେ ପରିଚିତ ଥିଲେ ମଧ୍ୟ ଭାରତରେ ମୁଦ୍ରାସ୍ଫୀତି ବଢ଼ିଚାଲିବା, ଦାରିଦ୍ର୍ୟ ଓ ବେକାର ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ ସାମାଜିକ ବିଦ୍ୱେଷ ଦେଖାଦେଉଥିବାରୁ ନାଗରିକମାନେ ସର୍ବଦା ଭୟ, ଅସନ୍ତୋଷ ଓ ଚିନ୍ତା ଦେଇ ଗତି କରୁଛନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ସବୁ ବର୍ଗଙ୍କୁ ମିଳିପାରୁ ନ ଥିବାରୁ ସେହି ପରିବାର ଅଶାନ୍ତି ଅନୁଭବ କରୁଛନ୍ତି।

ଏବେ ଏଭଳି ଏକ ସ୍ଥିତି ସୃଷ୍ଟି କରିଦିଆଯାଇଛି, ଯେଉଁଥିରେ ଅନ୍ୟକୁ ଦୋଷ ଦେଇ ସମସ୍ତେ ନିଜ ଦାୟିତ୍ୱରୁ ଖସିଯିବାକୁ ଚେଷ୍ଟା କରୁଛନ୍ତି। ଏହାଫଳରେ କୌଣସି ପଟେ କେହି ଖୁସିଲାଭ କରିପାରୁ ନାହାନ୍ତି। ଦୋଷ ଲଦିବା ହୋଇଯାଇଛି ମୁଖ୍ୟ କାର୍ଯ୍ୟ। ସମୟ ଆସିଲାଣି ଯେତେବେଳେ କ୍ଷମତାସୀନ ବ୍ୟକ୍ତିମାନେ କେବଳ ରାସ୍ତାଘାଟ, କାରଖାନା କିମ୍ବା ବିଦ୍ୟୁତ୍ ସଂଯୋଗ ଭଳି ଭିତ୍ତିଭୂମି ସମ୍ପର୍କରେ ବୁଝିବା ପରିବର୍ତ୍ତେ ଲୋକଙ୍କୁ ପଚାରିବା ଦରକାର ସେମାନେ ଖୁସି ଅଛନ୍ତି ନା ନାହିଁ। ଏବଂ ସେହି ଲକ୍ଷ୍ୟରେ କାର୍ଯ୍ୟ ହେବା ଦରକାର।



ଡ. ସନ୍ତୋଷ କୁମାର ମହାପାତ୍ର

# ବିକାଶ ନୁହେଁ, ଉଗ୍ର ପ୍ରଚାର

ଆମ ରାଜ୍ୟରେ ପଞ୍ଚାୟତ ଓ ଜିଲା ପରିଷଦ ନିର୍ବାଚନ ଫଳାଫଳ ପ୍ରକାଶ ହେବା ପରେ ୫ ରାଜ୍ୟ ଯଥା ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ମଣିପୁର, ଗୋଆର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ଆମ ରାଜ୍ୟର ପଞ୍ଚାୟତ ଓ ଜିଲା ପରିଷଦ ନିର୍ବାଚନରେ ବିଜେଡି ବିପୁଳ ଏପରିକି ଆଶାଠାରୁ ଅଧିକ ମାତ୍ରାରେ ବିଜୟୀ ହୋଇଛି। ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଣିପୁର, ଗୋଆରେ ଭାଜପା ସଂଖ୍ୟାଗରିଷ୍ଠତା ପାଇଥିବାବେଳେ ପଞ୍ଜାବରେ ଆମ୍ ଆଦ୍‌ମି ପାର୍ଟି (ଆପ୍) ବିଜୟୀ ହୋଇଛି। ଆପ୍‌ର ବିଜୟ ନୂତନ ଆଶା ସଞ୍ଚାର କରିଛି। ବିନା ଅର୍ଥ ଓ ବାହୁବଳରେ ନିର୍ବାଚନ ଜିତିବାର ସମ୍ଭାବନା ରହିଛି ବୋଲି ମତ ପ୍ରକାଶ ପାଇଛି। କିନ୍ତୁ ଏହା ସର୍ବଦା, ସବୁ କ୍ଷେତ୍ରରେ ସମ୍ଭବ ନୁହେଁ। ସତ୍ୟ ହେଉଛି ଭୋଟରମାନଙ୍କୁ ବିଭିନ୍ନ ଦଳ ତରଫରୁ ନିଜ ଦଳୀୟ ପ୍ରାର୍ଥୀ ପାଇଁ ଭୋଟ ଦେବାକୁ ଅର୍ଥ ଦିଆଯାଉଛି। ଯାହାର ଯେତେ ଅଧିକ କଳାଟଙ୍କା ରହିଛି, ସେ ସେତେ ବ୍ୟୟ କରୁଛି। କିନ୍ତୁ କିଛି ଦଳର ବା ବ୍ୟକ୍ତିଙ୍କର ଅର୍ଥ ନ ଥିବାରୁ ସେମାନେ ବ୍ୟୟ କରିପାରୁନାହାନ୍ତି। ଏହି ପ୍ରକ୍ରିୟାରେ ବିରୋଧୀ ଦଳ ଦୁର୍ବଳ ହେଉଛି। ବିରୋଧୀଦଳ ଦୁର୍ବଳ ହେବାରୁ ଗଣତନ୍ତ୍ର ଦୁର୍ବଳ ହେଉଛି। ଗରିବ ଓ ଅବହେଳିତଙ୍କ ସ୍ୱର କ୍ଷୀଣ ହୋଇଯାଉଛି।

ଉତ୍ତରପ୍ରଦେଶରେ ଭାଜପାର ବିଜୟକୁ ରାଜ୍ୟ ସରକାରଙ୍କ ବିକାଶ ଓ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱର ପ୍ରତିଫଳନ ବୋଲି ପ୍ରଚାର କରାଯାଉଛି। କିନ୍ତୁ ପରିସଂଖ୍ୟାନ ଏହାର ବିପରୀତ କଥା କହୁଛି। ବିକାଶ ନୁହେଁ ଉଗ୍ର ପ୍ରଚାର ଯୋଗୁ ଭାଜପାର ବିଜୟ ହୋଇଛି। ଯଦି ବିଜୟ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ପ୍ରତି ଜନତାଙ୍କ ଆସ୍ଥାର ପ୍ରତିଫଳନ, ତେବେ ପଞ୍ଜାବରେ ଏହା କିପରି ମାତ୍ର ୨ଟି ସ୍ଥାନରେ ବିଜୟ ହୋଇଛି। ୨୦୧୭ରେ ଯୋଗୀ ଆଦିତ୍ୟନାଥ ମୁଖ୍ୟମନ୍ତ୍ରୀ ହେବା ପରଠାରୁ ଉତ୍ତରପ୍ରଦେଶର ଆର୍ଥିକ ଅଭିବୃଦ୍ଧି ହାର ହ୍ରାସ ପାଇଛି। ଅଖିଳେଶ ଯାଦବଙ୍କ ୫ବର୍ଷ କାର୍ଯ୍ୟକାଳ ମଧ୍ୟରେ ରାଜ୍ୟର ଅଭିବୃଦ୍ଧି ହାର ୬.୯ ପ୍ରତିଶତ ଥିଲା, କିନ୍ତୁ ଯୋଗୀଙ୍କ ସମୟରେ ୨୦୧୭-୨୦ ମଧ୍ୟରେ (ମହାମାରୀ ପୂର୍ବରୁ) ୪.୯ ପ୍ରତିଶତ ହୋଇଛି। ଯୋଗୀଙ୍କ ଅଧୀନରେ ମୁଣ୍ଡପିଛା ଆୟ ୩.୩ ପ୍ରତିଶତ ବୃଦ୍ଧି ପାଇଛି। ଅଖିଳେଶଙ୍କ କାର୍ଯ୍ୟକାଳ ମଧ୍ୟରେ ୫.୩ ପ୍ରତିଶତ ବୃଦ୍ଧି ପାଇଥିଲା। ରାଜ୍ୟ ଘରୋଇ ଉତ୍ପାଦ ଦୃଷ୍ଟିରୁ ଉତ୍ତରପ୍ରଦେଶ ୩୨ ସ୍ଥାନରେ ରହିଛି, ଅର୍ଥାତ୍ ୩୩ ପ୍ରମୁଖ ରାଜ୍ୟ ମଧ୍ୟରେ ସର୍ବାଧିକ ଦ୍ୱିତୀୟ ଖରାପ। ମାନୁଫାକ୍‌ଚରିଂ କ୍ଷେତ୍ରରେ ଅଭିବୃଦ୍ଧି ଅଖିଳେଶଙ୍କ ସମୟରେ ୧୪.୬ ପ୍ରତିଶତ ବୃଦ୍ଧି ପାଇଥିଲାବେଳେ, ଯୋଗୀଙ୍କ ସମୟରେ ବିଯୁକ୍ତାତ୍ମକ ୩.୩ ପ୍ରତିଶତ ହୋଇଛି।

ନଭେମ୍ବର ୨୦୨୧ରେ ବେଙ୍ଗାଲୁରୁର ଥିଙ୍କ୍ ଟ୍ୟାଙ୍କ୍ ‘ପବ୍ଲିକ୍ ଆଫେୟାର୍ସ ସେଣ୍ଟର’ ଦ୍ୱାରା ପ୍ରକାଶିତ ଜନସମ୍ପର୍କ ସୂଚକାଙ୍କ ଅନୁଯାୟୀ ବଡ଼ ରାଜ୍ୟ ମଧ୍ୟରେ ଶାସନ ଦୃଷ୍ଟିରୁ ଉତ୍ତରପ୍ରଦେଶ ସର୍ବନିମ୍ନରେ ସ୍ଥାନିତ ହୋଇଛି। ସେହିପରି, ୨୦୧୯-୨୦ ପାଇଁ ପ୍ରକାଶିତ ନୀତି ଆୟୋଗଙ୍କ ସ୍ୱାସ୍ଥ୍ୟ ସୂଚକାଙ୍କ ରିପୋର୍ଟ ଅନୁଯାୟୀ, ଉତ୍ତରପ୍ରଦେଶ ସବୁଠାରୁ ଖରାପ ପ୍ରଦର୍ଶନକାରୀ ରାଜ୍ୟ ଭାବରେ ସ୍ଥାନିତ ହୋଇଛି। ଇଣ୍ଡିଆ ଜଷ୍ଟିସ ରିପୋର୍ଟ (IJR) ୨୦୨୦ ଅନୁଯାୟୀ, ୨୪ଟି ବଡ଼, ମଧ୍ୟମ ଆକାରର ଏବଂ ଛୋଟ ରାଜ୍ୟ ମଧ୍ୟରେ ଉତ୍ତରପ୍ରଦେଶ ମେଘାଳୟ ପରେ ସର୍ବାଧିକ ଦ୍ୱିତୀୟ ଖରାପ ରାଜ୍ୟ। ୨୦୧୯ର ମାନବ ବିକାଶ ସୂଚକାଙ୍କ (HDI)ରେ ଉତ୍ତରପ୍ରଦେଶ, ବିହାର ପରେ ୩୫ଟି ରାଜ୍ୟ ମଧ୍ୟରେ ଦ୍ୱିତୀୟ ସର୍ବାଧିକ ଖରାପ ସ୍ଥାନରେ ରହିଛି। ଜାତୀୟ ନମୁନା ସର୍ବେକ୍ଷଣର ଘରୋଇ ସାମାଜିକ ବ୍ୟବହାର ୭୫ ତମ ସର୍ବେକ୍ଷଣ (ଜୁଲାଇ ୨୦୧୭ରୁ ଜୁନ୍ ୨୦୧୮ ପର୍ଯ୍ୟନ୍ତ) ଅନୁଯାୟୀ ଉତ୍ତରପ୍ରଦେଶ ୭୩ ପ୍ରତିଶତ ସାକ୍ଷରତା ହାର ସହିତ ୧୮ତମ ସ୍ଥାନରେ ରହିଛି। ଅର୍ଥାତ୍ ୧୭ଟି ରାଜ୍ୟ ତଳେ। ୨୦୨୧ ଜୁନ୍ ୩ରେ ପ୍ରକାଶିତ ନୀତି ଆୟୋଗର ନିରନ୍ତର ଲକ୍ଷ୍ୟ ସୂଚକାଙ୍କ ୨୦୨୦-୨୧ ଅନୁଯାୟୀ, ୨୮ ରାଜ୍ୟ ମଧ୍ୟରୁ ନିମ୍ନ ପାଞ୍ଚଟି ରାଜ୍ୟ ମଧ୍ୟରେ ବା ୨୫ ତମ ସ୍ଥାନରେ ଉତ୍ତରପ୍ରଦେଶ ରହିଛି। ଏହି ସୂଚକାଙ୍କ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସ୍ୱାସ୍ଥ୍ୟ, ଶିକ୍ଷା, ଲିଙ୍ଗ, ଆର୍ଥିକ ଅଭିବୃଦ୍ଧି, ଅନୁଷ୍ଠାନ, ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ଆଦି ବିଭିନ୍ନ ପାରାମିଟରରେ ଅଗ୍ରଗତିର ମୂଲ୍ୟାଙ୍କନ କରିଥାଏ। ଲୋକାଲ ସର୍କଲ ଏବଂ ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ଇଣ୍ଡିଆ ଦ୍ୱାରା ପରିଚାଳିତ ଇଣ୍ଡିଆ ଦୁର୍ନୀତି ସର୍ଭେ (୨୦୧୯) ଅନୁଯାୟୀ ଉତ୍ତରପ୍ରଦେଶ ତୃତୀୟ-ଦୁର୍ନୀତିଗ୍ରସ୍ତ ରାଜ୍ୟ ଭାବରେ ସ୍ଥାନ ପାଇଛି। ତେନ୍ଦୁଲକର କମିଟି ରିପୋର୍ଟକୁ ଭିତ୍ତିକରି ନୀତି ଆୟୋଗଙ୍କ ପ୍ରଥମ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ଅନୁଯାୟୀ ସର୍ବାଧିକ ଦାରିଦ୍ର୍ୟ ହାର (୩୭.୭୯ ପ୍ରତିଶତ) ଉତ୍ତରପ୍ରଦେଶରେ ରହିଛି। ଯୋଗୀଙ୍କ ସମୟରେ ବେକାରି ବୃଦ୍ଧି ପାଇଛି। ପୁନଶ୍ଚ ଉତ୍ତରପ୍ରଦେଶରେ ଭାଜପା ୨୦୦ ଭୋଟ ବ୍ୟବଧାନରେ ୭ଟି ସିଟ୍, ୫୦୦ ଭୋଟ ବ୍ୟବଧାନରେ ୨୩ଟି ସିଟ୍, ୧୦୦୦ ଭୋଟ ବ୍ୟବଧାନରେ ୪୯ଟି ସିଟ୍, ୨୦୦୦ ଭୋଟ ବ୍ୟବଧାନରେ ୮୬ଟି ସିଟ୍ ଜିତିଛି ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ବାସ୍ତବରେ ଭାଜପାର ବିଜୟ ହୋଇନି ବରଂ କଂଗ୍ରେସ ଦୁର୍ବଳ ଓ ହିତାଧିକାରୀ ସୁବିଧା ପାଇବାରୁ ବଞ୍ଚିତ ହେବାରୁ ଭାଜପା ତାହାର ଫାଇଦା ନେଉଛି। କଂଗ୍ରେସ ଦୁର୍ବଳ ହେବାର ଏକ କାରଣ ହେଲା ରାହୁଲ ଗାନ୍ଧୀଙ୍କ ନେତୃତ୍ୱ ଉପରେ ଲୋକଙ୍କ ଆସ୍ଥା ନାହିଁ। ସବୁଠାରୁ ବଡ଼ କାରଣ ହେଲା ଗଣମାଧ୍ୟମର ନକାରାତ୍ମକ କାର୍ଯ୍ୟ। ସେମାନେ କ୍ଷମତାରେ ଥିବା ଭାଜପାକୁ ଟାର୍ଗେଟ୍ ନ କରି କଂଗ୍ରେସକୁ ଟାର୍ଗେଟ୍ କଲେ। ପୁନଶ୍ଚ ମହାମାରୀ ସମୟରେ ଯେତେବେଳେ ଲକ୍ଷ ଲକ୍ଷ ଲୋକ ଜୀବନ ଓ କୋଟି କୋଟି ଲୋକ ଜୀବିକା ହରାଇଛନ୍ତି, ୪.୬ କୋଟି ଚରମ ଦାରିଦ୍ର୍ୟକୁ ଠେଲି ହୋଇଯାଇଛନ୍ତି, ୮୪ ପ୍ରତିଶତ ପରିବାରଙ୍କ ଆୟ ହ୍ରାସ ପାଇଛି, ସେତେବେଳେ ପ୍ରଧାନମନ୍ତ୍ରୀ ଉଗ୍ର ପ୍ରଚାରରେ ବ୍ୟସ୍ତ ରହିଲେ। ନେହେରୁ, ଇନ୍ଦିରା ଗାନ୍ଧୀଙ୍କ ପରି ନେତାଙ୍କ ଚରିତ୍ର ସଂହାର କରାଗଲା ଏବଂ ଲୋକଙ୍କ ହିତ ପାଇଁ ସରକାରଙ୍କ ତ୍ରୁଟି ଦେଖାଉଥିବା ସମାଲୋଚକଙ୍କ ବିରୋଧରେ ନିନ୍ଦା, ଘୃଣା ସୃଷ୍ଟି କରାଗଲା। ବେକାରି, କ୍ଷୁଧା, ଦାରିଦ୍ର୍ୟ, ବୈଷମ୍ୟ, ଦୁର୍ନୀତି ହ୍ରାସ ଆଦି ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ପ୍ରସଙ୍ଗକୁ ଗୁରୁତ୍ୱ ନ ଦେଇ ଉଗ୍ର ଜାତୀୟତାବାଦ, ମୂର୍ତ୍ତି ରାଜନୀତି, ହିନ୍ଦୁଙ୍କ ଧାର୍ମିକ ଦୁର୍ବଳତାକୁ ପାଥେୟ କରି ଭାଜପା ତରଫରୁ ନିର୍ବାଚନ ପ୍ରଚାର କରାଗଲା।

ପ୍ରଶ୍ନ ହେଉଛି ଏହି ନିର୍ବାଚନ ପ୍ରକ୍ରିୟାରେ ଆମ ଗଣତନ୍ତ୍ର ଶକ୍ତିଶାଳୀ ହେଉଛି ନା ଦୁର୍ବଳ ହେଉଛି? ନିର୍ବାଚନ ପ୍ରକ୍ରିୟାରେ ସାମାଜିକ ସ୍ଥିତିରେ ଉନ୍ନତି ଆସୁଛି ନା ଅବନତି ଆସୁଛି? ଆମ ରାଜ୍ୟ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀମାନେ ବିପୁଳ ଟଙ୍କା ଖର୍ଚ୍ଚ କରିଛନ୍ତି। ଏଠାରେ ପ୍ରଶ୍ନ ଉଠେ ଜଣେ କାହିଁକି ଏତେ ଟଙ୍କା କ’ଣ ପାଇଁ ଖର୍ଚ୍ଚ କରୁଛି? ଯଦି ନିର୍ବାଚିତ ହେଲା ପରେ ତା’ଠାରୁ ଅଧିକ ଟଙ୍କା ନିଜ ପକେଟ୍‌କୁ ନ ଆଣିବ ତେବେ ଏତେ କାହିଁକି ଖର୍ଚ୍ଚ କରିବ? ଏହାର ଅର୍ଥ ପ୍ରତ୍ୟକ୍ଷ ରାଜନୀତିକୁ ଦେଶସେବା ଭାବେ ଗ୍ରହଣ ନ କରି ଏହାକୁ ଏକ ନିବେଶ ଭାବେ ଭାବୁଛନ୍ତି। ଯଦି ଏହା ମୂଳ ଉଦ୍ଦେଶ୍ୟ ହୁଏ, ତେବେ ଲୋକଙ୍କ ବିକାଶ ଓ ପଞ୍ଚାୟତର ଉନ୍ନତି ପାଇଁ ଧାର୍ଯ୍ୟ ବ୍ୟୟବରାଦର କେତେ ପ୍ରତିଶତ ଖର୍ଚ୍ଚ ହେବ? ତାହା ନିହାତି ବିଚାର୍ଯ୍ୟ।

ମୋ:୯୪୩୭୨୦୮୭୬୨
E-mail: skmohapatra67@gmail.com



ଡ.ମୌସୁମୀ ପରିଡ଼ା

# ଅଳ୍ପକେ ସଫଳତା-ରୁଗ୍‌ଣ ମାନସିକତା

ବିଭିନ୍ନ ଗପ ମାଧ୍ୟମରେ ଜୀବନଧାରଣକୁ ସରଳ ଓ ମାର୍ଜିତ କରିବାର ପ୍ରୟାସ କରାଯାଇଛି। ସେ ଈଶପ୍‌ଙ୍କ ଗପ ହେଉ ବା ପଞ୍ଚତନ୍ତ୍ର, ଜହ୍ନମାମୁ ଗପ ହେଉ ବା ଆଇ ମାଆ କାହାଣୀ... ଏ ସବୁରେ ଜୀବନକୁ ବଞ୍ଚିବାର କଳାକାରୀ! ଈଶପ୍‌ଙ୍କ ଠେକୁଆ-କଇଁଛ ଗପ ଆମ ସମସ୍ତଙ୍କୁ ପ୍ରାୟ ଜଣା। କଇଁଛର ସ୍ଥିର ଅବିଚଳିତ ଓ ଅଟଳ ଲକ୍ଷ୍ୟ ହିଁ ତାକୁ ବିଜୟୀ କଲା। ଠେକୁଆର ସାମର୍ଥ୍ୟ ଥିଲେ ମଧ୍ୟ ପ୍ରତିଯୋଗୀକୁ ଖାତିର ନ କରି ନିଜ ଶକ୍ତିକୁ ଅତିରଞ୍ଜିତ ଭାବି ଅହମିକାର ଶିକାର ହେବା ଯୋଗୁ ପରାଜୟ ଭୋଗିଲା। ଆମ ପୁରାଣଶାସ୍ତ୍ରକୁ ଗଲେ ଯେତେବେଳେ କାର୍ତ୍ତିକେୟ ଓ ଗଣେଶଙ୍କ ଭିତରେ ଶ୍ରେଷ୍ଠତାକୁ ନେଇ ପ୍ରଶ୍ନ ଉଠିଲା, ପିତା ମହାଦେବ ମଧ୍ୟ ଦୁଇ ପୁଅଙ୍କ ମଧ୍ୟରେ ପ୍ରତିଯୋଗିତା କରାଇଲେ- କିଏ ଖୁବ୍ ଶୀଘ୍ର ବିଶ୍ୱକୁ ପ୍ରଦକ୍ଷିଣ କରି ଫେରିଆସିପାରିବ? କାର୍ତ୍ତିକ ମୟୂର ନେଇ ଉଡ଼ିଗଲେ ବିଶ୍ୱ ଭ୍ରମଣ ଉଦ୍ଦେଶ୍ୟରେ। ହେଲେ ଗଣେଶ ନିଜ ବୁଦ୍ଧିମତ୍ତାର ପରିଚୟ ଦେଇ ପିତାମାତାଙ୍କ ଚାରିପଟେ ବୁଲିଆସି ପ୍ରମାଣ କରିଦେଲେ ଯେ ପିତାମାତା ହିଁ ସାରା ବିଶ୍ୱ।

ଦୁଇ ପ୍ରକାରର ପ୍ରତିଯୋଗିତା ଦୁଇଟି ଭିନ୍ନ କଥା କହେ। ଗୋଟେ ଅହଙ୍କାରର, ଅନ୍ୟଟି ବୁଦ୍ଧିମତ୍ତାର। ଆଜିକାଲି ସବୁଠାରେ ଏଭଳି ଅନେକ ପ୍ରତିଦ୍ୱନ୍ଦ୍ୱିତା। ଅଜାଣତେ ସମସ୍ତେ ସେ ଦୌଡ଼ରେ ସାମିଲ ହେବାକୁ ବାଧ୍ୟ। ପାଠ, ଚାକିରି, ରୋଜଗାର, ପ୍ରମୋଶନ୍, ଜମାପୁଞ୍ଜି, ଜୀବନଶୈଳୀଠାରୁ ଆରମ୍ଭ କରି ଦୋକାନ ବଜାର, ବ୍ୟାଙ୍କ୍, ପୋଷ୍ଟ ଅଫିସ୍‌ରେ ଲମ୍ବିଥିବା ଧାଡ଼ିଗୁଡ଼ିକରେ ବି ପ୍ରତିଦ୍ୱନ୍ଦ୍ୱିତା। ବି.ପି.ଏଲ୍. ଚାଉଳ ବା ଭତ୍ତା ନେବା ପାଇଁ ଲୋକମାନଙ୍କ ଭିତରେ ପ୍ରତିଯୋଗିତା। ବସ୍‌ରେ ସିଟ୍ ଖଣ୍ଡେ ପାଇବାଠାରୁ ପ୍ରମୋଶନ୍ ପାଇବା ପର୍ଯ୍ୟନ୍ତ ସବୁ ଜାଗାରେ ପ୍ରତିଦ୍ୱନ୍ଦ୍ୱିତା। ଦେଶ କିମ୍ବା ଅଞ୍ଚଳ ମଧ୍ୟରେ ପ୍ରତିଯୋଗିତା। ତୃଣମୂଳ ସ୍ତରରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା। ପରିବାରରେ ବି ସମ୍ପତ୍ତି ଭାଗବଣ୍ଟା ଓ ମା’ବାପାଙ୍କ ସ୍ନେହଶ୍ରଦ୍ଧାକୁ ନେଇ ଭାଇ ଭାଇ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା। ସଫଳ ହେବାକୁ ନାନା ପ୍ରକାରର ଅଭିସନ୍ଧି, ଷଡ଼ଯନ୍ତ୍ର! କାହାକୁ ରାସ୍ତାରୁ ହଟେଇବାକୁ କିମ୍ବା ସଫଳତା ପାଇଁ ଅଳ୍ପ ବାଟ ବା ଶର୍ଟକଟ୍ ରାସ୍ତା ଆପଣେଇ ଜିତିବାର ଲାଳସା ସବୁରି ମନରେ। ଆମ ଜୀବନଶୈଳୀ ‘ଶର୍ଟକଟ୍-ଆଧାରିତ’ ହୋଇଯାଉଛି। ଶର୍ଟକଟ୍ ମାୟାରେ ମଣିଷ ଅନୈତିକ ଉପାୟ ଅବଲମ୍ବନ କରେ। ଅପର୍ଯ୍ୟାପ୍ତ ଭୁଲ୍ କରେ, ଅସଂଖ୍ୟ ମିଛ କହେ, ପଥ ଭୁଲେ, ଅହଙ୍କାରପ୍ରବଣ ହୁଏ।

ମନସ୍ତତ୍ତ୍ୱ ଅନୁସାରେ ମଣିଷ ମୋହାସକ୍ତ ହୋଇ ବଞ୍ଚିବାକୁ ସୁଖ ପାଏ। ସେ ଆସକ୍ତି ପାର୍ଥିବ ଅପାର୍ଥିବ, ଶାରୀରିକ ମାନସିକ, ଆକାର ନିରାକାର ଯାହାଙ୍କ ସହିତ ବି ହେଉ। କିନ୍ତୁ ଅତ୍ୟଧିକ ଆସକ୍ତି ମନକୁ ବିଚଳିତ ଓ ହୃଦୟକୁ ଆନ୍ଦୋଳିତ କରୁଥାଏ। ଜୀବନକୁ ଏଭଳି ଭାବରେ ନିୟନ୍ତ୍ରଣ କରେ, ଲାଗେ ନିଜ ମନ ବି ନିଜ ଆୟତ୍ତରେ ନାହିଁ। ମଣିଷ ସ୍ୱପ୍ନ ଦେଖେ, ତାକୁ ସାକାର କରିବାକୁ ବୁଦ୍ଧି ଖେଳାଏ। ବିଭିନ୍ନ ସନ୍ଧି କରି ଅଳ୍ପ ବାଟ ଖୋଜେ ସଫଳତା ପାଇଁ। ସମୟ ବା ଅର୍ଥ ବଞ୍ଚେଇବା ପାଇଁ ବା ପ୍ରତିଷ୍ଠା ହାସଲ କରିବାକୁ ସମସ୍ତେ ଏବେ ‘ଶର୍ଟକଟ୍’ ମାୟାରେ।

ଏସବୁ ଭିତରେ ଜୀବନ ବି କେତେବେଳେ ଶର୍ଟକଟ୍ ହୋଇଯାଏ ସେଥିପ୍ରତି ନଜର ନଥାଏ! ଶୀଘ୍ରତାରେ ଧୈର୍ଯ୍ୟହରା ହୋଇ ବହୁତ କିଛି ଅଣଦେଖା ଓ ଉପେକ୍ଷିତ ରହିଯାଏ। ଅସରନ୍ତି ଲକ୍ଷ୍ୟ ସମସ୍ତଙ୍କର। ଗୋଟେ ଲକ୍ଷ୍ୟ ହାସଲ କଲା ପରେ ଆଉ ଏକ ନୂଆ ଲକ୍ଷ୍ୟ ମିଳିଯାଏ ଅଜାଣତେ। କିନ୍ତୁ ପର୍ବତ ଆରୋହୀ ଜାଣେ ଶିଖରକୁ ଯିବା ପାଇଁ ସେ ଧାଇଁପାରିବନି କିମ୍ବା ହେଲିକପ୍ଟର ବ୍ୟବହାର କରିବନି, ଗୋଟେ ଗୋଟେ ପାଦ ପକେଇ ଉପରକୁ ଉଠିବ। ଦୌଡ଼ାଳିଟିଏ ନିଜ ଟ୍ରାକ୍ ଭିତରେ ଥାଇ ଧାଇଁବ, ଶର୍ଟକଟ୍ ରାସ୍ତା ପାଇଁ ଅନ୍ୟ ଟ୍ରାକ୍‌ରେ ଧାଇଁଲେ ସେ ଅଯୋଗ୍ୟ ଘୋଷିତ ହେବ। ତେଣୁ ସବୁ କିଛି ମର୍ଯ୍ୟାଦାସମ୍ପନ୍ନ ହେବା ଉଚିତ। ପ୍ରକୃତ ସତ୍ୟ ନିଜ ମନ ହିଁ ଜାଣିପାରେ! ସଫଳତା ପାଇଁ ଅନେକ ସନ୍ଧି, ଅଭିସନ୍ଧି, ତ୍ୟାଗ, ଭୋଗ; ତେବେ ବି ଅସନ୍ତୁଷ୍ଟ ମନ। ସେଥିପାଇଁ ଆଜୀବନ ଘୋଡ଼ାଦୌଡ଼, ଅସଂଖ୍ୟ ସ୍ୱପ୍ନ ପୁଣି ଅସରନ୍ତି ଜଞ୍ଜାଳ। ମଣିଷ ଗୋଟେ ପରେ ଗୋଟେ ଟ୍ରାକ୍‌ରେ ଧାଉଁଛି ଜିତିବା ନିଶାରେ। ଯାହାପାଇଁ ଯେକୌଣସି ଷଡ଼ଯନ୍ତ୍ର ରଚିବାକୁ ପ୍ରସ୍ତୁତ। ଏ ଗୋଟେ ପ୍ରକାରର ଶୋଷ, ଯାହା ପାଣିଦ୍ୱାରା ମେଣ୍ଟେନି ଓଲଟା ବେଳକୁବେଳ ବୃଦ୍ଧି ହେଉଥାଏ। ଯନ୍ତ୍ର ଆମକୁ ଶର୍ଟକଟ୍ ହେବା ଶିଖେଇଛି। ପୂର୍ବ ପରି କାମ ଆଉ କଷ୍ଟକର ହୋଇ ରହିନାହିଁ।

ଯନ୍ତ୍ର ଆମ ଜୀବନର ଅବିଚ୍ଛେଦ୍ୟ ଅଂଶ ପାଲଟିଗଲାଣି। ମୋବାଇଲ୍ ପରି ଏକ ଛୋଟିଆ ଯନ୍ତ୍ର ବିନା ଆମେ ଗୋଟେ ପାଦ ବି ଆଗକୁ ଯାଇପାରୁନାହେଁ। କୌଣସି ଆତ୍ମୀୟସ୍ୱଜନଠାରୁ ଅଧିକ ଜରୁରୀ ହୋଇପଡ଼ିଛି ମୋବାଇଲ୍। ସୋସିଆଲ୍ ମିଡିଆର ଶର୍ଟକଟ୍ ଉପାୟରେ ବିଜ୍ଞାପିତ ହୋଇ ସଫଳତାର ପାହାଚ ଚଢ଼ିବା ଆଜିକାଲି ବେଶ୍ ସହଜ। କିନ୍ତୁ ସେ ଶ୍ରଦ୍ଧାରେ ସଚ୍ଚୋଟତା, ସତ୍ୟତା କେତେ ଭାବିବାର କଥା। ଇତିହାସ ସାକ୍ଷୀ ଦେଣନେଣ ସମ୍ପର୍କରେ ଆତ୍ମୀୟତା କେବେ ଚିରସ୍ଥାୟୀ ନୁହେଁ। ମୋବାଇଲ୍ ମାୟାରେ ଆତ୍ମୀୟର ମୃତ୍ୟୁ ଲୋକମାନଙ୍କୁ ସେତିକି ପ୍ରଭାବିତ କରିପାରୁନାହିଁ। ଏହି ଯନ୍ତ୍ରଟି ଲୋକମାନଙ୍କୁ ବୈରାଗ୍ୟ ଶିଖାଇଦେଇଛି ଯେପରି! ସ୍ଥଳବିଶେଷରେ ମାଆର ଆତ୍ମୀୟତା, ସ୍ତ୍ରୀର ସଚ୍ଚୋଟତା, ପିଲା ଓ ବନ୍ଧୁବାନ୍ଧବମାନଙ୍କ ମୋହଠାରୁ ଫେସ୍‌ବୁକ୍‌ର ଫେକ୍ ଲାଇକ୍, କମେଣ୍ଟ୍ସ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି! ପୁଅଟିଏ ମାଆ ଶବ ସହିତ ଫଟୋ ଉଠେଇ ସୋସିଆଲ୍ ମିଡିଆରେ ପୋଷ୍ଟ କରୁଛି ତ ଆଉ କେହି ଜୁଇ ନିଆଁ ସହ ଫଟୋ ପୋଷ୍ଟ କରି ଲାଇକ୍ସ, କମେଣ୍ଟ୍ସର ଆଶ୍ୱାସନାରେ ସନ୍ତୁଷ୍ଟ ହେଉଛି।

ଏ ଯୁଗ ବ୍ୟାପ୍ତିର ବା ବିସ୍ମୃତିର ଯୁଗ। ଯନ୍ତ୍ର ଦ୍ୱାରା ଲୋକେ ଦେଶ ବିଦେଶର କଥା ପ୍ରାଞ୍ଜଳ ଭାବେ କହି ନିଜ ବିଚାର ବ୍ୟକ୍ତ କରିପାରିବେ, କିନ୍ତୁ ତିନିଟା ଘର ଛାଡ଼ି ରହୁଥିବା ଲୋକଟିର ଦୁଃଖ ଜାଣିନଥିବେ। ନିଜ ଜଞ୍ଜାଳ ଜାଲରେ ଅନ୍ୟମାନେ ସ୍ମୃତି ପରିସରଠାରୁ ଦୂରେଇ ଯାଉଛନ୍ତି। କାରଣ ଶର୍ଟକଟ୍ ଜୀବନଶୈଳୀ ଆମକୁ କେବଳ ସ୍ୱାର୍ଥସର୍ବସ୍ୱ ଓ ଅର୍ଥସର୍ବସ୍ୱ କରିଦେଇଛି। ସବୁ କାମ ଶୀଘ୍ରାତିଶୀଘ୍ର ସାରିବା, ଶୀଘ୍ର ଅଫିସ୍‌ରେ ପହଞ୍ଚି ଘରକୁ ଫେରିବା ଭିତରେ ଜୀବନ ବି ଶର୍ଟକଟ୍ ହୋଇଯାଉଛି। ଫଳରେ ରାସ୍ତାରେ ଦୁର୍ଘଟଣା! ମନରେ ବି ଦୁର୍ଘଟଣା! ପରିଣାମ ସ୍ୱରୂପ ବ୍ରେନ୍ ଷ୍ଟ୍ରୋକ୍, ହାର୍ଟ ଷ୍ଟ୍ରୋକ୍, ମୁହୂର୍ତ୍ତକ ଭିତରେ ଜୀବନ ଶେଷ! ଆମ୍ବୁଲାନ୍ସ ସେତେବେଳେ ଯେତେ ଶୀଘ୍ର ଶର୍ଟକଟ୍ ରାସ୍ତାରେ ନେଲେ ବି ଜୀବନ ଓ ମୃତ୍ୟୁ କୋଉ କାହା କଥା ମାନେ! କାରଣ ଅନ୍ୟକଥାକୁ ଶୁଣିବାର ସମୟ ଓ ଧୈର୍ଯ୍ୟ ବହୁତ ଲୋକଙ୍କର ନାହିଁ। ତା’ ମାନେ ନୁହେଁ ଯେ କହିବା ଛାଡ଼ିଦେବା।

ଶର୍ଟକଟ୍ ମାର୍ଗଟି କୋଉ ମୁହୂର୍ତ୍ତରେ ପ୍ରାଣ ନେଇପାରେ। କିନ୍ତୁ କଷ୍ଟରେ ମିଳୁଥିବା ଜିନିଷ ଆଜୀବନ ମନକୁ ଆଚ୍ଛନ୍ନ କରି ରଖେ, ସେ ସିଦ୍ଧି ହିଁ ପ୍ରକୃତ ସିଦ୍ଧି। ଗଛରେ ଫଳ ପ୍ରାକୃତିକ ଉପାୟରେ ପାଚିଲେ ଯେତିକି ସ୍ୱାଦିଷ୍ଟ ଲାଗେ, ତାକୁ କାର୍‌ବାଇଡ୍ ଦ୍ୱାରା ପଚାଇଲେ ସେତିକି ସ୍ୱାଦୁକର ହୁଏନାହିଁ। ଓଲଟା ରାସାୟନିକ ପଦାର୍ଥ ଦ୍ୱାରା ପରୋକ୍ଷରେ ବିଷ ଖାଇବାକୁ ପଡ଼େ। ତେଣୁ ଶର୍ଟକଟ୍‌ର ମାୟା ଆମ ଜୀବନକୁ ବିପନ୍ନ ନ କରୁ। ସବୁ କିଛି ଶର୍ଟକଟ୍‌ରେ ମିଳିଗଲେ ଅନୁଭବ, ତୃପ୍ତି, ସଫଳତା, ସମ୍ପର୍କମାନଙ୍କ ଆୟୁଷ ଶର୍ଟକଟ୍ ହେଇଯିବନି ତ? ତା’ ସହିତ ପରମାୟୁ...? ଏସବୁ ପ୍ରଶ୍ନର ଉତ୍ତର ଆମ ପାଖରେ ରହିଛି।

ମୋ: ୯୪୩୭୩୧୭୦୨୬

## ଏଇ ଭାରତରେ

ମିଳିତ ଉଦ୍ୟମରେ ପଞ୍ଜାବର ୨୫ ଜଣ ଯୁବକ ୨୦ଟି ମିନିଫରେଷ୍ଟ ବା କ୍ଷୁଦ୍ର ଜଙ୍ଗଲ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ପଟିଆଲା ଜିଲାର ଘାଗା ଗାଁର ଏହି ଯୁବକମାନେ ୨୦୧୭ରେ ବୃକ୍ଷରୋପଣ ଅଭିଯାନ ଆରମ୍ଭ କରିଥିଲେ। ସେମାନେ ନିଜ ଭିତରେ ଟଙ୍କା ଆଦାୟ କରି ୨୫ଟି ଚାରା କିଣି ପ୍ରଥମେ ପଡ଼ିଆ ଚାରିପାଖରେ ଲଗାଇବା ପରେ ଆଗକୁ ବଢ଼ିଥିଲେ। ଯୁବକମାନେ ବୃକ୍ଷରୋପଣ ଅଭିଯାନର ନାମ ରଖିଛନ୍ତି ‘ଗ୍ରୀନ୍ ଘାଗା’। ଏହାର ନେତୃତ୍ୱ ନେଉଛନ୍ତି ଗୋଲ୍ଡି ସିଂ। ସେ କମ୍ପ୍ୟୁଟର ଆପ୍ଲିକେଶନରେ ଡିଗ୍ରୀ ହାସଲ କରିଛନ୍ତି। ଗୋଲ୍ଡି ଓ ତାଙ୍କ ଟିମ୍‌ର ଉତ୍ସାହକୁ ଲକ୍ଷ୍ୟ କରି ଏବେ ଏହି ଅଭିଯାନରେ ବିଭିନ୍ନ ଗାଁରୁ ୨୦୦ ସ୍ୱେଚ୍ଛାସେବୀ ଯୋଗ ଦେଇସାରିଲେଣି। ‘ଗ୍ରୀନ୍ ଘାଗା’ର କାର୍ଯ୍ୟକଳାପ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ହ୍ୱାଟ୍ସଆପ ଓ ଫେସ୍‌ବୁକ୍ ଗ୍ରୁପ୍ ଖୋଲାଯାଇଛି। ଏବେ ଏହି ଯୁବକମାନେ ୨୫ଟି ଗାଁରେ ୨୦ଟି ମିନିଫରେଷ୍ଟ ସହ ୧୦ଟି ପାର୍କ କରିସାରିଲେଣି। ମୋଟ୍‌ରେ ଏହି ଅଭିଯାନରେ ସେମାନେ ୭,୦୦୦ ଗଛ ଲଗାଇଛନ୍ତି। ଯୁବକମାନଙ୍କ ଇଚ୍ଛାଶକ୍ତିକୁ ଲକ୍ଷ୍ୟକରି ପ୍ଲାଣ୍ଟ ଫର ପଞ୍ଜାବ ଆଣ୍ଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ଫାଉଣ୍ଡେସନ ସହାୟତାର ହାତ ବଢ଼ାଇଛି। ଏହି ସଂସ୍ଥା ‘ଗ୍ରୀନ୍ ଘାଗା’କୁ ଗଛ ଓ ପାଣି ଦେବା ଲାଗି ଟ୍ୟାଙ୍କର ଯୋଗାଇ ଦେଇଛି। ସେମାନେ ପ୍ରତି ଗାଁରେ ଗଛର ଯତ୍ନ ନେବା ଓ ଏହି ଅଭିଯାନକୁ ବ୍ୟାପକ କରିବା ପାଇଁ ଏକ ଗ୍ରୁପ ଗଠନ କରୁଛନ୍ତି। ଗ୍ରୁପ୍‌ର ସଦସ୍ୟମାନେ ସ୍ଥାନୀୟ ଜଙ୍ଗଲର ଦାୟିତ୍ୱ ନେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ମାର୍ଚ୍ଚ ୧୯୯୭

- ବୁରୁଣ୍ଡିର ଉତ୍ତରପଶ୍ଚିମସ୍ଥ ସିବିତୋକ ପ୍ରଦେଶର ତିନୋଟି ଶିବିର ଉପରେ ହୁଟୁ ଉଗ୍ରପନ୍ଥୀଙ୍କ ଆକ୍ରମଣରେ ୧୩୫ ନିହତ।
- ଉତ୍ତର-ପଶ୍ଚିମ ପାକିସ୍ତାନର ପେଶୱାର ଅଞ୍ଚଳରେ ଭୂମିକମ୍ପ ଘଟି ୧୫ ଜଣଙ୍କ ମୃତ୍ୟୁ।
- ବିଶିଷ୍ଟ ଚିତ୍ର ନିର୍ମାତା, ଚିତ୍ରକର ଏବଂ ସାହିତ୍ୟିକ ପୂର୍ଣ୍ଣେନ୍ଦୁ ପତ୍ରୀଙ୍କ ୬୬ ବର୍ଷ ବୟସରେ ପରଲୋକ।

## su|do|ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | 4 | | | 1 | 8 | | 6 | |
| 1 | | | | | 9 | | | 2 |
| | | 6 | | 3 | | | 4 | |
| | | | | | | 6 | | 7 |
| | 8 | | | 9 | 2 | | | |
| | | | 5 | 4 | | | | |
| | | | | | | | 7 | 8 |
| | | | | | | 9 | | |
| | 2 | | | | | 1 | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 5 | 6 | 7 | 8 | 3 | 4 | 1 |
| 7 | 4 | 8 | 1 | 3 | 9 | 5 | 2 | 6 |
| 1 | 6 | 3 | 2 | 4 | 5 | 7 | 9 | 8 |
| 6 | 3 | 2 | 7 | 9 | 1 | 4 | 8 | 5 |
| 4 | 9 | 1 | 5 | 8 | 2 | 6 | 3 | 7 |
| 5 | 8 | 7 | 4 | 6 | 3 | 2 | 1 | 9 |
| 8 | 5 | 6 | 3 | 1 | 4 | 9 | 7 | 2 |
| 3 | 7 | 9 | 8 | 2 | 6 | 1 | 5 | 4 |
| 2 | 1 | 4 | 9 | 5 | 7 | 8 | 6 | 3 |

ଗତ ସଂସ୍କରଣର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଅକାଳ ହାତୀମୃତ୍ୟୁ ପ୍ରତି ସରକାରୀ ସଚେତନତା ଜରୁରୀ

ମହାଶୟ,

ଆମ ବନସ୍ତ ରାଜା ଭାବେ ପରିଚିତ ହାତୀବଂଶ ଏବେ ଘୋର ବିପଦରେ। ପ୍ରକାରାନ୍ତରେ ହାତୀବଂଶ କାଳକ୍ରମେ ଲୋପ ପାଇ ଆସୁଛି। କିନ୍ତୁ ଏଥିପ୍ରତି ବନ ବିଭାଗର ନିଘା ନାହିଁ କହିଲେ ଚଳେ। ନିକଟରେ କିଛିଦିନ ତଳେ କଳାହାଣ୍ଡି ଜିଲା ଜାମପଡ଼ା ଅଞ୍ଚଳରେ ବିଦ୍ୟୁତ୍ ଆଘାତରେ ମାଈହାତୀଟିଏ ମୃତ୍ୟୁବରଣ କରିବା ପରେ ଏକ ଦନ୍ତାହାତୀର ମୃତଦେହ ସେହି ରେଞ୍ଜର ବାଣପୁର-ଜାମପଦର ରାସ୍ତାର ଅନତି ଦୂରରେ ହୋଇଥିଲା। ଦୁଇ ଦୁଇଟି ହାତୀଙ୍କର ମୃତ୍ୟୁର କାରଣ ବିଦ୍ୟୁତ୍ ତାର ସଂସ୍ପର୍ଶରେ ହୋଇଛି। ପୂର୍ବରୁ ମଧ୍ୟ ବହୁବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଅନେକ ହାତୀ ମୃତ୍ୟୁବରଣ କରିଥିବାର ନଜିର ରହିଛି। ସରକାର ଏହାର ପ୍ରତିକାର ନିମନ୍ତେ ସମସ୍ତ ଜଙ୍ଗଲ ମଧ୍ୟଦେଇ ଟଣାଯାଇଥିବା ହେଭି ଇଲେକ୍ଟ୍ରି ତାରଗୁଡ଼ିକୁ ହାତୀ ଉଚ୍ଚତାଠାରୁ ଅଧିକ ଉଚ୍ଚତାକୁ ଟାଣି ସଂଯୋଗ କରିବା ପାଇଁ ବ୍ୟବସ୍ଥା କରନ୍ତୁ। ଏହାସହ ରେଳ ଯାତାୟାତ ସ୍ଥାନରେ ହାତୀଙ୍କର ଚଳପ୍ରଚଳ ପ୍ରତି ସଜାଗ ରହିବାକୁ ସ୍ୱତନ୍ତ୍ର ନିୟମ ପ୍ରଣୟନ କରିବା ଜରୁରୀ। ଏହିସବୁ ବ୍ୟବସ୍ଥା କାର୍ଯ୍ୟକାରୀ କରାଗଲେ ହାତୀମୃତ୍ୟୁ ଅନେକାଂଶରେ ରୋକାଯାଇପାରିବ।

-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମାନବର କୋଳାହଳ
ନ କରେ ଯହିଁ ବିକଳ
ସୃଜି ଯିବା ସେହି ଦେଶ ଏକ ଆଲିଙ୍ଗନେ,
ଯହିଁ ମିଳନର ଗୀତି
ତୁଟାଏ ସକଳ ଭୀତି
ରଖିଯିବା ଅକ୍ଷୟ ସେ କୀରତି ଭୁବନେ।
-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ବାଣ ଫୁଟି ୮ ଆହତ, ଦୋଳ ବିମାନ ଜଳିଗଲା

**ବଳଙ୍ଗା,୨୦।୩(ଡି.ଏନ୍.ଏ.):** ପୁରୀ ଜିଲା ବଳଙ୍ଗା ସାଇଁସ ଶାସନଠାରେ ଦୋଳ ମେଳଣ ବେଳେ ବାଣ ଫୁଟି ୮ଜଣ ଆହତ ହୋଇଥିବା ବେଳେ ଏକ ଦୋଳବିମାନ ଜଳିଯାଇଛି। ଗୁରୁତର ସ୍ଥାନୀୟ ଅଞ୍ଚଳର ରଞ୍ଜନ ରଥ, ସଞ୍ଜୟ ପାଣି, ଅଜୁ ପାଣି, ଟୁଲା ଦୀକ୍ଷିତ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ୪ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି। ସୂଚନା ମୁତାବକ, ଦୋଳ ପୂର୍ଣ୍ଣମୀ ଅବସରରେ ସାଇଁଶ ଶାସନ ମେଳଣ ପଡ଼ିଆରେ ଦୋଳଯାତ୍ରା ଅନୁଷ୍ଠିତ ହୋଇଥିଲା। ଉଗ୍ରେଶ୍ୱର, ଗୋପୀନାଥ, ଭଗବତୀ ଏବଂ ଚନ୍ଦ୍ରଶେଖରଙ୍କ ଚଳନ୍ତି ପ୍ରତିମା ଦୋଳ ବିମାନରେ ଆସି ମେଳଣ ପଡ଼ିଆରେ ଉପବିଷ୍ଟ ହେବା ପରେ ପରମ୍ପରା ଅନୁଯାୟୀ କାଠଚକ୍ର ଆତସବାଜି ପ୍ରଦର୍ଶିତ ହୋଇଥିଲା। କାଠଚକ୍ର ଘୂରିବା ବେଳେ ହଠାତ୍ ଖସିଯାଇ ନିକଟ ଦୋଳ ବିମାନ ଉପରେ ପଡିଯିବାରୁ ବିମାନଟି ଜଳିଯାଇଥିଲା। ନିକଟରେ ଥିବା ୮ଜଣ ଆହତ ହୋଇଥିଲେ। ଏହା ଦେଖି ମେଳଣ ପଡ଼ିଆରେ ଥିବା ଶ୍ରଦ୍ଧାଳୁ ଭୟଭୀତ ହୋଇ ଏଣେତେଣେ ଦୌଡି ଅନେକ ମଧ ଆହତ ହୋଇଥିଲେ। ପରେ ସ୍ଥାନୀୟ ଗ୍ରାମବାସୀ ଗୁରୁତରଙ୍କୁ ଉଦ୍ଧାର କରି ପିପିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରତିବର୍ଷ ଏଭଳି ବିପଜ୍ଜନକ ଆତସବାଜି ପ୍ରଦର୍ଶନ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଟେ ଦେବାକୁ ଦାବି ହୋଇଛି।

### କମ୍ପାନୀ ସୁରକ୍ଷା କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

**ଢେଙ୍କାନାଳ ଅଫିସ,୨୦।୩:** ଢେଙ୍କାନାଳ ଜିଲା ବାଲିମୀ ଥାନା ଝାଡ଼ବନ୍ଧସ୍ଥିତ ରୁଙ୍ଗ୍‌ଟା ଷ୍ଟିଲ୍ କମ୍ପାନୀ ସୁରକ୍ଷା କର୍ମଚାରୀ ଅଶୋକ କୁମାର ମଲ୍ଲ (୩୫)ଙ୍କ ଶନିବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। କମ୍ପାନୀ ମୁଖ୍ୟ ଫାଟକଠାରୁ ଅନତି ଦୂରରୁ ତାଙ୍କର ମୃତଦେହ ଜବତ କରାଯାଇଛି। ସେ ଶନିବାର ସକାଳେ ଡ୍ୟୁଟି ସାରି ରୁମ୍‌କୁ ଫେରିଥିଲେ। ଏହାର କିଛି ସମୟ ପରେ କମ୍ପାନୀ ପାଚେରି କଡ଼ରୁ ତାଙ୍କ ମୃତଦେହକୁ ଠାବ କରାଯାଇଥିଲା। ସୂଚନା ପାଇ ପରିବାର ଲୋକେ ବିଳମ୍ବିତ ରାତିରେ ପହଞ୍ଚିଥିଲେ। ବାଲିମୀ ଥାନା ପୋଲିସ ଘଟଣାସ୍ଥଳରେ ତଦନ୍ତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା।

### ନାବାଳିକାଙ୍କୁ ବଳାତ୍କାର: ଯୁବକ ଗିରଫ

**ସୁନ୍ଦରଗଡ଼,୨୦।୩(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ କନକତୁରା ଗ୍ରାମରେ ଶୁକ୍ରବାର ଜଣେ ନାବାଳିକା (୬) ଦୋକାନରୁ ଆଇସ୍‌କ୍ରିମ୍ କିଣି ଘରକୁ ଫେରୁଥିବାବେଳେ ବଳାତ୍କାରର ଶିକାର ହୋଇଛନ୍ତି। ନାବାଳିକା ଜଣକ ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏ ବେଳେ ରାସ୍ତାରେ ଏକୁଟିଆ ଘରକୁ ଫେରୁଥିବାର ସୁଯୋଗ ନେଇ ସେହି ଗ୍ରାମର ଲବ ଖଡ଼ିଆ(୨୨) ନାବାଳିକାଙ୍କ ପାଟି ଚିପି ଧରି ପାଖ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ନାବାଳିକା ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ପକ୍ଷରୁ ଏନେଇ ହେମଗିର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଏକ ମାମଲା (ନଂ.୮୫/୨୦୨୨) ରୁଜୁ କରି ଅଭିଯୁକ୍ତ ଲବଙ୍କୁ ଗିରଫ କରି ଶନିବାର ସୁନ୍ଦରଗଡ଼ କୋର୍ଟକୁ ଚାଲାଣ କରିଛି।

# ଦୋଳମଣ୍ଡପରେ ଗଡ଼ିଲା ମୁଣ୍ଡ

**ଯୁବକଙ୍କୁ ବୀଭତ୍ସ ହତ୍ୟା**

ଢେଙ୍କାନାଳ ଅଫିସ୍, ୨୦।୩

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଗ୍ରାମ ଦୋଳମଣ୍ଡପ ନିକଟରେ ଶନିବାର ରାତି ପ୍ରାୟ ସାଢ଼େ ୯ଟାରେ ଜଣେ ଯୁବକଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଦୋଳଯାତ୍ରା ପାଇଁ ମନ୍ଦିର ବେଢ଼ା ସାଜସଜ୍ଜା ଚାଲିଥିବାବେଳେ ଅଭିଯୁକ୍ତଙ୍କ ଫାର୍ସା ଚୋଟରେ ବିକାଶ ନାୟକ (୪୦)ଙ୍କ ଜୀବନ ଯାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରକାଶ ପ୍ରଧାନଙ୍କୁ ରବିବାର ପୋଲିସ ପରଜଙ୍ଗ ଅଞ୍ଚଳରୁ ଗିରଫ କରିଛି। ଏଥିସହ ଅନ୍ୟ କେତେଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରହିଛି। ହିଂସାକାଣ୍ଡ ପରେ ଗ୍ରାମରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଥିବାରୁ ଦୋଳଯାତ୍ରାକୁ ବନ୍ଦ କରିଦିଆଯାଇଥିବା ମୋଟଙ୍ଗା ଆଇଆଇସି ନିରଞ୍ଜନ ସେଠୀ ସୂଚନା ଦେଇଛନ୍ତି। ରାଜନୈତିକ ଆକ୍ରୋଶ ଏବଂ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି।



ହତ୍ୟାକାଣ୍ଡସ୍ଥଳରେ ପୋଲିସର ତଦନ୍ତ।

ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତିରେ ଗ୍ରାମରେ ଦୋଳଯାତ୍ରା ପ୍ରସ୍ତୁତି ଚାଲିଥିବାବେଳେ ବିକାଶ ମଣ୍ଡପ ପାଖରେ ଛିଡ଼ା ହୋଇଥିଲେ। ଏହି ସମୟରେ କେତେଜଣ ଯୁବକ ଧାରୁଆ ଅସ୍ତ୍ରରେ ତାଙ୍କୁ ଅତର୍କିତ ଆକ୍ରମଣ କରିବା ସହିତ ମୁଣ୍ଡକୁ ହାଣି ଦେଇଥିଲେ। ପ୍ରଚୁର ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ବିଳମ୍ବିତ ରାତିରେ ଜିଲା ଚିକିତ୍ସାଳୟକୁ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ମୃତକଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗକ୍ରମେ ନଂ. ୭୨/୨୨, ଦଫା ୩୦୨, ୧୨୦ (ବି) ଓ ୩୪ରେ ଏକ ମାମଲା ରୁଜୁ କରାଯାଇଛି। ମୋଟଙ୍ଗା ପଞ୍ଚାୟତର ବିଜୟୀ ସରପଞ୍ଚଙ୍କ ଅତି ଘନିଷ୍ଠ ଥିଲେ ବିକାଶ। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଏହି ଘଟଣାକୁ ନେଇ ଅଭିଯୁକ୍ତମାନେ ନିଶାସକ୍ତ ଅବସ୍ଥାରେ ଏହି ହତ୍ୟାକାଣ୍ଡ ଘଟାଇଥିବା ଚର୍ଚ୍ଚା ହେଉଛି। ସେହିପରି ବିକାଶ ମଙ୍ଗିଲାଲ ରୁଙ୍ଗ୍‌ଟା କମ୍ପାନୀ ପ୍ରଜାସଂଘର ସଭାପତି ଥିଲେ। କମ୍ପାନୀର ବିଭିନ୍ନ ଘଟଣାକୁ ନେଇ ସୃଷ୍ଟି ହୋଇଥିବା ଶତ୍ରୁତା କାରଣରୁ ତାଙ୍କୁ ହତ୍ୟା କରାଯାଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଜୋର୍ ଧରିଛି। ଏ ସଂକ୍ରାନ୍ତରେ ସଦର ଏସଡିପିଓ ବିକାଶ ଚନ୍ଦ୍ର ବେଉରା କୁହନ୍ତି, ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ପ୍ରକାଶ ପ୍ରଧାନ ପରଜଙ୍ଗରୁ ଗିରଫ ହୋଇଛନ୍ତି। ଘଟଣାରେ ଅନ୍ୟ କେତେଜଣଙ୍କ ସମ୍ପୃକ୍ତି ରହିଛି। ଏ ସମ୍ପର୍କରେ ପଚରାଉଚରା ଜାରି ରହିଛି।

## କୁଲଡ଼ିହା ଅଭୟାରଣ୍ୟରେ ମାଈ ହାତୀ ମୃତ



ମୃତ ମାଈହାତୀ

ସଜନାଗଡ଼,୨୦।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟ ଅନ୍ତର୍ଗତ ତେଣ୍ଡା ସଂରକ୍ଷିତ ଜଙ୍ଗଲର ଗୁହାଳିଆ ନିକଟରୁ ରବିବାର ଏକ ମାଈ ହାତୀର ମୃତଦେହ ଠାବ ହୋଇଛି। ଏହି ହାତୀ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ବନ ବିଭାଗ ତଦନ୍ତ ଜାରି ରଖିଛି।

ଗତ ଜାନୁୟାରୀ ୧୫ରେ ଅଭୟାରଣ୍ୟ ମଧ୍ୟରୁ ଏକ ମାଈ ହାତୀର ଗଳିତ ମୃତଦେହ ମିଳିଥିଲା। ବନବିଭାଗ ତରବରିଆ ଭାବେ ମୃତଦେହ ପୋଡ଼ି ଦେଇଥିଲା। ଏହାକୁ ନେଇ ଅଞ୍ଚଳବାସୀ ବନବିଭାଗ ବିରୋଧରେ ଅଭିଯୋଗ କରିଥିଲେ। ପୁନର୍ବାର ରବିବାର ଅଭୟାରଣ୍ୟ ନିକଟବର୍ତ୍ତୀ ଗୁହାଳିଆ ଗ୍ରାମବାସୀ ଏକ ହାତୀ ମରି ପଡ଼ିଥିବା ଦେଖି ବନବିଭାଗକୁ ଖବର ଦେଇଥିଲେ। ସନ୍ଧ୍ୟାରେ ବିଭାଗୀୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ହାତୀ ମୃତ୍ୟୁର ପ୍ରାଥମିକ ତଦନ୍ତ ସହ ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇଥିବା କୁଲଡ଼ିହା ରେଞ୍ଜର ଅନନ୍ତ କୁମାର ଜେନା ସୂଚନା ଦେଇଛନ୍ତି। ତେବେ କୁଲଡ଼ିହାରେ ବାରମ୍ବାର ଏଭଳି ହାତୀଙ୍କ ମୃତ୍ୟୁ ଘଟୁଥିବାରୁ ଆଗାମୀ ଦିନରେ ଅଭୟାରଣ୍ୟରୁ ହାତୀ ବଂଶ ଲୋପ ପାଇଯିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

## ୩ କୋଟିର ଲୋଭ ଦେଖାଇ ୨.୩୫ କୋଟି ଠକେଇ

- ଜଣଙ୍କୁ ନୋଏଡ଼ାରୁ ଗିରଫ କଲା ଇଓଡବ୍ଲ୍ୟୁ
- ଅର୍ଥ ମନ୍ତ୍ରାଳୟର ଅଧିକାରୀ କହି ଫସାଇଥିଲେ



ହିମାଂଶୁ ଭଣ୍ଡାରୀ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଅଧିକାରୀ କହିବା ସହ ୩ କୋଟିର ଲୋଭ ଦେଖାଇ ଜଣେ ବ୍ୟବସାୟୀଙ୍କଠାରୁ ୨.୩୫ କୋଟି ଟଙ୍କା ଠକେଇ ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଉତ୍ତରପ୍ରଦେଶ ନୋଏଡାରୁ ଗିରଫ କରିଛି। ସେ ହେଲେ ହିମାଂଶୁ ଭଣ୍ଡାରୀ। ମଙ୍ଗଳବାର ହିମାଂଶୁଙ୍କୁ ଗିରଫ କରାଯିବା ପରେ ଇଓଡବ୍ଲ୍ୟୁ ଗ୍ରେଟର ନୋଏଡ଼ା ସୁରଜପୁରସ୍ଥିତ ଏସିଜେମ୍ ଫାଷ୍ଟ କୋର୍ଟରେ ବୁଧବାର ହାଜର କରିଥିଲା। କୋର୍ଟ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ନେବାକୁ ଅନୁମତି ଦେବାପରେ ଇଓଡବ୍ଲ୍ୟୁ ଶନିବାର ଅଭିଯୁକ୍ତ ହିମାଂଶୁଙ୍କୁ କେନ୍ଦୁଝର ଜିଲାର ବଡ଼ବିଲ ଜେଏମ୍ଏଫ୍‌ସି କୋର୍ଟରେ ହାଜର କରିଥିଲା। ତେବେ ସେଠାରେ କୋର୍ଟ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଏହି ର୍‍ୟାକେଟରେ ଏକାଧିକ ସଦସ୍ୟ ରହିଥିବାବେଳେ ସେମାନେ ବିଭିନ୍ନ ରାଜ୍ୟରେ ଏପରି ଠକେଇରେ ସମ୍ପୃକ୍ତ ଥିବା ତଦନ୍ତବେଳେ ଜଣାପଡିଛି। ଉକ୍ତ ମାମଲାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବାକୁ ଉଦ୍ୟମ ଜାରି ରହିଥିବା ଇଓଡବ୍ଲ୍ୟୁ ସୂଚନା ଦେଇଛି।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଯୋଡ଼ାର ବ୍ୟବସାୟୀ ପ୍ରମୋଦ କୁମାର ରାଉତଙ୍କ ୨୦୧୨ରୁ ମାକ୍ସ ନ୍ୟୁ ୟୋର୍କ ଲାଇଫ୍ ଇନ୍ସ୍ୟୁରାନ୍ସ କମ୍ପାନୀରେ ଏକ ପଲିସି ରହିଛି। ୨୦୧୯ ଅକ୍ଟୋବରରେ ଅଭିଯୁକ୍ତ ତାଙ୍କୁ କଲ୍ କରି ଜାଲରେ ଫସାଇଥିଲେ। ସେ ନିଜକୁ କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରାଳୟର ଫଣ୍ଡ ରିଲିଜିଙ୍ଗ୍ ହେଡ୍ ଏ.କେ. ୱାଲିଆ ବୋଲି ପରିଚୟ ଦେଇଥିଲେ। ତାଙ୍କ ଜୀବନ ବୀମାକୁ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ରାହତ କୋଷ ଯୋଜନା ଦ୍ୱାରା ଚୟନ କରାଯାଇଥିବା ଜଣାଇଥିଲେ। ଏଥିପାଇଁ ସରକାରଙ୍କ ପକ୍ଷରୁ ୩ କୋଟି ମିଳିବ। ବିଶ୍ୱାସ ଜନ୍ମାଇବା ପାଇଁ ପ୍ରମୋଦଙ୍କ ହ୍ୱାଟ୍ସଆପ୍‌କୁ କେନ୍ଦ୍ର ସରକାରଙ୍କ ଇନ୍ସ୍ୟୁରାନ୍ସ ରେଗୁଲେଟୋରି ଏଣ୍ଡ ଡେଭେଲପ୍‌ମେଣ୍ଟ ଅଥରିଟିର ଏଚ୍‌ଓଡ଼ି ସୁରେଶ ମାଥୁରଙ୍କ ନାମରେ ଦସ୍ତଖତ ଥିବା ଏକ ଜାଲ୍ ଚିଠି ପଠାଇଥିଲେ। ୩ କୋଟି ପାଇବାକୁ ହେଲେ ୧ କୋଟି ୫୬ ଲକ୍ଷ ୩୬ ହଜାର ଟଙ୍କା ଦେବାକୁ ସେଥିରେ ଉଲ୍ଲେଖ ଥିଲା। ତେବେ ପ୍ରମୋଦ କିଛିଦିନ ପାଇଁ ଚୁପ୍ ରହିବାରୁ ଅଭିଯୁକ୍ତମାନେ ଅର୍ଥ ମନ୍ତ୍ରଣାଳୟର କର୍ମଚାରୀ ବୋଲି ପରିଚୟ ଦେଇ ବିଭିନ୍ନ ନମ୍ବରରୁ ପ୍ରମୋଦଙ୍କୁ କଲ୍ କରିଥିଲେ। ଏଥିସହ ଅନ୍‌ଲାଇନ୍ ଜରିଆରେ ଟଙ୍କା ପଠାଇବାକୁ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ନମ୍ବର ପଠାଇବାକୁ ବାଧ୍ୟ କରିଥିଲେ। ଶେଷରେ ପ୍ରମୋଦ ଅଭିଯୁକ୍ତଙ୍କ ଜାଲରେ ପଡ଼ି ୨୦୧୯ ନଭେମ୍ବର ୧୯ରୁ ୨୦୨୧ ଫେବୃୟାରୀ ୪ ମଧ୍ୟରେ ବିଭିନ୍ନ ବ୍ୟାଙ୍କ ସହ ୨.୩୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପଠାଇଥିଲେ। ଅଭିଯୁକ୍ତମାନେ ପ୍ରମୋଦଙ୍କ ହ୍ୱାଟ୍ସଆପ୍‌କୁ ଅର୍ଥ ମନ୍ତ୍ରଣାଳୟ, ଆର୍‌ବିଆଇ ଓ ଇନ୍‌କମ୍ ଟ୍ୟାକ୍ସର ଅନେକ ଫେକ୍ ଲେଟର୍ ସହ ୧.୨୭ କୋଟି ଓ ୭୦.୮୧ ଲକ୍ଷର ୨ଟି ଫେକ୍ ବ୍ୟାଙ୍କ ଡିମାଣ୍ଡ ଡ୍ରାଫ୍ଟ ମଧ ପଠାଇଥିଲେ। ହେଲେ ପ୍ରମୋଦଙ୍କ ଆକାଉଣ୍ଟକୁ କୌଣସି ଟଙ୍କା ନ ଆସିବାରୁ ତାଙ୍କର ସନ୍ଦେହ ହୋଇଥିଲା। ସମସ୍ତ ମୋବାଇଲ ନମ୍ବରକୁ କଲ୍ କରିବାରୁ ସେଗୁଡ଼ିକ ବନ୍ଦ ଥିବା ଜଣାପଡ଼ିଥିଲା। ତାଙ୍କ ଅଭିଯୋଗକ୍ରମେ ଇଓଡବ୍ଲ୍ୟୁ ଗତ ଫେବୃୟାରୀ ୨ରେ ମାମଲା (ନଂ.୨/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା

ପୋଲସରା,୨୦।୩(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ବନ୍ଥପଲ୍ଲୀ ପଞ୍ଚାୟତ ମୁକ୍ତାମାଳଦେଈପୁର ଶାସନ ଗ୍ରାମରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ସେ ହେଲେ ମୁକ୍ତାମାଳଦେଈପୁର ଶାସନ ଗ୍ରାମର ଅମିତ ଆଚାର୍ଯ୍ୟ। ୩ରୁ ୪ ଜଣ ଦୁର୍ବୃତ୍ତ ତାଙ୍କୁ ବିଲରେ ଗୋଡ଼ାଇ ଗୋଡ଼ାଇ ଧାରୁଆ ଅସ୍ତ୍ରରେ ବେକ କାଟି ହତ୍ୟା କରିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡୁଛି। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା। ସେଠାରୁ ୨ ହଳ ଚପଲ, ବାଇକ୍, ମୋବାଇଲ ଆଦି ଜବତ କରାଯାଇଛି। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଯାଇଛି। ପୂର୍ବ ଶତ୍ରୁତାରୁ ଏଭଳି ହତ୍ୟାକାଣ୍ଡ କରାଯାଇଥିବା ମୃତକଙ୍କ ବାପା ଓ ଭାଇ ଅଭିଯୋଗ କରିଛନ୍ତି। ଏହା ପୂର୍ବ ଶତ୍ରୁତା ନା ରାଜନୈତିକ ହିଂସାକୁ ନେଇ ହତ୍ୟା କରାଯାଇଛି ତାହା ପୋଲିସ ତଦନ୍ତ କରୁଛି। ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ଯାଞ୍ଚ କରିଛି। ପୁରୁଷୋତ୍ତମପୁର ଉପଖଣ୍ଡ ଅଧିକାରୀ ସୂର୍ଯ୍ୟମଣି ପ୍ରଧାନ, ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ଅନୁଧ୍ୟାନ କରିଛନ୍ତି। ମୃତ ଅମିତଙ୍କ ବାପା ରାଜେନ୍ଦ୍ର ଆଚାର୍ଯ୍ୟଙ୍କ ଅଭିଯୋଗକୁ ଭିତ୍ତିକରି ନଂ.୧୧୩/୨୨ରେ ଏକ ମାମଲା ରୁଜୁ ହୋଇଛି।

## ବାଣ ଫୁଟି କାରିଗରଙ୍କ ହାତ ଆଙ୍ଗୁଠି କଟିଲା

ନିରାକାରପୁର,୨୦।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଭୂଷଣ୍ଡପୁର ଦୋଳ ପଡ଼ିଆରେ ଶୁକ୍ରବାର ରାତିରେ ଅନୁଷ୍ଠିତ ମେଳଣ ପର୍ବରେ ଅଘଟଣ ଘଟିଛି। ଜଣେ ବାଣ କାରିଗରଙ୍କ ହାତରେ ବାଣ ଫୁଟି ଆଙ୍ଗୁଠି କଟିଯାଇଥିବା ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ଭୂଷଣ୍ଡପୁର ଗ୍ରାମର ନାରାୟଣ ମଲ୍ଲିକଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଗତ ଶୁକ୍ରବାର ଦୋଳ ମେଳନ ଉପଲକ୍ଷେ ଭୂଷଣ୍ଡପୁର ଦୋଳ ପଡ଼ିଆରେ ରାତିତମାମ ବାଣ ଫୁଟା ଯାଉଥିଲା। ଏହି ସମୟରେ ନାରାୟଣ ଅଧା ଫୁଟା ବାଣକୁ ଧରିବା ବେଳେ ତାଙ୍କ ହାତରେ ଫୁଟି ଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୫୧/୨୨)ରୁଜୁ ହୋଇଛି ବୋଲି ଟାଙ୍ଗୀ ଥାନା ଅଧିକାରୀ ବିଜୟ କୁମାର ମଲ୍ଲିକ କହିଛନ୍ତି।

## ବାଇକ୍ ଦୁର୍ଘଟଣା: ସ୍ୱାମୀ, ସ୍ତ୍ରୀ, ସାନଝିଅ ମୃତ

**ଗୁରୁତର ଅବସ୍ଥାରେ ବଡ଼ଝିଅ ଚିକିତ୍ସାଧୀନ**

ଲହୁଣୀପଡ଼ା, ୨୦।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥର ନନ୍ଦାପଡା ନିକଟରେ ବାଇକ୍ ଦୁର୍ଘଟଣାରେ ଗୋଟିଏ ପରିବାରର ସ୍ୱାମୀ, ସ୍ତ୍ରୀ ଓ ତିନି ବର୍ଷ ଝିଅର ମୃତ୍ୟୁ ଘଟିଛି। ଗୁରୁତର ଅବସ୍ଥାରେ ବଡ଼ଝିଅ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତକମାନେ ହେଲେ ଲହୁଣୀପଡ଼ା ଥାନା ଅନ୍ତର୍ଗତ ସାଲେଇଡିହି ଗ୍ରାମର ନରେଶ କୁମାର ମାହାନ୍ତ(୩୦), ସ୍ତ୍ରୀ ସରିତା (୨୫) ଏବଂ ସାନଝିଅ ସନ୍ଧ୍ୟା (୩)। ନରେଶ ଶୁକ୍ରବାର ଦୋଳପୂର୍ଣ୍ଣିମା ପର୍ବ ପାଳନ କରିବାକୁ କେ. ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନା ଗ୍ରାମ ଶ୍ୱଶୁର ଘରକୁ ଯାଇଥିଲେ। ଦିନ ତମାମ ବୁଲାବୁଲି କରି ରାତି ପ୍ରାୟ ସାଢେ ୭ଟାରେ ଓଡ଼ି ୧୪ ଡବ୍ଲ୍ୟୁ ୯୬୧୪ ନଂ. ବାଇକ୍ ଯୋଗେ ନିଜ ଗ୍ରାମ ସାଲେଇଡିହିକୁ ଫେରୁଥିଲେ। ନନ୍ଦାପଡା ନିକଟରେ ଭାରସାମ୍ୟ ହରାଇ ରାସ୍ତାର ଡିଭାଇଡରରେ ବାଡ଼େଇ ହୋଇ ପଡ଼ିଯାଇଥିଲେ। ଡିଭାଇଡର ଓ କଂକ୍ରିଟ ଉପରେ ବାଡେଇ ହେବା ଯୋଗୁ ସମସ୍ତଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଘଟଣାସ୍ଥଳରେ ସନ୍ଧ୍ୟାଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ଅନ୍ୟ ତିନିଜଣ ଗୁରୁତରଙ୍କୁ ଲହୁଣୀପଡ଼ା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତିନିଜଣଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ଚିକିତ୍ସାଧୀନ ଅବସ୍ଥାରେ ସ୍ୱାମୀ–ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ବଡ଼ଝିଅ ନନ୍ଦିନୀ (୬) ଚିକିତ୍ସାଧୀନ ଅଛନ୍ତି। କେ. ବଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରିଛି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କଲେ ମା'

**ମାନସ ହତ୍ୟା ଘଟଣା**

- ଶର୍ମିଷ୍ଠାଙ୍କ ଟେର୍ ପାଉନି ପୋଲିସ
- ଧର୍ମଶାଳାରୁ ମାନସଙ୍କ ମୋବାଇଲ ଜବତ

ଭୁବନେଶ୍ୱର,(ବ୍ୟୁରୋ)/ ଧର୍ମଶାଳା, (ଡି.ଏନ.ଏ.)୨୦।୩

ନୟାଗଡ଼ ଜିଲା ରଣପୁର ଥାନା ମଝିଆଖଣ୍ଡ ଗୋଡ଼ିପୋଖରୀ ଗ୍ରାମର କ୍ୟାମେରାମ୍ୟାନ ମାନସ ସ୍ୱାଇଁଙ୍କୁ ଅପହରଣ ଓ ନିର୍ଯାତନା ପରେ ହତ୍ୟା କରି ପୋତି ଦିଆଯିବା ଘଟଣାରେ ପୋଲିସର ତଦନ୍ତକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୁଖ୍ୟ ଅଭିଯୁକ୍ତଙ୍କ ସହ ସହଯୋଗୀଙ୍କୁ ପୋଲିସ ଧରିପାରୁ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ଏକମାତ୍ର ରୋଜଗାରିଆ ପୁଅ ମାନସଙ୍କୁ ହରାଇ ମା' ଯମୁନା ସ୍ୱାଇଁ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ସେ ନ୍ୟାୟ ପାଇଁ ଗଣମାଧ୍ୟମ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗୁହାରି କରିଛନ୍ତି। ଯମୁନା କହିଛନ୍ତି, ଆମେ ନବୀନ ପଟ୍ଟନାୟକଙ୍କୁ ଭୋଟ ଦେଇଛୁ। ସେ ଆମର ମୁଖ୍ୟମନ୍ତ୍ରୀ। ଆମର ସେ କ'ଣ ବୁଝିଲେ। ମୋ ପୁଅକୁ ନ୍ୟାୟ କିପରି ସେମାନେ ଦେବେ। ମୁଖ୍ୟମନ୍ତ୍ରୀ କ'ଣ ଜାଣିନାହାନ୍ତି ମୋ ପୁଅ କିପରି ନ୍ୟାୟ ପାଇବ। ନବୀନ ବାବୁ ହିଁ ବୁଝନ୍ତୁ ବୋଲି ସେ କହିଛନ୍ତି।

ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶର୍ମିଷ୍ଠା ରାଉତ ଓ ସହଯୋଗୀମାନେ ଫେରାର ଅଛନ୍ତି। ପୋଲିସର ୩ଟି ଟିମ୍ ଚଢ଼ାଉ ଜାରି ରଖିଥିଲେ ମଧ ସେମାନଙ୍କୁ ଖୋଜିପାଉ ନାହାନ୍ତି। ସେପଟେ ପୋଲିସ ଟିମ୍ ଏୟାରପୋର୍ଟ ଥାନା ଅଞ୍ଚଳରେ ଥିବା ଶର୍ମିଷ୍ଠାଙ୍କ ଦୟାଳ ଆଶ୍ରମର ଆଖପାଖରେ ଲାଗିଥିବା ସିସିଟିଭି ହାର୍ଡଡିସ୍କକୁ ଜବତ କରି ଯାଞ୍ଚ କରୁଛି। ଅନ୍ୟପଟେ ଧର୍ମଶାଳା ଅଞ୍ଚଳରୁ ମାନସଙ୍କ ମୋବାଇଲକୁ ଚାନ୍ଦବାଲି ପୋଲିସ ଜବତ କରିଛି। ଗତ ଏକମାସ ତଳେ ସ୍ଥାନୀୟ ଜାଲଶୁଖା ଗ୍ରାମର ଶ୍ରମିକ ସୁରେଶ ନାଏକ କାମ କରିବାକୁ ଯାଉଥିବାବେଳେ ଧର୍ମଶାଳା ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥ ଶଙ୍ଖାରିଡ଼ିହ ନିକଟ ରାସ୍ତା ପାର୍ଶ୍ୱରୁ ଉକ୍ତ ମୋବାଇଲ ପାଇଥିଲେ। ପରେ ତାହାକୁ ସେ ସେଠାରେ ପାନ ଦୋକାନ କରିଥିବା ସୁଶାନ୍ତ ଗୁରୁଙ୍କୁ ଦେଇଥିଲେ। ପରେ ଚାନ୍ଦବାଲି ପୋଲିସ ପହଞ୍ଚି ମୋବାଇଲ ପାଇଥିବା ବ୍ୟକ୍ତିଙ୍କୁ ପଚରାଉଚରା କରିବା ସହ ଧର୍ମଶାଳା ପୋଲିସ ଉପସ୍ଥିତିରେ ମୋବାଇଲ ଫୋନଟିକୁ ଜବତ କରିଛି। ସିସିଟିଭି ଓ ମୋବାଇଲ ଫୋନ୍‌ରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବାକୁ ଆଶା ରଖିଛି ପୋଲିସ।

## ଅଜଣା ଜନ୍ତୁର ପାଦଚିହ୍ନକୁ ନେଇ ଆତଙ୍କ

- ସଞ୍ଜ ନଇଁଲେ ଲୋକେ ନଳଗୋଠ ଫାର୍ମ ରାସ୍ତାକୁ ଯାଉନାହାନ୍ତି
- ତଦନ୍ତ କରିବ ବନ ବିଭାଗ

ମହାକାଳପଡ଼ା ,୨୦।୩ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର ଅଞ୍ଚଳ କାଜୁ ଜଙ୍ଗଲ ମଧ ନଳଗୋଠ ଫାର୍ମ ରାସ୍ତାରେ ଏକ କିମି ପର୍ଯ୍ୟନ୍ତ ଏକ ଅଜଣା ଜନ୍ତୁର ପାଦଚିହ୍ନ ପଡିଛି। ଜଙ୍ଗଲ ବାଲି ରାସ୍ତାରେ ଏହି ଅଜଣା ଜନ୍ତୁ ଚାଲିକି ଯାଇଛି। ତେବେ ପାଦ ଚିହ୍ନଟି ମଣିଷ ପରିଦୁଇ ପାଦିଆ ହୋଇଥିବା ବେଳେ ବାଘର ପାଦ ସଦୃଶ ଭଳି ଦେଖିବାକୁ ମିଳିଛି। ଏହି ପାଦର ସମ୍ମୁଖ ଭାଗ ତିନି ମୁନିଆ ଓ ପଛ ପଟରୁ ଏକ ମୁନିଆ ଦେଖାଯିବା ସହ ମଝି ଅଂଶଟି ଗୋଲାକାର ହୋଇ ଉପରକୁ ରହିଛି ବୋଲି ସ୍ଥାନୀୟ ଲୋକେ ଶନିବାର ଦେଖି କହିଛନ୍ତି। କେଉଁ ଜନ୍ତୁଟି ଦୁଇ ପାଦରେ ସିଧାସଳଖ ଚାଲିକି ଯାଇଛି ତାହା କେହି କହି ପାରୁନାହାନ୍ତି। ପାଦ ଚିହ୍ନ ମଝିରେ ୧୮ରୁ ୨୦ ଇଞ୍ଚ ଖାଲି ରହିଛି। ଜଙ୍ଗଲରେ ଏଭଳି ପାଦ ଚିହ୍ନ କେବେ ଦେଖି ନ ଥିବା ମଇଁଷିପାଳକ ଦୋଳ ଗୋବିନ୍ଦ ଜେନା, ଶ୍ରୀମନ୍ତ ମଣ୍ଡଳ, ସଞ୍ଜୟ ମଣ୍ଡଳ, ସୁବାସ ଦାସ, ହରେକୃଷ୍ଣ ମଣ୍ଡଳ କହିଛନ୍ତି। ବରଜ ଗାଁର ଶିଶିର ଦାସଙ୍କୁ ପଚାରିବାରେ ଏହି ଜଙ୍ଗଲ ନିକଟରେ ଶହେରୁ ଅଧିକ ମଇଁଷିଗୋଠରେ ରହି ଚରାବୁଲା କରନ୍ତି। ପାଦ ଚିହ୍ନକୁ ନେଇ ମନରେ ବହୁ ଭୟ ଲାଗୁଛି, ସବୁଦିନ ରାତିରେ ଏକ କିମି ଦୂର ଜଙ୍ଗଲ ମଧ ଦେଇ ଘରକୁ ଆସିଥାଉ ବୋଲି ସେ କହିଛନ୍ତି।

ରାମନଗର ଅଞ୍ଚଳରେ ୩୫୦ରୁ ଊର୍ଦ୍ଧ୍ୱ ହେକ୍ଟର କାଜୁ ଜଙ୍ଗଲ ରହିଛି। ଜଙ୍ଗଲରେ ବିଭିନ୍ନ ପ୍ରଜାତିର ସରୀସୃପ ଓ ଜୀବଜନ୍ତୁ ଦେଖିବାକୁ ମିଳନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହି ଜଙ୍ଗଲର ଚତୁଃପାର୍ଶ୍ୱକୁ ଘେରି ରହିଛି ନଳଗୋଠ, ବାଲିପାଟ, ପିତାପାଟ, ବରଜ ବହାକୁଦ, ରାମନଗର, ବିବି କଲୋନୀ। ଗାଁର ଲୋକ ଦୈନନ୍ଦିନ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ତେବେ ଅଜଣା ଜନ୍ତୁର ପାଦ ଚିହ୍ନ ପଡ଼ିବା ପରେ ସଞ୍ଜ ନଇଁଲେ ରାସ୍ତା ଦେଇ ଯିବା ଆସିବା କରିବାକୁ ଲୋକେ ଭୟ କଲେଣି। ଏ ସମ୍ପର୍କରେ ମହାକାଳପଡ଼ା ବନାଞ୍ଚଳ ଅଧିକାରୀ ସାହାଜୀ ଚରଣ ବିଶ୍ୱାଳଙ୍କୁ ପଚାରିବାରେ ଅଜଣା ଜନ୍ତୁ ପାଦ ଚିହ୍ନ ସମ୍ପର୍କରେ ରବିବାର ଖବର ପାଇଛୁ। ଘଟଣାସ୍ଥଳକୁ ବିଭାଗର କର୍ମଚାରୀ ଯାଇ ତଦନ୍ତ କରିବେ। ଜଙ୍ଗଲରେ ଆଉ କେଉଁ ସ୍ଥାନରେ ଏଭଳି ପାଦ ଚିହ୍ନ ଅଛି କି ନାହିଁ ତାହା ଅନୁଧ୍ୟାନ କରିବୁ ବୋଲି ସେ କହିଛନ୍ତି। ପରିବେଶବିତ୍ ସମରେନ୍ଦ୍ର ମାହାଳି କୁହନ୍ତି, ପ୍ରଥମ ଥର ପାଇଁ ଏ ଅଞ୍ଚଳରେ ଏଭଳି ପାଦ ଚିହ୍ନ ଦେଖିବାକୁ ମିଳିଛି। ଏହି ପାଦ ଚିହ୍ନକୁ ନେଇ କିଛି ଭୟଭୀତ ହେବା ଆବଶ୍ୟକ ନାହିଁ। ଜଙ୍ଗଲରେ ବିଭିନ୍ନ ପ୍ରଜାତିର ସରୀସୃପ ଓ ବନ୍ୟଜନ୍ତୁ ବାସ କରନ୍ତି। ବନ ବିଭାଗ ପାଦ ଚିହ୍ନର ନମୁନା ସଂଗ୍ରହ କରି ଏହା କେଉଁ ଜନ୍ତୁର ତାହା ତଦନ୍ତ କରି ଲୋକଲୋଚନକୁ ଆଣିବାକୁ ମାହାଳି ଦାବି କରିଛନ୍ତି।



କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ କାଜୁ ଜଙ୍ଗଲ ମଝି ରାସ୍ତାରେ ଅଜଣା ଜନ୍ତୁର ପାଦ ଚିହ୍ନ।

ମନେ ପଡ଼ନ୍ତି
୭ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଡକ୍ଟର ସ୍ମିତା ଆଚାର୍ଯ୍ୟ
ରୋଜି
ପିତା- ଶ୍ରୀ ଧନେଶ୍ୱର ଆଚାର୍ଯ୍ୟ
ପ୍ଲଟ୍ ନଂ.- ୨୯୦୧, ଶୁଭମ୍, ନାଗେଶ୍ୱରଟାଙ୍ଗୀ, ଭୁବନେଶ୍ୱର
ତିରୋଧାନ- ଚୈତ୍ର କୃଷ୍ଣପକ୍ଷ ଚତୁର୍ଥୀ (ତା ୧୦।୦୩।୨୦୧୫)
"ମାଟି ଦେହ ସିନା ଶ୍ମଶାନ ଗ୍ରାସିଛି
ମାତ୍ର ଯଶୋଦେହ ତୁମେ ଆୟୁଷ୍ମତୀ।"
ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ: ବାପା, ବୋଉ, ଭଉଣୀ-ଭଉଣୀଆଳ, ଭାଇ-ଭାଉଜ, ଝିଆରୀ-ପୁତୁରା ଓ ବନ୍ଧୁବର୍ଗ।
ଧ-୭୦୭୮୧

ନିରୁଦ୍ଦିଷ୍ଟ



ଶାନ୍ତିଲତା ମାଝୀ
ବୟସ– ୫୨ ବର୍ଷ
ତାରିଖ– ୦୧।୦୨।୨୦୨୨
ସମୟ– ସକାଳ ୮ ଘଟିକା
ନିଖୋଜ ସ୍ଥାନ– ପାହାଲ, ଭୁବନେଶ୍ୱର,
ଫୋନ୍ ନଂ.– 9438689362, 9439393351
D-70269

CLASSIFIED DISPLAY
ALL EDITION - B/W (Everyday)
TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact:
0674-2580385
8637280816,
7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637
9471160476
Whatsapp: 8902923601

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଡ଼ିଶା ପୋଲିସ ଚାମ୍ପିୟନ

## ନନ୍ଦ କିଶୋର ସ୍ମାରକୀ ମହିଳା ଫୁଟବଲ ଉଦ୍‌ଯାପିତ

ଭୁବନେଶ୍ୱର, ୨୦।୩ (କ୍ରୀଡ଼ା ପ୍ରତିନିଧି)

ସିଟି କ୍ଲବ ଏବଂ କିଟ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ ନୀତା ଫୁଟବଲ ଏକାଡେମୀକୁ ୪-୧ ଗୋଲରେ ହରାଇ ଓଡ଼ିଶା ପୋଲିସ ଚାମ୍ପିୟନ ହୋଇଛି। ଓଡ଼ିଶା ପୋଲିସ ପକ୍ଷରୁ ମ୍ୟାଚର ୪୫ ଓ ୭୩ତମ ମିନିଟରେ ଜବାମଣି ଟୁଡୁ ୨ଟି ଏବଂ ସତ୍ୟବତୀ ଖାଡିଆ ୪୯ ଓ ଯଶୋଦା ମୁଣ୍ଡା ୬୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବିପକ୍ଷ ଦଳର ମନୀଷା ପାନ୍ନା ୬୫ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଓଡ଼ିଶା ପୋଲିସର ଜବାମଣି ଟୁଡୁ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ, ଯଶୋଦା ମୁଣ୍ଡା ଶ୍ରେଷ୍ଠ ମିଡ୍‌ଫିଲ୍ଡର, ବିଡ଼ାନାସୀ କ୍ଲବର ସସ୍ମିତା ପରିଡ଼ା ଶ୍ରେଷ୍ଠ ଗୋଲକିପର, ନୀତା ଫୁଟବଲ ଏକାଡେମୀର ନିକିତା ବିଶି ଶ୍ରେଷ୍ଠ ଡିଫେଣ୍ଡର, ଗାୟତ୍ରୀ ବେହେରା ଶ୍ରେଷ୍ଠ ଫରୱାର୍ଡ, କିଟ୍‌ର ଅଙ୍କିତା ନାୟକ ଶ୍ରେଷ୍ଠ ଉଦୀୟମାନ ଖେଳାଳି ପୁରସ୍କାର ପାଇଥିଲେ। ଅଭିଜିତ ପାଲ୍, ରଶ୍ମି ସାହୁ, ବିଜୟ ସାହୁ, ଭାଗ୍ୟଧର ଜଗଦେବ, ସୌର୍ଯ୍ୟରଞ୍ଜନ ପରିଜା, ଅଶୋକ ମହାନ୍ତି, ଆର.ପି. ସିଂ, ରଣଦୀପ ବରୁଆ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଭକ୍ତବଲ୍ଲଭ ଦାସ, ସଞ୍ଜୁ ପଟ୍ଟନାୟକ, ଦିଲୀପ ଦାସ, ରାଧାନାଥ ମହାପାତ୍ର, ଗଗନେନ୍ଦୁ ଦାଶ, ସହଦେବ ରାଉତ, ମନୋରଞ୍ଜନ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରେଫରି ପ୍ରଶାନ୍ତ କୁମାର ପାଲ୍, ଶେଖାୱତ ଖାଁ ଓ ସୁଶାନ୍ତ କୁମାର ମିଶ୍ର ମ୍ୟାଚ ପରିଚାଳନା କରିଥିବାବେଳେ ମ୍ୟାଚ ରେଫରି ଥିଲେ ସୁଜିତ କୁମାର ପାତ୍ରୋ।



ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଚାମ୍ପିୟନ ଓଡ଼ିଶା ପୋଲିସ ଦଳ ଅତିଥିଙ୍କ ଗହଣରେ।

# ଭାରତୀୟ ଦଳରେ ଓଡ଼ିଶାର ଆର୍ଯ୍ୟନ

## ଏସିଆନ ଯୁବ ବିଚ୍ ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ଆଜିଠାରୁ

ଭୁବନେଶ୍ୱର, ୨୦।୩ (କ୍ରୀଡ଼ା ପ୍ରତିନିଧି)

ଇରାନର ତେହେରାନଠାରେ ୨ୟ ଏସିଆନ ଯୁବ ବିଚ୍ ହ୍ୟାଣ୍ଡବଲ୍ ଚାମ୍ପିୟନଶିପ୍ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତା ପାଇଁ ହ୍ୟାଣ୍ଡବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ଆର୍ଯ୍ୟନ ବ୍ରାହ୍ମିନ ସ୍ଥାନ ପାଇଛନ୍ତି। କ୍ରମାଗତ ଭାବେ ଭାରତୀୟ ଜୁନିୟର ଓ ସିନିୟର ଦଳରେ ସ୍ଥାନ ପାଇ ଆସୁଥିବା ଆର୍ଯ୍ୟନ ଏଥର ଏସିଆନ ଯୁବ ବିଚ୍ ହ୍ୟାଣ୍ଡବଲ ଚାମ୍ପିୟନଶିପ୍‌ରେ ଖେଳିବା ସୁଯୋଗ ପାଇ ନିଜ କ୍ୟାରିୟରକୁ ଆଉ ଏକ ସୋପାନକୁ ନେବାର ସୁଯୋଗ ସୃଷ୍ଟି କରିଛନ୍ତି। ଆଗାମୀ ପ୍ରତିଯୋଗିତାରେ ମୋଟ ୬ଟି ଦଳ ଭାଗ ନେଉଛନ୍ତି। ଦଳଗୁଡ଼ିକ ହେଲେ ଇରାନ, ପାକିସ୍ତାନ, କାତାର, ଜୋର୍ଡାନ, ଭାରତ ଓ ଆଫଗାନିସ୍ତାନ। ୨୨ ତାରିଖରେ ଭାରତୀୟ ଦଳ ତା'ର ପ୍ରଥମ ମ୍ୟାଚ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଖେଳିବ। ଏହାପରେ ୨୩ରେ ଇରାନ, ୨୫ରେ କାତାର, ୨୬ରେ ଆଫଗାନିସ୍ତାନ ଓ ୨୮ରେ ଜୋର୍ଡାନକୁ ଭେଟିବ।

**ଭାରତୀୟ ଦଳ:** ବିବେକ ଲିମ୍ବାନି, ବେଦାନ୍ତ ପାତୋଲେ, ହର୍ଶ ଚାଡ୍‌ଭା, ଲଭେଶ୍ ମୁକଦମ, ଆଦିତ୍ୟ ଗାଭ୍‌ଲି, ସୋହମ ପାରୁଲେକର, ମାନବ ସାଙ୍ଗଭି, ଆୟୁଷ ଗୁପ୍ତା, ଆରାଭ ସିଂ ଚୌହାନ, ଆର୍ଯ୍ୟନ ବ୍ରାହ୍ମିନ। କୋଚ୍: ସାଇକ୍ରିଷ୍ଣା ହାତଙ୍ଗଡ଼ି, ମ୍ୟାନେଜର: ସିରିଲ ଡିସୁଜା।


ଆର୍ଯ୍ୟନ ବ୍ରାହ୍ମିନ

# ଭୁବନେଶ୍ୱରରେ ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍

ଭୁବନେଶ୍ୱର, ୨୦।୩ (ସ୍ପୋର୍ଟ୍ସ ବ୍ୟୁରୋ)

ଆଇଡବ୍ଲ୍ୟୁଏଲ୍ଏଫ୍ ଯୁଥ୍, ଜାତୀୟ ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍ ୨୦୨୧-୨୨ ରବିବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି। ଏଥିରେ ୩୦ଟି ରାଜ୍ୟରୁ ୮୦୦ରୁ ଊର୍ଦ୍ଧ୍ୱ ଭାରୋତ୍ତୋଳକ ଯୋଗଦାନ କରିଛନ୍ତି। ରାଜ୍ୟ କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା ଚାମ୍ପିୟନଶିପ୍‌ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଭାରତୀୟ ଭାରୋତ୍ତୋଳନ ମହାସଂଘ ସଭାପତି ସହଦେବ ଯାଦବ, ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ ସଭାପତି ଦୀପା ମଲିକ, କିଟ୍ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଭାରତୀୟ ଭାରୋତ୍ତୋଳନ ମହାସଂଘ ସାଧାରଣ ସମ୍ପାଦକ ଆନନ୍ଦ ଗୌଡ଼, ଓଡ଼ିଶା ଭାରୋତ୍ତୋଳନ ଆସୋସିଏଶନ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ସମ୍ପାଦକ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭିନିଲ କ୍ରିଷ୍ଣା କହିଥିଲେ, ଓଡ଼ିଶାରେ ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଆୟୋଜନ ହେଉଥିବାରୁ ଆମ ପାଇଁ ଖୁସିର ବିଷୟ। ଭାରତ ପାଇଁ ଭାରୋତ୍ତୋଳନ ଏକ ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା। ଏଥିରେ ଆମ ଦେଶ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିପାରିଛି। ସୂଚନାଯୋଗ୍ୟ, ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ହେଉଥିବା ଏହି ପ୍ରତିଯୋଗିତା ଚଳିତବର୍ଷର ଖେଲୋ ଇଣ୍ଡିଆର ଯୁଥ୍ ଗେମ୍ସ ୨୦୨୨ର ୫ମ ସଂସ୍କରଣ ପାଇଁ ଏକ ଯୋଗ୍ୟତା ପର୍ଯ୍ୟାୟ। ଏହା ଆହୁରି ମଧ୍ୟ ଯୁଥ୍ ଓ ଜୁନିୟର ୱାର୍ଲ୍ଡ ଚାମ୍ପିୟନଶିପ୍ ପାଇଁ ଏକ ସିଲେକ୍ସନ ଟ୍ରାଏଲ୍।



ଦୀପା ମଲିକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା।

# କିଟ୍‌କୁ ସ୍ପୋର୍ଟ ଷ୍ଟାର ଏସେସ୍ ପୁରସ୍କାର

**ଭୁବନେଶ୍ୱର, ୨୦।୩ (ସ୍ପୋର୍ଟ୍ସ ବ୍ୟୁରୋ):** କ୍ରୀଡ଼ା କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ କିଟ୍ ବିଶ୍ୱବିଦ୍ୟାଳୟକୁ ସମ୍ମାନଜନକ ସ୍ପୋର୍ଟ ଷ୍ଟାର ଏସେସ୍ ପୁରସ୍କାର-୨୦୨୨ ପ୍ରଦାନ କରାଯାଇଛି। ଶନିବାର ମୁମ୍ବାଇଠାରେ ସ୍ପୋର୍ଟ ଷ୍ଟାର ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଇଆସୁଥିବା ଦେଶର ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଭାରତର କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କ ସମେତ ବହୁ କ୍ରୀଡ଼ାବିତ୍, କୋଚ୍ ଓ ପୂର୍ବତନ କ୍ରୀଡ଼ାବିତ୍ ଉପସ୍ଥିତ ଥିଲେ। ୨୦୦୪ରୁ କିଟ୍ ଓ କିସ୍ କ୍ରୀଡ଼ାର ବିକାଶ, କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହ ଓ ପ୍ରୋତ୍ସାହନ ଯୋଗାଇ ଦେଇ ଆସୁଛି। ଏଠାରେ ଅନ୍ତର୍ଜାତୀୟମାନର କ୍ରୀଡ଼ା ଭିତ୍ତିଭୂମି ଉପଲବ୍ଧ। ଫଳରେ ଉଭୟ ଅନୁଷ୍ଠାନରୁ ୫ ହଜାରରୁ ଊର୍ଦ୍ଧ୍ୱ ଆଞ୍ଚଳିକ, ଜିଲାସ୍ତରୀୟ, ରାଜ୍ୟସ୍ତରୀୟ, ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ସୃଷ୍ଟି ହୋଇ ପାରିଛନ୍ତି। ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନେତୃତ୍ୱରେ କିଟ୍ ଓ କିସ୍ ତୃଣମୂଳସ୍ତରରୁ କ୍ରୀଡ଼ାର ବିକାଶ କରିବା ସହ ଅଲିମ୍ପିକ୍ସରେ ମଧ୍ୟ କ୍ରୀଡ଼ାବିତ୍‌ଙ୍କୁ ସାମିଲ କରିପାରିଛି। ଅନୁଷ୍ଠାନର ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଓ ଅନ୍ତର୍ଜାତୀୟ ବ୍ୟାପାର ବିଭାଗ ନିର୍ଦ୍ଦେଶକ ଡ. ବରୁଣ ସୂତ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ।

# ଜାତୀୟ ସଫ୍ଟ ଟେନିସ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୨୦।୩ (କ୍ରୀଡ଼ା ପ୍ରତିନିଧି):** ଚଳିତ ମାସ ୨୪ରୁ ୨୮ ପର୍ଯ୍ୟନ୍ତ ଶ୍ରୀନଗରରେ ହେବାକୁଥିବା ୧୫ତମ ଜାତୀୟ ସବ୍‌ଜୁନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ ଘୋଷିତ ହୋଇଛି। ଓଡ଼ିଶା ବାଳିକା ଓ ବାଳକ ଦଳ ରବିବାର ଶ୍ରୀନଗର ଯାତ୍ରା କରିଥିବା ରାଜ୍ୟ ସଫ୍ଟ ଟେନିସ ଆସୋସିଏଶନ ସାଧାରଣ ସମ୍ପାଦକ ମହମ୍ମଦ ଆଜାମ ପ୍ରକାଶ କରିଛନ୍ତି।

**ବାଳକ ଦଳ:** ରାହୁଲ ନାଥ (ଅଧିନାୟକ), ସିବା ବାରୁଆ, ପ୍ରତ୍ୟୁଷ ପ୍ରଧାନ, ଓମେଜ ମହାନ୍ତି, ଅଂଶୁମାନ ପାତ୍ର, କୁମାର ସ୍ୱାଧୀନ, ମାନସ କୁମାର ଷଣ୍ଢ, ପ୍ରୀତିଶ୍ ସାମଲ, ଗାଲେକୁ ସାଲମ, ଜେଡ୍ ଖଗରାଜ ସିଂ। କୋଚ୍: ମହମ୍ମଦ ଆଜାମ।

**ବାଳିକା ଦଳ:** ଉମା ଗିରି (ଅଧିନାୟିକା), ସୟସା ସ୍ୱାଇଁ, ପ୍ରଦୀପ୍ତ ବଳିୟାରସିଂ, ଲକ୍ଷ୍ମୀପ୍ରିୟା ଦାସ। ଅଫିସିଆଲ: ସୁଚିତ୍ରା ଜେନା, ମ୍ୟାନେଜର: ଅନସୂୟା ବାରିକ, କୋଚ୍: ସିତିଶ୍ କୁମାର ବିଶ୍ୱକର୍ମା।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



**ପ୍ରେମରେ ରଣଦୀପ**

ମଣିପୁରୀ ମଡେଲ ତଥା ଅଭିନେତ୍ରୀ ଲିନ୍‌ଙ୍କ ସହ ରଣଦୀପ ହୁଡ୍ଡାଙ୍କ ପ୍ରେମ ସମ୍ପର୍କକୁ ନେଇ ବ' ଟାଉନ୍‌ରେ ଚର୍ଚ୍ଚା। ୦୪

୦୮ **ବରୁଣ କୁମାର ଶ୍ରେଷ୍ଠ**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି ଭାରତର ବରୁଣ କୁମାର।



# ୪୦ ଡିଗ୍ରୀ ଉପରେ ୫ ସହର

## ବାତ୍ୟା ପ୍ରଭାବ ନାହିଁ, ୪ ଦିନ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୦।୩(ବ୍ୟୁରୋ)



ରାଜ୍ୟରେ ଅସମ୍ଭାଳ ହେଉଛି ଖରା ତାତି। ରବିବାର ୫ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ଟିଟିଲାଗଡ଼ ୪୧.୪ ଡିଗ୍ରୀ ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଅନ୍ୟ ୪ ସହର ମଧ୍ୟରେ ବଲାଙ୍ଗୀର ୪୧, ଅନୁଗୋଳ ୪୦.୧, ବୌଦ୍ଧ ୪୦ ଓ ବାରିପଦାର ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଅଧିକାଂଶ ସହର ୪୦ ଡିଗ୍ରୀ ମୁହାଁ ହୋଇଛି। ସୋନପୁରର ତାପମାତ୍ରା ୩୯.୫ ରହିଥିବାବେଳେ ତାଳଚେର ୩୯, ଝାରସୁଗୁଡ଼ା ୩୮.୮, ସମ୍ବଲପୁର ୩୮.୬, ଫୁଲବାଣୀ ୩୮.୪, ନୟାଗଡ଼ ୩୮, ହୀରାକୁଦ ୩୭.୮, ଭୁବନେଶ୍ୱର ୩୭.୬, ଭବାନୀପାଟଣା ୩୭.୫, ସୁନ୍ଦରଗଡ଼ ୩୭.୫, କେନ୍ଦୁଝର ୩୭.୪, ଚାନ୍ଦବାଲି ୩୭.୩, କଟକ ୩୭.୨, ଯାଜପୁର ୩୭.୨, ରାୟଗଡ଼ା ୩୭.୧ ଓ ବୌଦ୍ଧରେ ୩୭ ଡିଗ୍ରୀ ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ଅପରପକ୍ଷେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ରଟି ପୂର୍ବ-ଉତ୍ତରପୂର୍ବ ଦିଗରେ ଗତିକରି ଘନୀଭୂତ ହୋଇ ସୁଦୃଢ଼ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଆଣ୍ଡାମାନ ସାଗରରେ ସକ୍ରିୟ ରହିଛି। ୨୧ ତାରିଖ ବେଳକୁ ଏକ ସାମୁଦ୍ରିକ ଝଡ଼ରେ ପରିଣତ ହେବା ସମ୍ଭାବନା ରହିଛି। ତେବେ ଓଡ଼ିଶା ତଥା ଭାରତର ମୁଖ୍ୟ ସ୍ଥଳଭାଗ ପ୍ରତି ଏହାର ବିପଦ ନାହିଁ। ଏହାର ପ୍ରଭାବ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ବାଂଲାଦେଶ ଓ ମ୍ୟାନମାରରେ ପଡ଼ିବା ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। କିନ୍ତୁ ଏହା ପ୍ରଭାବରେ ରାଜ୍ୟରେ ସୋମବାରଠାରୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୨୧ ତାରିଖରେ ରାୟଗଡ଼ା, ଗଞ୍ଜାମ ଏବଂ ଗଜପତି ଜିଲାର କିଛି ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ସେହିପରି ୨୨ରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ, ୨୩ ତାରିଖରେ ମଧ୍ୟଉପକୂଳବର୍ତ୍ତୀ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବ। ୨୪ ତାରିଖରେ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଏବଂ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, କନ୍ଧମାଳ ଓ ରାୟଗଡ଼ା ଜିଲାର କିଛି ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର କହିଛି।

# କାଗଜ ସଙ୍କଟ ଘନେଇଲା

## ୧୯୭୪ ପରେ ଭାରତରେ ସବୁଠୁ ଖରାପ ସ୍ଥିତି

ନୂଆଦିଲ୍ଲୀ, ୨୦।୩

କୋଭିଡ୍-୧୯ ସଂକ୍ରମଣ କମିବା ପରେ ସ୍କୁଲ କଲେଜ, କୋର୍ଟ କଚେରି, ଅଫିସ ଓ ଅନ୍ୟ ସଂସ୍ଥାଗୁଡ଼ିକ ଖୋଲିବାରେ ଲାଗିଛି। ମହାମାରୀ ସମୟରେ ଏହିସବୁ ଅନୁଷ୍ଠାନ ଅନ୍‌ଲାଇନ୍ ଓ ଡିଜିଟାଇଜେଶନ୍ ଉପରେ ନିର୍ଭର କରୁଥିବାବେଳେ ଏବେ ଅଫ୍‌ଲାଇନ୍‌ରେ କାର୍ଯ୍ୟ କରିବା ଲାଗି ପର୍ଯ୍ୟାପ୍ତ କାଗଜ ଆବଶ୍ୟକ ପଡୁଛି। ଏଥିଯୋଗୁ ଦେଶରେ କାଗଜର ଚାହିଦା ବହୁଗୁଣିତ ହୋଇଛି। କିନ୍ତୁ କଞ୍ଚାମାଲ ଅଭାବରୁ ଚାହିଦା ଅନୁସାରେ ଭାରତୀୟ ପେପର କମ୍ପାନୀଗୁଡ଼ିକର କାଗଜ ଉତ୍ପାଦନ ହେଉନାହିଁ। ଅନେକ କମ୍ପାନୀ ସପ୍ତାହକୁ ମାତ୍ର ୨ରୁ ୩ ଦିନ କାଗଜ ତିଆରି



କରୁଛନ୍ତି। କାଗଜ ଶିଳ୍ପରେ ଏଭଳି ସଙ୍କଟ ୪ ଦଶନ୍ଧି ମଧ୍ୟରେ କେବେ ଦେଖିବାକୁ ମିଳି ନ ଥିଲା। ଜେ.କେ. ପେପର, ୱେଷ୍ଟ କୋଷ୍ଟ ପେପର, ଆନ୍ଧ୍ର ପେପର, ଓରିଏଣ୍ଟ ପେପର, ତାମିଲନାଡୁ ନ୍ୟୁଜ୍ ପ୍ରିଣ୍ଟ ଭଳି ଭାରତର ପ୍ରମୁଖ କମ୍ପାନୀଗୁଡ଼ିକ କାଗଜର ଦାମ୍ ବଢ଼ାଇ ଚାଲିଥିବାବେଳେ ରୁଷିଆର ୟୁକ୍ରେନ୍ ☞ପୃଷ୍ଠା-୫

### ଶ୍ରୀଲଙ୍କାରେ ପରୀକ୍ଷା ବାତିଲ

କଲମ୍ବୋ, ୨୦।୩

ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଶ୍ରୀଲଙ୍କାରେ କାଗଜ ମିଳୁନାହିଁ। ଏଥିଯୋଗୁ ସାରା ଦେଶରେ ପରୀକ୍ଷା ବାତିଲ କରିଦିଆଯାଇଛି। ସୋମବାରଠାରୁ ଆରମ୍ଭ ହୋଇ ସପ୍ତାହେ ଧରି ଚାଲିବାକୁ ଥିବା ଟେଷ୍ଟ ଏକ୍‌ଜାମ୍‌ଗୁଡ଼ିକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ଶିକ୍ଷା ମନ୍ତ୍ରଣାଳୟ ☞ପୃଷ୍ଠା-୫

# ପିଚୁ କଡ଼େଇରେ ପଡ଼ି ୩ ଶିଶୁ ଗୁରୁତର

ଯୋଡ଼ା, ୨୦।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରି ଥାନା ଅଧୀନ କନକନା ଗାଁରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଉକ୍ତ ଗାଁରେ ରାସ୍ତା କାମ ଚାଲୁଥିବାବେଳେ ପିଚୁ କଡ଼େଇରେ ପଡ଼ି ୩ ଶିଶୁ ଗୁରୁତର ହୋଇଛନ୍ତି। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

ସୂଚନା ଅନୁଯାୟୀ, ଶନିବାର ହୋଲି ପାଇଁ ରାସ୍ତା କାମ ବନ୍ଦ ଥିଲା। ରବିବାର ସକାଳୁ କାମ ଆରମ୍ଭ ହୋଇଥିବା ବେଳେ ରାସ୍ତା କଡ଼ରେ ଖେଳୁଥିବା କେତେଜଣ ପିଲା ଅସାବଧାନତାବଶତଃ ପିଚୁ କଡ଼େଇରେ ପଡ଼ିଯାଇଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଆହତ ଶିଶୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ରାସ୍ତାକାମ କରୁଥିବା ଠିକା ସଂସ୍ଥାର ଅବହେଳା ଯୋଗୁ ଏଭଳି ଘଟଣା ଘଟିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସାଧାରଣତଃ ରାସ୍ତା କାମ ତିଆରିରେ ଅବ୍ୟବହୃତ ପିଚୁ କଡ଼େଇରେ ରାସ୍ତା ପାର୍ଶ୍ୱରେ ରହିଥାଏ। ହେଲେ ଏହାକୁ ଘୋଡ଼ାଇ ରଖିବା ସମ୍ପୃକ୍ତ ଠିକାଦାରଙ୍କ ଦାୟିତ୍ୱ ରହିଥାଏ। ଏଠାରେ ତାହା କରାଯାଇ ନ ଥିବାରୁ ପିଲାମାନେ ପିଚୁ କଡ଼େଇରେ ପଡ଼ି ଆହତ ହୋଇନ୍ତି। ଏ ନେଇ ଉକ୍ତ ଠିକାସଂସ୍ଥାର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ୧୦୨ ବର୍ଷୀୟ ଶିକ୍ଷକଙ୍କୁ ୧୫ ବର୍ଷ ଜେଲ

## ନାବାଳିକାଙ୍କୁ ଯୌନ ନିର୍ଯାତନା

ଚେନ୍ନାଇ, ୨୦।୩

୧୦୨ ବର୍ଷ ବୟସର ଜଣେ ବୃଦ୍ଧଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ଦଣ୍ଡିତ କରାଯାଇଛି। ଜଣୈକା ୧୦ ବର୍ଷୀୟା ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କେ. ପରଶୁରାମନଙ୍କୁ ତିରୁଭାଲୁର ମହିଳା କୋର୍ଟ ୧୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସେଥିରେ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ରହିଛି। ଏହା ବ୍ୟତୀତ ତାଙ୍କୁ ୫ ହଜାର ଟଙ୍କା ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ନାବାଳିକା ଜଣକ ତାଙ୍କ ମାଆବାପାଙ୍କ ସହ ବୃଦ୍ଧ ପରଶୁରାମନ୍‌ଙ୍କ ଘରେ ଭଡ଼ାରେ ରହୁଥିଲେ। ୨୦୧୮ ଜୁଲାଇ ୬ରେ ଝିଅର ପେଟବିନ୍ଧା ହେବାର କାରଣ ସମ୍ପର୍କରେ ମାଆବାପା ପଚରା ଉଚରା କରିବାରୁ ବୃଦ୍ଧ ଘର ମାଲିକଙ୍କ କାରନାମା ପଦାକୁ ଆସିଥିଲା। ସେତେବେଳେ ୯୯ ବର୍ଷୀୟ ପରଶୁରାମନ୍ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ମାଆବାପାଙ୍କ ଏତଲା ଆଧାରରେ ଜିଲାର ମହିଳା ଥାନା ପକ୍ଷରୁ ପରଶୁରାମନ୍‌ଙ୍କ ବିରୋଧରେ ମାମଲା ଦାଏର ହୋଇଥିଲା। ଜେରା ବେଳେ ବୃଦ୍ଧ ଜଣକ ଅପରାଧ ସମ୍ପର୍କରେ ସ୍ୱୀକାର କରିଥିଲେ। ଘଟଣାର ସାଢ଼େ ୩ ବର୍ଷ ପରେ ତାଙ୍କୁ ଦୋଷୀସାବ୍ୟସ୍ତ କରାଯିବା ସହ ଦଣ୍ଡବିଧାନ କରାଯାଇଛି। ପରଶୁରାମନ୍ ଏବେ ପୁଝାଲ ଜେଲ୍‌ରେ ରହିଛନ୍ତି। ପୀଡ଼ିତାଙ୍କୁ ୪୫,୦୦୦ ଟଙ୍କା କ୍ଷତିପୂରଣ ଦେବା ଲାଗି ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।






### ଭାରତୀୟ ବୈଦେଶିକ ନୀତିକୁ ଇମ୍ରାନଙ୍କ ପ୍ରଶଂସା

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ରବିବାର ଖୋଲାଖୋଲି ଭାବେ ଭାରତ ସରକାର ଓ ଏହାର ବୈଦେଶିକ ନୀତିକୁ ପ୍ରଶଂସା କରିଛନ୍ତି। ଏକ ରାଲିକୁ ସମ୍ବୋଧନ କରିବା ସମୟରେ ଇମ୍ରାନ୍ କହିଥିଲେ ଭାରତ ସରକାରଙ୍କ ବୈଦେଶିକ ନୀତି ଲୋକଙ୍କ ହିତରେ କାମ କରୁଛି। ଏଥିପାଇଁ ମୁଁ ଭାରତ ସରକାରଙ୍କୁ ସଲାମ କରୁଛି। ଭାରତବାସୀ ଏହାଦ୍ୱାରା ବହୁମାତ୍ରାରେ ଉପକୃତ ମଧ୍ୟ ହେଉଛନ୍ତି। ରୁଷିଆ ୟୁକ୍ରେନ୍ ଯୁଦ୍ଧ ନେଇ ରୁଷିଆ ଉପରେ ବହୁ ଦେଶ କଟକଣା ଲଗାଇବା ସତ୍ତ୍ୱେ ଭାରତ ରୁଷିଆ ସହ ଭଲ ସମ୍ପର୍କ ରଖିବା ସହ ତା'ଠାରୁ ତେଲ ଆମଦାନୀ କରୁଛି।

## ସଂକ୍ଷେପରେ

### ଉତ୍ସବ ମଧ୍ୟକୁ କାର୍ ମାଡ଼ିଯାଇ ୬ ମୃତ

ବ୍ରୁସେଲ୍ସ,୨୦।୩ : ବେଲ୍‌ଜିୟମର ଏକ ଛୋଟ ସହରରେ ରବିବାର ସକାଳେ ଏକ ମନୋରଞ୍ଜନ ଉତ୍ସବ ଚାଲିଥିବାବେଳେ ଏହା ମଧ୍ୟକୁ ଏକ ଦ୍ରୁତଗାମୀ କାର୍ ମାଡ଼ିଯିବାରୁ ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୦ ଜଣ ଗୁରୁତର ଆହତ ହୋଇଛନ୍ତି। କାର୍ ମାଡ଼ିଯିବା ପଛରେ ଆତଙ୍କବାଦ ଚିନ୍ତାଧାରାର କୌଣସି ପ୍ରମାଣ ପ୍ରାଥମିକ ତଦନ୍ତରୁ ମିଳିନାହିଁ। ବ୍ରୁସେଲ୍ସର ଦକ୍ଷିଣରେ ୫୦ କିଲୋମିଟର ଦୂରରେ ଅବସ୍ଥିତ ଷ୍ଟ୍ରେପି-ବ୍ରାକ୍ୟୁଗ୍‌ନିସ୍‌ରେ କାର୍ନିଭାଲ ପାଇଁ ୧୫୦ ଲୋକ ଏକାଠି ହୋଇଥିଲେ। ପଛପଟୁ ଦ୍ରୁତବେଗରେ ଆସୁଥିବା କାର୍ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଏଥିରେ ଅନେକେ ଆହତ ହୋଇଛନ୍ତି। କାର୍ ଡ୍ରାଇଭର ଓ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

### ୟାସିନ୍ ମଲିକ, ହାଫିଜ୍ ସୟିଦଙ୍କ ନାଁରେ ଚାର୍ଜଫ୍ରେମ୍ ନିର୍ଦ୍ଦେଶ


ମହମ୍ମଦ ୟାସିନ ମଲିକ

ନୂଆଦିଲ୍ଲୀ,୨୦।୩ (ପି.ଟି.): ୨୦୧୭ରେ କଶ୍ମୀର ଉପତ୍ୟକାରେ ଆତଙ୍କବାଦ ଓ ବିଚ୍ଛିନ୍ନତାବାଦୀ କାର୍ଯ୍ୟ ସହ ସମ୍ପୃକ୍ତି ଅଭିଯୋଗରେ ଜମ୍ମୁ-କଶ୍ମୀର ଲିବରେଶନ ଫ୍ରଣ୍ଟ (ଜେକେଏଲ୍‌ଏଫ୍) ମୁଖ୍ୟ ମହମ୍ମଦ ୟାସିନ ମଲିକ ଏବଂ ଅନ୍ୟମାନଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ନିରାକରଣ ଆଇନ (ୟୁଏପିଏ)ରେ ଚାର୍ଜଫ୍ରେମ୍ କରିବା ଲାଗି ଦିଲ୍ଲୀର ଏକ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ୟାସିନଙ୍କ ବ୍ୟତୀତ ଲଶ୍କର-ଇ-ତୋଇବା ପ୍ରତିଷ୍ଠାତା ହାଫିଜ ସୟିଦ, ହିଜ୍‌ବୁଲ୍ ମୁଜାହିଦିନ ମୁଖ୍ୟ ସୟେଦ ସଲାହୁଦ୍ଦିନ, କଶ୍ମୀରୀ ବିଚ୍ଛିନ୍ନତାବାଦୀ ନେତା ଶବୀର ଶାହା, ମସରତ ଆଲାମ ଓ ଅନ୍ୟମାନଙ୍କ ବିରୋଧରେ ୟୁଏପିଏ, ଆଇପିସିର ବିଭିନ୍ନ ଧାରାରେ ଚାର୍ଜଫ୍ରେମ୍ କରିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ବିଚାରପତି ପ୍ରବୀଣ ସିଂ ପ୍ରମାଣ ସମ୍ପର୍କରେ ଆଲୋଚନା କରିବା ପରେ ଉପରୋକ୍ତ ଅଭିଯୁକ୍ତମାନେ ଅସ୍ଥିରତା ସୃଷ୍ଟି ଲାଗି ସିଧାସଳଖ ପାଣ୍ଠି ପାଉଥିବାର ସ୍ପଷ୍ଟ ହୋଇଛି ବୋଲି କହିଥିଲେ।

### ଫୁଟ୍‌ବଲ ମ୍ୟାଚ ବେଳେ ଗ୍ୟାଲେରି ଭୁଶୁଡ଼ି ୨୦୦ ଆହତ

ମାଲାପୁରମ୍(କେରଳ),୨୦।୩ : କେରଳର ମାଲାପୁରମ୍ ଜିଲାରେ ଶନିବାର ରାତିରେ ଫୁଟବଲ୍ ମ୍ୟାଚ୍ ଚାଲିଥିବାବେଳେ ହଠାତ୍ ଅସ୍ଥାୟୀ ଦର୍ଶକ ଗ୍ୟାଲେରି ଭୁଶୁଡ଼ି ପଡ଼ିବାରୁ ୨୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ଥିବା ପୋଲିସ କହିଛି। ଶନିବାର ରାତି ପ୍ରାୟ ୯ଟା ବେଳେ ମାଲାପୁରମ୍‌ର ପୁଙ୍ଗୋଡ୍ ଷ୍ଟାଡିୟମରେ ଫୁଟ୍‌ବଲ ମ୍ୟାଚ୍ ଆରମ୍ଭ ହେବାକୁ ଯାଉଥିବାବେଳେ ଦର୍ଶକଙ୍କ ପାଇଁ ଅସ୍ଥାୟୀ ଭାବେ ନିର୍ମିତ ଗ୍ୟାଲେରି ଭୁଶୁଡ଼ି ପଡ଼ିଥିଲା। ଭୟରେ ଲୋକେ ପଡ଼ିଆରେ ଦୌଡ଼ୁଥିବା ଦେଖାଯାଇଛି। ଆୟୋଜକ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ତୁରନ୍ତ ହସ୍ପିଟାଲ ପଠାଇଥିଲେ।

### ୫୫ ଜଣଙ୍କଠାରୁ ୧୩ କୋଟି ଠକି ଗିରଫ

ନୂଆଦିଲ୍ଲୀ,୨୦।୩ (ଆଇଏଏନ୍‌ଏସ୍): ଫ୍ଲାଟ ଯୋଗାଇଦେବାର ପ୍ରତିଶ୍ରୁତି ଦେଇ ୫୫ ଜଣଙ୍କଠାରୁ ୧୩ କୋଟି ଠକିନେଇଥିବା ଅଭିଯୁକ୍ତ ଦିନେଶ ଶର୍ମାଙ୍କୁ ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ସେ ତାଙ୍କ କମ୍ପାନୀ ଏସିଆନ୍ ଡେଭେଲପର୍ସ ପ୍ରା. ଲିଃ ଜରିଆରେ ହରିୟାଣାର ରେୱାରିସ୍ଥିତ ବିଭିନ୍ନ ଫ୍ଲାଟ/ଦୋକାନ ବୁକିଂ ପାଇଁ ୨୦୧୨ରେ ବିଜ୍ଞାପନ ଛାପିଥିଲେ। ଜମାକାରୀମାନେ ଫ୍ଲାଟ୍ ବୁକ୍ କରିବା ସହ ନିୟମିତ ଟଙ୍କା ଜମା କରିଆସୁଥିଲେ। ୨୦୧୪ ଏପ୍ରିଲରେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ବନ୍ଦ ହୋଇଯିବାରୁ ନିବେଶକଙ୍କୁ କୌଣସି ୟୁନିଟ୍‌ର ଦଖଲ ଦିଆଯାଇ ନ ଥିଲା। ପ୍ରକଳ୍ପ ନିର୍ମାଣ ଏକ ନିର୍ଦ୍ଦିଷ୍ଟ କମ୍ପାନୀର କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଅଭିଯୁକ୍ତ ବିଲ୍ଡର କମ୍ପାନୀ ଭୁଲ୍ ତଥ୍ୟ ଦେଇ ଜମାକାରୀମାନଙ୍କୁ ପ୍ରକଳ୍ପରେ ନିବେଶ କରିବା ଲାଗି ପ୍ରୋତ୍ସାହିତ କରିଥିଲା। ଏହା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଜମାକାରୀଙ୍କ ଟଙ୍କା ବିଭିନ୍ନ ଆକାଉଣ୍ଟକୁ ସ୍ଥାନାନ୍ତର ହୋଇଥିବା ତଦନ୍ତରୁ ଜଣାପଡ଼ିଥିଲା।

# ଆର୍ଟ ସ୍କୁଲ ଉପରେ ବୋମା

- ୪୦୦ ଲୋକ ଆଶ୍ରୟ ନେଇଥିଲେ
- ରୁଷିଆ ଆତଙ୍କବାଦ ଭୁଲିବୁ ନାହିଁ: ଜେଲେନ୍‌ସ୍କି

କ୍ୱିଭ୍, ୨୦।୩


ରୁଷିଆ ଆକ୍ରମଣରେ କ୍ୱିଭ୍‌ରେ ଧ୍ୱଂସ ହୋଇଥିବା ରେସିଡେନ୍ସିଆଲ ବିଲ୍ଡିଂର ଭଗ୍ନାବଶେଷ ସଫା କରିବାକୁ ଆସିଥିବା ଜଣେ ମହିଳା କାନ୍ଦୁଛନ୍ତି।

ୟୁକ୍ରେନ୍ ଉପରେ ୨୫ ଦିନ ଧରି ଆକ୍ରମଣ ଜାରି ରଖିଥିବା ରୁଷିଆ ସେଠାକାର ସାଧାରଣ ନାଗରିକଙ୍କୁ କ୍ରମାଗତ ଟାର୍ଗେଟ କରୁଛି। ଗତ ସପ୍ତାହରେ ପ୍ରାୟ ୧୪ ଶହ ଲୋକ ଆଶ୍ରୟ ନେଇଥିବା ମାରିଉପୋଲର ଏକ ଥିଏଟର ଉପରେ ରୁଷିଆ ବୋମା ପକାଇଥିବାବେଳେ ଏବେ ସେଠାରେ ଥିବା ଏକ ଆର୍ଟ ସ୍କୁଲ ଉପରେ ଆକ୍ରମଣ କରିଛି। ଉକ୍ତ ସ୍କୁଲରେ ପ୍ରାୟ ୪୦୦ ଲୋକ ରୁଷିଆ ଆକ୍ରମଣରେ ଭୟଭୀତ ହୋଇ ଲୁଚି ରହିଥିଲେ ବୋଲି ୟୁକ୍ରେନ୍ ପକ୍ଷରୁ କୁହାଯାଇଛି। ତେବେ ଏହି ଆକ୍ରମଣରେ କେତେଜଣ ମୃତାହତ ହୋଇଛନ୍ତି, ସେ ନେଇ କୌଣସି ସୂଚନା ଦିଆଯାଇନାହିଁ। ଥିଏଟର ଆକ୍ରମଣରେ ବିଲ୍ଡିଂରେ ଫସିରହିଥିବା ୧୩୦ ଜଣଙ୍କୁ ଉଦ୍ଧାର କରାଯାଇପାରିଛି।

ଆଜୋଭ୍ ସାଗର ନିକଟରେ ଥିବା ବନ୍ଦର ସହର ମାରିଉପୋଲ ରଣନୈତିକ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ସେଠାରେ ରୁଷିଆ ୩ ସପ୍ତାହ ହେଲାଣି ମିଶାଇଲ, ବୋମା ମାଡ଼ ଜାରି ରଖିଛି। ଆକ୍ରମଣ ଦିନଠାରୁ ମାରିଉପୋଲର ୨୫ ଶହରୁ ଊର୍ଦ୍ଧ୍ୱ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ୟୁକ୍ରେନ୍ ପକ୍ଷରୁ କୁହାଯାଇଛି। ଏବେ ସେଠାରେ ଫସି ରହିଥିବା ଲୋକେ ଖାଦ୍ୟ, ପାନୀୟ, ବିଦ୍ୟୁତ୍ ଆଦି ଜରୁରୀ ମୌଳିକ ସୁବିଧା ଅଭାବରୁ ଦୁର୍ଦ୍ଦଶା ଭୋଗୁଛନ୍ତି। ଏକ ଶାନ୍ତିପୂର୍ଣ୍ଣ ସହରକୁ ଧ୍ୱଂସ କରିଥିବା ରୁଷିଆର ଆତଙ୍କବାଦୀ କାର୍ଯ୍ୟକଳାପକୁ କେବେ ଭୁଲିବୁ ନାହିଁ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ରୁଷିଆ ଯେତେ ଅଧିକ ଏପରି ଆତଙ୍କ ଜାରି ରଖିବ ସେତେ ଭୟଙ୍କର ପରିଣାମ ଭୋଗିବ ବୋଲି ଜେଲେନ୍‌ସ୍କି ଚେତାବନୀ ଦେଇଛନ୍ତି। ରୁଷୀୟ ସୈନ୍ୟ ମାରିଉପୋଲକୁ ଦଖଲ କରି ଏହାକୁ ଆଜୋଭ ସାଗର ଉପରେ ନିୟନ୍ତ୍ରଣ ରଖିବାକୁ ଆକ୍ରମଣ ତୀବ୍ର କରିଛନ୍ତି।

## ପ୍ରେମୀଯୁଗଳଙ୍କ ଯୁଦ୍ଧ ତାଲିମ

କ୍ୱିଭ୍, ୨୦।୩

ଯୁଦ୍ଧ ବିଷୟରେ ଇତିହାସରୁ ପଢ଼ିଥିବା ତଥା ନିଜ ଅଜା ଆଈଙ୍କ କାହାଣୀରେ ଶୁଣିଥିବା ୟୁକ୍ରେନ୍‌ର ଯୁବପିଢ଼ି ଆଜି ନିଜେ ଜଣେ ଜଣେ ଯୋଦ୍ଧା ପାଲଟିଛନ୍ତି। ପାର୍ଟନରଙ୍କ ସହ ଜୀବନ ଆରମ୍ଭ କରିବାକୁ ଯାଉଥିବା ପ୍ରେମୀଯୁଗଳ ଏବେ ଯୁଦ୍ଧାସ୍ତ୍ର ଧରି ଦେଶ ରକ୍ଷା ପାଇଁ ରୁଷିଆ ବିରୋଧରେ ଲଢ଼ିବା ନିମନ୍ତେ ତାଲିମ ଦେଉଛନ୍ତି। କଫି ପିଇ ସାଙ୍ଗମାନଙ୍କ ସହ ସମୟ କାଟିବାକୁ ଯାଉଥିବା ସ୍ଥାନରେ ୟୁକ୍ରେନ୍ ଯୁବଗୋଷ୍ଠୀ ଅସ୍ତ୍ର ଧରି ଯୁଦ୍ଧ କୌଶଳ ଶିଖୁଛନ୍ତି। ଦକ୍ଷିଣ ୟୁକ୍ରେନ୍‌ର ଓଡେଶା ସହରରେ ଥିବା ଏହି ଟ୍ରେନିଂ ସେଣ୍ଟରରେ ସେମାନେ ଯୁଦ୍ଧାସ୍ତ୍ର ଚଳାଇବା ସହ କ୍ଷତାକ୍ତ ହେଲେ ଶୀଘ୍ର ଉପଶମ ନିମନ୍ତେ ଏମର୍ଜେନ୍ସି ଫାଷ୍ଟଏଡ୍ ବା ପ୍ରାଥମିକ ଚିକିତ୍ସା ପଦ୍ଧତି ଶିକ୍ଷା ମଧ୍ୟ ନେଉଛନ୍ତି।

ଏଇ ଗ୍ରୀଷ୍ମ ଋତୁରେ ନିଜ ବିବାହ ଯୋଜନା କରିସାରିଥିବା ପ୍ରେମୀଯୁଗଳ ୨୬ ବର୍ଷୀୟା ଗ୍ରାଫିକ୍ ଡିଜାଇନର ଓଲ୍‌ଗା ମୋରୋଜ୍ ଏବଂ ତାଙ୍କ ପ୍ରେମିକ ୩୨ ବର୍ଷୀୟ ସେଲ୍‌ସ ମ୍ୟାନେଜର ମାକ୍ସିମ୍ ୟାଭ୍‌ତୁଶେଙ୍କୋ ଦିନକୁ ପ୍ରାୟ ୮୦ରୁ ୧୫୦ ଲୋକଙ୍କୁ ଯୁଦ୍ଧ କୌଶଳ ଏବଂ ଫାଷ୍ଟଏଡ୍ ଟ୍ରେନିଂ ଦେଉଛନ୍ତି। ଉଭୟେ ୟୁକ୍ରେନ୍ କ୍ଷେତ୍ରୀୟ ପ୍ରତିରକ୍ଷା ବାହିନୀରେ ସ୍ୱେଚ୍ଛାକୃତ ଭାବେ ଯୋଗ ଦେବା ପରେ ଅନ୍ୟମାନଙ୍କୁ ଅସ୍ତ୍ରଚାଳନା ଶିଖାଉଛନ୍ତି। ସମ୍ପ୍ରତି ସ୍ଥିତିରେ ୟୁକ୍ରେନ୍‌ର ପ୍ରତ୍ୟେକ ବ୍ୟକ୍ତି ଲଢ଼ିବା ଜାଣିବା ଉଚିତ। ଏଥିସହ ଔଷଧ ପ୍ରସ୍ତୁତି, ପରିବାର ଲୋକ ଓ ଅନ୍ୟମାନଙ୍କ ଚିକିତ୍ସା ଶିଖିବା ଜରୁରୀ ବୋଲି ଓଲଗା ମୋରୋଜ କହିଛନ୍ତି। ଏହି କେନ୍ଦ୍ରରେ ନାଗରିକଙ୍କୁ ମୌଳିକ ପ୍ରତିରକ୍ଷା ତାଲିମ୍ ଦିଆଯାଉଥିଲେ ହେଁ ଏହା ଦ୍ୱାରା ସେମାନେ ଆଗକୁ ଆସିବାକୁ ଥିବା ସ୍ଥିତି ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ରହିପାରିବେ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ଟ୍ରେନିଂ ନେଉଥିବା ଜଣେ ୨୬ ବର୍ଷୀୟ ଇଣ୍ଟରନେଟ୍ ମାର୍କେଟିଂ ମ୍ୟାନେଜର ମୁରାଗର୍ ଶାରିପୋଭ୍ କହିଛନ୍ତି, ଆମକୁ ଯୁଦ୍ଧର ଭୟାବହତାକୁ ବୁଝିବାକୁ ପଡ଼ିବ। ଚାରିଆଡ଼େ ଆମ ଦେଶର ଲୋକଙ୍କ ଜୀବନ ଯାଉଛି। ତେଣୁ ନିଜ ପରିବାର, ସମ୍ପର୍କୀୟ , ସାଙ୍ଗସାଥିଙ୍କ ସୁରକ୍ଷା ନିମନ୍ତେ ପ୍ରସ୍ତୁତି କରିବାକୁ ପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି।


ଓଲ୍‌ଗା ମୋରୋଜ୍ ଓ ତାଙ୍କ ପ୍ରେମିକ ମାକ୍ସିମ୍ ୟାଭ୍‌ତୁଶେଙ୍କୋ।

## ହିଜାବ ରାୟ ଦେଇଥିବା ବିଚାରପତିଙ୍କୁ ୱାଇ ସୁରକ୍ଷା

ବେଙ୍ଗାଲୁରୁ,୨୦।୩

ବହୁଚର୍ଚ୍ଚିତ ହିଜାବ ବିବାଦ ମାମଲାରେ ରାୟ ଦେଇଥିବା କର୍ଣ୍ଣାଟକ ହାଇକୋର୍ଟର ବିଚାରପତିଙ୍କୁ ହତ୍ୟା ଧମକ ମିଳିବା ପରେ ସେମାନଙ୍କୁ 'ୱାଇ' ସୁରକ୍ଷା ବ୍ୟବସ୍ଥା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ଘୋଷଣା କରିଛନ୍ତି। ରାୟ ପ୍ରଦାନ କରିଥିବା ୩ ଜଣ ବିଚାରପତିଙ୍କୁ ଏହି ସୁରକ୍ଷା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ କହିବା ସହ ହତ୍ୟା ଧମକ ଘଟଣାର ଉପଯୁକ୍ତ ତଦନ୍ତ ଲାଗି ପୋଲିସ ଡିଜି ଏବଂ ଆଇଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟ ବିଚାରପତି ଋତୁରାଜ ଅୱସ୍ଥି, ଜଷ୍ଟିସ୍ କ୍ରିଷ୍ଣା ଦୀକ୍ଷିତ ଏବଂ ଖାଜି ଏମ୍ ଜୟବୁନିସା ହିଜାବ ବିବାଦ ମାମଲାରେ ରାୟ ପ୍ରଦାନ କରିଥିଲେ। ସେମାନଙ୍କୁ ହତ୍ୟା ଧମକ ଘଟଣାକୁ ମୁଖ୍ୟମନ୍ତ୍ରୀ ନିନ୍ଦା କରିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ ଦେଇଛନ୍ତି। କୌଣସି ଧର୍ମକୁ ସମର୍ଥନ ଜଣାଇବା ଧର୍ମନିରପେକ୍ଷତା ନୁହେଁ, ଏହା ସାମ୍ପ୍ରଦାୟିକତା। ବିଚାରପତିଙ୍କୁ ଧମକ ଦେଉଥିବା ବ୍ୟକ୍ତିଙ୍କୁ ତାଙ୍କ ସରକାର ନିନ୍ଦା କରୁଥିବା ବୋମାଇ କହିଛନ୍ତି।


ଜଷ୍ଟିସ୍ ଋତୁରାଜ ଅୱସ୍ଥି

### ହତ୍ୟା ଧମକ ଦେଇ ୨ ଗିରଫ

ଶିକ୍ଷାନୁଷ୍ଠାନରେ ହିଜାବ ପିନ୍ଧିବାକୁ ଅନୁମତି ଦେବା ଲାଗି ଦାଏର ଏକାଧିକ ପିଟିଶନକୁ କର୍ଣ୍ଣାଟକ ହାଇକୋର୍ଟ ଗତ ମଙ୍ଗଳବାର ଖାରଜ କରିଦେଇଥିଲେ। ହିଜାବ ପିନ୍ଧିବା ଇସ୍‌ଲାମ ଧର୍ମରେ ଏକ ଜରୁରୀ ପ୍ରଥା ନୁହେଁ ବୋଲି ହାଇକୋର୍ଟ କହିଥିଲେ। ବିଚାରପତିଙ୍କୁ ଧମକ ଦେବା ଅଭିଯୋଗରେ ୨ ଜଣଙ୍କୁ ଶନିବାର ରାତିରେ ଗିରଫ କରାଯାଇଛି। ସେମାନେ ତାମିଲନାଡୁ ତୌହିଦ୍ ଜମାତ୍ (ଟିଏନ୍‌ଟିଜେ)ର କାର୍ଯ୍ୟକର୍ତ୍ତା ବୋଲି ଜଣାପଡ଼ିଛି।


ହିମାଚଳ ପ୍ରଦେଶର ସୋଲାନ ଜିଲାରେ କାଲ୍‌କା-ସିମ୍‌ଲା ହେରିଟେଜ୍ ରେଳ ଲାଇନ୍‌ରେ ଏକ ଟଏ ଟ୍ରେନ୍ ଯାତ୍ରା କରୁଛି।

## ବିଷାକ୍ତ ମଦ ନେଲା ୧୪ ଜୀବନ

ପାଟଣା,୨୦।୩

ହୋଲି ଅବସରରେ ବିହାରର ତିନି ଜିଲାରେ ଘଟିଯାଇଛି ଅଭାବନୀୟ ଘଟଣା। ବିଷାକ୍ତ ମଦ ପିଇ ୧୪ ଜଣଙ୍କ ଜୀବନହାନି ହୋଇଥିବା କୁହାଯାଉଛି। ବିହାରର ବାଙ୍କା, ଭାଗଲପୁର ଏବଂ ମାଦେପୁରାରୁ ଆସିଛି ଏ ପ୍ରକାର ଅଭାବନୀୟ ଚିତ୍ର। ବାଙ୍କା ଜିଲାରୁ ମୋଟ ୭ ଜଣଙ୍କ ପ୍ରାଣହାନି ହୋଇଥିବାବେଳେ ଅମରପୁର ଅଞ୍ଚଳରୁ ଏକାଧିକ ଲୋକ ବିଷାକ୍ତ ମଦ ପିଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେହିପରି ଭାଗଲପୁରରେ ୪ ଜଣ ଆଖିବୁଜିଛନ୍ତି ଏବଂ ମାଧେପୁରାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ହୋଲି ଉତ୍ସବ ପାଳନ କରିବା ଅବସରରେ ଏହି ବ୍ୟକ୍ତିମାନେ ବିଷାକ୍ତ ମଦ ସେବନ କରିଥିଲେ। ରବିବାର ସକାଳେ ମଦ ପିଇଥିବାଙ୍କ ମଧ୍ୟରୁ ୧୪ ଜଣଙ୍କ ମୃତ୍ୟୁ ଘଟିଛି। କିଛି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଶୋଚନୀୟ ହୋଇପଡ଼ିଥିବା ଯୋଗୁ ସ୍ଥାନିୟ ହସ୍ପିଟାଲରେ ସେମାନଙ୍କ ଚିକିତ୍ସା ଜାରି ରହିଛି। ବିଷାକ୍ତ ମଦ ଦ୍ୱାରା ଏ ସମସ୍ତଙ୍କ ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସ୍ଥାନୀୟ ପ୍ରଶାସନ ଏ ନେଇ କୌଣସି ପ୍ରତିକ୍ରିୟା ରଖି ନାହିଁ। ଦୀର୍ଘ ୬ ବର୍ଷ ଧରି ବିହାରରେ ମଦମୁକ୍ତ ଅଭିଯାନ ଆରମ୍ଭ ହୋଇଥିଲେ ମଧ୍ୟ ଏ ନେଇ କୌଣସି ସୁଫଳ ମିଳିପାରି ନାହିଁ। ନୀତିଶ କୁମାରଙ୍କ ସରକାର ରାଜ୍ୟରେ ମଦ ବିକ୍ରି ଉପରେ କଟକଣା ଲାଗୁ କରିବା ସାଙ୍ଗକୁ ଡ୍ରୋନ୍ ଏବଂ ହେଲିକପ୍ଟର ଜରିଆରେ ବେଆଇନ୍ ମଦ କାରବାର ଉପରେ ନଜର ରଖାଯାଉଛି।

## ଭାରତକୁ ପଛରେ ପକାଇଲା ପାକିସ୍ତାନ

ନୂଆଦିଲ୍ଲୀ, ୨୦।୩

### ୱାର୍ଲ୍ଡ ହାପିନେସ୍ ରିପୋର୍ଟ

- ଫିନ୍‌ଲାଣ୍ଡ ସବୁଠୁ ଖୁସି ଦେଶ
- ସବୁଠାରୁ ଦୁଃଖୀ ଆଫଗାନିସ୍ତାନ



ଜାତିସଂଘର ବାର୍ଷିକ ସୂଚକାଙ୍କରେ କ୍ରମାଗତ ୫ମ ଥର ପାଇଁ ଫିନ୍‌ଲାଣ୍ଡ ବିଶ୍ୱର ସବୁଠୁ ଖୁସି ଦେଶ ହୋଇଛି। ଜାତିସଂଘ ସ୍ଥାୟୀ ବିକାଶ ସମାଧାନ ନେଟ୍‌ୱର୍କ ପକ୍ଷରୁ ପ୍ରକାଶିତ ୱାର୍ଲ୍ଡ ହାପିନେସ୍ ରିପୋର୍ଟର ୧୦ମ ସଂସ୍କରଣରେ ଭାରତର ସ୍ଥାନ ୧୩୬ ରହିଛି। ୧୪୬ ଦେଶକୁ ନେଇ ପ୍ରକାଶିତ ଏହି ତାଲିକାରେ ପଡ଼ୋଶୀ ନେପାଳ (୮୩), ବାଲାଂଦେଶ (୯୪), ପାକିସ୍ତାନ (୧୨୧) ଓ ଶ୍ରୀଲଙ୍କା (୧୨୭) ଉନ୍ନତ ପ୍ରଦର୍ଶନ କରି ଭାରତକୁ ପଛରେ ପକାଇଛନ୍ତି। ପୂର୍ବବର୍ଷ ଏହି ସୂଚକାଙ୍କରେ ଭାରତ ୧୩୯ତମ ସ୍ଥାନରେ ରହିଥିଲା।

ଜିଡିପି, ସାମାଜିକ ସମର୍ଥନ, ବ୍ୟକ୍ତିଗତ ସ୍ୱାଧୀନତା, ଦୁର୍ନୀତି, ସୁସ୍ଥ ଜୀବନ ଆଦି ମାନଦଣ୍ଡ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଏ। ଚଳିତ ବର୍ଷ ଫିନ୍‌ଲାଣ୍ଡ ତଳକୁ ଡେନ୍‌ମାର୍କ, ଆଇସ୍‌ଲାଣ୍ଡ, ସୁଇଜରଲାଣ୍ଡ, ନେଦରଲାଣ୍ଡସ, ଲକ୍ସମବର୍ଗ, ସୁଇଡେନ୍, ନରୱେ ଓ ନ୍ୟୁଜିଲାଣ୍ଡ କ୍ରମାନ୍ୱୟ ଭାବେ ଶୀର୍ଷ ୧୦ ଦେଶ ମଧ୍ୟରେ ରହିଛନ୍ତି। ଏହି ତାଲିକାରେ ଆମେରିକା ୧୬ ନମ୍ବର ସ୍ଥାନରେ ରହିଥିବାବେଳେ ବ୍ରିଟେନ ୧୭ ଏବଂ ୨୦ ନମ୍ବରରେ ଫ୍ରାନ୍ସ ରହିଛି। ରିପୋର୍ଟକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏକ ଟୁଇଟରେ ସେ କହିଛନ୍ତି, କ୍ଷୁଧା ତାଲିକାରେ ୧୦୧, ସ୍ୱାଧୀନତା ର୍‍ୟାଙ୍କ ୧୧୯, ହାପିନେସ୍ ର୍‍ୟାଙ୍କ୍ ୧୩୬। କିନ୍ତୁ ଘୃଣା ଓ ଆକ୍ରୋଶ ତାଲିକାରେ ଖୁବଶୀଘ୍ର ଆମେ ୧ ନମ୍ବରରେ ରହିବା ବୋଲି ସେ ଲେଖିଛନ୍ତି।

# ୩.୨ ଲକ୍ଷ କୋଟି ନିବେଶ କରିବ ଜାପାନ

ନୂଆଦିଲ୍ଲୀ, ୨୦।୩

ୟୁକ୍ରେନ୍-ରୁଷିଆ ଯୁଦ୍ଧ ଭିତରେ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିସିଦାଙ୍କ ଦୁଇ ଦିନିଆ ଭାରତ ଗସ୍ତ ଶେଷ ହୋଇଛି। ଶନିବାର ନୂଆଦିଲ୍ଲୀରେ ପହଞ୍ଚିବା ପରେ କିସିଦା ଅପରାହ୍ଣରେ ହାଇଦ୍ରାବାଦ ହାଉସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲେ। ଦ୍ୱିପାକ୍ଷିକ ଆଲୋଚନାରେ ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ, ସାଂସ୍କୃତିକ ସମ୍ପର୍କ ଅଧିକ ମଜଭୁତ କରିବା ଆଦି ପ୍ରସଙ୍ଗ ସ୍ଥାନିତ ହୋଇଥିଲା। ଆସନ୍ତା ୫ ବର୍ଷ ମଧ୍ୟରେ ଜାପାନ ଭାରତରେ ୫ ଟ୍ରିଲିୟନ ୟେନ୍ ବା ପ୍ରାୟ ୩.୨ ଲକ୍ଷ କୋଟି ଟଙ୍କା ନିବେଶ କରିବ ବୋଲି କିସିଦା ଏହି ଅବସରରେ ଘୋଷଣା କରିଛନ୍ତି। ଆଲୋଚନାରେ ଲଦାଖ ବିବାଦ ସହ ଚାଇନା ପକ୍ଷରୁ ସୃଷ୍ଟି ଆହ୍ୱାନ, ଆଫଗାନିସ୍ତାନ ଓ ମ୍ୟାନ୍‌ମାର ସ୍ଥିତି, ଦକ୍ଷିଣ ଚାଇନା ସାଗର, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସ୍ଥିରତା ପ୍ରସଙ୍ଗ ମଧ୍ୟ ରହିଥିଲା। ସେହିପରି ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ଏକ ଗମ୍ଭୀର ସଙ୍କଟ ବୋଲି କହି ଏହା ଅନ୍ତର୍ଜାତୀୟ ସୀମାର ମୂଳଦୁଆକୁ ଦୋହଲାଇ ଦେଇଥିବା କିସିଦା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

୨୦୧୪ର ଇନ୍‌ଭେଷ୍ଟମେଣ୍ଟ ପ୍ରମୋଶନ ପାର୍ଟନରଶିପ୍ (ନିବେଶ ପ୍ରୋତ୍ସାହନ ସହଭାଗିତା)ରେ ଉଭୟ ପକ୍ଷ ୩.୫ ଟ୍ରିଲିୟନ ୟେନ୍‌ର ଜାପାନୀ ନିବେଶ ପାଇଁ ସହମତ ହୋଇଥିଲେ। ସେହି ଲକ୍ଷ୍ୟ ପୂରଣ ହୋଇ ସାରିଥିବା ଜାପାନର ସରକାରୀ ବିକାଶ ସହାୟତା ଏବଂ ନିବେଶ ପକ୍ଷରୁ କୁହାଯାଇଛି। ଏବେ ନୂତନ ନିବେଶ ଟାର୍ଗେଟ



### ମୋଦିଙ୍କ ସହ ଆଲୋଚନା କଲେ ଫୁମିଓ କିସିଦା

ଭାରତୀୟ ଅର୍ଥବ୍ୟବସ୍ଥାରେ ଜାପାନ କମ୍ପାନୀଗୁଡ଼ିକର ଅଧିକ ଯୋଗଦାନ ନିମନ୍ତେ ବ୍ୟାପକ ପରିସର ପ୍ରଦାନ କରିବ ବୋଲି କୁହାଯାଇଛି। ସ୍ପେଶାଲ ଷ୍ଟ୍ରାଟେଜି ଏବଂ ଗ୍ଲୋବାଲ ପାର୍ଟନରଶିପ୍ ସହ ବୃଦ୍ଧି ଯୋଗୁ ଅର୍ଥନୈତିକ ସହଯୋଗରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଥିବା ମିଳିତ ବିବୃତିରେ ଉଭୟ ପକ୍ଷ ପ୍ରକାଶ କରିଛନ୍ତି। ଦେଶଗୁଡ଼ିକର ସାର୍ବଭୌମତ୍ୱ, ଆଞ୍ଚଳିକ ଅଖଣ୍ଡତା ବଜାୟ ରଖିବା ସହ ଶାନ୍ତିପୂର୍ଣ୍ଣ, ସ୍ଥିର ଏବଂ ସମୃଦ୍ଧ ବିଶ୍ୱ ଦିଗରେ ଏକତ୍ର କାର୍ଯ୍ୟ କରିବାକୁ ଉଭୟ ପକ୍ଷ ପ୍ରତିବଦ୍ଧ ବୋଲି ଏହି ବିବୃତିରେ ଦର୍ଶାଯାଇଛି। ଦୁଇଦେଶ ଖୁବଶୀଘ୍ର ବହିର୍ବ୍ୟାପାର ଓ ପ୍ରତିରକ୍ଷା ମନ୍ତ୍ରୀଙ୍କ ମଧ୍ୟରେ 'ଟୁ-ପ୍ଲସ୍-ଟୁ' ବୈଠକ ଆୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଜାପାନ ଇଣ୍ଟରନ୍ୟାଶନାଲ କୋଅପରେଶନ୍ ଏଜେନ୍ସିଠାରୁ ଯୋଗାଯୋଗ, ଜଳ ଯୋଗାଣ, ସ୍ୱେରେଜ୍, ଉଦ୍ୟାନକୃଷି, ସ୍ୱାସ୍ଥ୍ୟ ସେବା ସହ ଭାରତର ବିଭିନ୍ନ ରାଜ୍ୟରେ ଜୈବ ବିବଧତା ସଂରକ୍ଷଣ ନିମନ୍ତେ ୨୦,୪୦୦ କୋଟି ଟଙ୍କାର ଋଣ ଅଣାଯିବା ଉପରେ ଚୁକ୍ତି ସ୍ୱାକ୍ଷର ହୋଇଛି। ମୋଦିଙ୍କ ସହ ଆଲୋଚନା ପରେ ବୈଦ୍ୟୁତିକ ଯାନ, ବ୍ୟାଟେରି ସମେତ ଅନ୍ୟ ଜରୁରୀ ପାର୍ଟସ୍‌ର ସଂରକ୍ଷଣ ବ୍ୟବସ୍ଥା, ବୈଦ୍ୟୁତିକ ଯାନକୁ ଚାର୍ଜ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି, ସୌର ଶକ୍ତି ବିକାଶ ଆଦି କ୍ଷେତ୍ରରେ ସ୍ୱଚ୍ଛ ଶକ୍ତି ଭାଗୀଦାରି (ସିଇପି) ଗଠନ ନିମନ୍ତେ ଉଭୟ ପକ୍ଷ ସ୍ଥିର କରିଥିଲେ। ଜାପାନ ପ୍ରଧାନମନ୍ତ୍ରୀ ଭାବେ ପ୍ରଥମ ଥର ପାଇଁ କିସିଦା ଭାରତ ଗସ୍ତ କରିଥିଲେ। ରବିବାର ସକାଳେ ସେ ନୂଆଦିଲ୍ଲୀରୁ ପ୍ରସ୍ଥାନ କରିଥିଲେ।

## ନେତାଜୀଙ୍କ ଅବଶେଷ ଭାରତ ପଠାଅ

### କିସିଦାଙ୍କୁ ଚନ୍ଦ୍ର ବୋଷ୍‌ଙ୍କ ନିବେଦନ

କୋଲକାତା, ୨୦।୩

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନିଖୋଜ ହେବାକୁ ୭ ଦଶନ୍ଧିରୁ ଊର୍ଦ୍ଧ୍ୱ ବିତିଥିବାବେଳେ ତାଙ୍କ ମୃତ୍ୟୁ ଏବେ ବି ରହସ୍ୟମୟ ହୋଇ ରହିଛି। ୧୯୪୫ରେ ଏକ ବିମାନ ଦୁର୍ଘଟଣାରେ ଏହି ସ୍ୱାଧୀନତା ସଂଗ୍ରାମୀଙ୍କ ମୃତ୍ୟୁ ଘଟିଥିବା ଅନେକେ କହୁଥିବାବେଳେ ଜାପାନର ରେନ୍‌କୋଜି ମନ୍ଦିରରୁ ତାଙ୍କ ଚିତାଭସ୍ମ ରଖାଯାଇଛି। ନେତାଜୀଙ୍କ ଅବଶେଷକୁ ଭାରତ ଆଣି ତାହାର ଡିଏନ୍‌ଏ ପରୀକ୍ଷା ନିମନ୍ତେ ରହିଥିବା ଦାବି ଆଜି ପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ। ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିସିଦା ଶନିବାର ଭାରତ ଗସ୍ତରେ ଥିବାବେଳେ ନେତାଜୀଙ୍କ ନାତି ଚନ୍ଦ୍ର ବୋଷ ଏହି ଦାବି ଉଠାଇଛନ୍ତି। ଏସିଆର ହିରୋଙ୍କ ଅବଶେଷ ଭାରତ ଫେରାଇ ଦେବାକୁ କିସିଦାଙ୍କୁ ଅନୁରୋଧ କରିବା ନିମନ୍ତେ ଚନ୍ଦ୍ର ବୋଷ ଭାରତ ସରକାରଙ୍କ ଉଦ୍ଦେଶ୍ୟରେ ଟୁଇଟ୍ କରିଛନ୍ତି।

## କୁରାଢ଼ି ଚୋଟରେ ୪ ଗୁରୁତର

**ସିଂହପୁର,(ଡି.ଏନ.ଏ.):** ଦୁଇ ପରିବାରର ଜମି ବିବାଦକୁ ନେଇ ସଂଘର୍ଷ ଘଟିଛି। ଫଳରେ କୁରାଢ଼ି ଚୋଟରେ ୪ ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ବିଞ୍ଝାରପୁର ଥାନା ଅନ୍ତର୍ଗତ ଟିଣା ଟିଣା ଗ୍ରାମରେ। ଗ୍ରାମର ସୁବୀର ମଲ୍ଲିକ ଓ ସୁଧୀର ମଲ୍ଲିକଙ୍କ ପରିବାରରେ ୯ ବର୍ଷ ଧରି ବିବାଦ ଲାଗି ରହିଛି। ଜମିବାଡି ଭାଗବଣ୍ଟାକୁ କେନ୍ଦ୍ରକରି ରବିବାର ସୁଧୀର ମଲ୍ଲିକ, ସ୍ୱର୍ଣ୍ଣଲତା ମଲ୍ଲିକ, ସୁବ୍ରତ ମଲ୍ଲିକ, ବୁବୁ ମଲ୍ଲିକ କୁରାଢ଼ିରେ ସୁବିର ମଲ୍ଲିକ, ସୁଶୀଲ ମଲ୍ଲିକ, ଲବଙ୍ଗଲତା ମଲ୍ଲିକ, ପ୍ରତିଭା ଜେନାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସୁବୀରଙ୍କ ପକ୍ଷରୁ ୪ଜଣ ଗୁରୁତର ହୋଇଛନ୍ତି। ଟାଙ୍ଗିଆ ଚୋଟରେ ସୁବୀରଙ୍କ ବେକରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ନାବାଳକଙ୍କ ମୃତ୍ୟୁ

**ସିଂହପୁର,୨୦।୩(ଡି.ଏନ.ଏ.):** ବିଞ୍ଝାରପୁର ଥାନା ବାଛୋଳ ପଞ୍ଚାୟତ ଗୋଡ଼ିଡ଼ିଅଠାରେ ସଡ଼କ ଦୁର୍ଘଟଣାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗୋଡ଼ିଡ଼ିଅ ଗ୍ରାମର ନବକିଶୋର ବେହେରାଙ୍କ ପୁଅ ଦୀପକ ବେହେରା। ନିଜର ଜଣେ ସମ୍ପର୍କୀୟଙ୍କ ସହ ଦୀପକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୨୦।୩(ଡି.ଏନ.ଏ.):** ବଡ଼ଚଣା ଥାନା ଚଣ୍ଡିତଳ ପଞ୍ଚାୟତ ଖଜୁରିଆ ଗ୍ରାମର ଅରୁଣ ସାହୁ(୪୨)ଙ୍କ ପୋଖରୀରେ ବୁଡ଼ି ରବିବାର ମୃତ୍ୟୁ ଘଟିଛି। ସେ ଶୌଚ ହେବା ପାଇଁ ଗ୍ରାମ ପୋଖରୀକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ତେବେ ସେ ପୋଖରୀରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଦେଖି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧାନମଣ୍ଡଳ ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଚୋରା କାଠ ଜବତ, ୫ ଗିରଫ

**କାଳିଆପାଣି,୨୦।୩(ଡି.ଏନ.ଏ.):** ଦୈତାରୀ ସଂରକ୍ଷିତ ନଗଡ଼ା ଜଙ୍ଗଲ ଅଞ୍ଚଳରୁ ସିଲପଟ କାଠ ଚୋରି କରୁଥିବା ୫ ଅଭିଯୁକ୍ତଙ୍କୁ ବନ ବିଭାଗ ପକ୍ଷରୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଟିଙ୍ଗୁଡ଼ିପାଳ ପଞ୍ଚାୟତ ଅଶୋକଝର ଗ୍ରାମର ମନ୍ତ୍ରୀ ପଧାନ, ସେନାପତି ପଧାନ, ବିଦ୍ୟାଧର ପଧାନ, ଅଙ୍ଗଦ ପଧାନ ଓ ଦୁକ ପଧାନ। କାଠ ଚୋରି ହେଉଥିବା ଖବର ପାଇ ଶୁକ୍ରବାର ଫରେଷ୍ଟର ନରେଶ ଟୁଡୁଙ୍କ ନେତୃତ୍ୱରେ ଗାର୍ଡ ଇପଶିକାରୀ ନାୟକ, ଗଙ୍ଗାଧର ମୁର୍ମୁ ପ୍ରମୁଖ ଚଢ଼ାଉ କରିଥିଲେ। ଅଭିଯୁକ୍ତଙ୍କଠାରୁ ୧୨ ଖଣ୍ଡ ସିଲପଟ କାଠ ଜବତ କରାଯାଇଥିବା ରେଞ୍ଜର ବିପିନ ବିହାରୀ ରାଉତରାୟ ସୂଚନା ଦେଇଛନ୍ତି।

### ୨ ବଖରା ଭସ୍ମୀଭୂତ

**ବରୀ,୨୦।୩(ଡି.ଏନ.ଏ.):** ବରୀ ବ୍ଲକ ବାଲିଆ ପଞ୍ଚାୟତ ଅନ୍ତର୍ଗତ ବଳିଆ ସାହିରେ ରବିବାର ଆକସ୍ମିକ ଅଗ୍ନିକାଣ୍ଡ ଘଟି ରଙ୍କନିଧି ପୃଷ୍ଟିଙ୍କ ୨ ବଖରା ଘର ଜଳିଯାଇଛି। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ। ଖବର ପାଇ ବରୀ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ସବୁକିଛି ଜଳି ପାଉଁଶ ହୋଇଯାଇଥିଲା। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ।

### ବାଣ ଫୁଟି ନାବାଳକଙ୍କ ପାପୁଲି ନଷ୍ଟ

**କାଳିଆପାଣି,୨୦।୩(ଡି.ଏନ.ଏ.):** କାଳିଆପାଣି ଥାନା ଅନ୍ତର୍ଗତ କାଟେପୂର୍ତ୍ତି ନଗର ହଟିଂରେ ଶନିବାର ହୋଲି ପାଳନ ବେଳେ ବାଣ ଫୁଟି ଜଣେ ନାବାଳକଙ୍କ ପାପୁଲି ନଷ୍ଟ ହୋଇଯାଇଛି। ସେ ହେଲେ ମାଟୁ ବିରୁଆଙ୍କ ପୁଅ ରାଜୁ ବିରୁଆ(୧୨)। ରାଜୁ ସେଠାରେ ପଡ଼ିଥିବା ଏକ ଅଫୁଟା ବାଣକୁ ଫୁଟାଇବାକୁ ହାତରେ ଧରିଥିଲେ। ଏହି ସମୟରେ ବାଣଟି ଫୁଟି ଯାଇଥିଲା। ଫଳରେ ରାଜୁଙ୍କ ପାପୁଲି ନଷ୍ଟ ହେବା ସହ ଆଙ୍ଗୁଠିଗୁଡିକ ଫାଟି ଛିଣ୍ଡି ଯାଇଥିଲା। ତାଙ୍କୁ ସାମାଜିକ କର୍ମୀ ବାବୁଲି ବାରିକ ଉଦ୍ଧାର କରି ବାଇକ୍ ଯୋଗେ ସୁକିନ୍ଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଧର୍ମଶାଳା,୨୦।୩(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ସାହାଣିଡିହ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ରାମଚନ୍ଦ୍ରପୁର ଗ୍ରାମନିବାସୀ ଶମ୍ଭୁନାଥ ଦଳେଇ(୬୫)ଙ୍କ ପରଲୋକ ହୋଇଛି। ସେ ଯକ୍ଷ୍ମାରୋଗରେ ପୀଡ଼ିତ ଥିଲେ। ସେ ୧୯୯୭ରେ ସାହାଣିଡିହ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଲୋକପ୍ରିୟ ନେତା ଭାବେ ପଞ୍ଚାୟତରେ ବେଶ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା, ପୂର୍ବତନ ଜିଲା ପରିଷଦ ସଭ୍ୟ ବଟକୃଷ୍ଣ ପରିଡ଼ା, ପୂର୍ବତନ ସରପଞ୍ଚ ଇନ୍ଦ୍ରମଣି ନାୟକ ଓ ବରିଷ୍ଠ କଂଗ୍ରେସ ନେତା ନିତ୍ୟାନନ୍ଦ ବିଶ୍ୱାଳ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ପୁଅ ବୁଲୁ ଦଳେଇ ମୁଖାଗ୍ନି ଦେଇଥିଲେ।

# ପ୍ରଚାରରେ ପୂରା ଦମ୍ ଲଗାଇଛନ୍ତି ଦଳ

**ଯାଜପୁର ଅଫିସ,୨୦।୩**

## ପୌର ନିର୍ବାଚନକୁ ୩ ଦିନ ବାକି



■ ମହଙ୍ଗା ପଡ଼ିପାରେ ବିପର୍ଯ୍ୟସ୍ତ ରାସ୍ତା, ଡ୍ରେନେଜ ଅବ୍ୟବସ୍ଥା

ଯାଜପୁର ଜିଲାର ୨ ପୌର ପରିଷଦର ୪୪ଟି ୱାର୍ଡ ପାଇଁ ଭୋଟକୁ ଆଉ ମାତ୍ର ୩ ଦିନ ବାକି। ସେଥିପାଇଁ ତିନି ମୁଖ୍ୟ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ବିଜେଡି, ଭାଜପା ଓ କଂଗ୍ରେସ ନେତୃବୃନ୍ଦ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ଅଭିଯାନର ଅନ୍ତିମ ପର୍ଯ୍ୟାୟରେ ପୂରା ଦମ୍ ଲଗାଇ ଦେଇଛନ୍ତି। ସଦ୍ୟ ସମାପ୍ତ ପଞ୍ଚାୟତ ନିର୍ବାଚନରେ ଯାଜପୁର ଜିଲାର ସମସ୍ତ ୩୯ଟି ଜିଲା ପରିଷଦ ଆସନରେ ବିଜେଡି ବିଜୟୀ ହେବା ସତ୍ତ୍ୱେ ପୌର ନିର୍ବାଚନରେ ସଂଘର୍ଷ କରିବାକୁ ପଡୁଛି। ବିଶେଷକରି ବ୍ୟାସନଗର ସହରରେ ଡ୍ରେନେଜ ଅବ୍ୟବସ୍ଥା ଓ ୱାର୍ଡଗୁଡିକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇ ପଡିଥିବାରୁ ବିଜେଡିକୁ ମହଙ୍ଗା ହୋଇପାରେ ବୋଲି ଆଲୋଚନା ହେଉଛି।

୨୦୧୩ ବ୍ୟାସନଗର ପୌର ନିର୍ବାଚନରେ ବିଜେଡି ଓ କଂଗ୍ରେସକୁ ମିଶ୍ରିତ ସଫଳତା ମିଳିଥିଲା। କିନ୍ତୁ ଯାଜପୁର ପୌର ନିର୍ବାଚନରେ ବିଜେଡି ସମସ୍ତ ୱାର୍ଡକୁ ପୋଛି ନେଇଥିଲା। ଏଥର ବ୍ୟାସନଗରରେ କଂଗ୍ରେସର କିଛିଟା ପ୍ରଭାବ ରହିଛି। ବିଶେଷକରି ରାଜ୍ୟର ଅନ୍ୟ ସ୍ଥାନ ତୁଳନାରେ ଦଳ ଏଠାରେ ଅପେକ୍ଷାକୃତ ସୁବିଧାଜନକ ସ୍ଥିତିରେ ରହିଛି। ହେଲେ ବିଗତ ଦିନର କର୍ମଫଳ ଏହି ନିର୍ବାଚନରେ ସିଧାସଳଖ ପ୍ରଭାବ ପକାଇବ ବୋଲି ରାଜନୈତିକ ବିଶ୍ଳେଷକମାନେ କହୁଛନ୍ତି । ବିରୋଧୀ ଦଳଗୁଡିକ ରାସ୍ତା, ଡ୍ରେନେଜ ଓ ପରିମଳ ବ୍ୟବସ୍ଥାକୁ ଅସ୍ତ୍ର କରିଥିଲେ ହେଁ ବିଜେଡିର ନିର୍ବାଚନ ପ୍ରସ୍ତୁତି ଓ ରଣକୌଶଳ ସମ୍ମୁଖରେ ତାହା ଫିକା ପଡିଯାଉଛି। ଅନ୍ୟପକ୍ଷେ ଏଯାଏ କୌଣସି ହେଭିୱେଟ ନେତାଙ୍କୁ ନିର୍ବାଚନ ପ୍ରଚାରରେ ଦେଖିବାକୁ ମିଳିନାହିଁ। ଅଧିକାଂଶ ନେତା ମାଇକ ଯୋଗେ ପ୍ରଚାର କରି ଲୋକଙ୍କ ନିଦ ହଜାଇ ଦେଉଛନ୍ତି। ଶବ୍ଦ ପ୍ରଦୂଷଣରେ ଛାତ୍ରୀଛାତ୍ର ନୟାନ୍ତ ହୋଇ ପଡୁଛନ୍ତି।

ବିଜେଡିର ବ୍ୟାପକ ପ୍ରସ୍ତୁତି ସମ୍ମୁଖରେ ଅନ୍ୟାନ୍ୟ ଦଳର ଗତାନୁଗତିକ ପ୍ରଚାର ଫିକା ପଡିଯାଉଛି। ରାଜନୈତିକ ବିଶ୍ଳେଷକମାନଙ୍କ ଅନୁମାନ ଅନୁଯାୟୀ, ବାତାବରଣ ବିଜେଡି ସପକ୍ଷରେ ରହିଛି। ତଥାପି କଂଗ୍ରେସକୁ ହାଲୁକା ଭାବେ ନେବା ଠିକ୍ ହେବ ନାହିଁ ଏବଂ ପୌରନିର୍ବାଚନରେ ଦଳର ପ୍ରାର୍ଥୀମାନେ ଭଲ କରିବେ ବୋଲି ଦଳୀୟ ନେତୃବୃନ୍ଦ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଭାଜପାର ସ୍ଥିତି ସେତେଟା ଦୁର୍ବଳ ନୁହଁ। କେତେକ ୱାର୍ଡରେ ଭଲ ପ୍ରଦର୍ଶନ କରିବା ସହ ବ୍ୟାସନଗର ପୌରସଂସ୍ଥାକୁ ଅକ୍ତିଆର କରିବ ବୋଲି ଭାଜପା ପକ୍ଷରୁ ଆଶା କରାଯାଉଛି । ବ୍ୟାସନଗରରେ ଅଧିକାଂଶ ସ୍ୱାଧୀନ ପ୍ରାର୍ଥୀ ପ୍ରଚାରରେ ଦଳୀୟ ପ୍ରାର୍ଥୀଙ୍କଠାରୁ ମଧ୍ୟ ଆଗୁଆ ରହିଛନ୍ତି। ଧୂଆଁଧାର ପ୍ରଚାର ଅଭିଯାନ ପରେ କିଛି ୱାର୍ଡରେ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟରମାନେ ଖୋଲାଖୋଲି ମତ ପ୍ରକାଶ କରୁଥିବାବେଳେ ଅଧିକାଂଶ ୱାର୍ଡରେ ଭୋଟରମାନେ ନୀରବ ରହିଛନ୍ତି । ପ୍ରତିକୂଳ ପରିସ୍ଥିତିକୁ ଅନୁକୂଳ କରିବାରେ ଭାଜପା ସଫଳ ହେଉଥିବା ପରିଲକ୍ଷିତ ହେଉଛି । କିନ୍ତୁ କ୍ଷମତାରେ ଥିବା ବିଜେଡି ଗତ ୫ ବର୍ଷରେ ନିଜର ଦାୟିତ୍ୱ ନିର୍ବାହ କରି ନ ଥିବାରୁ ଲୋକଙ୍କ ଅସନ୍ତୋଷର ଫାଇଦା ନେବାରେ ବିରୋଧୀ ସେତେଟା ସଫଳ ହୋଇପାରି ନାହିଁ।

# ନିର୍ବାଚନ ପରବର୍ତ୍ତୀ ହିଂସା ମାମଲାରେ ୬ ଗିରଫ

**ଧର୍ମଶାଳା,୨୦।୩(ଡି.ଏନ.ଏ.)**

ଧର୍ମଶାଳା ଥାନା ଅନ୍ତର୍ଗତ ରାଉତରାପୁର ଗ୍ରାମରେ ନିର୍ବାଚନ ପରବର୍ତ୍ତୀ ହିଂସା ଘଟିଛି। ଏହି ମାମଲାରେ ଶୁକ୍ରବାର ଉଭୟ ଗୋଷ୍ଠୀର ୬ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଉତରାପୁର ଗ୍ରାମର ବିଶ୍ୱନାଥ ସାହୁ, ନିଗମାନନ୍ଦ ସାହୁ, ଅଜୟ ସାହୁ, ଅକ୍ଷୟ ସାହୁ, ନିଶାକର ବାରିକ ଓ ବିଶ୍ୱନାଥ ବାରିକ। ନିର୍ବାଚନ ଫଳାଫଳକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ୧୦ଜଣ ଆହତ ହୋଇଥିବା ବେଳେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଏନେଇ ପୋଲିସ ନଂ.୧୪୪/୨୨ରେ ଏକ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରିଥିଲା।

# ଚାଉଳ ପାଇଁ ଡିଲରଙ୍କୁ ଘେରିଲେ ମହିଳା

**ଧର୍ମଶାଳା,୨୦।୩(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ପଞ୍ଚାୟତରେ ରବିବାର ଖାଉଟି ସାମଗ୍ରୀ ପାଇଁ ପଞ୍ଚାୟତର ଡିଲର କଳ୍ପନା ସ୍ୱାଇଁଙ୍କୁ ଶତାଧିକ ମହିଳା ଘେରାଉ କରିଛନ୍ତି। କେନ୍ଦ୍ର ସରକାରଙ୍କ ଖାଉଟି କଲ୍ୟାଣ ଯୋଜନାରେ ଆସୁଥିବା ମାଗଣା ଚାଉଳ ଓ ଗହମ ମୁଣ୍ଡ ପିଛା ୫କେଜି ଲେଖାଏଁ ଦିଆଯାଉଛି। ସେହିପରି ରାଜ୍ୟ ସରକାରଙ୍କ ଖାଉଟି କଲ୍ୟାଣ ଯୋଜନାରେ ମାସକୁ ୧ଟଙ୍କା ମୂଲ୍ୟରେ ୫କେଜି ଚାଉଳ ଓ ଗହମ ଦିଆଯାଉଛି। ମାତ୍ର ସମ୍ପୃକ୍ତ ଡିଲର ଖାଉଟିଙ୍କୁ ଜାନୁୟାରୀ ଓ ଫେବୃୟାରୀର ଖାଉଟି ସାମଗ୍ରୀ ନ ଦେଇ ମାର୍ଚ୍ଚ ମାସର ସାମଗ୍ରୀ ଦେଉଥିଲେ। ଗତ୨ମାସର ସାମଗ୍ରୀ କାହିଁକି ଦିଆଯାଉନାହିଁ ବୋଲି ଖାଉଟିମାନେ ସମ୍ପୃକ୍ତ ଡିଲରଙ୍କୁ ପ୍ରଶ୍ନ କରିବାରୁ ପାଟିତୁଣ୍ଡ ଓ ମାରପିଟ ହୋଇଥିଲା। ଫଳରେ ଗ୍ରାମର ଶତାଧିକ ମହିଳା ଡିଲରଙ୍କୁ ଘେରିଥିଲେ। ଗ୍ରାମର ସରସ୍ୱତୀ ମହାନ୍ତି, ବାସନ୍ତୀ ଜେନା, ସୁକାନ୍ତି ଖଟୁଆ, ସାବିତ୍ରୀ ଦାସ, ପଦ୍ମିନୀ ମହାରଣା, ପବିତ୍ରା ଦାସ, ଦେବକୀ ମହାନ୍ତି, ସସ୍ମିତା ଦାସଙ୍କ ସମେତ ବହୁ ମହିଳା ୨ମାସର ଚାଉଳ ପାଇ ନ ଥିବା ଅଭିଯୋଗ କରିଛନ୍ତି। ସେହିପରି ସମ୍ପୃକ୍ତ ଡିଲର ମଧ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ବିଜେଡି-ଭାଜପା ମୁହାଁମୁହିଁ: ଥାନାରେ ଏତଲା



ଭାଜପା କର୍ମୀଙ୍କ ଖବରଦାତା ସମ୍ମିଳନୀ।

**ଯାଜପୁର ଟାଉନ,୨୦।୩(ଡି.ଏନ.ଏ.)**

## ଯାଜପୁର ପୌର ନିର୍ବାଚନ

ଯାଜପୁର ପୌର ନିର୍ବାଚନ ପାଇଁ ପ୍ରଚାର ଜୋରଦାର ଚାଲିଥିବାବେଳେ ଭାଜପା ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି। ଶନିବାର ଯାଜପୁର ପୌରାଞ୍ଚଳର ୧୧ ନଂ. ୱାର୍ଡରେ ଭାଜପା ପ୍ରାର୍ଥିନୀ ପ୍ରଚାର କରୁଥିବା ସମୟରେ ବିଜେଡିର କେତେଜଣ କର୍ମୀ ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ଯାଜପୁର ଥାନାରେ ଅଭିଯୋଗ ହୋଇଛି। ପରବର୍ତ୍ତୀ ସମୟରେ ଭାଜପା କର୍ମୀ ଯାଜପୁର-କିଆନାଳିକୁଳ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଟାଉନ୍ ଥାନା ଅଧିକାରୀ ଅଜୟ କୁମାର ଜେନା ପହଞ୍ଚି କର୍ମୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ଭାଜପା କର୍ମୀମାନେ ଥାନାରେ ଧାରଣା ଦେଇ ଗଣ୍ଡଗୋଳକାରୀଙ୍କୁ ଗିରଫ ପାଇଁ ଦାବି କରିଥିଲେ।

ଅପରପକ୍ଷରେ ବିଜେଡି ପକ୍ଷରୁ ପ୍ରଚାର କାର୍ଯ୍ୟରେ ଯାଇଥିବା କର୍ମୀଙ୍କୁ ଭାଜପା ମହିଳା ନେତ୍ରୀ ଦୁର୍ବ୍ୟବହାର କରିଥିବା ନେଇ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏହି ଅଭିଯୋଗକୁ ଭିତ୍ତିକରି ଯାଜପୁର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଉଭୟ ପକ୍ଷଙ୍କୁ ଡାକି ପଚାରି ବୁଝିବା ପରେ ୨ଟି ଏତଲା ରୁଜୁ କରିଛନ୍ତି। ଉଭୟ ପକ୍ଷରୁ ୫ଜଣ ଲେଖାଏଙ୍କୁ ନୋଟିସ୍ କରି ତଦନ୍ତ ଜାରି ରଖିଛନ୍ତି। ରବିବାର ଭାଜପା ପକ୍ଷରୁ କୁଆଁସରପୁରଠାରେ ଏକ ଖବରଦାତା ସମ୍ମିଳନୀ କରି କୁହାଯାଇଛି, ବିଜେଡି କର୍ମୀ ଭାଜପା କର୍ମୀଙ୍କୁ ନିର୍ବାଚନ କାର୍ଯ୍ୟରେ ଅବରୋଧ କରିବା ସହ ବିଭିନ୍ନ ସ୍ଥାନରେ ପୋଷ୍ଟର ଓ ବ୍ୟାନରକୁ ଚିରି ପକାଉଛନ୍ତି। ସେହିପରି ପୋଲିସ ଶାସକ ଦଳର ହାତବାରିଶି ସାଜି କାର୍ଯ୍ୟ କରୁଛି ବୋଲି ଭାଜପା ଜିଲା ଉପସଭାପତି ଦୀପ୍ତିରେଖା ମିଶ୍ର, ଅଧକ୍ଷା ପ୍ରାର୍ଥିନୀ ଜ୍ୟୋତିର୍ମୟୀ ଦ୍ୱିବେଦୀ ଓ ପରମେଶ୍ୱର ଦ୍ୱିବେଦୀ ପ୍ରମୁଖ ଅଭିଯୋଗ କରିଛନ୍ତି।

# ଡାକ୍ତରଙ୍କ କଲର ଧରି ଯୁବକ ଗିରଫ

**ଦଶରଥପୁର,୨୦।୩(ଡି.ଏନ.ଏ.)**

ମଙ୍ଗଳପୁର ଥାନା ଶୁଗୁଆ ପଞ୍ଚାୟତ ହୀରାପୁର ଗ୍ରାମର କେତେଜଣ ଯୁବକ ଶୁକ୍ରବାର ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗଣ୍ଡଗୋଳ କରିବା ସହ ଡା. ଲଲାଟେନ୍ଦୁ ବେହେରାଙ୍କ କଲରଧରି ଠେଲାପେଲା କରିଥିଲେ। ଏନେଇ ଡା. ବେହେରା ଥାନାରେ ଏତଲା ଦେବାପରେ ପୋଲିସ ନଂ.୧୭୯/୨୨ରେ ଏକ ମାମଲା ରୁଜୁକରି ଗଣ୍ଡଗୋଳକାରୀଙ୍କ ମଧ୍ୟରୁ ତରୁଣ ସେଠୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି।

ସୂଚନାଯୋଗ୍ୟ, ଶୁକ୍ରବାର ମଙ୍ଗଳପୁର ଥାନା ହୀରାପୁର ଗ୍ରାମର ପାଣ୍ଡବ ସାହୁ ଏବଂ ଏହି ଥାନା କନିକାପଡା ପଞ୍ଚାୟତ ଶ୍ରୀରାମପୁର ଗ୍ରାମର ରକି ଯେନାଙ୍କ ମଧ୍ୟରେ ବାଇକ୍ ଓ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ପାଣ୍ଡବଙ୍କ ମୃତ୍ୟୁ ହୋଇଥିଲା। ମୃତ ପାଣ୍ଡବଙ୍କ ନେତ୍ର ଦାନ କରାଯିବ ବୋଲି କଥା ଉଠିଥିଲା। ତେଣୁ କେତେଜଣ ବ୍ୟକ୍ତି ଜଣେ ମହିଳା ଡାକ୍ତରଙ୍କୁ କହି ଆଖି ଦୁଇଟି ସୁରକ୍ଷିତ ପାଇଁ ପଟି ଲଗାଇ ଦେଇଥିଲେ। କିଛି ସମୟ ପରେ ମୃତକଙ୍କ ଗ୍ରାମ ଲୋକେ ପହଞ୍ଚି ଆଖିରେ ପଟି ଲଗାଯାଇଥିବା ଦେଖିଥିଲେ। ଉକ୍ତ ସମୟରେ ଡ୍ୟୁଟିରେଥିବା ଡାକ୍ତର ଲଲାଟେନ୍ଦୁଙ୍କୁ ଆଖି ଖୋଲି ନେଇଥିବା କହି ଗଣ୍ଡଗୋଳ କରିବା ସହ ତାଙ୍କ କଲରଧରି ଆକ୍ରମଣ କରିଥିଲେ। ଏନେଇ ଡାକ୍ତର ବେହେରାଙ୍କୁ ପଚାରିବାରେ ସେ କହିଥିଲେ, ଦୁର୍ଘଟଣାଗ୍ରସ୍ତ ୨ ବ୍ୟକ୍ତି ଆସିଥିଲେ। ତେବେ କେହି ମୃତ ପାଣ୍ଡବଙ୍କ ନେତ୍ରଦାନ କରିବାକୁ ସେ ସମୟରେ ଡ୍ୟୁଟିରେଥିବା ମହିଳା ଡାକ୍ତରଙ୍କୁ ଅନୁରୋଧ କରିଥିଲେ। ସେଥିଲାଗି ସମ୍ପୃକ୍ତ ମହିଳା ଡାକ୍ତର ଆଖି ସୁରକ୍ଷିତ ପାଇଁ ପଟି କରିଥିଲେ। ମାତ୍ର ଏଠାରେ ଆଖି କଢ଼ାହେବାର ବ୍ୟବସ୍ଥା ନ ଥିବା ସତ୍ତ୍ୱେ କେତେଜଣ ଯୁବକ ଆଖି ଖୋଲି ନେଇଛ କହି ଅତର୍କିତ ଆକ୍ରମଣ କରିଥିବା ଡାକ୍ତର ବେହେରା ପ୍ରକାଶ କରିଛନ୍ତି।

# ଏତଲା ରଖୁନି ପୋଲିସ

**ପାଣିକୋଇଲି,୨୦।୩(ଡି.ଏନ.ଏ.)**

## ପୋଲିସ ମାଡ଼ରେ ଯୁବକଙ୍କ ମୃତ୍ୟୁ

ପାଣିକୋଇଲି ଥାନା ଅନ୍ତର୍ଗତ ଅଳତିରି ଗ୍ରାମର ଆଦିବାସୀ ଯୁବକ ସୁକୁରା ମୁଣ୍ଡା (୨୯)ଙ୍କର ଗୁରୁବାର ଜଣେ ପୋଲିସ କର୍ମଚାରୀଙ୍କ ମାଡ଼ରେ ମୃତ୍ୟୁ ଘଟିଥିଲା। ହେଲେ ପାଣିକୋଇଲି ଥାନା ପୋଲିସ ଆଜି ପର୍ଯ୍ୟନ୍ତ ମାମଲା ରୁଜୁ କରି ନାହିଁ। ଏପରିକି ପରିବାର ଲୋକେ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ ହେଁ ପୋଲିସ ତାକୁ ଗ୍ରହଣ କରୁନାହିଁ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ ସୁକୁରାଙ୍କ ପୁତୁରା ଚଗୁଲୁ ମୁଣ୍ଡା କଟକ ଓଏସ୍‌ପିରେ କାର୍ଯ୍ୟରତ କନଷ୍ଟେବଳ ବାପି ସିଂଙ୍କ ଟ୍ରାକ୍ଟର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ବାପି ସିଂଙ୍କ ଘର ପାଣିକୋଇଲିରେ। ତେବେ କନଷ୍ଟେବଳ ବାପି ଦରମା ଦେବାରେ ଅବହେଳା କରିବାରୁ ଚଗୁଲୁ ଟ୍ରାକ୍ଟର ଚଲେଇବାକୁ ମନା କରିଦେଇଥିଲେ। ଏହାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ଗାଳିଗୁଲଜ ହୋଇଥିଲା। ଏ ସଂକ୍ରାନ୍ତରେ ଚଗୁଲୁ ତାଙ୍କ ଦାଦା ସୁକୁରାଙ୍କୁ ଜଣାଇଥିଲେ। ସୁକୁରା ଗତ ୧୩ ତାରିଖ ମଧ୍ୟାହ୍ନ ୧୨ଟା ସମୟରେ କନଷ୍ଟେବଳଙ୍କୁ ଭେଟି ତାଙ୍କ ପୁତୁରାଙ୍କ ଦରମା ଦେବାକୁ ଅନୁରୋଧ କରିଥିଲେ। କିନ୍ତୁ କନଷ୍ଟେବଳ କୌଣସି କଥା ନ ଶୁଣି ସୁକୁରାଙ୍କୁ କାଠ ବେଣ୍ଟ ଓ ବାଡ଼ିରେ ତାଙ୍କ ଛାତି ଓ ମୁଣ୍ଡକୁ ପିଟିଥିଲେ। ଗୁରୁତର ସୁକୁରାଙ୍କୁ ପ୍ରଥମେ ଯାଜପୁର ମେଡିକାଲ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ସୁକୁରାଙ୍କ ପରିବାର ଲୋକ ପାଣିକୋଇଲି ଥାନାରେ ଅଭିଯୋଗ ଦେଇଥିଲେ ମଧ ପୋଲିସ ଅଭିଯୋଗ ରଖି ନ ଥିଲା। ଏନେଇ ଜାତୀୟ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ସ୍କୁଟି-ବାଇକ୍ ଧକ୍କା: ଜଣେ ମୃତ

**ଦଶରଥପୁର,୨୦।୩(ଡି.ଏନ.ଏ.)**

୨୦ ନଂ. ଜାତୀୟ ରାଜପଥର ଦିହୁଡ଼ିସାହି ଛକଠାରେ ଶୁକ୍ରବାର ଏକ ବାଇକ୍ ଏବଂ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ବାଇକ୍ ଚାଳକ ମଙ୍ଗଳପୁର ଥାନା ଅଧୀନ ଶୁଗୁଆ ପଞ୍ଚାୟତ ହିରାପୁର ଗ୍ରାମର ପାଣ୍ଡବ ସାହୁ(୫୩)ଙ୍କ ଘଣାସ୍ଥଳରେ ମୃତ୍ୟୁ ହୋଇଛି। ଉକ୍ତ ଥାନା ଅଧୀନ କନିକାପଡ଼ା ପଞ୍ଚାୟତ ଶ୍ରୀରାମପୁର ଗ୍ରାମର ସ୍କୁଟି ଚାଳକ ରକି ଯେନା (୨୪) ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ରକି ମଙ୍ଗଳପୁର ପଟରୁ ବଉଳାଙ୍କ ଆଡ଼କୁ ସ୍କୁଟିନେଇ ଯାଉଥିବାବେଳେ ବିପରୀତ ପଟୁ ଆସୁଥିବା ପାଣ୍ଡବଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟଲୋକେ ଉଭୟଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପାଣ୍ଡବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ନିର୍ବାଚନ ପରବର୍ତ୍ତୀ ହିଂସା, ୨ ମାମଲାରେ ୪ ଗିରଫ

**ରସୁଲପୁର,୨୦।୩(ଡି.ଏନ.ଏ.)**

କୁଆଖିଆ ଥାନା ରାହାମ୍ବା ପଞ୍ଚାୟତ ମିର୍ଜାପୁର ଗାଁରେ ନିର୍ବାଚନୀ ପରବର୍ତ୍ତୀ ହିଂସା ବଳବତ୍ତର ରହିଛି। ଉକ୍ତ ପଞ୍ଚାୟତରେ ଘଟିଥିବା ଏକାଧିକ ହିଂସା ଘଟଣା ମଧ୍ୟରୁ ପୋଲିସ ପକ୍ଷରୁ ଥାନାରେ ୨ଟି ମାମଲା ରୁଜୁ କରାଯାଇଛି। ଘଟଣାରେ ସମ୍ପୃକ୍ତ ଉଭୟ ପକ୍ଷରୁ ୨ଜଣ ଲେଖାଏ ମୋଟ ୪ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜାକିର ଖାଁ, ସେକ୍ ସାଦ୍ଦିକ୍, ସେକ୍ ଆସିଫ ଖାଁ ଓ ଆସିକ୍ ଖାଁ ବୋଲି ଜଣାପଡିଛି। ସମସ୍ତ ଅଭିଯୁକ୍ତଙ୍କ ଘର ମିର୍ଜାପୁର ଗ୍ରାମରେ।

ଅଭିଯୋଗ ଅନୁସାରେ, ଚଳିତମାସ ୧୭ ତାରିଖ ଗୁରୁବାର କୟୁମ ଖାଁଙ୍କ ସରକାରୀ ଜମିରେ ଥିବା ଏକ ଚାଳିଆକୁ ବିରୋଧୀ ନିଆଁ ଲଗାଇ ଦେଇଥିଲେ। ଏ ନେଇ କୟୁମ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୦୦/୨୨ରେ ଏକ ମାମଲା ରୁଜୁ କରିବା ସହ ଉକ୍ତ ଅଭିଯୋଗ ଆଧାରରେ ଜାକିର ଓ ସେକ୍ ସାଦ୍ଦିକଙ୍କୁ ଗିରଫ କରିଥିଲା। ସେହିପରି ଫସଲ କିଆରିରେ ଟ୍ରାକ୍ଟର ମଡ଼ାଇବାକୁ ବିରୋଧ କରିବାରୁ ୧୯ତାରିଖ ଅପରାହ୍ନରେ କୟୁମ ଖାଁଙ୍କ ପୁଅମାନେ ସଂଘବଦ୍ଧ ଭାବରେ କଲିମ ଉଦ୍ଦିନଙ୍କୁ ଆକ୍ରମଣ କରିଥିଲେ। ଏନେଇ କଲିମ ଅଭିଯୋଗ କରିଥିଲେ। ପୋଲିସ ନଂ.୧୦୪/୨୨ରେ ଏକ ମାମଲା ରୁଜୁ କରିବା ସହ ଘଟଣାରେ ସମ୍ପୃକ୍ତ ସେକ୍ ଆସିଫ ଖାଁ ଓ ଆସିକ୍ ଖାଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଷଠିପୁରରେ ଦୋଳ ପର୍ବ ପାଳିତ

**ପାଣିକୋଇଲି,୨୦।୩(ଡି.ଏନ.ଏ.)**

ଷଠିପୁରରେ ଯାଦବ ସଂଘ ପକ୍ଷରୁ ଦୋଳ ପର୍ବ ପାଳିତ ହୋଇଛି। ୭୦ ପରିବାର ସଦସ୍ୟ ରାଧାକୃଷ୍ଣଙ୍କ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୂଜକ ନାରାୟଣ ପଣ୍ଡାଙ୍କ ଦ୍ୱାରା ବିଧିପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ୭ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୪ଦିନ ସୁନାମଧନ୍ୟ ପାଲା ଗାୟକ ଅଜୟ ମହାଭୋଇ ଏବଂ ସୁବାସ ସେନାପତିଙ୍କ ଦ୍ୱାରା ବାଦିପାଲା ପରିବେଷଣ କରାଯାଉଛି। ସଂଘ ପକ୍ଷରୁ ଧନେଶ୍ୱର ଦାସ, କେଦାର ଦାସ, ଶିବ ପ୍ରସାଦ ଦାସ, ବିପିନ ବିହାରୀ ବାରିକ, ବାସୁଦେବ ବାରିକ, ଅର୍ଜ୍ଜୁନ ବାରିକ, ଅମୂଲ୍ୟ ବାରିକ, ରତ୍ନାକର ଦାସ, ମନମୋହନ ଦାସ, ନକୁଳ ଦାସ, କୈଳାସ ଦାସ ଓ କୃଷ୍ଣଚନ୍ଦ୍ର ପଲେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ପଶ୍ଚିମବଙ୍ଗ ବ୍ୟବସାୟୀଙ୍କ ହତ୍ୟା ମାମଲା

# ବାକି ଟଙ୍କା ମାଗିବା କାଳ ହେଲା

**ରସୁଲପୁର,୨୦।୩(ଡି.ଏନ.ଏ.)**

କୁଆଖିଆ ଥାନା ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଏକ ଭଡ଼ାଘରେ ପଶ୍ଚିମବଙ୍ଗର ଫେରି ବ୍ୟବସାୟୀ ସର୍ଦ୍ଦାର ଖୋକନ ମାଇତିଙ୍କୁ ଗତ ୧୪ ତାରିଖରେ ହତ୍ୟା କରାଯାଇଥିଲା। ଉକ୍ତ ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରି, କାଠଫାଳିଆ ଓ ରକ୍ତଲଗା ପୋଷାକ ଜବତ କରାଯାଇଛି। ହତ୍ୟା ଅଭିଯୁକ୍ତ ପଶ୍ଚିମ ମେଦିନାପୁର ଜିଲା ଭଗବାନପୁର ଥାନା ଜଗମୋହନପୁର ଗ୍ରାମର ଶୁଭେନ୍ଦୁ ସର୍ଦ୍ଦାର ଓରଫ ମିଣ୍ଟୁ(୩୨) ବୋଲି ଜଣାପଡ଼ିଛି। ସେ ଖୋକନଙ୍କୁ କଟୁରିରେ ହାଣି ବାହାର ପଟୁ ତାଲା ପକାଇ ଫେରାର ହୋଇଯାଇଥିଲେ। ମାତ୍ର ୩ ହଜାର ବାକି ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଝଗଡ଼ାରୁ ହତ୍ୟାକାଣ୍ଡ ସୂତ୍ରପାତ ହୋଇଥିଲା। ହତ୍ୟକାଣ୍ଡରେ ଏକାକୀ ମିଣ୍ଟୁଙ୍କ ସମ୍ପୃକ୍ତି ରହିଛି ବୋଲି ପୋଲିସ ପ୍ରକାଶ କରିଛି।

ସୂଚନା ଅନୁସାରେ, ଖୋକନ ଫେରି ବ୍ୟବସାୟୀଙ୍କ ସର୍ଦ୍ଦାର ଥିଲେ। ମିଣ୍ଟୁ



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

ତାଙ୍କଠାରୁ ସାମଗ୍ରୀ ନେବା ସହ ବକେୟା ଟଙ୍କା ପୈଠ କରୁଥିଲେ। ହେଲେ ସେ ୩ହଜାର ଟଙ୍କା ପୈଠ କରିପାରି ନ ଥିଲେ। ଉକ୍ତ ଟଙ୍କା ଖୋକନ ମାଗିବାରୁ ମିଣ୍ଟୁଙ୍କ ସହ ତାଙ୍କର ୨/୩ଥର ଝଗଡ଼ା ହୋଇଥିଲା। ଏପରି କି ମିଣ୍ଟୁ ଟଙ୍କା ପୈଠ ନ କରିବାରୁ ଖୋକନ ତାଙ୍କୁ ସାମଗ୍ରୀ ଦେଇ ନ ଥିଲେ। ତେଣୁ ଖୋକନଙ୍କୁ ଜୀବନରୁ ମାରିଦେବାକୁ ମିଣ୍ଟୁ ୧୩ତାରିଖରେ କୁଆଖିଆ ବଜାରରୁ କଟୁରି କିଣିଥିଲେ। ୧୪ ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ଖୋକନଙ୍କ ଭଡ଼ାଘରକୁ ମିଣ୍ଟୁ ଯାଇଥିଲେ। ସେତେବେଳେ ଖୋକନ ହିସାବ କରୁଥିଲେ। ମିଣ୍ଟୁ ଏକ କାଠଫାଳିଆରେ ଖୋକନଙ୍କ ମୁଣ୍ଡକୁ ପଟିବାରୁ ସେ ପଡ଼ିଯାଇଥିଲେ। ଏହାପରେ ସେ କଟୁରିରେ ଖୋକନଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ କୋଠରିକୁ ବାହାର ପଟୁ ତାଲା ପକାଇ ମିଣ୍ଟୁ ଫେରାର ହୋଇଯାଇଥିଲେ। କଟୁରି ଓ ପିନ୍ଧିଥିବା

■ ଜଳେଶ୍ୱରରୁ ଅଭିଯୁକ୍ତ ଗିରଫ

■ କଟୁରି, କାଠଫାଳିଆ, ରକ୍ତଲଗା ପୋଷାକ ଜବତ

ଟୋପିକୁ ହତ୍ୟାକାଣ୍ଡସ୍ଥଳଠାରୁ ୧ କି.ମି. ଦୂର ସତ୍‌ସଙ୍ଗ ବିହାର ଛକ ନିକଟ ଏକ ବୁଦାମୂଳେ ଲୁଚାଇ ଦେଇଥିଲେ। ସୁଆଁସାହି ନିକଟସ୍ଥ ପୋଲ ତଳ ପାଣିରେ ଦେହରୁ ରକ୍ତଛିଟା ଛଡ଼ାଇ ମଧୁବନ ରୋଡ୍‌ରେ ଥିବା ତାଙ୍କ ଭଡ଼ାଘରକୁ ଆସିଥିଲେ। ପରେ ପୋଷାକ ବଦଳାଇ ଅଟୋରେ ବାଲେଶ୍ୱର ଓ ସେଠାରୁ ଅନ୍ୟ ଏକ ଅଟୋରେ ଜଳେଶ୍ୱର ପଳାଇଥିଲେ। ଏହି ସମୟ ମଧ୍ୟରେ ପୋଲିସ ମିଣ୍ଟୁଙ୍କ ଘର ଲୋକଙ୍କୁ ଭେଟି ପଚରା ଉଚରା କରିଥିଲା। ମାତ୍ର କୌଣସି ସୂଚନା ନ ପାଇ ଫେରି ଆସିଥିଲା। ହେଲେ ମିଣ୍ଟୁଙ୍କ ମୋବାଇଲ ଓ ଅନ୍ୟ ସ୍ଥାନରେ ଥିବା ସମ୍ପର୍କୀୟଙ୍କ ଘର ଉପରେ ପୋଲିସ ନଜର ରଖିଥିଲା। ମିଣ୍ଟୁ ଜଳେଶ୍ୱରରେ ଥିବା ପୋଲିସ ଖବର ପାଇ ଶୁକ୍ରବାର ଚଢ଼ାଉ କରିଥିଲା। ହତ୍ୟାକାଣ୍ଡ ନେଇ ଥାନାରେ ନଂ.୯୭/୨୨ରେ ମାମଲା ରୁଜୁହୋଇଥିଲା।

## ସଂକ୍ଷେପରେ

### ଜେଏସଡବ୍ଲ୍ୟୁ ସିମେଣ୍ଟ ଓ ପିଆରଇଏସ୍‌ପିଏଲ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

ନୂଆଦିଲ୍ଲୀ,୨୦।୩ : ଜେଏସଡବ୍ଲ୍ୟୁ ଗ୍ରୁପର ଏକ ଅଂଶ ଭାବେ ଜଣାଶୁଣା ଜେଏସଡବ୍ଲ୍ୟୁ ସିମେଣ୍ଟ ନିକଟରେ ପଞ୍ଜାବ ରିନ୍ୟୁଏବଲ୍ ଏନର୍ଜି ସିଷ୍ଟମ୍‌ସ ପ୍ରାଇଭେଟ୍ ଲିମିଟେଡ୍ (ପିଆରଇଏସ୍‌ପିଏଲ୍) ସହ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଉକ୍ତ ବୁଝାମଣା ପତ୍ର ଅନ୍ତର୍ଗତ କମ୍ପାନୀର ସିମେଣ୍ଟ ଉତ୍ପାଦନ ଅପରେସନରେ କୃଷିଜାତ ବର୍ଜ୍ୟକୁ ବାୟୋମାସ ଏନର୍ଜି ଭାବେ ବ୍ୟବହାର କରାଯିବ। ଏ ସମ୍ପର୍କରେ ଜେଏସଡବ୍ଲ୍ୟୁ ସିମେଣ୍ଟର ପରିଚାଳନା ନିର୍ଦ୍ଦେଶକ ପାର୍ଥ ଜିନ୍ଦଲ କହିଛନ୍ତି,ସର୍କୁଲାର ଅର୍ଥନୀତି ପ୍ରଣାଳୀ ଆମର ବ୍ୟବସାୟ ମଡେଲର ଏକ ସମନ୍ୱିତ ଅଂଶ । ଗତ ବର୍ଷ ଆମେ ଏକ ଛୋଟ ପଦକ୍ଷେପ ଗ୍ରହଣ କରିଥିଲୁ ଏବଂ ଆମର ଇନ୍ଧନ ଆବଶ୍ୟକତାର ୫%କୁ ବିକଳ୍ପ ଇନ୍ଧନ ଦ୍ୱାରା ପୂରଣ କରାଯାଇଥିଲା। ବର୍ତ୍ତମାନ ପଞ୍ଜାବ ରିନ୍ୟୁଏବଲ୍ ଏନର୍ଜି ସିଷ୍ଟମ୍‌ସ ସହିତ ଆମର ସହବନ୍ଧନ ଦ୍ୱାରା ଆମର ବିକଳ୍ପ ଇନ୍ଧନ କୌଶଳ ପ୍ରକ୍ରିୟା ଆହୁରି ଅଧିକ ମଜଭୁତ୍ ହେବ।

### ଆଇଟେଲ ଏ-୪୯ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ

ନୂଆଦିଲ୍ଲୀ,୨୦।୩ : ଆଇଟେଲର ନୂତନ ସ୍ମାର୍ଟଫୋନ୍ ଏ-୪୯ ମଡେଲ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହାର ଏ-୪୭ ଏବଂ ଏ-୪୮ର ସଫଳତା ପରେ କମ୍ପାନୀ ଏହି ନୂଆ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ କରାଇଛି। ଏ-୪୯ରେ ୨ଜିବି ୬.୬ ଇଞ୍ଚ ଏଚ୍‌ଡି ପ୍ଲସ୍ ଆଇପିଏସ୍ ୱାଟର ଡ୍ରପ୍ ଡିସପ୍ଲେ, ୪୦୦୦ଏମ୍‌ଏଏଚ୍ ଲି-ପଲିମର ଇନ୍‌ବିଲ୍ଟ ବ୍ୟାଟେରି ରହିଛି। ଏହାର ମୂଲ୍ୟ ୬୪୯୯ ଟଙ୍କା ରହିଛି। ଉନ୍ନତ ଡୁଆଲ୍ ସିକ୍ୟୁରିଟି ବୈଶିଷ୍ଟ୍ୟ, ଉଚ୍ଚ କ୍ଷମତାସମ୍ପନ୍ନ ଷ୍ଟୋରେଜ, ଫଟୋଗ୍ରାଫି ଏଆଇ ଡୁଆଲ୍ କ୍ୟାମେରା ଆଦି ବୈଶିଷ୍ଟ୍ୟ ରହିଛି। ଏ ସମ୍ପର୍କରେ ଟ୍ରାନ୍ସିଅନ ଇଣ୍ଡିଆର ସିଇଓ ଅରିଜିତ ତାଲାପାତ୍ର କହିଛନ୍ତି ସବ ୭କେ ପ୍ରାଇସ୍ ସେଗମେଣ୍ଟରେ ଆଇଟେଲ ନିଜ ପାଇଁ ଏକ ସ୍ଥାନ ସୃଷ୍ଟି କରିଛି ଏବଂ ବ୍ରାଣ୍ଡର ଏହି ସକାରାତ୍ମକ ଅଭିବୃଦ୍ଧି ଗ୍ରାହକଙ୍କୁ ଉତ୍ସାହିତ କରିଛି।

# ୧୦୪ ବିଲିୟନ ଟଙ୍କା ନିବେଶ କରିବ ଏମ୍‌ଏସ୍

ନୂଆଦିଲ୍ଲୀ,୨୦।୩




## ଇଭି ଓ ବ୍ୟାଟେରି ଉତ୍ପାଦନ କରିବ ସୁଜୁକି

ବିଶ୍ୱର ପ୍ରମୁଖ ଅଟୋ ଶିଳ୍ପ କମ୍ପାନୀ ସୁଜୁକି ମୋଟର କର୍ପୋରେଶନ (ଏସ୍‌ଏମ୍‌ସି) ପକ୍ଷରୁ ରବିବାର ଘୋଷଣା କରାଯାଇଛି ଯେ କମ୍ପାନୀର ଗୁଜୁରାଟ କାରଖାନାରେ ଏକ ଇଲେକ୍‌ଟ୍ରିକ୍ ଯାନ(ଇଭି) ଏବଂ ବ୍ୟାଟେରୀ ନିର୍ମାଣ ୟୁନିଟ୍ ଖୋଲିବା ସମ୍ପର୍କରେ ରବିବାର ମାରୁତି ସୁଜୁକି (ଏମ୍‌ଏସ୍) ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ୨୦୨୬ ସୁଦ୍ଧା ବ୍ୟବସାୟ ଆରମ୍ଭ କରି ଗ୍ରୀନ୍ ମୋବିଲିଟି ମାର୍କେଟ୍ ଆଡ଼କୁ ଆଗେଇ ନେବାକୁ ଲକ୍ଷ୍ୟ ରଖିଥିବା ମଧ କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଜାପାନିଜ୍ କମ୍ପାନୀ ପ୍ଲାଣ୍ଟ ଏବଂ ଇଭି ନିର୍ମାଣ ଦିଗରେ ମୋଟ୍ ୧୦୪ ବିଲିୟନ ଟଙ୍କା ନିବେଶ କରିବ। ଦେଶରେ ବିକ୍ରି ହେଉଥିବା ପ୍ରତି ଦୁଇଟି କାର୍ ମଧ୍ୟରେ ସୁଜୁକି କମ୍ପାନୀର ଗୋଟିଏ କାର୍ ରହିଥାଏ। ସରକାର ପରିବେଶର ସୁରକ୍ଷାକୁ ପାଇଁ ଇଭି ଉପରେ ଗୁରୁତ୍ୱାରୋପ କରୁଥିବାରୁ ସୁଜୁକିର ଏହି ପ୍ରୟାସ ସଫଳ ହେବ ବୋଲି ଆଶା କରାଯାଉଛି।

କମ୍ପାନୀ ଭାରତ ବଜାରରେ ଇଲେକ୍ଟ୍ରିକ ଯାନ (ଇଭି) ଓ ବ୍ୟାଟେରି ଆଦି ନିର୍ମାଣ ଦିଗରେ ପ୍ରୟାସ ଆରମ୍ଭ କରିଛି। ଏହା ପାଇଁ କମ୍ପାନୀ ତା'ର ଗୁଜରାଟ କାରଖାନାରେ ଇଭି ଓ ବ୍ୟାଟେରି ନିର୍ମାଣ ପାଇଁ ପ୍ରାୟ ୧୫୦ ବିଲିୟନ ୟେନ୍ ବା ପାଖାପାଖି ୧୦୪.୪ ବିଲିୟନ ଭାରତୀୟ ମୁଦ୍ରା ପୁଞ୍ଜି ନିବେଶ କରିବ ବୋଲି କୁହାଯାଇଛି। ଫଳରେ ଭାରତରେ ତୈଳ ଦରକୁ ନେଇ ଲାଗି ରହିଥିବା ସମସ୍ୟାର ସମାଧାନ ସାଙ୍ଗକୁ ଏକ ସବୁଜ ପରିବେଶ ମଧ୍ୟ ସୃଷ୍ଟି ହେବ। ସେହିଭଳି ଡିଜେଲ୍ ଓ ପେଟ୍ରୋଲର ବର୍ଦ୍ଧିତ ଦର ଯୋଗୁ ବର୍ତ୍ତମାନ ଇନ୍ଧନ ଚାଳିତ ଗାଡ଼ି ବା ଇଭି ଯାନ ପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧି ପାଉଛି। ଅପରପକ୍ଷରେ ସରକାର ମଧ ଇ-ଯାନ ପାଇଁ ଆବଶ୍ୟକ ସହଯୋଗ ଓ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ନିକଟ ଅତୀତରେ ବିଭିନ୍ନ କମ୍ପାନୀ ଇଭି ନିର୍ମାଣ କ୍ଷେତ୍ରରେ ପୁଞ୍ଜି ନିବେଶ ସହ ବ୍ୟବସାୟ ବୃଦ୍ଧି କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଦେଶର ବିଭିନ୍ନ କମ୍ପାନୀ ଇ-ଯାନ ତିଆରି କରିବା ଦିଗରେ ପଦକ୍ଷେପ ଆରମ୍ଭ କରିଦେଇଛନ୍ତି। ଏ ନେଇ ମଧ କମ୍ପାନୀ ଗୁଜରାଟ ସରକାରଙ୍କ ସହିତ ଚୁକ୍ତି ସ୍ୱାକ୍ଷରିତ କରିଛି। ସୁଜୁକି ଭାରତରେ ନୂଆ ଇଭି ଉତ୍ପାଦନ ୟୁନିଟ ନିର୍ମାଣ କରିବାକୁ ଯାଉଥିବାରୁ ଉଭୟ ସରକାର ଓ ଗ୍ରାହକ ଅନେକ ଆଶା ରଖିଛନ୍ତି। ଏପରିକି ୨୦୩୦ ସୁଦ୍ଧା ଭାରତରେ ନୂଆ କରି ବିକ୍ରି ହୋଇଥିବା ୩୦% ଇଲେକ୍ଟ୍ରିକ୍ କାର ଉତ୍ପାଦନ ହେବା ଦରକାର ବୋଲି ଭାରତ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଟାର୍ଗେଟ୍ ପୂରା କରିବା ପାଇଁ ୨୦୧୯ରୁ ସରକାର ଇ-ଯାନ କିଣିବାକୁ ପ୍ରୋତ୍ସାହନ ବି ଦେଇ ଆସୁଛନ୍ତି। ସୁଜୁକି ଇ-ଯାନ କ୍ଷେତ୍ରରେ ବ୍ୟବସାୟ ବୃଦ୍ଧି କରିବାକୁ ଚାହୁଁଥିଲା ଏପରି ସ୍ଥଳରେ ଗୁଜରାଟ ସରକାରଙ୍କ ସହିତ ହୋଇଥିବା ଚୁକ୍ତି କମ୍ପାନୀକୁ ଭାରତରେ ପୁଞ୍ଜି ନିବେଶ ପାଇଁ ଭଲ ସୁଯୋଗ ଦେବ ବୋଲି ଆକଳନ କରାଯାଉଛି। ଭାରତରେ ଇ-ଯାନ ଓ ବ୍ୟାଟେରି ନିର୍ମାଣ ହେଲେ ସ୍ୱାଭାବିକ ଭାବରେ ଏହାର ମୂଲ୍ୟ ମଧ ଗ୍ରାହକ ସୁହାଇଲା ଭଳି ହେବ। ନିକଟରେ କମ୍ପାନୀ ଏହି ଚୁକ୍ତି ସ୍ୱାକ୍ଷର କରିଥିବା ସୂଚନା ମିଳିଛି। ଦିଲ୍ଲୀରେ ଭାରତ-ଜାପାନ ଇକୋନୋମିକ ଫୋରମ କାର୍ଯ୍ୟକ୍ରମରେ ଏଭଳି କିଛି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଥିବା କୁହାଯାଇଛି।

# ଆମ୍ରି ହସ୍ପିଟାଲ୍‌ରେ ସଫଳ ଅସ୍ତ୍ରୋପଚାର




ଭୁବନେଶ୍ୱର,୨୦।୩

ଏକ ଜଟିଳ ହୃଦ୍‌ରୋଗରେ ପୀଡିତ ଥିବା ଜଣେ ୬ମାସର ଶିଶୁ ନିକଟରେ ଆମ୍ରି ହସ୍ପିଟାଲ୍‌ସ ଭୁବନେଶ୍ୱରରେ ଭର୍ତ୍ତି ହୋଇଥିଲା, ହସ୍ପିଟାଲସର କାର୍ଡିଓଲୋଜିଷ୍ଟ ଡାକ୍ତର ଦିବ୍ୟରଞ୍ଜନ ବେହେରାଙ୍କ ପରାମର୍ଶ ସହ ଆବଶ୍ୟକ ପରୀକ୍ଷା ନିରୀକ୍ଷା ପରେ ଜଣା ପଡିଥିଲା ଯେ ଉକ୍ତ ଶିଶୁଟି ପାଟେଣ୍ଟ ଡକ୍ଟସ ଆର୍ଟେରିଓସସ୍ (ପିଡିଏ) ନାମକ ମାରାତ୍ମକ ହୃଦ୍ ସମସ୍ୟାରେ ପୀଡିତ। ପରବର୍ତ୍ତୀ ପର୍ଯ୍ୟାୟରେ ହସ୍ପିଟାଲସର ହୃଦରୋଗ ବିଶେଷଜ୍ଞ ଓ ଶିଶୁରୋଗ ବିଭାଗ ଏକ ମିଳିତ ଡାକ୍ତରୀ ଦଳ ଶିଶୁର ଅସ୍ତ୍ରୋପଚାର କରିଥିଲେ। ଦୀର୍ଘ ସମୟର ପରିଶ୍ରମ ବଳରେ ଶିଶୁର ସଫଳ ଅସ୍ତ୍ରୋପଚାର ହୋଇଥିଲା। ଫଳରେ ୬ମାସର ଶିଶୁ ନିଃଶ୍ୱାସ ପ୍ରଶ୍ୱାସ ନେବାର କଷ୍ଟ ଲାଘବ ହୋଇଥିଲା । ଏ ସମ୍ପର୍କରେ ଡାକ୍ତର ବେହେରାଙ୍କ କହିବା କଥା ଯେ ପିଡିଏ ହେଉଛି ମହାଧମନୀ ଏବଂ ଫୁସଫୁସ ଧମନୀକୁ ଯୋଡୁଥିବା ଏକ ଟ୍ୟୁବ । ଏହି ସମସ୍ୟା ଯୋଗୁ ରକ୍ତ ଅଧିକାଂଶ ସମୟରେ ମହାଧମନୀରୁ ଫୁସଫୁସ ଧମନୀକୁ ପ୍ରବାହିତ ହୋଇଥାଏ, ଯାହାଦ୍ୱାରା ଆବଶ୍ୟକତାଠାରୁ ଅଧିକ ରକ୍ତ ଫୁସଫୁସକୁ ଯାଇଥାଏ। ଏହି ପିଡ଼ିଏ ଡିଭାଇସ କ୍ଲୋଜର ପ୍ରକ୍ରିୟାରେ ଡାକ୍ତର ଦିବ୍ୟରଞ୍ଜନ ବେହେରାଙ୍କ ନେତୃତ୍ୱରେ ସମସ୍ତ କାର୍ଡିଆକ ଟିମ, କାର୍ଡିଆ ଆନେସ୍ଥେସିଷ୍ଟ ଡାକ୍ତର ବିବେକ ଚୌଧୁରୀ, ବରିଷ୍ଠ ନିଓନାଟୋଲୋଜିଷ୍ଟ ଡାକ୍ତର ଜାନକୀ ବଲ୍ଲଭ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଶିଶୁଟି ଅସ୍ତ୍ରୋପଚାରର ୨ ଦିନ ପରେ ଡିସଚାର୍ଜ ହୋଇଛି ଏବଂ ବର୍ତ୍ତମାନ ସେ ସୁସ୍ଥ ଅଛି ବୋଲି ଡାକ୍ତର ବେହେରା ସୂଚନା ଦେଇଛନ୍ତି ।

# 'କ୍ରିପ୍ଟୋ'ର ବର୍ଗୀକରଣ କରିବେ ସରକାର

ନୂଆଦିଲ୍ଲୀ,୨୦।୩




ଜିଏସ୍‌ଟି ଆଇନ ଅନୁସାରେ 'କ୍ରିପ୍ଟୋକରେନ୍ସି'ର ଶ୍ରେଣୀବିଭାଗ କରି ଏହାର କାରବାରର ସମ୍ପୂର୍ଣ୍ଣ ମୂଲ୍ୟ ଉପରେ ଟିକସ ଆଦାୟ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ 'କ୍ରିପ୍ଟୋ ଏକ୍ସଚେଞ୍ଜସ୍' ଦ୍ୱାରା ଉପଲବ୍ଧ କରାଯାଇଥିବା ସେବାଗୁଡ଼ିକ ଉପରେ କେବଳ ୧୮% ଗୁଡ୍ସ ଆଣ୍ଡ ସର୍ଭିସେସ୍ ଟ୍ୟାକ୍ସ (ଜିଏସ୍‌ଟି) ଆଦାୟ କରାଯାଇ, ଏହାକୁ ଆର୍ଥିକ ସେବା ଶ୍ରେଣୀଭୁକ୍ତ କରାଯାଇଥାଏ। ଜିଏସ୍‌ଟି ଅଧିକାରୀମାନଙ୍କ ମତରେ 'କ୍ରିପ୍ଟୋ' କୌଣସି ଲଟେରି, ଜୁଆ, ବେଟିଂ, ଘୋଡ଼ାଦୌଡ଼ ସହିତ ସମାନ ଏବଂ ଏସବୁର ସମ୍ପୂର୍ଣ୍ଣ ମୂଲ୍ୟ ଉପରେ ୨୮% ଜିଏସ୍‌ଟି ଲାଗିଥାଏ। ଏହାଛଡ଼ା ସୁନା କ୍ଷେତ୍ରରେ ସମ୍ପୂର୍ଣ୍ଣ କାରବାର ମୂଲ୍ୟ ଉପରେ ୩% ଜିଏସ୍‌ଟି ଲଗାଯାଇଥାଏ। ଏ ସମ୍ପର୍କରେ ଜଣେ ଜିଏସ୍‌ଟି ଅଧିକାରୀ କହିଛନ୍ତି ଯେ, କ୍ରିପ୍ଟୋକରେନ୍ସି ଉପରେ ଜିଏସ୍‌ଟି ଲଗାଇବା ସମ୍ବନ୍ଧରେ ସ୍ୱଷ୍ଟତାର ଆବଶ୍ୟକତା ରହିଛି। ତେଣୁ ଏହାର ସମ୍ପୂର୍ଣ୍ଣ ଭ୍ୟାଲ୍ୟୁ ଉପରେ ଜିଏସ୍‌ଟି ଲଗାଇବାକୁ ଆମେ ଚିନ୍ତା କରୁଛୁ। ଏହାଛଡ଼ା କ୍ରିପ୍ଟୋକରେନ୍ସିକୁ ଗୁଡ୍ସ ଏବଂ ସର୍ଭିସେସ୍ ଭାବେ ବର୍ଗୀକୃତ କରିବା ସମ୍ପର୍କରେ ମଧ ଆମେ ଆଲୋଚନା କରୁଛୁ। କ୍ରିପ୍ଟୋକରେନ୍ସି କାରବାର ଉପରେ ଜିଏସ୍‌ଟି ଲାଗୁ କରାଗଲେ ଏହି ଦର ୦.୧-୧% ରହିବ। ତେଣୁ ପ୍ରଥମେ କ୍ରିପ୍ଟୋକରେନ୍ସି ବର୍ଗୀକରଣ କରାଯାଇ ପରେ ଏହା ଉପରେ ଲାଗୁ ହେବାକୁ ଥିବା ଜିଏସ୍‌ଟି ରେଟ୍ ଉପରେ ଆଲୋଚନା କରାଯିବ ବୋଲି ଜିଏସ୍‌ଟି ଅଧିକାରୀ ଜଣକ କହିଛନ୍ତି। ସୂଚନାଯୋଗ୍ୟ, ଜିଏସ୍‌ଟି ଆଇନରେ 'କ୍ରିପ୍ଟୋକରେନ୍ସି' ସମ୍ବନ୍ଧରେ ସ୍ପଷ୍ଟ ରୂପରେ ଆଲୋଚନା ହୋଇନାହିଁ। ୨୦୨୨-୨୩ ସାଧାରଣ ବଜେଟରେ କ୍ରିପ୍ଟୋ ଆସେଟ୍ସ ଉପରେ ଇନ୍ କମ୍ ଟ୍ୟାକ୍ସ ଲାଗୁ କରିବା ସମ୍ବନ୍ଧରେ କିଛି ମାତ୍ରାରେ ସ୍ୱଷ୍ଟତା ଅଣାଯାଇଛି। ସରକାର କ୍ରିପ୍ଟୋ କରେନ୍ସିକୁ ନିୟନ୍ତ୍ରିତ କରିବା ପାଇଁ ଭିନ୍ନ ଏକ ଆଇନ ଆଣିବା ଦିଗରେ କାର୍ଯ୍ୟ କରୁଛନ୍ତି। ତେବେ ଏନେଇ ବର୍ତ୍ତମାନ ସୁଦ୍ଧା କୌଣସି କଣ୍ଟ୍ରାକ୍ଟ ସାର୍ବଜନୀନ ହୋଇନାହିଁ।

## ଏନ୍‌ପିଏ ଆକାଉଣ୍ଟ ବିକ୍ରି କରିବ ଏସ୍‌ବିଆଇ

ନୂଆଦିଲ୍ଲୀ,୨୦।୩

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ (ଏସ୍‌ବିଆଇ) ପକ୍ଷରୁ ୮୨୦କୋଟି ଟଙ୍କାର ଋଣ ବକେୟାର ଭରଣା ପାଇଁ ୧୨ଟି ଅଣ-ପ୍ରଦର୍ଶନକାରୀ ସମ୍ପତ୍ତି (ଏନ୍‌ପିଏ) ଆକାଉଣ୍ଟ ବିକ୍ରି କରାଯିବ। ବ୍ୟାଙ୍କ୍ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁସାରେ ଏହି ଏନ୍‌ପିଏ ଆକାଉଣ୍ଟଗୁଡ଼ିକୁ ସମ୍ପତ୍ତି ପୁନର୍ଗଠନ କମ୍ପାନୀ(ଏଆର୍‌ସି), ବ୍ୟାଙ୍କ୍, ନନ୍‌ବ୍ୟାଙ୍କିଂ ଫାଇନାନ୍ସିଆଲ୍ କମ୍ପାନୀ(ଏନ୍‌ବିଏଫ୍‌ସି), ବିତ୍ତୀୟ ଅନୁଷ୍ଠାନଗୁଡ଼ିକୁ ବିକ୍ରି କରିବ। ଅଫିସିଆଲ୍ ୱେବ୍‌ସାଇଟ୍‌ରେ ଦିଆଯାଇଥିବା ନୋଟିସ୍ ଅନୁସାରେ ଏସ୍‌ବିଆଇ ଚଳିତ ବର୍ଷ ଏପ୍ରିଲ୍ ୧୩ସୁଦ୍ଧା ମୋଟ୍ ୧୨ଟି ଯାକ ଏନ୍‌ପିଏ ବିକ୍ରି ପାଇଁ ଲକ୍ଷ୍ୟ ରଖିଛି। ବିକ୍ରି ହେବାକୁ ଥିବା ଏନ୍‌ପିଏ ଆକାଉଣ୍ଟ ମଧ୍ୟରୁ ଉର୍ଜା ଏବଂ ମେଟାଲ୍ସ ଲିମିଟେଡ୍‌ର ସର୍ବାଧିକ ୩୧୬.୭୪ କୋଟି ଟଙ୍କାର ଏନ୍‌ପିଏ ଆକାଉଣ୍ଟ ରହିଛି।

## ଏଏସ୍‌ବିଏମ୍‌ରେ ଜାତୀୟ ଫାଇନାନ୍ସ ସିମ୍ପୋସିୟମ

ଭୁବନେଶ୍ୱର,୨୦।୩

ରାଜ୍ୟର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ମହାମାରୀ ପରେ ଆର୍ଥିକ ଦୁଃସ୍ଥିତିର ପଟପରିବର୍ତ୍ତନ, ସମସ୍ୟା ଓ ଆବେଗ' ଶୀର୍ଷକ ଏକ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏଏସବିଏମର କୁଳାଧକ୍ଷ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ ତାଙ୍କର ସ୍ୱାଗତ ଅଭିଭାଷଣ ମାଧ୍ୟମରେ ଉପସ୍ଥାପନା କରିଥିଲେ ମହାମାରୀର ଭୟଙ୍କର ପ୍ରଭାବ ସତ୍ତ୍ୱେ ମାନବ ଜାତି ପୁନଶ୍ଚ ମହାମାରୀ ମୁକ୍ତିର କାମନା କରି ଅଗ୍ରଗତିର ରାସ୍ତାକୁ ଆପଣାଇ ନେଇଛି । ସେହିପରି ପର୍ଯ୍ୟଟନ ଏବଂ ଶିକ୍ଷା ଆଦି କ୍ଷେତ୍ରରେ ବହୁଳ କ୍ଷତି ସତ୍ତ୍ୱେ ସେମାନେ ପୁନର୍ବାର ସ୍ଥିରତା ଆଡକୁ ଅଗ୍ରସର ହେଉଛନ୍ତି ବୋଲି ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ଉକ୍ତ ଆଲୋଚନା ଚକ୍ରର ଦ୍ୱିତୀୟାର୍ଦ୍ଧରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରାକ୍ତନ ମହାପ୍ରବନ୍ଧକ ନବୀନ ଚନ୍ଦ୍ର ଆଜୁୱାଲିଆ ଓ ଅର୍ଗିକ୍ଲିନ୍ ଲି. ର ପରିଚାଳନା ନିର୍ଦ୍ଦେଶକ ବି. ସି. ମହାନ୍ତି ତାଙ୍କର ବକ୍ତବ୍ୟ ରଖିଥିଲେ । ଆଲୋଚନା ଚକ୍ରର ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର କୁଳପତି ଡ. କଲ୍ୟାଣ ଶଙ୍କର ରାୟ ସ୍ୱାଗତ ସମ୍ଭାଷଣ କରିଥିଲେ ଏବଂ ଆଲୋଚନା ଚକ୍ରର ସଂଯୋଜକ ତଥା ଡିନ୍ ପ୍ରଫେସର ଡ. ପଦ୍ମନାଭ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ସହସଂଯୋଜକ ପ୍ରଫେସର ଡ. ଜେ. ସାଇ ମୋହିନୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫୁର୍‌ସତ୍

# ଜଙ୍ଗଲ ରହିଲେ ପ୍ରାଣୀ ଜଗତ ବଞ୍ଚିବ



## ବିଶ୍ୱ ଜଙ୍ଗଲ ଦିବସ

ପ୍ରକୃତି ଏବଂ ପ୍ରାଣୀ ଜଗତ ମଧ୍ୟରେ ସମ୍ପର୍କ ଅତି ନିବିଡ଼। ଜଙ୍ଗଲ ଦ୍ୱାରା ବହୁବିଧ ପରିବେଶ ସୁରକ୍ଷା ସହିତ ଜଳବାୟୁ ଏବଂ ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି ତଥା ବିଭିନ୍ନ ଗ୍ୟାସ୍‌ର ଉପଲବ୍ଧ ପରିମାଣ ମଧ୍ୟରେ ସମନ୍ୱୟ ସୃଷ୍ଟି ହୋଇଥାଏ। ତେଣୁ ଜଙ୍ଗଲର ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୧ରେ ବିଶ୍ୱ ଜଙ୍ଗଲ ଦିବସ ପାଳନ ହୋଇଥାଏ। ୨୦୧୧ରେ ଅନ୍ତର୍ଜାତୀୟ ଜଙ୍ଗଲ ବର୍ଷ ପରେ, ୨୦୧୨ ନଭେମ୍ବର ୨୮ରେ ମିଳିତ ଜାତିସଂଘର ସାଧାରଣ ସଭାର ସଂକଳ୍ପ ଦ୍ୱାରା ଅନ୍ତର୍ଜାତୀୟ ଜଙ୍ଗଲ ଦିବସ ପ୍ରତିଷ୍ଠା କରାଯାଇଥିଲା । ଏହା ପରେ ୨୦୧୩ ମାର୍ଚ୍ଚ ୨୧ଠାରୁ ଏହି ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରତିବର୍ଷ ୧୩ ନିୟୁତ ହେକ୍ଟରରୁ ଅଧିକ ଜଙ୍ଗଲ ନଷ୍ଟ ହୋଇଥାଏ। ଜଙ୍ଗଲ ରହିଲେ ଉଦ୍ଭିଦ ଏବଂ ପ୍ରାଣୀ ପ୍ରଜାତିଗୁଡିକର ବିକାଶ ସମ୍ଭବ ହୋଇପାରିଥାଏ । ସମସ୍ତ ପୃଥିବୀ ଜୈବ ବିବିଧତାର ୮୦ ପ୍ରତିଶତ ଜଙ୍ଗଲରେ ଥାଏ। ଜଳବାୟୁ ପରିବର୍ତ୍ତନରେ ଜଙ୍ଗଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଜଙ୍ଗଲ ନଷ୍ଟ ହେବା ଦ୍ୱାରା ବିଶ୍ୱର କାର୍ବନ ନିର୍ଗମନ ପରିମାଣରେ ୧୨ରୁ ୧୮ ପ୍ରତିଶତ ବୃଦ୍ଧି ପାଇଥାଏ। ଜଙ୍ଗଲ ବହୁ ଲୋକଙ୍କ ଜୀବନ ଜୀବିକା ମଧ ପାଳଟିଥାଏ । ପୃଥିବୀର ପ୍ରାୟ ୧.୬ ବିଲିଅନ ଗରିବ ଲୋକ ଜଙ୍ଗଲ ଉପରେ ନିର୍ଭର କରିଥାନ୍ତି। ଜଙ୍ଗଲ ଆଦିବାସୀ ସଂସ୍କୃତିର ବିକାଶରେ କାର୍ଯ୍ୟ କରିଥାଏ।

# ରଙ୍ଗିନ ମାଛ



ନୂଆଦିଲ୍ଲୀ: ଇନ୍ଦ୍ରଧନୁର ସବୁ ରଙ୍ଗ ଥିବା ମାଛ। ସାରା ବିଶ୍ୱରେ ଏହି ମାଛ ଏବେ ରେନ୍‌ବୋ ଫିଶ୍ ନାଁରେ ପରିଚିତ । ମାଳଦ୍ୱୀପର ସମୁଦ୍ର ମଧ୍ୟରୁ ଏହା ମିଳିଛି। ବୈଜ୍ଞାନିକଙ୍କ ଭାଷାରେ ଏହି ମାଛର ନାଁ ରହିଛି ରୋଜ୍ ବିଲ୍ଡ ଫେୟରୀ ରାସ। ଦେହରେ ଗୋଲାପୀ ରଙ୍ଗ ବେଶ୍ ସୁନ୍ଦରଭାବେ ରହିଥିବାରୁ ବୈଜ୍ଞାନିକମାନେ ମାଛର ଏଭଳି ନାମକରଣ କରିଛନ୍ତି। ଏହାର ସାଇଣ୍ଟିଫିକ୍ ନାଁ ହେଉଛି ସିରହିଲେବ୍ରସ ଫିନିଫେମ୍ମା। ମାଳଦ୍ୱୀପର କଥିତ ଭାଷା ଅନୁସାରେ ଫିନିଫେମ୍ମାର ଅର୍ଥ ଗୋଲାପ।

# ପ୍ରେମରେ ରଣଦୀପ



ମୁମ୍ବାଇ: ବି'ଟାଉନ୍ ସେଲିବ୍ରିଟିଙ୍କ ରିଲ୍ ଲାଇଫ୍ ଅପେକ୍ଷା ରିୟଲ୍ ଲାଇଫ୍ ବିଷୟରେ ଜାଣିବାକୁ ସମସ୍ତଙ୍କ ଆଗ୍ରହ । ଏତିଲାଗି ଅନେକ ସମୟରେ ନାୟକ ଓ ନାୟିକାଙ୍କୁ ନେଇ ଏକାଧିକ ଗୁଜବ ସାମ୍ନାକୁ ଆସିଥାଏ। ଏମିତି କିଛି ଗୁଜବ ନାୟକ ରଣଦୀପ ହୁଡ୍ଡାଙ୍କ ନାମରେ ଶୁଣିବାକୁ ମିଳୁଛି। ରଣଦୀପ କୁଆଡ଼େ ଲିନ୍ ଲାଇସ୍‌ରାନଙ୍କ ପ୍ରେମରେ ପଡ଼ିଛନ୍ତି। ଲିନ୍ ହେଉଛନ୍ତି ଜଣେ ମଡେଲ ଓ ଅଭିନେତ୍ରୀ। 'ଓମ୍ ଶାନ୍ତି ଓମ' ଏବଂ 'ମେରିକମ୍' ସେ ଅଭିନୟ କରିଚନ୍ତି। ଲିନ୍‌ଙ୍କ ଘର ମଣିପୁରରେ। ବର୍ତ୍ତମାନ ସମୟରେ ଦୁହେଁ ଲିଭ୍-ଇନ୍‌ରେ ରହୁଥିବା କଥା ମଧ ଚର୍ଚ୍ଚା ହେବାରେ ଲାଗିଛି। ଏହାକୁ ନେଇ ବର୍ତ୍ତମାନ ସୁଦ୍ଧା ରଣଦୀପଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିନାହିଁ। ଦୁହେଁ ଏକାଠି ବହୁ ଜାଗାରେ ସ୍ପଟ୍ ହେବା ପରେ ଏ ପ୍ରକାର ଗୁଜବ ବଢିବାରେ ଲାଗିଛି। ଏହା ପୂର୍ବରୁ ରଣଦୀପ ନୀତୁଚନ୍ଦ୍ରାଙ୍କ ସହ ରିଲେସନ୍‌ଶିପ୍‌ରେ ଥିଲେ। ପାଖାପାଖି ୩ ବର୍ଷ ଏକାଠି ରହିବା ପରେ ଦୁହିଁଙ୍କ ବ୍ରେକ୍‌ଅପ୍ ହୋଇଥିଲା। ରଣଦୀପଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ କରନ୍ତି। ଆଗାମୀ ଦିନରେ ସେ ବଲିଉଡ୍ କମେଡି ଫିଲ୍ମ 'ଅନ୍‌ଫେୟାର ଆଣ୍ଡ ଲଭ୍‌ଲି'ରେ ଦେଖାଯିବେ।

# କବିତା କହେ କବି ମନର କଥା

## ବିଶ୍ୱ କବିତା ଦିବସ



କବି ଜଣେ ସାଧାରଣ ମଣିଷ ନୁହନ୍ତି । ତାଙ୍କ ମଧ୍ୟରେ ପ୍ରତିଟି ଜିନିଷକୁ ଏକ ଭିନ୍ନ ଦୃଷ୍ଟିରେ ଦେଖିବାର ସୃଜନଶୀଳତା ରହିଥାଏ । ଜଣେ ସାଧାରଣ ଲୋକ ଦେଖୁଥିବା ବିଭିନ୍ନ ଜିନିଷ ଅବା ପ୍ରକୃତିକୁ କବି ଏକ ଅନ୍ୟ ଢଙ୍ଗରେ ଦେଖିଥାନ୍ତି । କବି ମନର ଅଭିବ୍ୟକ୍ତି ଶବ୍ଦର ରୂପ ନେଇ କବିତା ସୃଷ୍ଟି କରିଥାଏ । କବିତା କବି ମନର କଥାକୁ ଅତି ସହଜ ଭାଷାରେ କହି ବସିଥାଏ। କବିତାର ବିକାଶ ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୧ରେ ବିଶ୍ୱ କବିତା ଦିବସ ପାଳନ କରାଯାଇଥାଏ । ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ ୟୁନେସ୍କୋ ଦ୍ୱାରା ୧୯୯୯ରେ ଏହି ଦିବସ ପାଳନ ପାଇଁ ଘୋଷଣା କରାଯାଇଥିଲା। କବିତାର ଅଭିବ୍ୟକ୍ତି ମାଧ୍ୟମରେ ଭାଷା ବିବିଧତାକୁ ସମର୍ଥନ କରିବା ଏବଂ ଲୋପ ପାଉଥିବା ଭାଷାକୁ ସୁରକ୍ଷା ପ୍ରଦାନ କରିବା ଏହି ଦିବସର ମୂଳ ଲକ୍ଷ୍ୟ। କବିତା ପଢ଼ିବା, ଲେଖିବା, ପ୍ରକାଶନ ଏବଂ ଶିକ୍ଷାଦାନକୁ ପ୍ରୋତ୍ସାହିତ କରିବା ଲାଗି ଏହି ଦିବସ ପାଳନ ଅବସରରେ ବହୁ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ । ୟୁନେସ୍କୋ ଘୋଷଣାନାମା ଅନୁଯାୟୀ ଜାତୀୟ, ଆଞ୍ଚଳିକ ତଥା ଅନ୍ତର୍ଜାତୀୟସ୍ତରର କବିତାର ବିକାଶ ଲାଗି ନୂତନ ମାନ୍ୟତା ଏବଂ ଉତ୍ସାହ ସୃଷ୍ଟି କରିବା।

# ମଟନ ତରକାରିକୁ ନେଇ ସ୍ୱାମୀ ହଟହଟା

## ପତ୍ନୀଙ୍କ ନାଁରେ ଅଭିଯୋଗ ପାଇଁ କଣ୍ଟ୍ରୋଲ ରୁମ୍‌କୁ ୬ ଥର କଲ୍

ହାଇଦ୍ରାବାଦ: ପ୍ରତ୍ୟେକ ଦିନ କିଛି ନା କିଛି ଅଜବ ଘଟଣା ଆମ ଚର୍ତୁଃପାର୍ଶ୍ୱରେ ଘଟୁଥିବାର ଦେଖିବାକୁ ମିଳୁଛି। ନିକଟରେ ତେଲେଙ୍ଗାନାରେ ଏଭଳି ଘଟଣା ଘଟିଛି ଯାହା ଆପଣଙ୍କୁ କିଛି କ୍ଷଣ ପାଇଁ ଚିନ୍ତାରେ ପକାଇ ଦେବ । ମଟନ୍ ତରକାରିକୁ ନେଇ ଘଟିଛି ତୁମୁଳ କାଣ୍ଡ। ମାମଲା ଯାଇ ପହଞ୍ଚିଲା ପୋଲିସ ଷ୍ଟେଶନରେ, ଆଉ ଶେଷରେ ବନ୍ଧା ହେଲେ ଅଭିଯୋଗକାରୀ ସ୍ୱାମୀ। ପତ୍ନୀ ଘରେ ମଟନ୍ ତରକାରି ରୋଷେଇ କରି ନ ଥିବାରୁ ସ୍ୱାମୀ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରି ଅଭିଯୋଗ କରିଛନ୍ତି। ନବୀନ ନାମକ ଏହି ବ୍ୟକ୍ତି ଶୁକ୍ରବାର ରାତିରେ ନିଶାସକ୍ତ ଅବସ୍ଥାରେ ଘରେ ପହଞ୍ଚିଥିଲେ। ରାତ୍ରି ଭୋଜନ କରିବା ସମୟରେ ପତ୍ନୀ ମଟନ୍ ରାନ୍ଧି ନ ଥିବାରୁ ବ୍ୟକ୍ତି ଜଣକ ପୋଲିସ କଣ୍ଟ୍ରୋଲ୍ ରୁମ୍‌କୁ ଫୋନ୍ କରି ପତ୍ନୀଙ୍କ ନାଁରେ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ନବୀନ ପାଖାପାଖି ୬ ଥର ୧୦୦ ଡାଏଲ୍ କରି ପୋଲିସ କଣ୍ଟ୍ରୋଲ୍ ରୁମ୍‌କୁ କଲ୍ କରିଥିଲେ। ଅଭିଯୋଗ ଶୁଣିବା ପରେ କଲ୍ ସେଣ୍ଟରରେ ଥିବା ବ୍ୟକ୍ତି ଏହା ପ୍ରାଙ୍କ୍ କଲ୍ ବୋଲି ଭାବିଥିଲେ। କିନ୍ତୁ ବାରମ୍ବାର କଲ୍ ଆସିବା ପରେ ଅଭିଯୋଗ ଶୁଣି ପୋଲିସ ଟିମ୍ କାନାଗଲ ମଣ୍ଡଳର ଚେରଲା ଗୋରାରାମ ଗ୍ରାମରେ ଥିବା ନବୀନଙ୍କ ଘରେ ପହଞ୍ଚିଥିଲେ। ନବୀନଙ୍କୁ ନିଶାସକ୍ତ ଅବସ୍ଥାରେ ପାଇ ପୋଲିସ ସେଠାରୁ ଫେରିଆସିଥିବାବେଳେ ପରଦିନ ଅର୍ଥାତ୍ ଶନିବାର ସକାଳୁ ନବୀନଙ୍କୁ ଥାନାକୁ ନେଇ ଆସିଥିଲା। ସ୍ଥାନୀୟ ପୋଲିସର ସୂଚନାକ୍ରମେ ନବୀନଙ୍କ ବିରୋଧରେ ଆଇପିସି ଧାରା ୨୯୦ ଏବଂ ୫୧୦ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି।





# ବିନା ଆହାରରେ ଆମାଜନ୍‌ରେ ମାସେ





ବ୍ରାଜିଲ: ଗ୍ଲାଉକୋ ଏବଂ ଗ୍ଲେଇସନ ନାମକ ଦୁଇ ଭାଇ ବିନା ଆହାରରେ ୪ ସପ୍ତାହ ଜଙ୍ଗଲରେ କାଟିବା ପରେ ସେମାନଙ୍କୁ ଉଦ୍ଧାର କରାଯାଇଛି। ଚଢ଼େଇ ଧରିବା ପାଇଁ ଗତ ଫେବୃୟାରୀ ୧୮ ତାରିଖରେ ଦୁଇ ଭାଇ ରେନ୍ ଫରେଷ୍ଟ ଆମାଜନ ଜଙ୍ଗଲ ମଧ୍ୟକୁ ଯାଇଥିଲେ। ସେମାନେ ସେଠାରୁ ଆଉ ଫେରିପାରି ନ ଥିଲେ। ସ୍ଥାନୀୟ ପୋଲିସ ବିଭାଗର ସ୍ୱତନ୍ତ୍ର ଟିମ୍ ଏବଂ ସମ୍ପର୍କୀୟ ପାଖାପାଖି ଏକ ସପ୍ତାହ ସେମାନଙ୍କୁ ଖୋଜାଖୋଜି କରିଥିଲେ । କିନ୍ତୁ ଦୁଇ ଭାଇଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ସେମାନେ ଜଙ୍ଗଲରୁ ବାହାରିବା ପାଇଁ ବାଟ ଖୋଜୁଥିବାବେଳେ ଜଣେ କାଠୁରିଆ କାଠ କାଟୁଥିବାର ଶବ୍ଦ ସେମାନେ ଶୁଣିଲେ। ଗ୍ଲାଉକୋ ଓ ଗ୍ଲେଇସନ୍ ଶବ୍ଦକୁ ଅନୁସରଣ କରି କାଠୁରିଆ ନିକଟରେ ପହଞ୍ଚିଥିଲେ। କାଠୁରିଆ ସେମାନଙ୍କୁ ଜଙ୍ଗଲରୁ ବାହାରିବାକୁ ସାହାଯ୍ୟ କଲେ। ଦୀର୍ଘ ୪ ସପ୍ତାହ ବିନା ଆହାରରେ ଦୁଇ ଭାଇଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଉଦ୍ଧାର ପରେ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ମାର୍ଶାଘାଇ,(ଡି.ଏନ.ଏ.): ମାର୍ଶାଘାଇ ଥାନା ଅନ୍ତର୍ଗତ କେନାଲ ବ୍ରିଜ ଛକରେ ଶନିବାର ରାତିରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମହାକାଳପଡ଼ା ଗାଁର ପ୍ରଶାନ୍ତ କୁମାର ଜେନା (୪୭)। କେନ୍ଦ୍ରାପଡ଼ା ପଟରୁ ବାଇକ୍ ଯୋଗେ ଜେନା ଜାତୀୟ ରାଜପଥରେ ନିଜ ଗ୍ରାମକୁ ଫେରୁଥିଲେ। ରାତି ପ୍ରାୟ ସାଢେ ୧୦ଟାରେ କେନାଲ ବ୍ରିଜ ଛକ ନିକଟରେ ଏକ ଟ୍ରକ୍‌ର ପଛ ପଟେ ବାଇକ୍‌କୁ ବାଡେଇ ଦେଇଥିଲେ। ସ୍ଥାନୀୟ ଲୋକ ଓ ପୋଲିସ ତାଙ୍କୁ ଉଦ୍ଧାର କରି ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ନଂ. ୮୨/୨୨ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ରବିବାର ପଠାଇଥିଲା।

# ଅଧ୍ୟକ୍ଷ ପାଇଁ ବିଜେଡି-କଂଗ୍ରେସ କଡ଼ା ଟକ୍କର

**ଜଗତ୍‌ସିଂହପୁର ଅଫିସ, ୨୦।୩**

**ଜଗତ୍‌ସିଂହପୁର ପୌର ନିର୍ବାଚନ**



- ଅଧିକାଂଶ ୱାର୍ଡରେ ଚିତ୍ର ଅସ୍ପଷ୍ଟ
- ନିର୍ବାଚନରେ ଭାଜପାର ଭୂମିକା ଗୁରୁତ୍ୱପୂର୍ଣ୍ଣ
- ଅନୁସୂଚିତ ଜାତି, ଜନଜାତିଙ୍କୁ ପ୍ରଭାବିତ ପାଇଁ ଉଦ୍ୟମ

ଜଗତ୍‌ସିଂହପୁର ପୌର ନିର୍ବାଚନରେ ବିଜେଡି, କଂଗ୍ରେସ ଓ ଭାଜପା ନେତୃତ୍ୱ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ପୁରା ଦମ୍ ଲଗାଇ ଦେଇଛନ୍ତି। ଏକାଧିକ ୱାର୍ଡରେ କେଉଁ ଦଳ ଆଗରେ ରହିଛି ସେଚିତ୍ର ଅସ୍ପଷ୍ଟ ରହିଛି। ତେବେ ଅଧ୍ୟକ୍ଷ ପଦବୀକୁ ନେଇ ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ମୁକାବିଲା ହେବା ନେଇ ଚର୍ଚ୍ଚା ହେଉଛି। ଯଦିଓ ବିଜେଡି ସପକ୍ଷରେ ଗତ ପଞ୍ଚାୟତ ନିର୍ବାଚନର ଫଳାଫଳ ସହଯୋଗ କରୁଛି, କିନ୍ତୁ ଦଳୀୟ ଗୋଷ୍ଠୀ କନ୍ଦଳର ଫାଇଦା ନେବାକୁ ବିରୋଧୀମାନେ ଉଦ୍ୟମ କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରଥମ ଥର ପାଇଁ ଭାଜପା ସମସ୍ତ ୱାର୍ଡରେ ପ୍ରାର୍ଥୀ ଦେଇ ନୂଆ ସମୀକରଣ ସୃଷ୍ଟି କରିଛି। ଭାଜପାର ଉତ୍ଥାନ ଉଭୟ ବିଜେଡି ଓ କଂଗ୍ରେସ ନେତୃତ୍ୱଙ୍କ ଚିନ୍ତାର କାରଣ ପାଲଟିଛି। କାରଣ କେତୋଟି ୱାର୍ଡରେ ଭାଜପାର ଭୋଟ ବୃଦ୍ଧି ବିଜେଡି ପାଇଁ ମହଙ୍ଗା ସାବ୍ୟସ୍ତ ହେଉଥିବାବେଳେ ଆଉ କେତୋଟିରେ କଂଗ୍ରେସ ପ୍ରଭାବିତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ୨୦୧୩ ନିର୍ବାଚନ କଥା ଦେଖିଲେ କଂଗ୍ରେସ ଓ ବିଜେଡି ମଧ୍ୟରେ ଲଢ଼େଇ ହୋଇଥିଲା। ଶେଷରେ ପୌର ପରିଷଦ କଂଗ୍ରେସ ଦଖଲକୁ ଯାଇଥିଲା। ଭାଜପା ସ୍ଥିତି ଅତି ଦୁର୍ବଳ ଥିଲା। ଏପରି କି ଏହି ଦଳ ୧୨ଟି ୱାର୍ଡରେ ପ୍ରାର୍ଥୀ ଦେଇପାରି ନ ଥିଲା। ଏଥର କେବଳ ସମସ୍ତ ୱାର୍ଡରେ ପ୍ରାର୍ଥୀ ଦିଆଯାଇନି, ୪ଟି ୱାର୍ଡରେ ବିରୋଧୀଙ୍କୁ କଡ଼ା ଟକ୍କର ଦେଉଛି। ଏ ସମ୍ପର୍କରେ କେତେଜଣ ରାଜନୈତିକ ସମୀକ୍ଷକଙ୍କ କହିବା କଥା ହେଲା, ଗତ ନିର୍ବାଚନରେ ପୌରାଧ୍ୟକ୍ଷ ପଦବୀ ପାଇଁ ପରୋକ୍ଷ ନିର୍ବାଚନ ଥିଲା ତେଣୁ ପାରିଷଦମାନଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେଉଥିଲା। ଏହି ଆଧାରରେ ଅଧିକାଂଶ କଂଗ୍ରେସ ପାରିଷଦ ପୌରାଧ୍ୟକ୍ଷ ବାଛିଥିଲେ। ଆଗାମୀ ନିର୍ବାଚନରେ ଅଧ୍ୟକ୍ଷ ପଦବୀ ପାଇଁ ସିଧାସଳଖ ନିର୍ବାଚନ ହେଉଛି। ଅର୍ଥାତ୍ ପୌରାଞ୍ଚଳର ଭୋଟରମାନେ ଅଧ୍ୟକ୍ଷା ପ୍ରାର୍ଥୀମାନଙ୍କ ମଧ୍ୟରୁ ଜଣଙ୍କୁ ଭୋଟ ଦେଇ ଜିତାଇବେ। ସେ ଦୃଷ୍ଟିରୁ କଂଗ୍ରେସ, ବିଜେଡି ଓ ଭାଜପା ପକ୍ଷରୁ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବିଭିନ୍ନ ରଣନୀତି ଆପଣାଯାଉଛି। ଗତ ନିର୍ବାଚନରେ ପରିଷଦର ୨୧ଟି ୱାର୍ଡ ମଧ୍ୟରୁ କଂଗ୍ରେସ ଦଖଲକୁ ସର୍ବାଧିକ ୧୨ଟି ୱାର୍ଡ (ସଂଖ୍ୟା ୨, ୪, ୫, ୭, ୯, ୧୦, ୧୨, ୧୪, ୧୫, ୧୬ ଓ ୧୭, ୧୯) ଯାଇଥିଲା। ବିଜେଡି ସପକ୍ଷରେ ୯ଟି (ୱାର୍ଡ ସଂଖ୍ୟା ୧, ୩, ୬, ୮, ୧୧, ୧୩, ୧୮, ୨୦ ଓ ୨୧) ଥିଲା। ସେତେବେଳେ ପରିଷଦର ମୋଟ ଭୋଟର ସଂଖ୍ୟା ୨୩,୪୮୫ ଥିଲା । ଏଥର ୨,୦୩୨ ଜଣ ଭୋଟର ବଢ଼ିଛନ୍ତି, ଅର୍ଥାତ୍ ମୋଟ ଭୋଟର ସଂଖ୍ୟା ୨୫,୫୧୭ରେ ପହଞ୍ଚିଛି। ଏହାକୁ ହିସାବକୁ ନେଲେ ଜଣାଯାଏ ନୂଆ ଭୋଟର ପ୍ରମୁଖ ଭୂମିକା ନିଭାଇବେ। ୨୦୧୩ ନିର୍ବାଚନରେ କଂଗ୍ରେସ ସପକ୍ଷରେ ପୌରାଞ୍ଚଳର ୯,୮୫୦ ଜଣ ଭୋଟର ଭୋଟ ଦେଇଥିଲେ। ବିଜେଡିକୁ ୮,୮୭୫ ଓ ଭାଜପା ସପକ୍ଷରେ ମାତ୍ର ୧୪୦ ଖଣ୍ଡ ଭୋଟ ଯାଇଥିଲା। ଏବେ କଂଗ୍ରେସ ପୂର୍ବ ସ୍ଥିତିଠାରୁ ଅଧିକ ଭୋଟ ହାତେଇବା ପାଇଁ ଚେଷ୍ଟା ଜାରି ରଖିଛି। ବିଜେଡି ପକ୍ଷରୁ ମଧ୍ୟ ବିଭିନ୍ନ ରଣନୀତି ଆପଣାଯାଉଛି। ଯେହେତୁ ପୌରାଞ୍ଚଳରେ ଶିକ୍ଷିତ ଭୋଟରଙ୍କୁ ପ୍ରଭାବିତ କରିବା କଷ୍ଟକର ତେଣୁ ୩ ପ୍ରମୁଖ ଦଳ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟଙ୍କ ଉପରେ ନଜର କେନ୍ଦ୍ରୀଭୂତ କରୁଛନ୍ତି। ଏପରି କି ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଅର୍ଥବଳ ପ୍ରୟୋଗ କରାଯାଉଛି। ବିଭିନ୍ନ ସାହି, ବସ୍ତିରେ ମଦ ଓ ମାଂସର ଆସର ଜମିଲାଣି। ବିଜେଡି ନେତା ତଥା ବିଧାୟକ ପ୍ରଶାନ୍ତ ମୁଦୁଲି, ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଓ ଭଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର ଦଳୀୟ ପ୍ରଚାରର ମଙ୍ଗ ଧରିଛନ୍ତି। ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା, ଜନକଲ୍ୟାଣକାରୀ ଯୋଜନା ଓ ପ୍ରଗତିକୁ ପ୍ରସଙ୍ଗ କରାଯାଉଛି। କଂଗ୍ରେସ ଜଗତ୍‌ସିଂହପୁର ପୌରାଞ୍ଚଳରେ ଗତ ୩ ବର୍ଷ ଭିତରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇ ଭୋଟ ଭିକ୍ଷା କରୁଛି। ଭାଜପା ମଧ୍ୟ ଅନୁରୂପ ଭାବେ ଦୁର୍ନୀତି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାକୁ ନେଇ ଭୋଟରଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାକୁ ପ୍ରୟାସ କରୁଛି।



ପ୍ରସିଦ୍ଧ ଓଳକଣା ମେଳଣ ଦେଖିବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ।

## ସଂକ୍ଷେପରେ

### ଯୌତୁକ ପାଇଁ ବଧୂ ହତ୍ୟା

**ରାଜନଗର,୨୦।୩ (ଡି.ଏନ.ଏ.):** ରାଜନଗର ଥାନା ଗୋବର୍ଦ୍ଧନପୁର ଗାଁରେ ଶନିବାର ଅଧିକ ଯୌତୁକ ପାଇଁ ବଧୂଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେବା ସହ ମିଳିମିଶି ତଣ୍ଟି ଚିପି ମାରିଦେବା ପରେ ପ୍ରମାଣ ନଷ୍ଟ ପାଇଁ ଦେହରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ପୋଲିସ ଅଧାପୋଡା ମୃତଦେହକୁ ଜବତ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ନଂ. ୮୪/୨୨ରେ ମାମଲା ରୁଜୁ ହୋଇଛି। ପୋଲିସ ସ୍ୱାମୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରି ତଦନ୍ତ ଜାରି ରହିଛି ବୋଲି ଆଇଆଇସି ତପନ କୁମାର ନାୟକ ସୂଚନା ଦେଇଛନ୍ତି। ଥାନା ଅନ୍ତର୍ଗତ ଚାରିପୋଖରୀଆ ଗାଁର ଫକୀର ବେହେରାଙ୍କ ଅଭିଯୋଗ ମୁତାବକ, ୪ ବର୍ଷ ତଳେ ତାଙ୍କର ଝିଅ ସଞ୍ଜୁଲତା (୨୮)ଙ୍କ ବୈଦିକ ରୀତିରେ ଗୋବର୍ଦ୍ଧନପୁର ଗାଁର ଆଦିକନ୍ଦ ବିଶ୍ୱାଳଙ୍କ ପୁଅ ବିଘ୍ନେଶ୍ୱରଙ୍କ ସହ ବିବାହ ହୋଇଥିଲା। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦେଇଥିଲେ। ତାଙ୍କର ଦେଢବର୍ଷର ଶିଶୁପୁତ୍ର ଅଛି। ସେମାନେ ଦୀର୍ଘ ୪ ବର୍ଷ ଧରି ଅଧିକ ଯୌତୁକ ଆଣିବାକୁ ସଞ୍ଜୁଲତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ବହୁବାର ଝିଅର ଶାଶୁଘରେ ପହଞ୍ଚି ସମାଧାନ କରିଛି। ଶନିବାର ସକାଳେ ଝିଅକୁ ମାରି ଦେଇଥିବା ନେଇ ଖବର ପାଇଥିଲି। ଶାଶୁଘରେ ପହଞ୍ଚି ଦେଖିବାକୁ ପାଇଲି ଝିଅକୁ ସମ୍ପୂର୍ଣ୍ଣ ଲଙ୍ଗଳା କରି ଛାତି, ପେଟିକୁ ମାଡ ମାରିବା ସହ ତଣ୍ଟିକୁ ଚିପି ମାରି ଦେଇଛନ୍ତି। ପ୍ରମାଣ ନଷ୍ଟ କରିବାକୁ ଝିଅକୁ ଅଧା ପୋଡି ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସ୍ୱାମୀ ବିଘ୍ନେଶ୍ୱରଙ୍କ ସହ ଦେଡଶୁର ଗଣେଶ୍ୱର, ବାବାଜୀ, ଶାଶୁ ମେନକା ଏବଂ ୩ ଯାଆ ମିଳିମିଶି ହତ୍ୟା କରିଥିବା ଅଭିଯୋଗ କରିଛନ୍ତି।

### ଜାତୀୟ ନାଟକ ମହୋତ୍ସବ

**ପାରାଦୀପ,୨୦।୩(ସ୍ୱ.ପ୍ର.):** ପାରାଦୀପର ଜୟଦେବ ସଦନରେ ଶନିବାର ସନ୍ଧ୍ୟାରେ ୧୯ତମ ଜାତୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ନାଟ୍ୟ ଅନୁଷ୍ଠାନ କାନମାସ ପକ୍ଷରୁ ଆୟୋଜିତ ମହୋତ୍ସବକୁ ବନ୍ଦର ଅଧ୍ୟକ୍ଷ ପି.ଏଲ ହାରାନ୍ଧ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଆଶିଷ ବୋଷ, ତୈଳ ବିଶୋଧନାଗାର ନିର୍ବାହୀ ନିର୍ଦ୍ଦେଶକ ଭି.ଏସ୍ ଜୈନ, କୋଷ୍ଟଗାର୍ଡ କମାଣ୍ଡାଣ୍ଟ ଯଶୋବନ୍ତ ସିଂହ ଓ ବିଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ସନ୍ଧ୍ୟାରେ ଦିଲ୍ଲୀର ଫ୍ଲାଇଂ ଫିଦର୍ସ ଆସୋସିଏଶନ ଦ୍ୱାରା ପ୍ରାୟୋଜିତ ଏବଂ ରାଜେଶ ସିଂଙ୍କ ନିର୍ଦ୍ଦେଶିତ ନାଟକ ବାବୁଜୀ ମଞ୍ଚସ୍ଥ ହୋଇଥିଲା। ଏଥିରେ ଜଣେ କଳାକାର ପରିବାରର ସଂଘର୍ଷ ଦର୍ଶାଯାଇଥିଲା। କାର୍ଯ୍ୟକ୍ରମକୁ କାନମାସର ସଭାପତି ଅତୁଲ୍ୟ କୁମାର ମହାପାତ୍ର ଓ ସମ୍ପାଦକ ଶ୍ରୀମନ ମିଶ୍ର ସଞ୍ଚାଳନ କରିଥିଲେ।

### ରାଜନଗର ଦୋଳ ମେଳଣରେ ୩୪ ବିମାନ

**ରାଜନଗର,୨୦।୩(ଡି.ଏନ.ଏ.):** ରାଜନଗର ମେଳଣ ପଡିଆକୁ ଚଳିତବର୍ଷ ୩୪ଟି ବିମାନ ଆସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ରାଧାକୃଷ୍ଣ ମେଳଣ କମିଟି ପକ୍ଷରୁ ସଭାପତି ତଥା ରାଜନଗର ଆଇଆଇସି ତପନ କୁମାର ନାୟକଙ୍କୁ ନିମନ୍ତ୍ରଣ କରି ମେଳଣ ପଡିଆକୁ ଅଣାଯାଇଥିଲା। ମଣ୍ଡପ ପ୍ରତିଷ୍ଠା ପରେ ଥାନପତି ରାଜନଗରର ଦଧିବାମନଜୀଉଙ୍କୁ ଶୋଭାଯାତ୍ରାରେ ମେଳଣ ପଡିଆକୁ ଅଣା ଯାଇଥିଲା। ଥାନପତି ପଡିଆରେ ବିରାଜମାନ ପରେ ଅନ୍ୟ ବିମାନଗୁଡିକ ରାତି ୧୦ ଟାରୁ ସକାଳ ୭ଟା ଯାଏ ଆସିଥିଲେ। ଥାନା ପକ୍ଷରୁ ଭୋଗ ଲାଗିବା ପରେ ବିମାନଗୁଡିକ ପ୍ରତ୍ୟାବର୍ତ୍ତନ କରିଥିଲେ। ଦୋଳ ମେଳଣ ତହସିଲ ଓ ବ୍ଲକ କ୍ୟାମ୍ପସରେ ଅନୁଷ୍ଠିତ ହୋଇଥିଲା। ଶ୍ରୀରାଧାକୃଷ୍ଣ ମେଳଣ କମିଟିର ସଭାପତି ଆଇଆଇସି ନାୟକଙ୍କ ପୌରୋହିତ୍ୟରେ ପଣ୍ଡିତ ଶଙ୍କର୍ଷଣ ମିଶ୍ରଙ୍କ ସଂଯୋଜନାରେ ପଡିଆରେ ରଙ୍ଗସଭା ଅନୁଷ୍ଠିତ ହୋଇଥିଲା। ଉପସଭାପତି ରମେଶ ଚନ୍ଦ୍ର ଲାଲ, ସମ୍ପାଦକ ପ୍ରଭାତ ଚନ୍ଦ୍ର ମିଶ୍ର, ସହ ସମ୍ପାଦକ ଚିତ୍ତରଞ୍ଜନ ଦାସ, କୋଷାଧ୍ୟକ୍ଷ ଅନିରୁଦ୍ଧ ପରିଡା ପ୍ରମୁଖ ଯୋଗ ଦେଇଥିଲେ।

### ଶ୍ରୀରାମ ମନ୍ଦିରରେ ରାଜ ମେଳଣ

**ପଟ୍ଟାମୁଣ୍ଡାଇ,୨୦।୩(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇରେ ଉତିକଣ ଜମିଦାର ଅମଳରୁ ଅନୁଷ୍ଠିତ ହୋଇ ଆସୁଥିବା ହୋଲି ରାଜ ମେଳଣ ଏବେ ବଣିକ ସଂଘ ପକ୍ଷରୁ ଆୟୋଜିତ ହେଉଛି। ବଣିକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଶ୍ରୀରାମ ମନ୍ଦିରଠାରେ ଆୟୋଜିତ ରାଜ ମେଳଣରେ ଥାନପତି ଭାବେ ମାଟିଆର ମଦନମୋହନ ଜୀୟୁ ପ୍ରଥମ ଆସନ ଗ୍ରହଣ କରିଥାଆନ୍ତି। ଏହି ମେଳଣରେ ମଠାସାହିର ନୃସିଂହନାଥ, ତାତନାର ବ୍ରଜରାଜକିଶୋର, କୁଞ୍ଜବିହାରୀଜୀଉ, ଗୁଲନଗରର ଭବାନୀଶଙ୍କର ବିମାନରେ ଉପବିଷ୍ଟଜୀଉଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ବଣିକ ସଂଘର ପର୍ଶୁରାମ ଷଣ୍ଢ, ଗୋପୀନାଥ କର, କିରଣ କୁମାର ଭୂୟାଁ ପ୍ରମୁଖ ସହଯୋଗ କରିଥିଲେ।

## ହରିହର ମିଳନ ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

**ଡେରାବିଶ, ୨୦।୩(ସ୍ୱ.ପ୍ର.)**

**ପ୍ରସିଦ୍ଧ ଓଳକଣା ମେଳଣ**

ପ୍ରସିଦ୍ଧ ଓଳକଣା ମେଳଣ ଶୁକ୍ରବାର ପୂର୍ବାହ୍ନରେ ଶେଷ ହୋଇଛି। କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳରେ ଅନୁଷ୍ଠିତ ମେଳଣରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରାଜ୍ୟର ଅନ୍ୟ ମେଳଣରେ ସୁସଜ୍ଜିତ ବିମାନରେ ଶ୍ରୀରାଧା କୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପୂଜା ପାଉଥିବା ବେଳେ ଆଳି ରାଜାଙ୍କ ଡେରାବିଶ ବ୍ଲକ ଅଧୀନ ରାଜନଗରରୁ ଏକ ବିମାନରେ ଶ୍ରୀରାଧାକୃଷ୍ଣ ଆସୁଥିଲେ। ଡେରାବିଶର ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରୁ ଅନ୍ୟ ଏକ ବିମାନରେ ମା' ଲକ୍ଷ୍ମୀଙ୍କ ବିମାନ ମେଳଣ ପଡିଆରେ ମାଟି ନିର୍ମିତ କନକ ବେଦୀରେ ଉପବେଶନ କରିଥିଲେ। ସେହିପରି କଟକ ଜିଲା ମାହାଙ୍ଗ ବ୍ଲକ ଅଧୀନ ଶ୍ରୀଭଦ୍ରେଶ୍ୱରଙ୍କ ମନ୍ଦିରରୁ ସ୍ୱତନ୍ତ୍ର ବିମାନରେ ଶିବଶକ୍ତି ପଡିଆ ମଧ୍ୟକୁ ପ୍ରବେଶ କରିଥିଲେ। ଜନଶ୍ରୁତି ଅନୁଯାୟୀ, ଭକ୍ତ ବିଦୁରଙ୍କ ସେବାରେ ପ୍ରସନ୍ନ ହୋଇ ଭଗବାନ ଶ୍ରୀକୃଷ୍ଣ ହରିହର ମିଳନ ଦୃଶ୍ୟ ଦେଖିବାକୁ ତାଙ୍କୁ ବର ପ୍ରଦାନ କରିଥିଲେ। ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥି ଗୁରୁବାର ରାତିରୁ ଆରମ୍ଭ ହୋଇଥିବା ଏହି ମେଳଣ ଶୁକ୍ରବାର ଶେଷ ହୋଇଥିଲା। ମେଳଣ ପଡିଆରେ ଥିବା ୪ଟି ଦ୍ୱାର ଦେଇ ୧୨୦ରୁ ଉର୍ଦ୍ଧ୍ୱ ବିମାନ ପ୍ରବେଶ କରିଥିଲେ। ଅନ୍ୟ ମେଳଣରେ ଭୋଗ ବିଦାକି ବ୍ୟବସ୍ଥା ଥିବା ବେଳେ ଏହି ମେଳଣରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ପଡିଆରେ ଉପବେଶନ କରିଥିବା ସମସ୍ତ ବିମାନ ସମ୍ମୁଖରେ ପଡିଥିବା ଚାଦରରେ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ଭୋଗ ଉଗାଇଥିଲେ। ଜନଶ୍ରୁତି ଅନୁଯାୟୀ ମେଳଣ ପଡ଼ିଆରେ ମାଟି ନିର୍ମିତ କନକ ବେଦିରେ ଆଳି ରାଜାଙ୍କ ବିମାନ ଦ୍ୱୟ ଉପବେଶନ କରିଥିଲେ। ପ୍ରବାଦ ରହିଛି ଏହି ବେଦି ତଳେ ବିଭିନ୍ନ ପ୍ରକାର ଶସ୍ୟ ପୂର୍ବରୁ ରହିଥାଏ। ମା' ଲକ୍ଷ୍ମୀଙ୍କ ବିମାନ ଉଠିବା ପରେ ବେଦି ତଳେ ଭକ୍ତମାନେ ପୋତି ଶସ୍ୟରୁ ଟିକିଏ ନିଜ ଘରକୁ ନେଲେ ପରିବାରରେ ଧନଧାନ୍ୟରେ ଅଭାବ ରହେନାହିଁ। ଅପରପକ୍ଷରେ ଭଦ୍ରେଶ୍ୱରରୁ ଆସୁଥିବା ବିମାନରେ ଶିବଶକ୍ତି ପଡ଼ିଆ ମଧ୍ୟରେ ପହଞ୍ଚିବା ପରେ ୧୦୮ ଘଣ୍ଟ ପଟୁଆର ମଧ୍ୟରେ ଏକ ଆଳତି ମେଳଣ ସନ୍ନିକଟ ଭକ୍ତ ବିଦୁରଙ୍କ ମନ୍ଦିରକୁ ଯାଇଥାଏ। ଏହି ଆଳତି ଦେଖିବାକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ଶୃଙ୍ଖଳା ପାଇଁ କେନ୍ଦ୍ରାପଡ଼ା ଓ କଟକ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ୪ ଦ୍ୱାରାରେ ୪ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ଚଳିତବର୍ଷ ମେଳଣଟି ଶୃଙ୍ଖଳାର ସହ ଶେଷ ହୋଇଛି।

## ଗର୍ଭବତୀଙ୍କୁ ରାସ୍ତାରେ ଘୋଷାରିଲେ

**କେନ୍ଦ୍ରାପଡ଼ା ଅଫିସ,୨୦।୩**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଥାନା ଗାଙ୍ଗପଡା ରାସ୍ତାରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଗର୍ଭବତୀ ମହିଳାଙ୍କୁ ପରିବାର ସଦସ୍ୟମାନେ ଘୋଷାରି ନେଇ ମାଡ ମାରିଛନ୍ତି। ତେବେ ଏହି ଘଟଣା ପରେ ମହିଳାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଛନ୍ତି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଏହି ଗ୍ରାମର ଟ୍ରକ ଚାଳକ କୁନା ଯେନା ୨ ବର୍ଷ ତଳେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ମୁସଲିମ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। ଗାଙ୍ଗପଡାରେ ଆସି ରହିବା ପରେ ମହିଳାଙ୍କ ଉପରେ ନିର୍ଯାତନା ବଢ଼ିଥିଲା। ମହିଳା ଜଣକ ଆତ୍ମହତ୍ୟା ଉଦ୍ଦେଶ୍ୟରେ ଗାଙ୍ଗପଡା ରାଜ୍ୟ ରାଜପଥରେ ଶୋଇଥିଲେ। ପରିବାର ଲୋକ ଏ ସମ୍ପର୍କରେ ଖବର ପାଇଁ ଘଟଣାସ୍ଥଳକୁ ଆସି ମାଡ ମାରିଥିଲେ। ଏ ସମ୍ପର୍କରେ ଅଦ୍ୟାବଧି ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ମହିଳା ଜଣକ ସୂଚନା ଦେଇଛନ୍ତି।

## ୧୧ ନଂ. ୱାର୍ଡରେ ବିଜେଡିର ଶକ୍ତି ପ୍ରଦର୍ଶନ

**କେନ୍ଦ୍ରାପଡ଼ା ଅଫିସ, ୨୦।୩**

**କେନ୍ଦ୍ରାପଡ଼ା ପୌର ନିର୍ବାଚନ**

ପୌର ନିର୍ବାଚନ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ କେନ୍ଦ୍ରାପଡ଼ା ସହରରେ ରାଜନୈତିକ କାର୍ଯ୍ୟକ୍ରମ ଓ ପ୍ରଚାର ଜୋର ଧରିଛି। ଶନିବାର ୧୧ ନଂ. ୱାର୍ଡରେ ନଗର ବିଜେଡି ବିଶାଳ ଶୋଭାଯାତ୍ରା କରି ଶକ୍ତି ପ୍ରଦର୍ଶନ କରିଛି। ଅଧ୍ୟକ୍ଷା ପ୍ରାର୍ଥୀ ସରିତା ସାହୁ ଓ କାଉନ୍‌ସିଲର ପ୍ରାର୍ଥୀ ପୁଷ୍ପାଞ୍ଜଳି ବସ୍ତିଆ ଏହି ୱାର୍ଡର କନିଆଯୋର, ଖଡିଅଙ୍ଗ, ମଡ଼ିଆଳ, ପୁରୁଣା ବସ୍‌ଷ୍ଟାଣ୍ଡ, ବଳଗଣ୍ଡି, ଜୟୀପୁରା ଗ୍ରାମକୁ ଯାଇ ଘରକୁ ଘର ବୁଲି ପ୍ରଚାର କରିଛନ୍ତି। ପ୍ରାର୍ଥିତ୍ୱ ସମ୍ପର୍କରେ ଅଧ୍ୟକ୍ଷା ପ୍ରାର୍ଥୀ ସାହୁ କହିଛନ୍ତି, କେନ୍ଦ୍ରାପଡ଼ା ବିକାଶରେ ରାଜ୍ୟ ସରକାରଙ୍କ ଅବଦାନ ବହୁତ। ରାଜ୍ୟର ସର୍ବପୁରାତନ ଏହି ପୌରାଞ୍ଚଳ ବିକାଶରେ ଥିବା କେତେକ ସମସ୍ୟାକୁ ଚଳିତ ପୌର ପରିଷଦ କାଳରେ ସମାଧାନ ହୋଇପାରିବ। ସେହିପରି ୱାର୍ଡ କାଉନ୍‌ସିଲର ପ୍ରାର୍ଥୀ ବସ୍ତିଆ କହିଛନ୍ତି, ୨୦୧୧ରୁ ୨୦୧୬ ପର୍ଯ୍ୟନ୍ତ ସ୍ୱାମୀ ହିରଣ୍ୟ କୁମାର ପଣ୍ଡା ଏହି ୱାର୍ଡର କାଉନ୍‌ସିଲର ଥିଲେ। ଏହି ପଦବୀରେ ଥିବା ବେଳେ ୱାର୍ଡର ରାସ୍ତା, ପାନୀୟ ଜଳଠାରୁ ଆରମ୍ଭ କରି ବିଭିନ୍ନ ସମସ୍ୟାର ସମାଧାନ କରିଥିଲେ। ତେବେ ୨୦୧୬ରୁ ପୌରାଞ୍ଚଳର ନିର୍ବାଚନ ହୋଇ ନ ଥିଲା। ଗତ ୭ ବର୍ଷ ମଧ୍ୟରେ ଉନ୍ନୟନ କାର୍ଯ୍ୟ ଅଧୁରା ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରାପଡ଼ା ବିଧାୟକଙ୍କ ସହଯୋଗରେ ପୌରାଞ୍ଚଳର ବିକାଶ ପାଇଁ ଉଦ୍ୟମ ହୋଇଛି। ତେବେ ୱାର୍ଡର ସମସ୍ୟା ଜଳ ନିଷ୍କାସନ, ପରିମଳ ବ୍ୟବସ୍ଥାର ଉନ୍ନତୀକରଣଠାରୁ ଆରମ୍ଭ କରି ଅର୍ଥନୈତିକ ପଛୁଆବର୍ଗରେ ଥିବା ଲୋକଙ୍କୁ ବିଶେଷ ଧ୍ୟାନ ଦିଆଯିବ। ଶୋଭାଯାତ୍ରାରେ ପୂର୍ବତନ ପୌରାଧ୍ୟକ୍ଷା ରୋଶ୍ନି ସାହୁ, ମନୋଜ କୁମାର ସିଂହ, ସେକ ନସିରୁଦ୍ଦିନ, କାଞ୍ଚନବାଳା ସିଂହ ପ୍ରମୁଖ ସାମିଲ ହୋଇଥିଲେ। ଏହି ୱାର୍ଡରେ ଭାଜପାର ମାଳନୀ ବେହେରା ଓ କଂଗ୍ରେସର ଲୈଲାତୁନ ନେସାଁ ପ୍ରାର୍ଥୀ ଅଛନ୍ତି।



ଅଧ୍ୟକ୍ଷା ଓ ୧୧ ନଂ. ୱାର୍ଡ କାଉନସିଲର ପ୍ରାର୍ଥୀ ପ୍ରଚାର କରୁଛନ୍ତି।

## ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା: ଜଳିଗଲା ସ୍କୁଟି

**ଆଳି,୨୦।୩(ଡି.ଏନ.ଏ.)**

ଆଳି ଥାନା ଅନ୍ତର୍ଗତ ଆଳି-ଭୂଇଁପୁର ରାସ୍ତାରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଭୁଇଁପୁର ତାରିଣୀ ମନ୍ଦିରଠାରୁ କିଛି ଦୂରରେ ସ୍କୁଟି ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ପରେ ସ୍କୁଟିରେ ନିଆଁ ଲାଗି ଯାଇଥିଲା। ନିକଟରେ ପାଣିର ବ୍ୟବସ୍ଥା ନ ଥିବାରୁ ଆଳି ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସ୍କୁଟିଟି ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିଲା। ଥାନା ଅନ୍ତର୍ଗତ ଆୟତ୍ତପୁର ଗାଁର ପ୍ରଶାନ୍ତ ମଲିକ ସ୍କୁଟି ନେଇ ଆଳିରୁ କାମ ସାରି ଗ୍ରାମକୁ ଫେରୁଥିଲେ। କଳସପୁର ଗ୍ରାମର ବାବୁ ପୋଇ ନାମକ ଜଣେ ଯୁବକ ବାଇକ୍ ନେଇ ଆଳି ଆଡ଼କୁ ଆସୁଥିଲେ। ଉଭୟଙ୍କ ମଧ୍ୟରେ ଧକ୍କା ହେବା ପରେ ଉଭୟ ରାସ୍ତାରେ ଛିଟିକି ପଡ଼ିଥିଲେ। ଉଭୟ ଆହତ ଅବସ୍ଥାରେ ପ୍ରଥମେ ଆଳି ଓ ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ। ବାଇକ୍‌ଟି ଅଳ୍ପ ଭାଙ୍ଗି ଯାଇଥିବା ବେଳେ ସ୍କୁଟିଟି ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିଲା। ଆଳି ଦମକଳ ବାହିନୀ ଖବର ପାଇ ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସ୍କୁଟିଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା।

## ବରିଷ୍ଠ ଖବରଦାତାଙ୍କ ପରଲୋକ

**ଜଗତ୍‌ସିଂହପୁର ଅଫିସ, ୨୦।୩**



ଜଗତ୍‌ସିଂହପୁରରେ କାର୍ଯ୍ୟରତ ବରିଷ୍ଠ ଖବରଦାତା ଅଜୟ କୁମାର ଜେନାଙ୍କ ୬୭ବର୍ଷ ବୟସରେ ପରଲୋକ ଘଟିଛି। ଗତ ୧୯ ତାରିଖ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରବିବାର ରଘୁନାଥପୁର ବ୍ଲକ ବରାଗୋଳସ୍ଥିତ ବାସଭବନକୁ ତାଙ୍କ ମୃତଦେହ ଅଣାଯିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଶେଷରେ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜେନା ଦୀର୍ଘବର୍ଷ ଧରି ସମାଜର ଜିଲା ପ୍ରତିନିଧି ଭାବେ କାର୍ଯ୍ୟରତ ଥିଲେ। ପରେ ଅନ୍ୟ ଏକ ଖବରକାଗଜରେ କାମ କରୁଥିଲେ।

## ନାଏବ ସରପଞ୍ଚ, ସମିତି ସଭ୍ୟଙ୍କ ଅଭିଯୋଗ ପ୍ରକୋଷ୍ଠ ଉଦ୍‌ଘାଟିତ

**ଜଗତ୍‌ସିଂହପୁର ଅଫିସ, ୨୦।୩**

ପଳାଶୋଳ ପଞ୍ଚାୟତର ଯୁବଗୋଷ୍ଠୀଙ୍କୁ ନେଇ ପଳାଶୋଳ ୟୁଥ ହେଲ୍‌ପିଂ ବଏ ଗଠନ କରାଯାଇଛି। ଏହି ଗୋଷ୍ଠୀ ପଞ୍ଚାୟତର ଉନ୍ନତି ପାଇଁ ବିଭିନ୍ନ ସମୟରେ ବୈଠକ ମାଧ୍ୟମରେ ପଞ୍ଚାୟତବାସୀଙ୍କ ଅଭାବ, ଅସୁବିଧା ସମ୍ପର୍କରେ ଆଲୋଚନା କରି ତାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ଉଦ୍ୟମ କରୁଛନ୍ତି। ପ୍ରତ୍ୟେକ ମାସର ଶେଷ ରବିବାର ବୈଠକ କରିବା ପାଇଁ ସ୍ଥିର କରିଛନ୍ତି। ଏହି ଗୋଷ୍ଠୀର ଉଦ୍ୟମରେ ରବିବାର ନାଏବ ସରପଞ୍ଚ, ସମିତି ସଭ୍ୟ ଅଭିଯୋଗ ପ୍ରକୋଷ୍ଠ ବିଲ୍ଡିଂ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମମତା ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ନାଏବ ସରପଞ୍ଚ ରାଜକିଶୋର ଦାସ, ସମିତି ସଭ୍ୟ ପ୍ରଦୁନ କୁମାର ମଲ୍ଲିକଙ୍କ ସମେତ ୱାର୍ଡ ସଭ୍ୟମାନେ ଉପସ୍ଥିତ ଥିଲେ। ଯାମିନୀ କାନ୍ତ ନନ୍ଦ ସଭା ପରିଚାଳନା କରିଥିଲେ। ୟୁଥ ହେଲ୍‌ପିଂ ବଏ ପକ୍ଷରୁ ସଭ୍ୟ ରତୁରାଜ ମହାନ୍ତି, ସ୍ମୃତିରଞ୍ଜନ ବେହେରା, ରୀନାରାଣୀ ବେହେରା, ଅନସୂୟା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୱାର୍ଡ ସଭ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଏକ ଆଦର୍ଶ ପଞ୍ଚାୟତ ଗଢି ତୋଳିବା ପାଇଁ ପ୍ରତ୍ୟେକ ଦାୟିତ୍ୱବାନ୍ ହେବାକୁ ଆହ୍ୱାନ ଦିଆଯାଇଥିଲା।

## ହୋଲିରେ ରାଜନୈତିକ ହିଂସା: ଥାନାରେ ପୃଥକ୍ ମାମଲା

**ନାଉଗାଁ,୨୦।୩(ସ୍ୱ.ପ୍ର.)**

ନାଉଗାଁ ଥାନା ଅନ୍ତର୍ଗତ କେତୋଟି ଗ୍ରାମରେ ଶନିବାର ହୋଲି ଖେଳବେଳେ ରାଜନୈତିକ ହିଂସା କାଣ୍ଡ ଘଟିଛି। ଏ ନେଇ ଥାନାରେ ପୃଥକ୍ ଅଭିଯୋଗ କରାଯାଇଛି। ତିରୁଣା ଗ୍ରାମର ରବୀନ୍ଦ୍ର ପରିଡାଙ୍କ ଅଭିଯୋଗା ମୁତାବକ, ତାଙ୍କ ପୁଅ ରତିକାନ୍ତ ଦୋକାନକୁ ସଉଦା ପାଇଁ ଯାଉଥିବାବେଳେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର କେତେଜଣ ବ୍ୟକ୍ତି ତାଙ୍କୁ ଗାଳିଗୁଲଜ କରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ରତିକାନ୍ତଙ୍କୁ ଏବେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି ଉକ୍ତ ଗ୍ରାମର ଉଦୟଭାନୁ ପରିଡାଙ୍କ ଅଭିଯୋଗ ମୁତାବକ, ସେ ମହାଦେବ ମନ୍ଦିରକୁ ଆସୁଥିବା ବେଳେ ଉକ୍ତ ଗ୍ରାମର କେତେଜଣ ବ୍ୟକ୍ତି ତାଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେହିପରି ଗୁଲୁ ଦଳାଇଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର ଉଦୟଭାନୁ ପରିଡା ମହାଦେବ ମନ୍ଦିରକୁ ଯାଉଥିବା ବେଳେ କେତେଜଣ ପିଲା ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏସବୁ ଅଭିଯୋଗକୁ ଭିତ୍ତି କରି ଥାନାରେ ପୃଥକ୍ ମାମଲା ରୁଜୁ କରାଯାଇଛି ବୋଲି ଥାନାଧିକାରୀ ଶୁଭ୍ରାଂଶୁ ଶେଖର ପରିଡ଼ା ସୂଚନା ଦେଇଛନ୍ତି।

## ପାରାଦୀପ ବନ୍ଦରରେ ପୁଣି ଏକ ବୃହତ୍ ଜାହାଜ ଲାଗିଲା



**ପାରାଦୀପ,୨୦।୩(ସ୍ୱ.ପ୍ର.)**

ପାରାଦୀପ ବନ୍ଦରରେ ରବିବାର ରାତିରେ ପୁଣି ଏକ ବୃହତ ଜାହାଜ ଏମ୍.ଭି ଲିଲା ଲିସବନ୍ ଲାଗିଛି। ଏଥିରେ ୧ ଲକ୍ଷ ୩୪ ହଜାର ୩୭୫ ମେଟ୍ରିକ ଟନ୍ ଜିପସମ ଆମଦାନୀ ହୋଇ ଆସିଛି। ଏତେ ପରିମାଣର ପଣ୍ୟ ଆସିବା ବନ୍ଦର ଇତିହାସରେ ସର୍ବାଧିକ ବୋଲି ଜଣାପଡିଛି। ଏହି ପଣ୍ୟ ଓମାନ ଦେଶରୁ ଗତ ୭ ତାରିଖରେ ବୋଝେଇ ହୋଇ ଆସିଥିଲା। ଉକ୍ତ ପଣ୍ୟ ଖଲାସ ବୋଝେଇ ଓ ପରିବହନ କାମ ସ୍ୱସ୍ତିକ୍ ଷ୍ଟିଭେଡର୍ସ ଏବଂ ଏହାର ଏଜେଣ୍ଟ ସିଟ୍ରାନ୍ସ ସିପ୍ ମ୍ୟାନେଜମେଣ୍ଟ ସର୍ଭିସକୁ ଦିଆଯାଇଛି। ଗତ ଫେବୃୟାରୀରୁ ରବିବାର ମଧ୍ୟରେ ଏଭଳି ୩ଟି ବୃହତ ଜାହାଜ ବନ୍ଦରରେ ଲାଗିଲାଣି।

## ପ୍ରଚାରରେ ଦୁଲୁକୁଛି ବନ୍ଦରଭିତ୍ତିକ ଶିଳ୍ପ ନଗରୀ

**ପାରାଦୀପ ୨୦।୩(ସ୍ୱ.ପ୍ର.)**

**ପାରାଦୀପ ପୌର ନିର୍ବାଚନ**

ପାରାଦୀପ ପୌର ନିର୍ବାଚନକୁ ଆଉ ମାତ୍ର ୩ ଦିନ ବାକି ଅଛି। ଏନେଇ ବନ୍ଦରଭିତ୍ତିକ ଶିଳ୍ପନଗରୀରେ ପ୍ରାର୍ଥୀମାନେ ସମର୍ଥକଙ୍କୁ ସାଙ୍ଗରେ ଧରି ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ବିଶେଷକରି ବିଜେଡି, ଭାଜପା ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ନେଇ ଗଢ଼ି ଉଠିଥିବା ସଙ୍ଗଠନ ଆମ ପାରାଦୀପ ଆମ ପ୍ରଗତି(ଏପିଏପି) ପକ୍ଷରୁ ଜୋରଦାର ପ୍ରଚାର କରାଯାଉଛି। ବିଜେଡିର ପ୍ରଚାର ମଙ୍ଗ ନଗର ସଭାପତି ତଥା ଅଧ୍ୟକ୍ଷ ପ୍ରାର୍ଥୀ ବସନ୍ତ ବିଶ୍ୱାଳ ଧରିଛନ୍ତି। ତାଙ୍କ ସହ ବିଧାୟକ ସମ୍ବିତ ରାଉତରାୟ, ବରିଷ୍ଠ ନେତା ଦାମୋଦର ରାଉତ ସାମିଲ ହୋଇଛନ୍ତି। ସେହିପରି ଭାଜପାର ନେତୃତ୍ୱ ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ନେଇଛନ୍ତି। ତାଙ୍କ ସହ ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ ଓ ଅନ୍ୟମାନେ ଯୋଗ ଦେଇଛନ୍ତି। ଏପିଏପିର ପୁରୋଧା ଅରିନ୍ଦମ ସର୍ଖେଲ(ବାପି) ରହିଛନ୍ତି। ବିଜେଡି ଓ ଭାଜପାର ବିଦ୍ରୋହୀ ଏବଂ କଂଗ୍ରେସର ଭୋଟକୁ ନେଇ ଏପିଏପି ନିର୍ବାଚନରେ ଭାଗ ନେଇଥିବାରୁ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଭାବେ ସବୁ ୱାର୍ଡରେ କଡ଼ା ଟକ୍କର ଦେଉଛି। ବିଜେଡି ପୂର୍ଣ୍ଣ ବହୁମତ ସହ ପୁଣି ଶାସନକୁ ଫେରିବ ବୋଲି ବିଧାୟକ ରାଉତରାୟ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଭାଜପା ୨୦୧୫ ପୌର ନିର୍ବାଚନରେ ଅନ୍ୟତମ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଥିଲା। ଏଥର ଦଳ ନିଶ୍ଚୟ ଭଲ ପ୍ରଦର୍ଶନ କରିବ ବୋଲି ସମ୍ପଦ କୁହନ୍ତି। ସେହିପରି ଏପିଏପିର ଉପଦେଷ୍ଟା ସର୍ଖେଲ ୧୯ଟି ୱାର୍ଡରୁ ୧୨ଟି ଆସନ ନେବାକୁ ଆଶା ରଖିଛନ୍ତି । ୨୦୧୫ ପୌର ନିର୍ବାଚନରେ ସମୁଦାୟ ଭୋଟର ସଂଖ୍ୟା ୩୬,୫୯୦ ଥିଲା। ସେଥିରୁ ୨୬,୦୫୯ ଜଣ ଭୋଟ୍ ଦେଇଥିଲେ। ଏଥିରୁ ବିଜେଡି ୯୩୮୭, ଭାଜପା ୮୪୩୫, କଂଗ୍ରେସ ୬୧୭୮ ଏବଂ ସ୍ୱାଧୀନକୁ ୨୦୫୯ ଖଣ୍ଡ ଭୋଟ ମିଳିଥିଲା। ଆସନ ହିସାବରେ ବିଜେଡି ୧୬, କଂଗ୍ରେସ ୨ ଓ ଭାଜପା ଗୋଟିଏରେ ବିଜୟୀ ହୋଇଥିଲା। ପରବର୍ତ୍ତୀ ସମୟରେ ଜଣେ କଂଗ୍ରେସ ଓ ଭାଜପା କାଉନ୍‌ସିଲର ବିଜେଡିରେ ଯୋଗ ଦେଇଥିଲେ। ଚଳିତ ନିର୍ବାଚନରେ ୪୨, ୧୧୬ ଭୋଟର ୪୬ ବୁଥ୍‌ରେ ଭୋଟ ଦେବେ। ପ୍ରଥମକରି ଅଧ୍ୟକ୍ଷ ପଦ ପାଇଁ ସିଧାସଳଖ ନିର୍ବାଚନ ହେଉଛି। ପଞ୍ଚାୟତ ନିର୍ବାଚନ ପରେ ଏହି ନିର୍ବାଚନ ହେଉଥିବାରୁ ଏଥର ଟିକିଏ ଭିନ୍ନ ପରିବେଶ ରହିଛି। ପ୍ରାୟ ୧୦ରୁ ଅଧିକ ୱାର୍ଡରେ ଦ୍ୱିମୁଖୀ ଏବଂ ଅବଶିଷ୍ଟ ୱାର୍ଡରେ ତ୍ରିମୁଖୀ ଲଢ଼େଇ ହେଉଛି। ତେବେ ଅଧ୍ୟକ୍ଷ ଲଢ଼େଇ ଏକପାଖିଆ ହେବା ନେଇ ଚର୍ଚ୍ଚା ହେଉଛି।

# ଜଳ ସଙ୍କଟ



ନିକୁଞ୍ଜ ବିହାରୀ ସାହୁ

ପ୍ରତିବର୍ଷ ମାର୍ଚ୍ଚ ୨୨ ତାରିଖକୁ 'ବିଶ୍ୱ ଜଳ ଦିବସ' ଭାବରେ ପାଳନ କରାଯାଇଥାଏ। ଏ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...



ପୃଥିବୀ ଏକ ଜଳ ଗ୍ରହ ହେଲେ ସୁଦ୍ଧା ଏଠାରେ ଜଳର ଭଣ୍ଡାର ସୀମିତ। ଏହାର ପ୍ରାୟ ୯୭.୫ ପ୍ରତିଶତ ଜଳ ସମୁଦ୍ର, ମହାସମୁଦ୍ରରେ ଗଚ୍ଛିତ, ଯାହା ଲୁଣିଆ ଓ ମନୁଷ୍ୟ ବ୍ୟବହାର ଉପଯୋଗୀ ନୁହେଁ। ଅବଶିଷ୍ଟ ୨.୫ ପ୍ରତିଶତ ମଧୁର ଜଳ ମଧ୍ୟରୁ ଏକ ବଡ଼ ଭାଗ ମେରୁ ଅଞ୍ଚଳର ହିମବାହ ଓ ତୁଷାରବୃତ୍ତ ଶୃଙ୍ଗରେ ଅବସ୍ଥିତ, ଯାହା ମଧ୍ୟ ମଣିଷର ହାତପାହାନ୍ତାରେ ନାହିଁ। ପୃଥିବୀର ଉପଲବ୍ଧ ମଧୁର ଜଳର ଅନ୍ୟ ଏକ ବଡ଼ ଭାଗ ଭୂତଳ କିମ୍ବା ବାୟୁମଣ୍ଡଳର ଜଳୀୟ ବାଷ୍ପ ରୂପରେ ଗଚ୍ଛିତ ଅଛି, ଯାହା ମଧ୍ୟ ମନୁଷ୍ୟର ବ୍ୟବହାର ଉପଯୋଗୀ ନୁହେଁ। ଅବଶିଷ୍ଟ ମାତ୍ର ୦.୩% ମଧୁର ଜଳ ନଦୀ, ହ୍ରଦ ଆକାରରେ ଭୂପୃଷ୍ଠରେ ପ୍ରବାହିତ, ଯାହା ମନୁଷ୍ୟର ବ୍ୟବହାରରେ ଲାଗେ। ସୁତରାଂ ପୃଥିବୀ ଏକ ଜଳ ଗ୍ରହ ହେଲେ ସୁଦ୍ଧା ଏଥିରେ ଉପଲବ୍ଧ ମନୁଷ୍ୟର ବ୍ୟବହାର ଉପଯୋଗୀ ମଧୁର ଜଳର ପରିମାଣ ଅତି ସୀମିତ। ତେଣୁ ପୃଥିବୀରେ ଜଳ ସଂରକ୍ଷଣର ଆବଶ୍ୟକତା ରହିଛି।

**ଜଳର ଧର୍ମ:** ପ୍ରକୃତିରେ ଜଳ ଏକମାତ୍ର ପଦାର୍ଥ ଯାହା ପୃଥିବୀର ତାପମାତ୍ରା ପରିସରରେ ନିଜର ସମସ୍ତ ଅବସ୍ଥା ଯଥା କଠିନ, ତରଳ ଓ ଗ୍ୟାସୀୟ ରୂପରେ ରହିପାରେ। ପ୍ରତି ଜଳ ଅଣୁର ବସ୍ତୁତ୍ୱ ୧୮। ଏହାର ଘନତ୍ୱ ୧ଗ୍ରାମ ଘନ ସେ.ମି. ପ୍ରତି ଏବଂ ଏହାର ଗଣନାଙ୍କ ଓ ସ୍ଫୁଟନାଙ୍କ ଯଥାକ୍ରମେ ୦ ଓ ୧୦୦ ଡିଗ୍ରୀ ସେଲ୍‌ସିୟସ୍। ପ୍ରତି ଜଳ ଅଣୁରେ ହାଇଡ୍ରୋଜେନ୍ ଓ ଅକ୍ସିଜେନ୍ ପରମାଣୁ ଦ୍ୱୟର ବସ୍ତୁତ୍ୱର ଅନୁପାତ ୧:୮ ଏବଂ ଏ ପରମାଣୁ ଦ୍ୱୟ ଏକ ସହ-ସଂଯୋଜୀ ରାସାୟନିକ ବନ୍ଧଦ୍ୱାରା ପରସ୍ପର ସହିତ ସଂଯୁକ୍ତ ହୋଇଥାନ୍ତି। ଜଳର ଗୁପ୍ତତାପ ଅନ୍ୟ ସମତୁଲ୍ୟ ତରଳମାନଙ୍କଠାରୁ ଯଥେଷ୍ଟ ଅଧିକ ହୋଇଥିବାରୁ ଏହା ତରଳ ଅବସ୍ଥାରୁ ବାଷ୍ପୀୟ ଅବସ୍ଥାରେ ପରିଣତ ହେବା ପାଇଁ ବିପୁଳ ତାପ ଗ୍ରହଣ କରୁଥିବାବେଳେ ବାଷ୍ପୀୟ ଅବସ୍ଥାରୁ ଘନୀଭୂତ ହୋଇ ତରଳ ଅବସ୍ଥା ଧାରଣ କଲେ ବିପୁଳ ତାପ ଉତ୍ସର୍ଜନ କରେ। ବିଶୁଦ୍ଧ ଜଳର ପି.ଏଚ୍ ର ମୂଲ୍ୟ ୭। ଆହୁରି ମଧ୍ୟ ଜଳର ଘନତ୍ୱ ୪ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାରେ ସର୍ବାଧିକ ଏବଂ ତାପମାତ୍ରା ଅନୁସାରେ ଏହାର ଘନତ୍ୱର ପରିବର୍ତ୍ତନ ଅନ୍ୟ ତରଳାଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଜଳର ଏଭଳି କିଛି ଅଦ୍ୱିତୀୟ ଧର୍ମ ପାଇଁ ପୃଥିବୀ ପୃଷ୍ଠରେ ଜୀବନ ବଞ୍ଚିବା ସମ୍ଭବ ହୋଇପାରିଛି।



**ଜଳର ସଞ୍ଚରଣ:** ପୃଥିବୀରେ 'ଜଳଚକ୍ର' ପ୍ରକ୍ରିୟା ଦ୍ୱାରା ଭୂପୃଷ୍ଠ ଓ ଆକାଶ ମଧ୍ୟରେ ଜଳର ନିରନ୍ତର ସଞ୍ଚରଣ ଘଟୁଛି। ପୃଥିବୀରେ ଜଳଚକ୍ର ପ୍ରକ୍ରିୟା ସୂର୍ଯ୍ୟ ଦ୍ୱାରା ସଞ୍ଚାଳିତ ହେଉଛି ଏବଂ ଏହା ଦ୍ୱାରା ପୃଥିବୀର କୌଣସି ସ୍ଥାନରେ ଜଳର ପରିମାଣ ସ୍ଥିର ରହୁଛି।

ଆମ ଦେଶରେ ଅଧିକାଂଶ ବୃଷ୍ଟିପାତ ମୌସୁମୀ ବାୟୁ ଦ୍ୱାରା କେବଳ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ଅର୍ଥାତ୍ ବର୍ଷର କେବଳ ଚାରିମାସ ମଧ୍ୟରେ ପ୍ରାପ୍ତ ହୋଇଥାଏ। ବାର୍ଷିକ ମୃତ୍ତିକାରେ ଥିବା ଅସଂଖ୍ୟ ଛିଦ୍ର ଭେଦ କରି ନିମ୍ନକୁ ଗତି କରେ ଏବଂ ପୃଥିବୀ ଆଭ୍ୟନ୍ତରରେ ଥିବା ଶିଳା ସ୍ତରର ଅସଂଖ୍ୟ ଫାଟ ଓ ଫାଙ୍କ ମଧ୍ୟରେ ବିପୁଳ ଭୂମିଗତ ଜଳ ରୂପରେ ସଞ୍ଚିତ ହୋଇ ରହିପାରେ। ଜଳ କଣିକା ବହନ କରୁଥିବା ଏଭଳି ଭୂତଳ ଶିଳାସ୍ତରକୁ 'ଆକ୍ୱିଫର୍' ବୋଲି କୁହାଯାଏ।

**ଜୀବନରେ ଜଳର ଆବଶ୍ୟକତା:** ମନୁଷ୍ୟ ଶରୀର ପ୍ରାୟ ୭୦ ପ୍ରତିଶତ ଜଳ। ଆମ ରକ୍ତରେ ଥିବା ପ୍ଲାଜ୍‌ମାର ପ୍ରାୟ ୯୦ ପ୍ରତିଶତ ଅଂଶ ଜଳରେ ଗଠିତ। ମନୁଷ୍ୟ ଶରୀରର ଅଧିକାଂଶ ଜୈବ ରାସାୟନିକ ପ୍ରତିକ୍ରିୟା ଏହି ଜଳୀୟ ମାଧ୍ୟମରେ ହିଁ ସମ୍ପାଦିତ ହୋଇଥାଏ। ଆମ ଦୈନନ୍ଦିନ ଜୀବନରେ ଜଳର ଆବଶ୍ୟକତା ଅପରିହାର୍ଯ୍ୟ। ରୋଷେଇ, ବାସନକୁସନ ଧୋଇବା, ଲୁଗାପଟା ସଫା, ଶୌଚ, ବଗିଚାକାର୍ଯ୍ୟ ତଥା ଜମିରେ ଜଳସେଚନ ପାଇଁ ଜଳ ଆବଶ୍ୟକ ହୁଏ। ଏକ ଆକଳନରୁ ଜଣାଯାଏ ଯେ, ଆମ ଦେଶରେ ସର୍ବାଧିକ ମଧୁର ଜଳ କୃଷିକ୍ଷେତ୍ରରେ ଜଳସେଚନ ନିମନ୍ତେ ବ୍ୟବହୃତ ହୁଏ।

**ଜଳ ସଙ୍କଟ:** ଇତିମଧ୍ୟରେ ବିଭିନ୍ନ ପ୍ରକୃତି ବିରୋଧୀ ମନୁଷ୍ୟକୃତ କାର୍ଯ୍ୟକଳାପ ହେତୁ ଜଳ ଗ୍ରହ ପୃଥିବୀରେ ଜଳ ସଙ୍କଟ ପରିସ୍ଥିତି ସୃଷ୍ଟି ହୋଇଛି। ଶିଳ୍ପ ସଂସ୍ଥାରୁ ନିର୍ଗତ ରାସାୟନିକ ଉତ୍ସର୍ଜନ ତଥା ସହରର ଜୈବିକ ଆବର୍ଜନା ନଦୀ ଭଳି ଜଳ ଉତ୍ସକୁ ନିଷ୍କାସିତ ହେବା ଦ୍ୱାରା ଜଳ ପ୍ରଦୂଷଣ ସମସ୍ୟା ସୃଷ୍ଟି ହେଉଛି। ଏହାଦ୍ୱାରା ଏଭଳି ଜଳ ଆଉ ପାନୀୟ ଉପଯୋଗୀ ହୋଇପାରୁନାହିଁ। ଏକ ଆକଳନରୁ ଜଣାପଡ଼େ ଯେ, ନିଜର ପୁଣ୍ୟ ପାବନ ଧାରା ନିମନ୍ତେ ବିଖ୍ୟାତ ଆମର ଗଙ୍ଗାନଦୀ ଜଳ ପ୍ରଦୂଷଣ କାରଣରୁ ଏବେ ବିଶ୍ୱର ସର୍ବାଧିକ ୧୦ଟି ପ୍ରଦୂଷିତ ନଦୀ ମଧ୍ୟରୁ ଅନ୍ୟତମ। ସେହିପରି ଆମ ଓଡ଼ିଶାର ଜଳ ଉତ୍ସକୁ ଶିଳ୍ପସଂସ୍ଥାରୁ ରାସାୟନିକ ନିର୍ଗମନ କାରଣରୁ ବ୍ରାହ୍ମଣୀ ନଦୀ ମଧ୍ୟ ଆଜି ପ୍ରଦୂଷିତ ଜଳ ଉତ୍ସ ପାଲଟିଯାଇଛି।

"ଇତିମଧ୍ୟରେ ବିଭିନ୍ନ ପ୍ରକୃତି ବିରୋଧୀ ମନୁଷ୍ୟକୃତ କାର୍ଯ୍ୟକଳାପ ହେତୁ ଜଳ ଗ୍ରହ ପୃଥିବୀରେ ଜଳ ସଙ୍କଟ ପରିସ୍ଥିତି ସୃଷ୍ଟି ହୋଇଛି। ଶିଳ୍ପସଂସ୍ଥାରୁ ନିର୍ଗତ ରାସାୟନିକ ଉତ୍ସର୍ଜନ ତଥା ସହରର ଜୈବିକ ଆବର୍ଜନା ନଦୀ ଭଳି ଜଳ ଉତ୍ସକୁ ନିଷ୍କାସିତ ହେବା ଦ୍ୱାରା ଜଳ ପ୍ରଦୂଷିତ ହେଉଛି। ଏହାଦ୍ୱାରା ଏଭଳି ଜଳ ଆଉ ପାନୀୟ ଉପଯୋଗୀ ହୋଇପାରୁନାହିଁ।"

ଜାତିସଂଘର ଆକଳନ ଅନୁସାରେ ଏକ ସୁସ୍ଥ ଜୀବନ ଧାରଣ ପାଇଁ ଦୈନିକ ଜଣ ପିଛା ପ୍ରାୟ ଅଢ଼େଇ ବାଲ୍‌ଟି କିମ୍ବା ୫୦ ଲିଟର ଜଳର ଆବଶ୍ୟକତା ରହିଛି। ମାତ୍ର ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକା ଭଳି କିଛି ଦେଶର ଗାଁ ଗହଳିରେ ଲୋକଙ୍କ ନିକଟରେ ଏହି ସର୍ବନିମ୍ନ ଜଳ ମାତ୍ରା ମଧ୍ୟ ଉପଲବ୍ଧ ହୋଇପାରୁନାହିଁ, ଯାହା ଘୋର ଉଦ୍‌ବେଗର ବିଷୟ। ସେହିପରି ଜନସଂଖ୍ୟା ବୃଦ୍ଧି ତଥା ଛତୁଫୁଟୁଥିବା ଶିଳ୍ପ ସଂସ୍ଥାଗୁଡିକ ଯୋଗୁ ଭୂତଳ ଜଳ ଉତ୍ସ ଉପରେ ଅସମ୍ଭବ ଚାପ ସୃଷ୍ଟି ହେଉଛି, ଯାହାଫଳରେ ଭୂତଳ ଜଳ ସ୍ତର କ୍ରମଶଃ ନିମ୍ନକୁ ଗତି କରୁଛି। ଜଙ୍ଗଲ ନଷ୍ଟ ଯୋଗୁ ମୃତ୍ତିକାର କ୍ଷୟ ଘଟି ଏହାର ଜଳଧାରଣ କ୍ଷମତା ହ୍ରାସ ପାଉଛି। ଜଳବାୟୁ ପରିବର୍ତ୍ତନ କାରଣରୁ ମୌସୁମୀ ଏବେ ଅନିୟମିତ ଏବଂ ବୃଷ୍ଟିପାତ ଅତି ସୀମିତ। ଏହି ସବୁ କାରଣରୁ ବିଶ୍ୱରେ ଏବେ ଜଳ ସଙ୍କଟ ପରିସ୍ଥିତି ସୃଷ୍ଟି ହୋଇଛି।

**ପ୍ରତିକାର:** ଆଗାମୀ ଦିନରେ ସୃଷ୍ଟି ହେବାକୁ ଯାଉଥିବା ଘୋର ଜଳସଙ୍କଟ ପରିସ୍ଥିତିରୁ ରକ୍ଷା ପାଇବାକୁ ହେଲେ ଆମକୁ ଦୈନନ୍ଦିନ ଜୀବନରେ ଜଳ ସଂରକ୍ଷଣ ଅଭ୍ୟାସ ଆପଣେଇବାକୁ ପଡିବ। ବିଭିନ୍ନ କାର୍ଯ୍ୟକଳାପରେ ଜଳର ମିତବ୍ୟୟତା ସାଙ୍ଗକୁ ଅଯଥା ଜଳର ଅପଚୟକୁ ରୋକିବାକୁ ପଡିବ। ଏକ ଉଦାହରଣ ସ୍ୱରୂପ, ଶାଗଧୁଆ ଜଳକୁ ଫିଙ୍ଗି ନ ଦେଇ ତାହାକୁ ବଗିଚା କାର୍ଯ୍ୟରେ ବିନିଯୋଗ କରିବା ଆବଶ୍ୟକ। ସରକାରୀ କ୍ଷେତ୍ରରେ ଜଳର ଉତ୍ତମ ପରିଚାଳନ ନିମନ୍ତେ ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ। ଜଳସେଚନ ନିମନ୍ତେ ଜଳର ମିତବ୍ୟୟତା ପାଇଁ ପ୍ଲାବନ ସେଚନ ପରିବର୍ତ୍ତେ ବୁନ୍ଦା ସେଚନ ପଦ୍ଧତି ଅବଲମ୍ବନ କରିବା ଆବଶ୍ୟକ। ଆହୁରି ମଧ୍ୟ ବର୍ଷା ଜଳର ସଂରକ୍ଷଣ ପାଇଁ ପ୍ରତି ଘରର ଛାତ ଉପରେ 'ବର୍ଷା ଜଳ ଅମଳ ଟାଙ୍କି' ସ୍ଥାପନ କରାଯିବା ଉଚିତ। ଘରର ବଳକା କିମ୍ବା ବ୍ୟବହୃତ ଜଳକୁ ନଷ୍ଟ ହେବାକୁ ନ ଦେଇ ଗଭୀର ଗର୍ତ୍ତ ଜରିଆରେ ମାଟି ତଳକୁ ସ୍ଥାନାନ୍ତରିତ କରାଯିବା ଆବଶ୍ୟକ, ଯାହାଦ୍ୱାରା ଭୂତଳ ଜଳ ପୁନର୍ଭରଣ ହୋଇପାରିବ।

**ଜଳ ପାଇଁ ଯୁଦ୍ଧ:** ଜଣେ ଦାର୍ଶନିକ କହିଥିଲେ ଯେ, ଯଦି ଆଗାମୀ ଦିନରେ ତୃତୀୟ ବିଶ୍ୱଯୁଦ୍ଧ ଘଟେ ତାହା ଜଳ ପାଇଁ ହିଁ ସୃଷ୍ଟି ହେବ। ଏବେ ମଧ୍ୟ ନଦୀ ଜଳ ବଣ୍ଟନ ନେଇ ଭାରତ-ପାକିସ୍ତାନ, ଭାରତ-ବାଂଲାଦେଶ, ଭାରତ-ନେପାଳ ଓ ଭାରତ-ଚାଇନା ମଧ୍ୟରେ ବିବାଦ ସୃଷ୍ଟି ହେଉଛି।

ସୁତରାଂ ଜଳଗ୍ରହ ପୃଥିବୀରେ ଏହି ଉତ୍କଟ ଜଳସଙ୍କଟ ପରିସ୍ଥିତିରୁ ରକ୍ଷା ପାଇବା ନିମନ୍ତେ ଏବଂ ଆଗାମୀ ଦିନରେ ଆମର ସମୟୋଚିତ ପଦକ୍ଷେପ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ ଜାତିସଂଘ ତରଫରୁ ପ୍ରତିବର୍ଷ ମାର୍ଚ୍ଚ ୨୨ ତାରିଖକୁ 'ବିଶ୍ୱ ଜଳ ଦିବସ' ଭାବରେ ପାଳନ କରାଯାଉଅଛି। ଆମକୁ ମନେରଖିବାକୁ ହେବ 'ଜଳ ହିଁ ଜୀବନ ଓ ଜୀବନ ପାଇଁ ଆବଶ୍ୟକ ଜଳ'।

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

# ଆଗାମୀ ପିଢ଼ି ପାଇଁ ଜଳ ସଂରକ୍ଷଣ



ବିରାଟ ରାଜା ପଧାନ

"ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ପାନୀୟ ଜଳର ଆବଶ୍ୟକତା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଉଭୟ ପ୍ରାଣୀ ଓ ଉଦ୍ଭିଦଙ୍କ ଏହାର କେତେ ଗୁରୁତ୍ୱ ରହିଛି ତାହା କହିବା ଅନାବଶ୍ୟକ। ଅନ୍ୟପକ୍ଷରେ ଏହାର ବ୍ୟବହାର କ୍ରମାଗତ ଭାବେ ବଢ଼ିବାରେ ଲାଗିଛି।"

ଆମ ଜୀବନ ଧାରଣ ପାଇଁ ଜଳ ନିତାନ୍ତ ଆବଶ୍ୟକ। ଆମ ଶରୀରର ପ୍ରମୁଖ ଅଂଶ ହେଉଛି ଜଳ। ଜଳ ବିନା ଜୀବନ ଧାରଣ ଅସମ୍ଭବ। ଆମ ପୃଥିବୀ ପୃଷ୍ଠରେ ପାନୀୟ ଜଳର ପରିମାଣ ସୀମିତ। ତଥାପି ଆମେ ଏଥିପ୍ରତି ସଚେତନ ନ ହୋଇ ଏହାର ଅପଚୟ କରିଚାଲିଛେ। ପୃଥିବୀରେ ଥିବା ୯୭.୫ ଶତାଂଶ ହେଉଛି ସମୁଦ୍ରର ଲୁଣି ଜଳ ଏବଂ ୨.୫ ଶତାଂଶ ହେଉଛି ମଧୁର ଜଳ। ପୁଣି ମଧୁର ଜଳର ୬୮.୭ ଭାଗ ବରଫ ଆକାରରେ, ୩୦.୧ ଭାଗ ଭୂତଳ ଜଳ ଓ ୧.୨ ଭାଗ ଭୂପୃଷ୍ଠ ଜଳ ଆକାରରେ ରହିଛି। ଭୂପୃଷ୍ଠ ଜଳ କହିଲେ ନଦୀ, ନାଳ, ଝରଣା, ହ୍ରଦ ଆଦିରେ ଆଚ୍ଛାଦିତ ହୋଇଥିବା ଜଳ। ଏହା ଜୀବଜନ୍ତୁମାନଙ୍କର ତଥା ମଣିଷ ଜାତିର ଅଧିକାଂଶ ଆବଶ୍ୟକତାକୁ ପୂରଣ କରିଥାଏ। ଭବିଷ୍ୟତରେ ପୃଥିବୀ ପୃଷ୍ଠରେ ପାନୀୟ ଜଳର ଉତ୍କଟ ଅଭାବକୁ ପୂରଣ ଓ ସୁବିନିଯୋଗ କରିବା ପାଇଁ ଅନେକ ଆଲୋଚନା କରାଯାଇଥିଲା, କିନ୍ତୁ ୧୯୯୨ ମସିହାରେ ଜାତିସଂଘ ତରଫରୁ ରିଓ ଡି ଜେନେରିଓଠାରେ ପରିବେଶ ସୁରକ୍ଷା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମଗ୍ର ବିଶ୍ୱର ଅନେକ ଦେଶ ଯୋଗ ଦେଇଥିଲେ। ସେମାନେ ପ୍ରତିବର୍ଷ ମାର୍ଚ୍ଚ ୨୨କୁ 'ବିଶ୍ୱ ଜଳ ଦିବସ' ଭାବରେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହାପରେ ୧୯୯୩ ମସିହାଠାରୁ ପ୍ରତିବର୍ଷ ବିଶ୍ୱ ଜଳ ଦିବସ ବିଭିନ୍ନ ଦେଶର ଭିନ୍ନ ଭିନ୍ନ ସ୍ଥାନରେ ପାଳନ କରାଯାଇ ଆସୁଅଛି। ଚଳିତ ବର୍ଷ ଏହି ଅବସରରେ ଘୋଷିତ ସ୍ଲୋଗାନ୍‌ଟି ହେଲା 'ଅଣ୍ଡରଗ୍ରାଉଣ୍ଡ ୱାଟର: ମେକିଂ ଦ ଇନ୍‌ଭିଜିବଲ୍ ଭିଜିବଲ୍'। ଏହାର ମୂଳ ଉଦ୍ଦେଶ୍ୟ ହେଲା ଜଳ ସଂରକ୍ଷଣ, ବିଶୁଦ୍ଧ ପାନୀୟ ଜଳ ଉତ୍ସର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ, ପାନୀୟ ଜଳର ସୁପରିଚାଳନା, ବର୍ଷାଜଳ ସଂରକ୍ଷଣ, ଦୈନନ୍ଦିନ ଜୀବନରେ ଜଳ ସଂରକ୍ଷଣ ଇତ୍ୟାଦି। ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ପାନୀୟ ଜଳର ଆବଶ୍ୟକତା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଉଭୟ ପ୍ରାଣୀ ଓ ଉଦ୍ଭିଦଙ୍କ ଏହାର କେତେ ଗୁରୁତ୍ୱ ରହିଛି ତାହା କହିବା ଅନାବଶ୍ୟକ। ଅନ୍ୟପକ୍ଷରେ ଏହାର ବ୍ୟବହାର କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ସେହିପରି ଜଳର ବ୍ୟବହାର ଓ ଆବଶ୍ୟକତାକୁ ନେଇ ଦେଶ ଦେଶ ଭିତରେ



କଳହ ଓ ବିବାଦ କ୍ରମଶଃ ବଢ଼ିବାରେ ଲାଗିଛି। ସିନ୍ଧୁନଦୀକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ, ଇଉଫ୍ରେଟିସ୍ ନଦୀକୁ ନେଇ ତୁର୍କୀ ଓ ସିରିଆ ମଧ୍ୟରେ ବିବାଦ, ମେକଙ୍ଗ ନଦୀକୁ ନେଇ ଚାଇନା ଏବଂ ଲାଓସ ମଧ୍ୟରେ ବିବାଦ, ୱେଷ୍ଟ ବ୍ୟାଙ୍କ୍‌କୁ ନେଇ ଇସ୍ରାଏଲ ଓ ପାଲେଷ୍ଟାଇନ ମଧ୍ୟରେ ବିବାଦ, ନୀଳନଦୀକୁ ନେଇ ଇଥିଓପିଆ ଓ ଇଜିପ୍ଟ ମଧ୍ୟରେ ବିବାଦ ଆଦି ଲୋକଲୋଚନକୁ ଆସିବା ସହ ସମଗ୍ର ବିଶ୍ୱ ନେତୃତ୍ୱଙ୍କ ଦୃଷ୍ଟିଆକର୍ଷଣ କରୁଛି।

ସମଗ୍ର ପୃଥିବୀରେ ପାନୀୟ ଜଳକୁ ବଞ୍ଚାଇବା ଉଦ୍ଦେଶ୍ୟରେ ତିନି ଆର୍ (3-R) କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଅଛି। ଏହା ହେଲା - REDUCE, RECYCLE ଓ REUSE। ରିଡ୍ୟୁସ୍‌ର ଅର୍ଥ ହେଲା ଆମ ଦୈନନ୍ଦିନ ଜୀବନରେ ଯଥାସମ୍ଭବ କମ୍ ପାଣି ବ୍ୟବହାର କରିବା ଓ ଏହାକୁ ସଞ୍ଚୟ କରିବା ଓ ଅନ୍ୟମାନଙ୍କୁ ସଞ୍ଚୟ ପାଇଁ ପ୍ରବର୍ତ୍ତାଇବା। ରିସାଇକେଲ୍‌ର ଅର୍ଥ ହେଲା ପୁନଃବ୍ୟବହାର ଅର୍ଥାତ୍ ଉପଯୋଗ କରାଯାଇଥିବା ପାଣିକୁ ପୁନର୍ବାର ବ୍ୟବହାର କରିବା। ରିୟୁଜ୍‌ର ଅର୍ଥ ହେଲା ଉପଯୋଗ କରାଯାଇଥିବା ପାଣିର ବିଶୁଦ୍ଧୀକରଣ ପରେ ପୁନର୍ବାର ସେହି ପାଣିକୁ ବ୍ୟବହାର କରିବା। ଏଣୁ ଜଳ ସଙ୍କଟକୁ ଦୂରକରିବା ପାଇଁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବ୍ୟାପକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି। ସେହିପରି ସମସ୍ତଙ୍କୁ ଅଧିକରୁ ଅଧିକ ସଚେତନ କରିବା ସହ ପ୍ରତି ପରିବାରରେ ଏ ବିଷୟରେ ଆଲୋଚନା କରିବା ଆବଶ୍ୟକ। ଜଳ ସଂରକ୍ଷଣର ଦାୟିତ୍ୱ ଆମ ସମସ୍ତଙ୍କର, ଏହାକୁ ହୃଦୟଙ୍ଗମ କରିବା ଆବଶ୍ୟକ।

-ବେଙ୍କମୁରା, ପଣ୍ଡରୀ, ଝାରସୁଗୁଡ଼ା
ମୋ: ୯୪୩୯୯୮୯୯୪୧

# ସନ୍ତୁଳିତ ଜୀବନଶୈଳୀ ଅନ୍ତରାଳେ...

ଖୁସିରେ ରହିବାକୁ କିଏ ବା ନ ଚାହେଁ? କିନ୍ତୁ ଏଥିପାଇଁ ଆମକୁ କେତୋଟି ଦିଗ ପ୍ରତି ନଜର ଦେବା ନିହାତି ଜରୁରୀ। ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇ, ଠିକ୍ ଭୁଲ୍‌ର ରାସ୍ତା ଜାଣି ପାରି ନ ଥାଉ। ଏହାଫଳରେ ତୁଲାଉଥିବା କାମରେ ଭୁଲଭଟକା ହୋଇଯାଏ। ତେଣୁ ଜୀବନରେ ଠିକ୍ ମାର୍ଗକୁ ଆପଣେଇ ଖୁସିରେ ରହିବାକୁ ହେଲେ ଆମକୁ ଆମ ବିଚାରଧାରାରେ ପରିବର୍ତ୍ତନ କରିବାକୁ ହେବ। ଆପଣଙ୍କ ଜୀବନରେ ଆସୁଥିବା ନକାରାତ୍ମକ ଜିନିଷକୁ ନେଇ ଚିନ୍ତିତ ନ ହୋଇ ତାହାଠାରୁ କିପରି ଦୂରେଇ ରହିବେ ସେ ନେଇ ଯୋଜନା ପ୍ରସ୍ତୁତ କରନ୍ତୁ। ସବୁବେଳେ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶିବାକୁ ଚେଷ୍ଟା କରନ୍ତୁ। ଏହା ବ୍ୟତୀତ ନିଜେ ହସନ୍ତୁ ଓ ଅନ୍ୟମାନଙ୍କୁ ବି ହସାନ୍ତୁ। କାରଣ ହସିବା ଦ୍ୱାରା ଆମ ମସ୍ତିଷ୍କ ପୂର୍ବାପେକ୍ଷା ଆହୁରି ସକ୍ରିୟ ରହିଥାଏ। ସବୁବେଳେ ଏକ ରୁଟିନ୍ ଜୀବନଶୈଳୀ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ। ନିଜକୁ ଚାପ ଏବଂ ଅବସାଦଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ତା'ସହ ନିଜର ଖାଦ୍ୟପେୟ ପ୍ରତି ସଚେତନ ରୁହନ୍ତୁ ଏବଂ ନିୟମିତ ସମୟ ବ୍ୟବଧାନରେ ନିଜ ହେଲ୍‌ଥ ଚେକ୍‌ଅପ୍ କରାଇ ନେବାକୁ ଭୁଲନ୍ତୁ ନାହିଁ।



# ଦୀର୍ଘକାଳୀନ ରୋଗ ଓ ଭିଟାମିନ୍ 'ସି'



ଭିଟାମିନ୍ 'ସି'ରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍) ପାଇଁ ଏହା ଆଣ୍ଟି ଅକ୍ସିଡାଣ୍ଟ ଭଳି କାମ କରିଥାଏ। ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ୍ୟ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ହୃତ୍‌ପିଣ୍ଡକୁ ମଧ୍ୟ ଏହା ସୁସ୍ଥ ରଖିବାରେ ସାହାଯ୍ୟ କରେ। ରକ୍ତରେ ୟୁରିକ୍ ଏସିଡ୍‌ର ସ୍ତରକୁ ମଧ୍ୟ ଏହା ସନ୍ତୁଳିତ ରଖିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ଭିଟାମିନ୍ 'ସି'। କେତେକେ ଶ୍ୱାସକ୍ରିୟାଜନିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ହେଲେ, ଏମାନେ ଯଦି ନିୟମିତ ଭାବେ ଭିଟାମିନ୍ 'ସି'କୁ ପ୍ରତିଦିନ ଖାଉଥିବା ଖାଦ୍ୟରେ ସାମିଲ କରିବେ, ତେବେ ଅନେକାଂଶରେ ଏଥିରୁ ରକ୍ଷା ପାଇପାରିବେ। ଆମେ ଖାଉଥିବା ଖାଦ୍ୟ ଯଥା ଅମୃତଭଣ୍ଡା, ପିଜୁଳି, ବ୍ରୋକଲି, ଲିଚୁ, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍ 'ସି' ଭରି ରହିଛି।

# ସ୍ୱାସ୍ଥ୍ୟ ସୂଚନା

- ଖାଦ୍ୟରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇଥାଏ।
- କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।
- ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଏହା ଆମଠାରେ ବ୍ଲଡ ପ୍ରେସର, ହୃଦ୍‌ରୋଗ ଭଳି କେତେକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ।
- ଖାଇବା ପରେ ପରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଇବାର ଅତିକମ୍‌ରେ ଘଣ୍ଟାଏ ପରେ ପାଣି ପିଅନ୍ତୁ।
- ପ୍ରତିଦିନ ଶିଡି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ, ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡି ଯେତେ କମ୍ ଚଢ଼ିବେ ସେତେ ଭଲ।
- ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକ ରହିଛି। ସବୁବେଳେ ସକାରାତ୍ମକ ଚିନ୍ତନ କରି ଖୁସି ରହିବା ଦ୍ୱାରା ମାନସିକ ଭାବେ ଆମେ ସନ୍ତୁଳିତ ରହିପାରିବା।
- ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ଫଳମୂଳ ସହ ଜୁସ୍ ମିଶାନ୍ତୁ, ଯାହା ଶରୀର ପାଇଁ ଲାଭଦାୟକ।



# ମସ୍ତିଷ୍କ କାର୍ଯ୍ୟଧାରାକୁ ସକ୍ରିୟ କରେ ଖଜୁରି



ଶରୀର ପାଇଁ ଖଜୁରି ବେଶ୍ ଲାଭଦାୟକ। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ନିୟମିତ ଖଜୁରି ଖାଇଲେ ତାହା ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରାଇଥାଏ। ଏଥିରେ ଏପରି ତତ୍ତ୍ୱ ରହିଛି, ଯାହା ଉଭୟ ସ୍ନାୟୁ କୋଷ ଓ ମସ୍ତିଷ୍କ କୋଷକୁ ପୋଷକ ତତ୍ତ୍ୱ ଯୋଗାଏ। ଆମେ ସାଧାରଣତଃ ସକାଳ ଜଳଖିଆରେ ଏହାକୁ ସାମିଲ କରିଥାଉ। ଖଜୁରିର ଆଉ ଏକ ବିଶେଷତ୍ୱ ରହିଛି। ଏହାକୁ ଖାଇଲେ ପାଚନ କ୍ରିୟା ଆହୁରି ଦୃଢ଼ ହୋଇଥାଏ। ଖଜୁରି ଖାଇବା ଦ୍ୱାରା ଗ୍ୟାଷ୍ଟ୍ରିକ୍ ଏବଂ କୋଷ୍ଠକାଠିନ୍ୟ ସମସ୍ୟା କେତେକାଂଶରେ ଦୂର ହୋଇଥାଏ। ବେଳେବେଳେ ଅତ୍ୟଧିକ ମାଂସ ଓ କାର୍ବୋହାଇଡ୍ରେଟ୍ ଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଆମର ଏସିଡିଟି ବଢ଼ିଯାଏ। ଖଜୁରି ଖାଇବା ଦ୍ୱାରା ଏସିଡିଟି ସନ୍ତୁଳିତ ଅବସ୍ଥାରେ ରହିଥାଏ। ତା' ସହ ଡାଇବେଟିସ୍, ଉଚ୍ଚ ରକ୍ତଚାପ ପରି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। ଆବ୍‌ଡୋମିନାଲ କ୍ୟାନ୍‌ସର୍, ହାର୍ଟରେ ସୃଷ୍ଟି ହେଉଥିବା ଷ୍ଟ୍ରୋକ୍ ଭଳି ମାରାତ୍ମକ ରୋଗ ସହ ଅନ୍ୟାନ୍ୟ ରୋଗଠାରୁ ଏହା କେତେକାଂଶରେ ଦୂରେଇ ରଖେ ବୋଲି ୟୁନିଭର୍ସିଟି ଅଫ ୱାଶିଂଟନ୍ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡିଛି। ଶରୀରର ଅସ୍ଥିଗୁଡ଼ିକୁ ଶକ୍ତ କରିବା ସହ ଓଜନ କମାଇବାରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ଖଜୁରି।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଆର୍ଜେଣ୍ଟିନାକୁ ହରାଇଲା ଭାରତ



ଖୁସି ମୁହୂର୍ତ୍ତରେ ଭାରତୀୟ ଖେଳାଳି।

**ଏଫ୍ଆଇଏଚ୍ ପ୍ରୋ ଲିଗ୍**

ଭୁବନେଶ୍ୱର, ୨୦।୩ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ରବିବାର ଅନୁଷ୍ଠିତ ପୁରୁଷ ବିଭାଗ ହକି ମ୍ୟାଚରେ ଭାରତ ୪-୩ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରିଛି। ଶନିବାର ଅନୁଷ୍ଠିତ ମ୍ୟାଚରେ ଆର୍ଜେଣ୍ଟିନା ଶୁଟ୍‌ଆଉଟ ୩-୧ ଗୋଲରେ ଭାରତକୁ ପରାସ୍ତ କରିଥିଲା। ତେଣୁ ଭାରତ ଦ୍ୱିତୀୟ ମ୍ୟାଚରେ ବିଜୟ ସହ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି। ମ୍ୟାଚର ୧୭ତମ ମିନିଟରେ ହାର୍ଦ୍ଦିକ ସିଂ ଓ ୨୦ତମ ମିନିଟରେ ଯୁଗରାଜ ସିଂଙ୍କ ଗୋଲ ବଳରେ ଭାରତ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୨-୦ ଗୋଲରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟରରେ ଅର୍ଥାତ୍ ୪୦ତମ ମିନିଟରେ ଆର୍ଜେଣ୍ଟିନାର ନିକୋଲାସ ଟୋରେ ପେନାଲ୍ଟି କର୍ନରରୁ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ। ୪ର୍ଥ କ୍ୱାର୍ଟର ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ୫୧ତମ ମିନିଟରେ ଟୋମାସ ଡୋମିନି ଗୋଲ ଦେଇ ମ୍ୟାଚକୁ ୨-୨ ସ୍ଥିତିକୁ ନେଇ ଆସିଥିବାବେଳେ ୫୨ତମ ମିନିଟରେ ପେନାଲ୍ଟି କର୍ନରରୁ ଯୁଗରାଜ ସିଂ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ଭାରତକୁ ପୁଣି ଅଗ୍ରଣୀ କରାଇଥିଲେ। ମାତ୍ର ୫୬ତମ ମିନିଟରେ ଆର୍ଜେଣ୍ଟିନାର ମାର୍ଟିନ ଫେରେରୋ ଏକ ଫିଲ୍ଡ ଗୋଲ ଦେବାରୁ ମ୍ୟାଚ ୩-୩କୁ ଚାଲି ଆସିଥିଲା। ଫଳରେ ଗେମ୍ ଓପନ ହୋଇ ଯାଇଥିଲା। ମ୍ୟାଚ ପୁଣି ଶୁଟ୍‌ଆଉଟ ପର୍ଯ୍ୟାୟକୁ ଯାଉଥିବାବେଳେ ୬୦ତମ ମିନିଟରେ ଭାରତର ମନଦୀପ ସିଂ ଦେଇଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ଗୋଲ ପରିଶୋଧ ପାଇଁ ଆର୍ଜେଣ୍ଟିନା ଆଉ ବିଶେଷ ସମୟ ପାଇ ନ ଥିଲା। ଚମତ୍କାର ପ୍ରଦର୍ଶନ ପାଇଁ ଭାରତର ବରୁଣ କୁମାର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଶନିବାର ଅନୁଷ୍ଠିତ ମ୍ୟାଚ ନିର୍ଦ୍ଧାରିତ ସମୟରେ ୨-୨ ଗୋଲରେ ବରାବର ରହିଥିଲା। ଭାରତ ପକ୍ଷରୁ ୩୮ତମ ମିନିଟରେ ଗୁରଜାନ୍ତ ସିଂ ଓ ୬୦ତମ ମିନିଟରେ ଗୋଲ ଦେଇଥିବାବେଳେ ଆର୍ଜେଣ୍ଟିନାର ନିକୋଲାସ ଆକୋଷ୍ଟା ୪୫ ଓ ନିକୋଲାସ କିନାନ ୫୨ତମ ମିନିଟରେ ଗୋଲ ସ୍କୋର କରିଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ଭାରତ ପକ୍ଷରୁ କେବଳ ହରମନପ୍ରୀତ ସିଂ ଗୋଲ ଦେଇ ପାରିଥିବାବେଳେ ଅଭିଷେକ, ଗୁରଜାନ୍ତ ସିଂ ଓ ସୁଖଜିତ ସିଂ ମିସ୍ କରିଥିଲେ। ଆର୍ଜେଣ୍ଟିନା ପକ୍ଷରୁ ନିକୋଲାସ କିନାନ୍, ଟୋମାସ ଡୋମେନେ ଓ ଲୁକାସ ଟୋସକାନି ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲେ। ଶୁଟ୍ ଆଉଟ ପର୍ଯ୍ୟାୟରେ ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେଶ୍‌ଙ୍କ ଅପେକ୍ଷା ଆର୍ଜେଣ୍ଟିନାର ଟୋମାସ ସାଣ୍ଟିଆଗୋ ଚତୁର ସାବ୍ୟସ୍ତ ହୋଇଥିଲେ। ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚ ୨ଟି ପରେ ଭାରତ ୧୬ ପଏଣ୍ଟ ସହିତ ଷ୍ଟାଣ୍ଡିଂର ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି।

## ଆହାନଙ୍କୁ ଡବଲ ଟାଇଟଲ




**ଭୁବନେଶ୍ୱର, ୨୦।୩ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ପ୍ରତିଭାସମ୍ପନ୍ନ ଟେନିସ ଖେଳାଳି ଆହାନ ହରିୟାଣାର କର୍ନାଲରେ ଅନୁଷ୍ଠିତ ସୁପର ସିରିଜ ଟେନିସରେ ଡବଲ ଟାଇଟଲ ହାସଲ କରିଛନ୍ତି। ସେ ୧୨ ଓ ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ଚାମ୍ପିୟନ ଏବଂ ୧୪ ବର୍ଷରୁ କମ୍ ବାଳିକା ଡବଲ୍ସରେ ରନର୍ସଅପ୍ ହୋଇଛନ୍ତି। ୧୨ ବର୍ଷରୁ କମ୍ ବାଳିକା ବର୍ଗ ଫାଇନାଲରେ ସେ ହରିୟାଣାର ଆନନ୍ଦିତା ଉପାଧ୍ୟାୟଙ୍କୁ ପରାସ୍ତ କରିଥିଲେ। ସମ୍ପ୍ରତି ୨ ନମ୍ବର ର୍‍ୟାଙ୍କ୍‌ରେ ଥିବା ଆହାନ ଏହି ବିଜୟ ପରେ ନମ୍ବରୱାନ ହେବା ସମ୍ଭାବନା ରହିଛି। ସେ ଏସ୍ ବେସ୍ ଟେନିସ ଏକାଡେମୀରେ ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ।



ସ୍ପୋର୍ଟଷ୍ଟାର ଏସେସ ପୁରସ୍କାର ସହ ଓଡ଼ିଶାର ପ୍ରମୋଦ ଭଗତ।

## ଦକ୍ଷିଣ ଆଫ୍ରିକା ବିପକ୍ଷରେ ବାଂଲାଦେଶର ପ୍ରଥମ ବିଜୟ

ସେଞ୍ଚୁରିଅନ, ୨୦।୩ (ଏପି)

ସ୍ଥାନୀୟ ସୁପର ସ୍ପୋର୍ଟ୍ସ ପାର୍କରେ ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ବାଂଲାଦେଶ ୩୬ ରନରେ ବିଜୟ ହାସଲ କରିଛି। ଏହାଦ୍ୱାରା ଦଳ ଏକ ଅନ୍ତର୍ଜାତୀୟ ଦିନିକିଆରେ ଦକ୍ଷିଣ ଆଫ୍ରିକାକୁ ପ୍ରଥମ ଥର ପରାସ୍ତ କରିବାରେ ସମର୍ଥ ହୋଇଛି। ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ଶକିବ ଅଲ୍ ହସନ (୭୭), ଲିଟନ ଦାସ (୫୦) ଓ ୟାସିର ଅଲି (୫୦)ଙ୍କ ଅର୍ଦ୍ଧଶତକ ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ବିନିମୟରେ ୩୧୪ ରନ କରିଥିଲା। ଦକ୍ଷିଣ ଆଫ୍ରିକାରେ ବାଂଲାଦେଶର ଏହାଥିଲା ସର୍ବୋଚ୍ଚ ସ୍କୋର। ଜବାବରେ ଦକ୍ଷିଣ ଆଫ୍ରିକା ୪୮.୫ ଓଭରରେ ୨୭୬ରନ କରି ଅଲଆଉଟ ହୋଇଯାଇଥିଲା। ରସି ଭାନ୍‌ଡର ଡସେନ ୮୬, ଡେଭିଡ୍ ମିଲର ୭୯ରନ କରିଥିଲେ। ବାଂଲାଦେଶ ସ୍ପିନର ମେହିଦି ହସନ ମିରାଜ ୯ ଓଭର ବୋଲିଂ କରି ୬୧ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଟସ୍କିନ ଅହମଦ ୩ ଓ ସୋରିଫୁଲ ଇସ୍‌ଲାମ ୨ ଉଇକେଟ ହାସଲ କରିଥିଲେ। ଶନିବାର ଏହି ବିଜୟ ଦ୍ୱାରା ଭ୍ରମଣକାରୀ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି।

**ସଂକ୍ଷିପ୍ତ ସ୍କୋର**

**ବାଂଲାଦେଶ ଇନିଂସ:** ୫୦ ଓଭରରେ ୩୧୪/୭ (ଶକିବ ଅଲ ହସନ-୭୭, ଲିଟନ ଦାସ-୫୦, ୟାସିର ଅଲି-୫୦, ତାମିମ ଇକ୍‌ବାଲ-୪୧ ; କେଶବ ମହାରାଜ-୨/୫୬, ମାର୍କୋ ଜାନସେନ-୨/୫୭)।

**ଦକ୍ଷିଣ ଆଫ୍ରିକା ଇନିଂସ:** ୪୮.୫ ଓଭରରେ ୨୭୬/ଅଲ ଆଉଟ (ରସି ଭାନ୍‌ଡର ଡସେନ-୮୬, ଡେଭିଡ ମିଲର-୭୯, ମେହିଦି ହସନ-୪/୬୧, ଟସ୍କିନ ଅହମଦ-୩/୩୬)।

## ଅଷ୍ଟ୍ରେଲିଆଠାରୁ ହାରିଲା ଭାରତ

**ଅକ୍‌ଲାଣ୍ଡ, ୨୦।୩ (ପି.ଟି.):** ଚଳିତ ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଶନିବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଭାରତକୁ ଅଷ୍ଟ୍ରେଲିଆ ୬ଉଇକେଟରେ ହରାଇ ଦେଇଛି। ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ୨୦୧୭ ସଂସ୍କରଣ ଫାଇନାଲିଷ୍ଟ ଭାରତ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୨୭୭ରନ କରିଥିଲା। ଦଳ ପକ୍ଷରୁ ମିଥାଲି ରାଜ ୬୮, ୟାସ୍ତିକା ଭାଟିଆ ୫୯ ରନ କରିଥିବା ବେଳେ ହରମନପ୍ରୀତ କୌର ୫୭ରନ କରି ଅପରାଜିତ ରହିଥିଲେ। ଜବାବରେ ଅଷ୍ଟ୍ରେଲିଆ ୪୯. ୩ ଓଭରରେ ୪ ଉଇକେଟ ବିନିମୟରେ ୨୮୦ ରନ କରି ମ୍ୟାଚ ଜିତି ନେଇଥିଲା।

## ବେଙ୍ଗାଲୁରୁ ପିଚ୍ ବିଲୋ ଆଭରେଜ: ଆଇସିସି

ଦୁବାଇ, ୨୦।୩ (ପି.ଟି.)

ଚଳିତ ମାସ ପ୍ରଥମ ଭାଗରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ପାଇଁ ବ୍ୟବହାର କରାଯାଇଥିବା ବେଙ୍ଗାଲୁରୁସ୍ଥିତ ଚିନ୍ନାସ୍ୱାମୀ ଷ୍ଟାଡିୟମ ପିଚ୍‌କୁ 'ବିଲୋ ଆଭରେଜ' କହିଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ମାର୍ଚ୍ଚ ୧୨ରେ ଆରମ୍ଭ ହୋଇଥିବା ଏହି ଟେଷ୍ଟ ମ୍ୟାଚ ୩ ଦିନ ମଧ୍ୟରେ ଶେଷ ହୋଇଥିଲା। ଏଥିରେ ଭାରତ ୨୩୮ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ଆଇସିସି ପିଚ୍ ଆଣ୍ଡ୍ ଆଉଟଫିଲ୍ଡ ମନିଟରିଂ ପ୍ରୋଗ୍ରେସ୍‌ଠାରୁ ଏହି ଭେନ୍ୟୁ ଏକ ଡିମେରିଟ୍ ପଏଣ୍ଟ ପାଇଛି। ପିଚ୍‌ରେ ପ୍ରଥମ ଦିନ ବଲ୍ ବହୁ ଟର୍ନ କରୁଥିଲା। ପ୍ରତିଟି ସେସନରେ ଏଥିରେ ବୃଦ୍ଧି ଘଟିଥିଲା। ଏହାଦ୍ୱାରା ବ୍ୟାଟ୍ ଓ ବଲ୍ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳି ନ ଥିଲା ବୋଲି ମ୍ୟାଚ ରେଫରି ଜାଭାଗଲ ଶ୍ରୀନାଥ ପ୍ରକାଶ କରିଥିବା ଆଇସିସି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଶ୍ରୀନାଥଙ୍କ ରିପୋର୍ଟକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ପଠାଇ ଦିଆଯାଇଛି। ୨୦୧୭ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ପରେ ଆଇସିସି ମ୍ୟାଚ ରେଫରି କ୍ରିସ୍ ବ୍ରଡ୍ ବେଙ୍ଗାଲୁରୁ ଉଇକେଟକୁ 'ବିଲୋ ଆଭରେଜ' ଦର୍ଶାଇଥିଲେ। ସଂଶୋଧିତ ଆଇସିସି ମ୍ୟାଚ ଆଣ୍ଡ୍ ଆଉଟ୍‌ଫିଲ୍ଡ ମନିଟରିଂ ପ୍ରୋଗ୍ରେସ୍‌କୁ ୨୦୧୮ ଜାନୁୟାରୀ ୪ରୁ କାର୍ଯ୍ୟକାରୀ କରାଯାଇଥିଲା। ତଦନୁସାରେ ଯଦି କୌଣସି ପିଚ୍ କିମ୍ବା ଆଉଟ୍ ଫିଲ୍ଡ ନିମ୍ନମାନର ହୋଇଥାଏ ତେବେ ଏହାକୁ ଏକ ଡିମେରିଟ୍ ପଏଣ୍ଟ ମିଳିବ। ଖରାପ ଓ ଅନୁପଯୁକ୍ତ ପିଚ୍ ପାଇଁ ଯଥାକ୍ରମେ ୩ ଓ ୫ ଡିମେରିଟ୍ ପଏଣ୍ଟର ବ୍ୟବସ୍ଥା କରାଯାଇଛି। ଡିମେରିଟ୍ ପଏଣ୍ଟ ୫ ବର୍ଷ ପର୍ଯ୍ୟନ୍ତ ସକ୍ରିୟ ରହିବ। ଯେତେବେଳେ ଗୋଟିଏ ଭେନ୍ୟୁ ୫ କିମ୍ବା ତା'ଠାରୁ ଅଧିକ ଡିମେରିଟ୍ ପଏଣ୍ଟ ପାଇଥାଏ ସେତେବେଳେ ଏହା ୧୨ ମାସ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଆୟୋଜନରୁ ବଞ୍ଚିତ ହୋଇଥାଏ। ଡିମେରିଟ୍ ପଏଣ୍ଟ ଯଦି ୧୦ରେ ପହଞ୍ଚିଯାଇଥାଏ ତେବେ ସମ୍ପୃକ୍ତ ଭେନ୍ୟୁ ୨୪ ମାସ ପାଇଁ କୌଣସି ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଆୟୋଜନ ଅଧିକାର ପାଇବାରୁ ବଞ୍ଚିତ ହୋଇଥାଏ।

## ୱାର୍ଲ୍ଡ ଇନ୍‌ଡୋରରେ ଭାଗନେଲେ ଦୂତୀ

**ଭୁବନେଶ୍ୱର, ୨୦।୩ (କ୍ରୀଡ଼ା ପ୍ରତିନିଧି):** ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ସର୍ବିୟାର ବେଲଗ୍ରେଡ୍‌ରେ ଅନୁଷ୍ଠିତ ୧୮ତମ ୱାର୍ଲ୍ଡ ଇନ୍‌ଡୋର ଆଥ୍‌ଲେଟିକ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରି ୬୦ ମିଟର ରେସ୍‌ରେ ସିଜନ ଶ୍ରେଷ୍ଠ ୭.୩୫ ସେକେଣ୍ଡ ସମୟ ନେଇଛନ୍ତି। ଏହି ଟାଇମିଂ ଯୋଗୁ ଦୂତୀ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ମାତ୍ର ସେମିଫାଇନାଲ୍ ହିଟ୍‌ରେ ୬ଷ୍ଠ ସ୍ଥାନରେ ରହି ଆଗକୁ ବଢ଼ିପାରି ନ ଥିଲେ। ୬ଟି ହିଟ୍‌ର ଶ୍ରେଷ୍ଠ ୩ ଲେଖାଏ ପ୍ରତିଯୋଗୀ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ।

## ଜୁଭେନାଇଲକୁ ହରାଇ ଜୟଦେବ ଫାଇନାଲରେ

ଭୁବନେଶ୍ୱର, ୨୦।୩ (କ୍ରୀଡ଼ା ପ୍ରତିନିଧି)

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଚାଲିଥିବା ଟୁଇନ୍ ସିଟି ୨୩ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁଭେନାଇଲ କ୍ରିକେଟ ଏକାଡେମୀକୁ ୬୮ ରନରେ ହରାଇ ଜୟଦେବ କଲେଜ ଫାଇନାଲରେ ପ୍ରବେଶ କରିଛି। ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଜୟଦେବ କଲେଜ ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ହରାଇ ୨୧୪ ରନ କରିଥିଲା। ଦଳ ପକ୍ଷରୁ ମାନସ ରଞ୍ଜନ ନାୟକ ସର୍ବାଧିକ ୬୧ ଓ ଜ୍ୟୋତିରଞ୍ଜନ ବେହେରା ୪୫ ରନ କରିଥିଲେ। ବିପକ୍ଷ ଦଳର ମହମ୍ମଦ ଡାନିଶ ଓ ସୂର୍ଯ୍ୟନାରାୟଣ ସାହୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୧୫ ରନ ବିଜୟ ଲକ୍ଷ୍ୟରେ ଜୁଭେନାଇଲ ୨୫.୩ ଓଭରରେ ୧୪୬ ରନ କରି ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ରିତିକ ପାତ୍ର ଓ ସନ୍ଦୀପ ଶୈହାନ ୩ଟି ଲେଖାଏ ଉଇକେଟ ନେଇଥିଲେ। ପାହାଳ ଥାନା ଅଧିକାରୀ ଷ୍ଟାଲିନ୍ କୁମାର ବିଶ୍ୱାଳ ଅତିଥିଭାବେ ଯୋଗଦେଇ ରିତିକ ପାତ୍ରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ଲୁଲୁ ମହାପାତ୍ର ଓ ସନ୍ତୋଷ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ରିତିକ ପାତ୍ର (ମଝି)

## ଇଂଲଣ୍ଡର ସେମି ଆଶା ଉଜ୍ଜୀବିତ

ଅକ୍‌ଲାଣ୍ଡ, ୨୦।୩ (ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷରେ ୧ ଉଇକେଟରେ ବିଜୟ ହାସଲ କରି ଗତଥରର ଚାମ୍ପିୟନ ଇଂଲଣ୍ଡ ଚଳିତ ଆଇସିସି ମହିଳା ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ ପାଇଁ ଏହାର ଆଶାକୁ ଉଜ୍ଜୀବିତ ରଖିଛି। ରବିବାର ସ୍ଥାନୀୟ ଇଡେନ୍‌ପାର୍କଠାରେ ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୪୮.୫ ଓଭରରେ ୨୦୩ ରନ କରିଥିଲା। ଅଭିଜ୍ଞ ମିଡଲ ନ୍ୟୁଜିଲାଣ୍ଡର ଟପ୍ ଅର୍ଡର ବ୍ୟାଟର ମ୍ୟାଡି ଗ୍ରୀନ୍ ୫୨ ରନ କରି ଅପରାଜିତ ରହିଥିଲେ। ଅଧିନାୟିକା ସୋଫି ଡିଭାଇନ୍ ୪୧ ରନ କରିଥିଲେ। ଇଂଲଣ୍ଡ ପେସ୍ ବୋଲର କେଟ୍ କ୍ରସ୍ (୩/୩୫) ଓ ଷ୍ଟାର ସ୍ପିନର ସୋଫି ଏକ୍‌ଲେଷ୍ଟୋନ୍ (୩/୪୧) ତିନୋଟି ଲେଖାଏଁ ଏବଂ ଚାର୍ଲି ଡିନ୍ (୨/୩୬) ଦୁଇଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଇଂଲଣ୍ଡ ୪୭.୨ ଓଭରରେ ୯ଉଇକେଟ ବିନିମୟରେ ୨୦୪ରନ କରି ମ୍ୟାଚ ଜିତି ନେଇଥିଲା। ଦଳର ଟପ୍ ସ୍କୋରର ନାଟାଲି ସ୍କିଭର ୬୧ ଓ ହିଥର ନାଇଟ୍ ୪୨ ରନ କରିଥିଲେ। ରବିବାର ଏହି ବିଜୟ ଦ୍ୱାରା ଇଂଲଣ୍ଡ ପଏଣ୍ଟ ଟେବୁଲରେ ନ୍ୟୁଜିଲାଣ୍ଡକୁ ୫ମ ସ୍ଥାନରୁ ହଟାଇ ଦେଇଛି। ବର୍ତ୍ତମାନ ଭାରତ, ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ପ୍ରତ୍ୟେକଙ୍କ ପଏଣ୍ଟ ସଂଖ୍ୟା ସମାନ ୪ ପଏଣ୍ଟ ରହିଛି। ଭାରତ ଓ ଇଂଲଣ୍ଡ ହାତରେ ଆଉ ଦୁଇଟି ମ୍ୟାଚ ରହିଥିବା ବେଳେ ନ୍ୟୁଜିଲାଣ୍ଡ ପାଇଁ କେବଳ ଗୋଟିଏ ମ୍ୟାଚ ବାକି ରହିଛି।



**ସଂକ୍ଷେପରେ**

## ହୋଲି ଉତ୍ସବ ପାଇଁ ଖଣ୍ଡପଡ଼ା ଉତ୍ସବମୁଖର



ଦୋଳ ମଣ୍ଡପରେ ନୂତନ ପାଞ୍ଜି ପଠନ କରାଯାଉଛି ।

**ଖଣ୍ଡପଡ଼ା,୨୦।୩(ସ୍ୱ.ପ୍ର.):** ଦୋଳ ଉତ୍ସବ ଅବସରରେ ନୂତନ ପାଞ୍ଜି ପ୍ରଚଳନର ପରମ୍ପରା ରହିଛି । ସିଧାମୂଳାସ୍ଥିତ ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ନୂତନ ପିକା ପଠନ ,ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଧାମୂଳା ମଧୁକର୍ଣ୍ଣିକା ପାହାଡ଼ରେ ବିରାଜିତ ଶ୍ରୀଗୋକୁଳାନନ୍ଦ ଜୀଉ ପୀଠରେ ପ୍ରତିବର୍ଷ ଭଳି ନୂତନ ବର୍ଷ(୨୨-୨୩)ପିକା ପଠନ କରାଯାଇଛି । ଏହି ଅବସରରେ ମଙ୍ଗଳ ଆଳତି ବାଲ୍ୟଧୂପ ପରେ ପ୍ରଭୁଙ୍କୁ ନବ ବସ୍ତ୍ର ଓ ପୁଷ୍ପ ମଣ୍ଡନ କରାଯାଇ ଫଳ, ଆମ୍ବ, ଚଣା ଖଜା ଅର୍ପଣ କରାଯାଇଥିଲା । କୋଭିଡ୍ କଟକଣା କୋହଳ ପରେ ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ଦୋଳ ପର୍ବ ଓ ହୋଲି ଖୁବ୍ ଜାକଜମକରେ ପାଳିତ ହୋଇଯାଇଛି । ବିଭିନ୍ନ ମଠ, ମନ୍ଦିର ଓ ଦେବଦେବୀ ପୀଠରେ ଦୋଳ ପର୍ବ ଓ ଦୋଳ ପୂର୍ଣ୍ଣିମା ଅବସରରେ ବିଗ୍ରହମାନଙ୍କୁ ଫଗୁ ଲାଗି କରାଯିବା ସହ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ହୋମଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି ।

## ମଦ ବୋତଲ ଭାଙ୍ଗି ହତ୍ୟା ଉଦ୍ୟମ

- ସାଙ୍ଗ ହୋଇ ମଦ ପିଉଥିବା ବେଳେ ଆକ୍ରମଣ
- ନିର୍ବାଚନ ପରବର୍ତ୍ତୀ ହିଂସାର ରୂପ ଦେବାକୁ ଉଦ୍ୟମ

**ନୟାଗଡ଼ ଅଫିସ,୨୦।୩:** ଇଟାମାଟି ଥାନା ଇଟାମାଟି ମଦ କାଉଣ୍ଟର ପାଖରେ ଇଟାମାଟି ନହରସାହିର ସୁନିଲ ସେଠୀ(୨୫)ଙ୍କୁ ଶନିବାର ସନ୍ଧ୍ୟାରେ ମଦ ବୋତଲ ଭାଙ୍ଗି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି । ସୁନିଲଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ସେହି ଗାଁର ମୁନା ସେଠୀ(୩୦) ନାମକ ଜଣେ ଯୁବକଙ୍କ ସହ ସେ ସାଙ୍ଗ ହୋଇ ମଦ୍ୟପାନ କରୁଥିବା ବେଳେ ଏହି ଘଟଣା ଘଟିଛି। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୬୩/୨୨) ରୁଜୁ କରି ତଦନ୍ତ କରୁଛି । ତେବେ ଏହି ବିବାଦ ରାଜନୀତି ରୂପ ନେଇଛି । ଏହାକୁ ରାଜନୈତିକ ହଂସା ବୋଲି କୁହାଯାଉଛି । ଅଭିଯୋଗ ଅନୁସାରେ ସୁନିଲଙ୍କ ଜଣେ ସମ୍ପର୍କୀୟ ଭାଉଜ ବିଜେଡି ସମର୍ଥିତ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ଉପରେ ରାଗ ରଖି ଭାଜପା କର୍ମୀ ହତ୍ୟା ଉଦ୍ୟମ କରିଥିବା କୁହାଯାଉଛି । ଏ ନେଇ ଇଟମାଟି ଥାନା ଅଧିକାରୀ ରମେଶ ଦେବତା କୁହନ୍ତି, ଏହା ରାଜନୈତିକ ବିବାଦ ବୋଲି ଅଭିଯୋଗ ହୋଇନି । ତେବେ ଦୁହେଁ ସାଙ୍ଗ ହୋଇ ମଦ ପିଉଥିବା ବେଳେ କୌଣସି କାରଣରୁ ବିବାଦ ସୃଷ୍ଟି ହୋଇଥିଲା । ମୁନା ମଦ ବୋତଲ ଭାଙ୍ଗି ସୁନିଲକୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି ।

# ଭାଜପା, କଂଗ୍ରେସର ପରିବର୍ତ୍ତନ ଆହ୍ୱାନ

**ନୟାଗଡ଼ ପୌର ନିର୍ବାଚନ**
- ୨,୩ ନଂ. ୱାର୍ଡରେ ଲଢ଼େଇ ଜୋରଦାର
- ବିକାଶର ବାର୍ତ୍ତା ବାଣ୍ଟୁଛି ବିଜେଡି

**ନୟାଗଡ଼ ଅଫିସ,୨୦।୩**



୨ନଂ. ୱାର୍ଡରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟମାନେ ।

ବିଜେଡି ରାଜ୍ୟରେ ୨୨ ବର୍ଷ ଶାସନ କଲାଣି । ହେଲେ ନୟାଗଡ଼ ସହରର ରୂପରେଖ ବଦଳୁନି । ଏଣୁ ନୟାଗଡ଼ ସହରର ରୂପରେଖ ବଦଳିବାକୁ ହେଲେ ଦଳ ବଦଳାଇବାକୁ ପଡିବ ବୋଲି ପ୍ରଚାର ଚାଲିଛି । ଗୋଟିଏ ଦଳକୁ ବାରମ୍ବାର କ୍ଷମତାରେ ରଖିଲେ ବିକାଶ ହେଉ ନ ଥିବାରୁ ଭାଜପା ଓ କଂଗ୍ରେସ ଦଳ ପରିବର୍ତ୍ତନର ଆହ୍ୱାନ ଦେଇଛନ୍ତି । ଏହି ଦୁଇ ଦଳ ପକ୍ଷରୁ ନୟାଗଡ଼ ମ୍ୟୁନିସିପାଲିଟିର ୨ ଓ ୩ ନଂ. ୱାର୍ଡରେ ପ୍ରଚାରକୁ ତ୍ୱରାନ୍ୱିତ କରାଯାଇଛି । ଏହାର ମୁକାବିଲା କରିବାକୁ ବିଜେଡି ମଧ୍ୟ ନିଜ ପ୍ରଚାରକୁ ସରଗରମ କରିଛି । ଏହାସହିତ ରାଜ୍ୟ ସରକାରଙ୍କ ସଫଳତାର ବାର୍ତ୍ତା ବାଣ୍ଟି ପୁଣି ଥରେ କ୍ଷମତାକୁ ଆସିବାକୁ ଉଦ୍ୟମ ଜାରି ରଖିଛି ।

ସହରର ୨ନଂ. ୱାର୍ଡ ନୟାଗଡ଼ ଖେଳପଡ଼ିଆର ପୂର୍ବ ପାର୍ଶ୍ୱ ରାସ୍ତା ଦେଇ ୫୭ ନଂ. ଜାତୀୟ ରାଜପଥର ନୟାଗଡ଼ ବ୍ଲକ ଅଫିସଠାରୁ ଜାତୀୟ ରାଜପଥର ଉତ୍ତର ପାର୍ଶ୍ୱ ପୁରୁଣା ବସ୍‌ଷ୍ଟାଣ୍ଡ ଖଣ୍ଡପଡ଼ା ରୋଡର ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପର୍ଯ୍ୟନ୍ତ ରହିଛି । ଏହି ପରିସୀମା ମଧ୍ୟରେ ଗୋପବନ୍ଧୁ ନଗର, ଖେଳପଡ଼ିଆର ପଛ ପାର୍ଶ୍ୱ, ଦିୱାନ ବନ୍ଧ ଲେନର ୧, ୨, ୩, ୪ ଓ ୫ ଦେଇ ମେଡିକାଲ ପଛ ପାର୍ଶ୍ୱ, ଟାଉନ ଥାନା କ୍ୱାର୍ଟର୍ସ ଏରିଆ, ମେଡିକାଲ ଏରିଆ, ୫୭ ନଂ. ଜାତୀୟ ରାଜପଥର ଉତ୍ତର ପାର୍ଶ୍ୱ ସମସ୍ତ ଘର, ପୁରୁଣା ଅମଲାପଡ଼ା ପାର୍କ ଲେନ୍, ମେଡିକାଲ ପଛ ପାର୍ଶ୍ୱ, ପୋଲିସ କ୍ୱାର୍ଟର୍ସ ଏରିଆ, ସାହାରା ଗଳି, ମହାବୀର ଲେନ୍, ମିଶ୍ର ଲେନ୍, କସ୍ତୁରୀ ଲେନ୍ ରହିଛି । ଏହି ୱାର୍ଡର ଭୋଟର ସଂଖ୍ୟା ୯୪୩ । ୨ ନଂ. ୱାର୍ଡରେ ମାନସ ରଞ୍ଜନ ସାହୁ(ଭାଜପା), ଜୟଦେବ ଖୁଣ୍ଟିଆ(କଂଗ୍ରେସ), ଦିନବନ୍ଧୁ ଗୁରୁ (ବିଜେଡି) ନିର୍ବାଚନ ଲଢୁଛନ୍ତି । ପ୍ରଚାରରେ ବିଜେଡି ଓ ଭାଜପା ଆଗରେ ଅଛନ୍ତି। କଂଗ୍ରେସ ପଛରେ ପଡିଛି ।

୩ ନଂ. ୱାର୍ଡ ଲୋକନାଥ ନଗରଠାରୁ ଖଣ୍ଡପଡ଼ା ରୋଡ ଦେଇ ବରପଲ୍ଲୀ ରେଳଷ୍ଟେଶନ ପର୍ଯ୍ୟନ୍ତ ଲମ୍ବିଛି । ପୁଣି ରେଳୱେ ଷ୍ଟେଶନଠାରୁ ବେବର୍ତ୍ତାପଲ୍ଲୀଗାଁ ପର୍ଯ୍ୟନ୍ତ ରହିଛି । ଏହି ପରିସୀମା ମଧ୍ୟରେ ଲୋକନାଥ ନଗର, ମିଶ୍ର କଲୋନୀ, ଶ୍ରୀରାମନଗର, ଲକ୍ଷ୍ମଣ ନଗର, ନୀଳାଦ୍ରିବିହାର, ହନୁମାନ ନଗର, ନେତାଜୀ ନଗର, ତାରିଣୀ ନଗର, ହୋଲି ଫ୍ୟାମିଲ ସ୍କୁଲ ରୋଡ୍, ରେଲୱେ ଷ୍ଟେଶନ ରୋଡ଼ ଅଛି । ୱାର୍ଡର ମୋଟ୍ ଭୋଟରଙ୍କ ସଂଖ୍ୟା ୧୨୮୧। ୩ ନଂ. ୱାର୍ଡରୁ ପ୍ରମିଳା ଦେଈ (ଭାଜପା), ପୁଷ୍ପଲତା କର(କଂଗ୍ରେସ), ସ୍ୱୟଂପ୍ରଭା ମିଶ୍ର (ବିଜେଡି) କାଉନସିଲର ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ବିଜେଡି ପ୍ରଚାରରେ ଆଗରେ ଅଛି। ଭାଜପା ଓ କଂଗ୍ରେସର ପ୍ରଚାର ଜମୁଥିଲେ ମଧ୍ୟ ବିଜେଡି ପ୍ରଚାର ସହ ସମକକ୍ଷ ହୋଇପାରୁ ନ ଥିବା ଚର୍ଚ୍ଚା ହେଉଛି। ଏନେଇ କେତେଜଣ ଭୋଟର ନିଜ ନାମ ଗୋପନ ରଖି କହିଛନ୍ତି, ଗତ ନିର୍ବାଚନରେ ଭୋଟର କଂଗ୍ରେସକୁ କ୍ଷମତା ଦେଇଥିଲେ। ହେଲେ କଂଗ୍ରେସର କାଉନସିଲର ଓ ଅଧ୍ୟକ୍ଷ ବିଜେଡିରେ ମିଶିଗଲେ। ୨ ନଂ. ୱାର୍ଡ କଂଗ୍ରେସ ଦଖଲରେ ଥିବାବେଳେ ୩ ନଂ. ୱାର୍ଡ ବିଜେଡି ଦଖଲରେ ଥିଲା। ଚଳିତ ନିର୍ବାଚନରେ ୧୬ଟି ୱାର୍ଡରୁ ୮ଟିରେ କଂଗ୍ରେସ ଓ ୧୫ଟିରେ ଭାଜପା ପ୍ରାର୍ଥୀ ଦେଇଛି । ଶାସକ ଦଳ ମାଡ଼ରେ ବିରୋଧୀ ଚେପା ହୋଇଯାଇଛି । ଭୋଟର ପରିବର୍ତ୍ତନ କରିବାର ଆଭାସ ଦେଉଛନ୍ତି । ହେଲେ ଭୋଟ ଗ୍ରହଣ ପର୍ଯ୍ୟନ୍ତ ଏହି ନିଷ୍ପତ୍ତି କାଏମ ରହିଲେ ହେଲା । ପଞ୍ଚାୟତ ନିର୍ବାଚନର ଫଳାଫଳ ସହର ଉପରେ ପଡିବ ନାହିଁ ବୋଲି ଆଶା ରହିଛି । ସହରରେ ଶିକ୍ଷିତ ଲୋକଙ୍କ ସଂଖ୍ୟା ଅଧିକ ରହିଥିବାରୁ କିଛି ପରିବର୍ତ୍ତନ ହେବାର ଆଶା ଅଛି। ଅନ୍ୟପକ୍ଷେ ବିଜେଡିର ବିକାଶର ବାର୍ତ୍ତା ସହିତ ନେତାଙ୍କ ନେତୃତ୍ୱକୁ ଭୋଟରମାନେ ପରଖୁଛନ୍ତି। ବିରୋଧୀ ଦଳରେ ନେତୃତ୍ୱର ଅଭାବ ଭୋଟରଙ୍କ ବିଶ୍ୱାସକୁ ଦୋହଲାଇ ଦେଇଛି।



୩ନଂ. ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ନିଜ ସମର୍ଥକମାନଙ୍କ ସହିତ ପ୍ରଚାର କରୁଛନ୍ତି ।

## ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

**ଖଣ୍ଡପଡ଼ା,୨୦।୩ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ଶୁଳିଆ-ଚୈତନପୁର ବାଇପାସ୍ ରାସ୍ତା ମାଟିଆବନ୍ଧ ପୋଖରୀ ନିକଟରେ ଶନିବାର ଏକ ବାଇକ୍ (ନଂ ଓ ଆର ୦୫ ଏ ଆର ୩ ୭ ୩ ୫ ) ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକ ଗୁରୁତର ହୋଇଛନ୍ତି । ତାଙ୍କୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ପ୍ରଥମେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆହତ ଯୁବକଙ୍କ ଘର ପଶ୍ଚିମବଙ୍ଗରେ ବୋଲି ଜଣାପଡିଛି। ହେଲେ ତାଙ୍କ ପରିଚୟ ମିଳିନାହିଁ ।



## ୨ ଯାଆଙ୍କ ମଧ୍ୟରେ ଲଢ଼େଇ

**ଖଣ୍ଡପଡ଼ା,୨୦।୩ (ସ୍ୱ.ପ୍ର.)**

ଖଣ୍ଡପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ୯ ନଂ. ୱାର୍ଡରୁ କାଉନସିଲର ପଦ ପାଇଁ ନିର୍ବାଚନ ଲଢୁଛନ୍ତି ୨ ଯାଆ । ବଡ ଯାଆ ଗୀତାଳି ଚୌଧୁରୀ ଭାଜପାରୁ ପ୍ରାର୍ଥୀ ହୋଇଥିବା ବେଳେ ସାନ ଯାଆ ବିଜୁଳି ଚୌଧୁରୀ ଶାସକ ବିଜେଡି ଦଳରୁ ପ୍ରାର୍ଥୀ ହୋଇଛନ୍ତି । ଉଭୟ ପ୍ରାର୍ଥିନୀ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଥିବା ବେଳେ ୨ ଯାଆଙ୍କ ପ୍ରଚାର ଶୈଳୀକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଉଭୟେ ଗୋଟିଏ ପରିବାରର ହୋଇଥିଲେ ହେଁ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ପରସ୍ପରକୁ ଆକ୍ଷେପ କରି ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ୨ ଯାଆଙ୍କ ଦକ୍ଷତା ଓ କାର୍ଯ୍ୟଶୈଳୀକୁ ଭୋଟରମାନେ ପରଖୁଛନ୍ତି।

# ଦଳୀୟ ପ୍ରାର୍ଥିନୀଙ୍କ ସହ ସ୍ୱାଧୀନଙ୍କ ମୁକାବିଲା



ଭାଜପା ପକ୍ଷରୁ ବାହାରି ଥିବା ନିର୍ବାଚନୀ ପ୍ରଚାର ଶୋଭାଯାତ୍ରା ।

**ଖଣ୍ଡପଡ଼ା,୨୦।୩ (ସ୍ୱ.ପ୍ର.)**

**ଖଣ୍ଡପଡ଼ା ଏନ୍‌ଏସି ନିର୍ବାଚନ**

ପୌର ନିର୍ବାଚନକୁ ନେଇ ଖଣ୍ଡପଡ଼ା ସହର ଏବେ ଉଠୁଛି ପଡୁଛି । ଭୋଟରଙ୍କୁ ମନେଇବା ପାଇଁ ଦଳୀୟ ଓ ସ୍ୱାଧୀନ ପ୍ରାର୍ଥୀମାନେ ପଦଯାତ୍ରାଠାରୁ ଆରମ୍ଭ କରି ଘରକୁ ଘର ବୁଲି ଭୋଟରଙ୍କୁ ଭେଟୁଛନ୍ତି । ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ପଦବୀ ନିମନ୍ତେ ବିଜେଡିରୁ କଲ୍ୟାଣୀ ଆଚାର୍ଯ୍ୟ, ଭାଜପାରୁ ତୃପ୍ତିରାଣୀ ମିଶ୍ର, ସ୍ୱାଧୀନ ପ୍ରାର୍ଥିନୀ ଭାବେ ବିନୋଦିନୀ ମହାନ୍ତି, ଆରତୀ ପ୍ରଧାନ, ଅଳି ପ୍ରଧାନ, ଦୀପ୍ତିମୟୀ ମିଶ୍ର ନିର୍ବାଚନ ଲଢୁଛନ୍ତି। ହେଲେ ୨ ଦଳୀୟ ପ୍ରାର୍ଥିନୀ ସହ ସ୍ୱାଧୀନ ପ୍ରାର୍ଥୀନୀ ବିନୋଦିନୀ ଓ ଆରତିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ରାଜନୈତିକେ ମହଲରେ ଚର୍ଚ୍ଚା ହେଉଛି । ବିଜେଡି ପ୍ରାର୍ଥିନୀଙ୍କ ପାଇଁ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଦଳର ତୁଙ୍ଗ ନେତାମାନେ ପ୍ରଚାର ମଇଦାନକୁ ଓହ୍ଲାଇଥିବା ବେଳେ ଭାଜପା ପ୍ରାର୍ଥିନୀଙ୍କ ପାଇଁ ପୂର୍ବତନ ବିଧାୟକ ସିଦ୍ଧାର୍ଥଶେଖର ସିଂ, ବରିଷ୍ଠ ନେତ୍ରୀ ଇଂ. ଅର୍ଚ୍ଚନା ଦାଶଙ୍କ ସମେତ ଟାଣୁଆ ନେତାମାନେ ପ୍ରଚାରର ମଙ୍ଗ ଧରିଛନ୍ତି । ଖଣ୍ଡପଡ଼ା ସହରର ବିକାଶ ସହ ଏକ ଦକ୍ଷ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନର ନାରା ଦେଇ ସମସ୍ତ ପ୍ରାର୍ଥୀ ପ୍ରଚାର କରୁଛନ୍ତି । ସ୍ୱାଧୀନ ପ୍ରାର୍ଥିନୀ ବିନୋଦିନୀ ଓ ଆରତି ଦଳୀୟ ପ୍ରାର୍ଥିନୀଙ୍କୁ କଡ଼ା ଟକ୍କର ଦେଉଥିବା ବେଳେ ୧୨ନଂ.ୱାର୍ଡରେ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ବିଜୟ ପଥରେ ସ୍ୱାଧୀନ ପ୍ରାର୍ଥୀମାନେ କଣ୍ଟା ସାଜିଛନ୍ତି। ଅପରପକ୍ଷେ ଭୋଟରମାନେ ପ୍ରାର୍ଥୀମାନଙ୍କ ଦକ୍ଷତା, କାର୍ଯ୍ୟଶୈଳୀ ଓ ଲୋକସମ୍ପର୍କକୁ ପରଖୁଛନ୍ତି। ଦଳୀୟ ଓ ସ୍ୱାଧୀନ ପ୍ରାର୍ଥୀମାନଙ୍କ ମଧ୍ୟରେ ଭୋଟ ଭାଗ ହେବାର ଆଶଙ୍କା ଥିବାରୁ ଶାସକ ଓ ବିରୋଧୀ ଶିବିରରେ ନୈରାଶ୍ୟ ଭାବ ଦେଖାଦେଇଛି । ଦଳୀୟ ନେତାମାନେ ବିରୋଧୀ, ଅସନ୍ତୁଷ୍ଟ କର୍ମୀ ଓ ସଙ୍ଗଠକମାନଙ୍କୁ ମନାଇବାରେ ଲାଗି ପଡ଼ିଛନ୍ତି । ଏ ବାବଦରେ ମୋଟା ଅଙ୍କର ଡିଲ ହେଉଥିବା ସାଧାରଣରେ ଆଲୋଚନା ହେଉଛି । ସ୍ଥିତି ରକ୍ଷା ପାଇଁ ଶାସକ ବିରୋଧୀ ଦଳ ପ୍ରାର୍ଥୀମାନେ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି ।

## ଖଳିସାହି ଦଶଦୋଳ ପାଇଁ ପ୍ରସ୍ତୁତି

**ଖଣ୍ଡପଡ଼ା,୨୦।୩ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଦଶଦୋଳ ମେଳଣ ପଡ଼ିଆରେ ଚଳିତ ବର୍ଷଠାରୁ ପ୍ରଥମ ଦଶଦୋଳ ମହୋତ୍ସବ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ୩ ଦିନଧରି ଆୟୋଜିତ ମହୋତ୍ସବରେ ଖୋର୍ଦ୍ଧା ପାଇକ ଆଖଡା,ସମ୍ବଲପୁରୀ ଓ କଳାହାଣ୍ଡି ନୃତ୍ୟ, ଭଜନ, ନଟିଆ କମେଡି, ମେଲୋଡି ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି । ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଦଶଦୋଳ ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ଦଶଦୋଳ ମହୋତ୍ସବର ଆୟୋଜନ କରାଯାଇଥିବା ଖଳିସାହି ଗ୍ରାମବାସୀ କହିଛନ୍ତି ।

## ନୀଳମାଧବ ଜୀଉଙ୍କ ଚନ୍ଦନ ଲାଗି ଆରମ୍ଭ

**ଖଣ୍ଡପଡ଼ା,୨୦।୩ (ସ୍ୱ.ପ୍ର.)**

କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବ ଜୀଉଙ୍କ ସର୍ବାଙ୍ଗ ଚନ୍ଦନ ଲାଗି ବେଶ ଶୁକ୍ରବାର ଦୋଳ ପୂର୍ଣ୍ଣମୀରୁ ଆରମ୍ଭ ହୋଇଛି। ପୁରୀ ଶ୍ରୀମନ୍ଦିରର ପୂଜାନୀତି ପରି ଶ୍ରୀନୀଳମାଧବ ଜୀଉଙ୍କ ମଧ୍ୟ ବିଭିନ୍ନ ପର୍ବପର୍ବାଣି ଓ ପରମ୍ପରା ପାଳିତ ହୋଇଥାଏ । ଶ୍ରୀନୀଳମାଧବ ମାର୍ଗଶିର ଷଷ୍ଠୀଠାରୁ ଶୀତରୁ ରକ୍ଷା ପାଇବା ପାଇଁ ଶ୍ରୀପଞ୍ଚମୀ ପର୍ଯ୍ୟନ୍ତ ଓଢଣ ଲାଗି ବେଶ ଓ ଶ୍ରୀପଞ୍ଚମୀଠାରୁ ଦୋଳ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଜାମାଲାଗି ବେଶ ହୋଇଥାନ୍ତି। ଦୋଳ ପୂର୍ଣ୍ଣମୀରୁ ଗ୍ରୀଷ୍ମ ଋତୁ ଅନୁଭୂତ ହେଉଥିବାରୁ ଶ୍ରୀଜୀଉମାନଙ୍କୁ ଗରମରୁ ରକ୍ଷା ପାଇବା ପାଇଁ ସର୍ବାଙ୍ଗ ଚନ୍ଦନ ଲାଗି କରାଯାଇଥାଏ। ଶୁକ୍ରବାର ଦୋଳ ପୂର୍ଣ୍ଣମୀ ଅବସରରେ ମନ୍ଦିର ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ଠାକୁରଙ୍କୁ ଚନ୍ଦନଲାଗି ତଥା ସର୍ବାଙ୍ଗ ବେଶ କରାଯାଇଥିଲା । ଏହି ବେଶ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ ।



## ଭଙ୍ଗାରୁଜା ଅଭିଯୋଗରେ ୭ ଗିରଫ

**ନିର୍ବାଚନ ପରବର୍ତ୍ତୀ ହିଂସା ଘଟଣା**

**ଆସିକା,୨୦।୩ (ଡି.ଏନ.ଏ.)**

ଆସିକା ବ୍ଲକ ଗାଙ୍ଗପୁର ଥାନା ଅନ୍ତର୍ଗତ କେନ୍ଦୁପଦର ଗ୍ରାମରେ ଗତ ୧୨ ତାରିଖରେ ହୋଇଥିବା ନିର୍ବାଚନ ପରବର୍ତ୍ତୀ ହିଂସାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଆହତ ହୋଇଥିଲେ । ଏହି ମାମଲାରେ ପୋଲିସ ପୂର୍ବରୁ ୨ଟି ଦଫାରେ ଗୋଟିଏ ଗୋଷ୍ଠୀର ୧୯ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ପ୍ରତିପକ୍ଷ ଗୋଷ୍ଠୀର ଅଭିଯୋଗମତେ ଅପର ଗୋଷ୍ଠୀର ୭ ଜଣଙ୍କୁ ଗିରଫ କରାଯାଇଛି। ଚାଟୁଳା, କେନ୍ଦୁପଦର ଓ ସିଙ୍ଗିପୁର ଗ୍ରାମର ଏହି ଅଭିଯୁକ୍ତମାନଙ୍କ ନାଁରେ ଭଙ୍ଗାରୁଜା ଓ ଧମକଚମକ ଦେଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସମ୍ପୃକ୍ତ ଥିବା ଥାନା ଅଧିକାରୀ ଦେବ କୁମାର ଗମାଙ୍ଗ ସୂଚନା ଦେଇଛନ୍ତି।

## ହନୁମାନ ପଇସା ର୍‍ୟାକେଟ୍ ସକ୍ରିୟ

- ଲୁଟ୍ ହେଉଛି ଲକ୍ଷାଧିକ ଟଙ୍କା
- ସାଇବର ଅପରାଧ ଶାଖାରେ ଅଭିଯୋଗ

**ଖଣ୍ଡପଡ଼ା,୨୦।୩ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅଧୀନ ଗଡ଼ିଆସାହି ପୋଲିସ ଫାଣ୍ଡି ଇଲାକାରେ ଗତ କିଛି ମାସ ଧରି ହନୁମାନ ପଇସା ର୍‍ୟାକେଟ ବେଶ୍ ସକ୍ରିୟ ଥିବା ସୂଚନା ମିଳିଛି । ଫେସ୍ ବୁକ୍, ହ୍ୱାଟ୍ସଆପ୍ ପରି ସୋସିଆଲ ମିଡିଆରେ ଗ୍ରାହକମାନଙ୍କୁ ପ୍ରଲୋଭିତ କରି ଲକ୍ଷାଧିକ ଟଙ୍କା ଲୁଟ୍ କରାଯାଉଛି। ରାଜ୍ୟର କୋଣ ଅନୁକୋଣ ଓ ରାଜ୍ୟ ବାହାରୁ ଗ୍ରାହକମାନେ ଖଣ୍ଡପଡ଼ା ଥାନା ଅଧୀନ ସିଂଘାପଡା,ଗଡିଆ ସାହି ଅଞ୍ଚଳକୁ ହନୁମାନ ପଇସା ପାଇଁ ଦାମୀ କାରରେ ଆସି ଲୁଟ୍‌ର ଶିକାର ହେବା ସହ ନିସ୍ତୁକ ମାଡ଼ ଖାଇ ଫେରୁଛନ୍ତି ।

ଏହି ର୍‍ୟାକେଟରେ ୨୦ରୁ୨୫ ଜଣ ଅସାମାଜିକ ଯୁବକ ସମ୍ପୃକ୍ତ ଥିବା ଖବର ମିଳିଛି । ସୋସିଆଲ ମିଡିଆରେ ଆକୃଷ୍ଟ ହୋଇ ଗ୍ରାହକମାନେ ସିଂଘାପଡା,ଗଡିଆ ସାହି ଅଞ୍ଚଳକୁ ଆସିବା ମାତ୍ରେ ପୂର୍ବ ଯୋଜନା ମୁତାବକ ପ୍ରସ୍ତୁତ ରହିଥିବା ମୁଖାପିନ୍ଧା ଅସାମାଜିକ ଯୁବକମାନେ ଗ୍ରାହକମାନଙ୍କୁ ଘେରିଯାଇ ନିସ୍ତୁକ ମାଡ଼ ମାରିବା ସହ ମାରଣାସ୍ତ୍ର ଦେଖାଇ ଟଙ୍କା, ସୁନାଚେନ,ମୁଦି, କ୍ୟାମେରା, ମୋବାଇଲ ଫୋନ୍ ଲୁଟି ନେଉଛନ୍ତି । ଖାଲି ସେତିକି ନୁହେଁ ମୋବାଇଲ ଫୋନ ଛଡାଇ ନେଇ ଫୋନ ପେ, ଗୁଗଲ ପେ ଜରିଆରେ ବ୍ୟାଙ୍କ୍ ଆକାଉଣ୍ଟରୁ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରିନେଇଥିବା ପରି ଘଟଣା ଘଟୁଛି । ଗତ ୭ ଦିନ ତଳେ ବ୍ରହ୍ମପୁର, ଭୁବନେଶ୍ୱର,ଖୋର୍ଦ୍ଧା ଅଞ୍ଚଳରୁ ହନୁମାନ ପଇସା ନେବା ପାଇଁ ଆସିଥିବା ୬ ଜଣ ବ୍ୟକ୍ତିଙ୍କଠାରୁ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ ହୋଇଥିବା ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ଖଣ୍ଡପଡ଼ା ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ କହିଛନ୍ତି। ହନୁମାନ ପଇସା ର୍‍ୟାକେଟ୍‌ରେ ସମ୍ପୃକ୍ତ ଥିବା ଅସାମାଜିକ ବ୍ୟକ୍ତିମାନଙ୍କୁ ଗିରଫ କରିବାକୁ ସାଧାରଣରେ ଦାବି ହୋଇଛି । ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତିମାନେ ଏ ସମ୍ପର୍କରେ କଟକ ସାଇବର ଅପରାଧ ଶାଖାରେ ଅଭିଯୋଗ କରିଛନ୍ତି।

# ନୟାଗଡ଼-ପୁରୀ ରେଳସେବା ବନ୍ଦକୁ ନେଇ ଅସନ୍ତୋଷ

- ଖଡ଼ଗପୁର-ବ୍ରହ୍ମପୁରକୁ ଟ୍ରେନ ଚଳାଚଳ ହେଉ
- କାର୍ଯ୍ୟକ୍ଷମ କରାଯାଉ ନୂଆଗାଁ ରେଳ ଷ୍ଟେଶନ

**ନୟାଗଡ଼ ଅଫିସ,୨୦।୩**




ନୟାଗଡ଼ ଟାଉନ ଷ୍ଟେଶନ ।

ନୟାଗଡ଼ ଟାଉନ ଷ୍ଟେଶନରୁ ପୁରୀକୁ ତୁରନ୍ତ ରେଳସେବା ପୁନଃ ଆରମ୍ଭ କରାଯାଉ। ପୁଣି ନୟାଗଡ଼ରୁ ଖଡ଼ଗପୁର ଓ ବ୍ରହ୍ମପୁରକୁ ରେଳ ଚଳାଚଳ କରିବାକୁ ବ୍ୟବସ୍ଥା କରାଯାଉ। ସେହିପରି ନୂଆଗାଁ ଷ୍ଟେଶନକୁ କାର୍ଯ୍ୟକ୍ଷମ କରାଯାଇ ତୁରନ୍ତ ରେଳ ଚଳାଚଳ କରିବାକୁ ଦାବି ଉଠିଛି। ଏ ଦିଗରେ ରେଳ ବିଭାଗ ତୁରନ୍ତ ପଦକ୍ଷେପ ନେବା ପାଇଁ ନୟାଗଡ଼ ଜିଲା ସଚେତନ ନାଗରିକ ମଞ୍ଚ, ଭାରତ ବିକାଶ ପରିଷଦ ନୟାଗଡ଼ ଶାଖା, ନୟାଗଡ଼ ୱାର୍କ ଆଉଟ ଗ୍ରୁପ ଓ ବରିଷ୍ଠ ନାଗରିକ ମହାସଂଘ ଖୋର୍ଦ୍ଧା ପକ୍ଷରୁ ଦାବିକୁ ତ୍ୱରାନ୍ୱିତ କରାଯାଇଛି । ତେବେ ରେଳ ବିଭାଗ ବିଭିନ୍ନ ଅନୁଷ୍ଠାନର ଦାବିକୁ ଅଣଦେଖା କରୁଥିବା ଅଭିଯୋଗ ଉଠିଛି ।

କୋଭିଡ୍ ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚରୁ ସମଗ୍ର ଦେଶରେ ରେଳସେବା ବନ୍ଦ ରହିଥିଲା । ତେବେ କିଛି ସ୍ଥାନରେ ସ୍ୱତନ୍ତ୍ର ଟ୍ରେନ ଯିବାଆସିବା କରୁଥିଲା। ଏଥିରୁ ବାଦ୍ ପଡି ନ ଥିଲା ନୟାଗଡ଼ ଜିଲା। ନୟାଗଡ଼ ଟାଉନରୁ ସମସ୍ତ ପ୍ରକାର ରେଳସେବା ବନ୍ଦ ରହିଥିଲା। ତେବେ ଧୀରେ ଧୀରେ କୋଭିଡ୍ କଟକଣା କୋହଳ ହେବା ସହିତ ଜନସାଧାରଣଙ୍କ ଆବଶ୍ୟକତାକୁ ହୃଦୟଙ୍ଗମ କରି ରେଳ ବିଭାଗ ପକ୍ଷରୁ ସମସ୍ତ ଏକ୍ସପ୍ରେସ ଏବଂ ପାସେଞ୍ଜର ଟ୍ରେନ ଚଳାଚଳ କଲାଣି । ଜିଲାବାସୀଙ୍କ ଧାର୍ମିକ ଭାବାବେଗ ସହିତ ଜଡ଼ିତ ପୁରୀ ଶ୍ରୀମନ୍ଦିରର ସମସ୍ତ କଟକଣା ଉଚ୍ଛେଦ କରାଯାଇ ଭକ୍ତଙ୍କ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ତେବେ ଶ୍ରଦ୍ଧାଳୁମାନଙ୍କ ସମସ୍ତ ଧାର୍ମିକ ଭାବାବେଗ ତଥା ଆଶା ଆକାଂକ୍ଷାକୁ ରେଳ ବିଭାଗ ଧୂଳିସାତ୍ କରୁଥିବା ଅଭିଯୋଗ ହୋଇଛି। ପୂର୍ବତଟ ରେଳ ବିଭାଗ ନୟାଗଡ଼ ଜିଲାକୁ ଅବହେଳା କରୁଥିବା ସ୍ପଷ୍ଟ ଜଣାପଡୁଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରୁଛନ୍ତି । ନୟାଗଡ଼ରୁ ସିଧାସଳଖ ପୁରୀ ଯିବା ପାଇଁ ବସ୍ କିମ୍ବା ଅନ୍ୟ କୌଣସି ଯାତାୟାତର ସୁବିଧା ନ ଥିବାରୁ ଜିଲାବାସୀ ଟ୍ରେନ ଉପରେ ବିଶେଷ ଭାବେ ନିର୍ଭରଶୀଳ। ଏଭଳି ସ୍ଥଳେ ଟ୍ରେନ ଚଳାଚଳ କରୁ ନ ଥିବାରୁ ଅଟୋ, ଟ୍ୟାକ୍ସି, ମିନିବସ ଆଦି ଛୋଟ ଛୋଟ ଗାଡ଼ି ଚାଳକମାନେ ପୁରୀକୁ ଚଢ଼ାଦରରେ ଭଡ଼ା ନେଉଛନ୍ତି। ରାଜ୍ୟର ଅନ୍ୟ ସମସ୍ତ ସ୍ଥାନ ଏପରିକି ଖୋର୍ଦ୍ଧା ରୋଡ଼(ଜଟଣୀ)ରୁ ପୁରୀକୁ ରେଳସେବା ନିୟମିତ ଚାଲୁଥିବା ବେଳେ ନୟାଗଡ଼ ଜିଲାକୁ ବିଭାଗ ପକ୍ଷରୁ ବୈମାତୃକ ମନୋଭାବ ପ୍ରଦର୍ଶନ କରାଯାଇ ରେଳସେବାକୁ ବନ୍ଦ ରଖାଯାଇଛି । ଅନ୍ୟପକ୍ଷେ ପୂର୍ବରୁ ନୟାଗଡ଼ରୁ ପୁରୀକୁ ଚାଲୁଥିବା ଟ୍ରେନ ନଂ.୫୮୪୨୯/୩୦ ଓ ୫୮୪୩୧/୩୨ ନୟାଗଡ଼-ପୁରୀ ପାସେଞ୍ଜର ଟ୍ରେନ୍‌ଗୁଡ଼ିକୁ ତୁରନ୍ତ ଚାଲୁ କରିବା ଏବଂ ନୂଆଗାଁ ରେଳ ଷ୍ଟେଶନକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ନାଗରିକ ମଞ୍ଚ ପକ୍ଷରୁ ପ୍ରମୋଦ ପଟ୍ଟନାୟକ, ଅରୁଣ କୁମାର ମହାନ୍ତି, ଲକ୍ଷ୍ମୀଧର ସାହୁ, ଶେଖ ଅବଦୁଲ ଖାଲିକ, ପ୍ରଶାନ୍ତ କୁମାର ଦାଶ, ଭାରତ ବିକାଶ ପରିଷଦ ପକ୍ଷରୁ ନିରଞ୍ଜନ ମିଶ୍ର, ପ୍ରଦୀପ କୁମାର ସାହୁ, ଉମାକାନ୍ତ ମିଶ୍ର, ପ୍ରଶାନ୍ତ ପଟ୍ଟନାୟକ, ଅଶୋକ ମଲ୍ଲ ପ୍ରମୁଖ ରେଳ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଜଣାଇବା ସହ ଆନ୍ଦୋଳନ ଚେତାବନୀ ଦେଇଛନ୍ତି । ବରିଷ୍ଠ ନାଗରିକ ମହାସଂଘ ଖୋର୍ଦ୍ଧାର ସାଧାରଣ ସମ୍ପାଦକ ବିମଳ ଷଡ଼ଙ୍ଗୀ କୁହନ୍ତି, ନୟାଗଡ଼ରୁ ପୁରୀ ରେଳ ଚଳାଚଳ କରୁ। ତେବେ ନୟାଗଡ଼ରୁ ଖଡ଼ଗପୁର ଓ ବ୍ରହ୍ମପୁରକୁ ରେଳ ଚଳାଚଳ କରିବା ନିହାତି ଦରକାର ବୋଲି କହିଛନ୍ତି ।

## ସଂକ୍ଷେପରେ

### ନିଆଁ ଲାଗି ୨ ବଖରା ପୋଡ଼ିଗଲା

**ଓଡ଼ଗାଁ,୨୦।୩ (ସ୍ୱ.ପ୍ର.):** ଓଡ଼ଗାଁ ବ୍ଲକ ବାଣ୍ଡପୁର ପଞ୍ଚାୟତ ଭୋବସର ଗାଁରେ ରବିବାର ମଧ୍ୟାହ୍ନରେ ନିଆଁଲାଗି ୨ ପରିବାରର ୨ ବଖରା ପୋଡ଼ି ଯାଇଛି । ଅଗ୍ନିବିପନ୍ନ ପରିବାରମାନେ ହେଲେ ମଦନ ସାନବଡ଼ ଓ ଭ୍ରମର ସାନବଡ଼ । ପଖାଳ ଖାଇବା ପାଇଁ ଚୂଲିରେ ଶୁଖୁଆ ପୋଡ଼ିବା ବେଳେ ଚୂଲିରୁ ନିଆଁ ଉଠି ଚାଳରେ ନିଆଁ ଲାଗି ଯାଇଥିବା ଆଲୋଚନା ହେଉଛି । ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇ ଥିଲେ। ପ୍ରଶାସନ ତରଫରୁ ସେମାନଙ୍କୁ ସହାୟତା ପ୍ରଦାନ ପାଇଁ ଦାବି ହେଉଛି ।

### ବୈଦିକ ବ୍ରାହ୍ମଣ ସମାଜ ବାର୍ଷିକ ବୈଠକ

#### ଶରତ ନନ୍ଦ ସଭାପତି ନିର୍ବାଚିତ

**ଓଡ଼ଗାଁ,୨୦।୩ (ସ୍ୱ.ପ୍ର.):** ଓଡ଼ଗାଁ ବୈଦିକ ବ୍ରାହ୍ମଣ ସମାଜର ବାର୍ଷିକ ସାଧାରଣ ବୈଠକ ସଭାପତି ମହେଶ୍ୱର ମହାପାତ୍ରଙ୍କ ଅଧକ୍ଷତାରେ ସ୍ଥାନୀୟ ରାଧାକୃଷ୍ଣ ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ସଭାପତିଙ୍କ ପ୍ରସ୍ତାବ ଅନୁସାରେ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ଶରତ ଚନ୍ଦ୍ର ନନ୍ଦଙ୍କୁ ନୂତନ ସଭାପତି ଭାବେ ମନୋନୀତ କରାଯାଇଛି । ପୂର୍ବ କମିଟିର ଅନ୍ୟାନ୍ୟ ପଦବୀ ବଳବତ୍ତର ରହିଥିଲା । ନୂତନ ସଭାପତିଙ୍କୁ କମିଟି ତରଫରୁ ସ୍ୱାଗତ କରିବା ପରେ ସମ୍ପାଦକ ଫକୀର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ସମସ୍ତଙ୍କ ସହଯୋଗ ହେଲେ ଆଗାମୀ ବର୍ଷ ଗରିବ ବ୍ରାହ୍ମଣ ବାଳକମାନଙ୍କ ଅନାଦେୟ ସାମୁହିକ ବ୍ରତୋପନୟନ କାର୍ଯ୍ୟ ନିମନ୍ତେ ପ୍ରସ୍ତାବ ରଖା ଯାଇଥିଲା ।

### ମହିଳାଙ୍କୁ ଅସଦାଚରଣ: ଯୁବକ ଜେଲ ଗଲେ

**ନୟାଗଡ଼ ଅଫିସ,୨୦।୩:** ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଶରଣକୁଳ ଥାନା ପୋଲିସ ବିଟଳଗାଡ଼ିଆ ଗାଁର ଗଣେଶ ନାୟକ(୨୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଗଣେଶଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଗତ ଶୁକ୍ରବାର ରାତିରେ ଶରଣକୁଳ ଥାନା ଅଞ୍ଚଳରେ ଜଣେ ମହିଳା ଘରେ ଥିଲେ । ଗଣେଶ ନିଶାସକ୍ତ ଅବସ୍ଥାରେ ଘରେ ପଶି ତାଙ୍କୁ ଅସଦାଚରଣ କରିଥିଲେ। ମହିଳା ଜଣକ ଚିତ୍କାର କରିବାରୁ ଗଣେଶ ଖସି ପଳାଇଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୬୯/୨୨)ରୁଜୁ କରି ତଦନ୍ତ କରିଥିଲା ।

### ତ୍ରିନାଥଜୀଉଙ୍କ ବାର୍ଷିକୋତ୍ସବ

**ଦଶପଲ୍ଲା,୨୦।୩(ଡି.ଏନ.ଏ.):** ରବିବାର ଦଶପଲ୍ଲା ଥାନା ପରିସରରେ ଥିବା ଶ୍ରୀ ତ୍ରିନାଥଜୀଉଙ୍କ ବାର୍ଷିକଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ମନ୍ଦିର ପରିସରରେ ହୋମଯଜ୍ଞ ସହିତ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ମହିଳାଙ୍କ ଦ୍ୱାରା ସୁଆଙ୍ଗ ପରିବେଷଣ କରାଯାଇଥିଲା । ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ା ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ ।

### ଦୋଳ,ହୋଲି ଉତ୍ସବ

**ଦଶପଲ୍ଲା,୨୦।୩(ଡି.ଏନ.ଏ.):** ଦୋଳ ଓ ହୋଲି ଉତ୍ସବ ଦଶପଲ୍ଲାରେ ପାଳିତ ହୋଇଯାଇଛି । ଦୋଳଗୋବିନ୍ଦଙ୍କୁ ବିମାନରେ ଦୋଳମଣ୍ଡପକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଶ୍ରୀଜୀଉଙ୍କ ପାଖରେ ଆମ୍ବ, ମହୁଲ ଓ ଚଣା ପୂଜା କରାଯାଇଥିଲା । ଗଉଡ଼ ସାହିରେ ଏହି ପର୍ବ ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଥିଲା । ସେହିପରି ହୋଲି ଉତ୍ସବ ମଧ ଆନନ୍ଦ ଉଲ୍ଲାସ ସହ ଶେଷ ହୋଇଥିଲା ।

# ନୟାଗଡ଼ ମହାବିଦ୍ୟାଳୟକୁ ରାଜ୍ୟସ୍ତରୀୟ ପୁରସ୍କାର

## ବିଶ୍ୱବିଦ୍ୟାଳୟସ୍ତରୀୟ ନାଟକ ପ୍ରତିଯୋଗିତା

**ନୟାଗଡ଼ ଅଫିସ୍, ୨୦।୩**

ଉଚ୍ଚ ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରୀୟ ଭାଷା ଓ ସଂସ୍କୃତି ପ୍ରତିଯୋଗିତା ଅନ୍ତର୍ଗତ ନାଟକ ପ୍ରତିଯୋଗିତାରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଉତ୍କଳ ବିଶ୍ୱବିଦ୍ୟାଳୟକୁ ପ୍ରତିନିଧିତ୍ୱ କରି ସମଗ୍ର ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରମାନେ ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ହେବା ସହ ନୟାଗଡ଼ ଜିଲା ପାଇଁ ଗୌରବ ଆଣିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରଠାରେ ମାର୍ଚ୍ଚ



ରାଜ୍ୟପାଳଙ୍କଠାରୁ ଛାତ୍ରୀଛାତ୍ରମାନେ ପୁରସ୍କାର ଗ୍ରହଣ କରୁଛନ୍ତି ।

୧୫ରୁ ୧୭ ତିନିଦିନ ଧରି ଅନୁଷ୍ଠିତ ନାଟକ ପ୍ରତିଯୋଗିତାରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ନାଟକ 'ଏମିତି ଚାଲିଛି' ମଞ୍ଚସ୍ଥ ହୋଇଥିଲା । ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ପ୍ରାଧ୍ୟାପକ ରାମଚନ୍ଦ୍ର ମିଶ୍ର ଓ କଣ୍ଠଶିଳ୍ପୀ ଆଶୁତୋଷ ମିଶ୍ରଙ୍କ ନିର୍ଦ୍ଦେଶିତ ଏହି ନାଟକରେ ବିଭିନ୍ନ ଭୂମିକାରେ ଜଗଦୀଶ ମହାପାତ୍ର, ହିମାଂଶୁ ପ୍ରଧାନ, ନିତ୍ୟାନନ୍ଦ ସାହୁ, କଳ୍ପତରୁ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଅଧ୍ୟାପକ ବାନାମ୍ବର ପୃଷ୍ଟି ସଙ୍ଗୀତ ରଚନା କରିଥିଲେ। ସାଂସ୍କୃତିକ ସମାବେଶର ଉଦ୍‌ଯାପନୀ ଦିବସରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କଠାରୁ ବିଜେତା ଦଳର ଅଭିନେତା ପ୍ରମାଣପତ୍ର ଏବଂ ଟ୍ରଫି ସହ ୨୫ ହଜାର ଟଙ୍କା ପୁରସ୍କାର ଗ୍ରହଣ କରିଥିଲେ ।

# ୨ଦିନିଆ ଧର୍ମଘଟ ସଫଳ କରିବାକୁ ଆହ୍ୱାନ

**ନୟାଗଡ଼ ଅଫିସ,୨୦।୩**

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, ସ୍ୱାଧୀନ ଶ୍ରମିକ ଫେଡେରେଶନ ଓ ବ୍ୟାଙ୍କ ବୀମା କର୍ମଚାରୀମାନଙ୍କ ମିଳିତ ମଞ୍ଚ ପକ୍ଷରୁ ଆସନ୍ତା ୨୮ ଓ ୨୯ ଦୁଇଦିନ ଧରି ଧର୍ମଘଟ ଡାକରା ଦିଆଯାଇଛି । ଏହାକୁ ସଫଳ କରିବା ପାଇଁ ରବିବାର ନୟାଗଡ଼ କେସି କ୍ଲବ୍‌ଠାରେ ଶ୍ରମିକ ସଙ୍ଗଠନ ସିଟୁର ଜିଲା ସଭାପତି ବିଶ୍ୱନାଥ ମହାପାତ୍ରଙ୍କ ଅଧକ୍ଷତାରେ ଏକ ଗଣ କନ୍‌ଭେନଶନ ଅନୁଷ୍ଠିତ ହୋଇଛି ।

କେନ୍ଦ୍ର ସରକାରଙ୍କ ଆକାଶଛୁଆଁ ଦର ବୃଦ୍ଧି, କର୍ମ ନିଯୁକ୍ତିରେ ସଙ୍କୋଚନ, ଶ୍ରମିକ ହତ୍ୟାକାରୀ ନିଷ୍କ୍ରିୟ ଶ୍ରମକୋଡ, ସ୍କିମ୍ ଶ୍ରମିକଙ୍କୁ ମାମୁଲି ମଜୁରିରେ ଗୋଟି ଖଟାଇବା, ଶ୍ରମିକ ଓ କୃଷକମାନଙ୍କ ପାଇଁ ଅବସରକାଳୀନ ଭତ୍ତା ଓ ସୁବିଧା ସୁଯୋଗ, ସର୍ବନିମ୍ନ ମାସିକ ମଜୁରିକୁ ୨୬,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା, କୃଷି ଓ କୃଷକ ବଞ୍ଚି ପାରିଲା ଭଳି ସକାରାତ୍ମକ ଯୋଜନା, ଚାଷୀ ଫସଲର ଲାଭଜନକ ସହାୟକ ମୂଲ୍ୟ ପ୍ରଦାନ ପ୍ରଭୃତି ୧୨ ଦଫା ଦାବି ନେଇ ଏହି ଧର୍ମଘଟ ଡାକରା ଦିଆଯାଇଛି । ସିଆଇଟିୟୁର କେନ୍ଦ୍ରୀୟ କମିଟି ସଦସ୍ୟ ଦୁଷ୍ମନ୍ତ ଦାସ ମୁଖ୍ୟ ଆଲୋଚକ ଭାବେ ମୋଦି ସରକାରଙ୍କ ଜନ ବିରୋଧୀ ନୀତି ଉପରେ ଆଲୋକପାତ କରିବା ସହ ଏହି ଦୁଇଦିନିଆ ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଆଇଟିୟୁସି ନେତା ଅମିୟ ପଟ୍ଟନାୟକ, ଆଇଏନ୍‌ଟିୟୁସି ରାଜ୍ୟ ସଙ୍ଗଠକ ସତ୍ୟବ୍ରତ ନାୟକ, ବିମଳ କୁମାର ଦାଶ, ଶ୍ରମିକ ନେତା ଗୋପୀନାଥ ଜେନା, କୃଷକ ନେତା ଗୋଲକ ବିହାରୀ ମୁଦୁଲି, ସିଆଇଟିୟୁ ନେତା ଶରତ ଚନ୍ଦ୍ର ବେହେରା, ପବିତ୍ର ଇନ୍ଦ୍ରଜିତ, ଚାପଧାରୀ ରାଉତ, ବିଭୂତି ପଟ୍ଟନାୟକ, ଦୁର୍ଯ୍ୟୋଧନ ହାତୀ, ଆଶା ସଙ୍ଗଠନର ନେତ୍ରୀ ନଳିନୀ ଦାଶ, ପାଚିକା ନେତ୍ରୀ ଦୁହିତା ପ୍ରଧାନ, ନାରୀ ନେତ୍ରୀ ଜ୍ୟୋତିପ୍ରଭା ଜେନା, ବିଦ୍ୟୁତ୍ କର୍ମଚାରୀ ନେତା କମଳେଶ ଦାସ ପ୍ରମୁଖ ଆନ୍ଦୋଳନକୁ ସଫଳ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ।



ଗଣ କନ୍‌ଭେନ୍‌ଶନରେ ସିଟୁର ନେତୃବୃନ୍ଦ ।

# ମିଳିତ ଆକ୍ରମଣରେ ମହିଳା ଗୁରୁତର : ଭୋଗଡ଼ାରେ ଉତ୍ତେଜନା

**ନୟାଗଡ଼ ଅଫିସ,୨୦।୩**

ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ଼ ଥାନା ଭୋଗଡ଼ାରେ ମିଳିତ ଆକ୍ରମଣରେ ରୋଜି ଧଳ ନାମ୍ନୀ ଜଣେ ମହିଳା ଆହତ ହୋଇଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଏନେଇ ଫତେଗଡ଼ ଥାନାରେ ଅଭିଯୋଗ ପରେ ପୋଲିସ ସାଗରଜିତ୍ ଧଳ, ଜଗଜୀବନ ଧଳ, ରାଜୁନାଥ ଧଳ, ସୁବାସ ଧଳ, ପ୍ରଫୁଲ୍ଲ ଧଳ, ପବିତ୍ର ରାଉତ, ବ୍ରଜବନ୍ଧୁ ରାଉତ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଟିପୁ ସାମଲ, ସଦାଶିବ ସାମଲ, କବିରାଜ ଧଳ ପ୍ରମୁଖ ୧୧ ଜଣଙ୍କ ନାମରେ ମାମଲା(ନଂ.୬୩/୨୨) ରୁଜୁ ହୋଇଛି ।

ଅଭିଯୋଗ ଅନୁସାରେ ଭୋଗଡ଼ା ଗାଁର ଚନ୍ଦ୍ରମଣି ଧଳ ଶନିବାର ମଧ୍ୟାହ୍ନରେ ପୋଖରୀରୁ ଗାଧୋଇ ଘରକୁ ଫେରୁଥିଲେ । ଘରେ ପହଞ୍ଚିବା ବେଳକୁ ୧୧ ଜଣ ବ୍ୟକ୍ତି ହାତରେ ଠେଙ୍ଗା, ମରଣାସ୍ତ୍ର ଧରି ଚନ୍ଦ୍ରମଣିଙ୍କୁ ମିଳିତ ଆକ୍ରମଣ କରିଥିଲେ । ଚନ୍ଦ୍ରମଣିଙ୍କ ଉପରେ ଆକ୍ରମଣ ଦେଖି ସ୍ତ୍ରୀ ରୋଜି ଘଟଣାସ୍ଥଳରେ ପହଞ୍ଚି ସ୍ୱାମୀଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିଥିଲେ । ଖଣ୍ଡା ଚେଟ ଚନ୍ଦ୍ରମଣିଙ୍କ ଉପରେ ପଡିଲା ବେଳକୁ ରୋଜି ହାତ ଦେଖାଇ ଅଟକାଇବାକୁ ଚେଷ୍ଟା କରିଥିଲେ । ଏଥିରେ ରୋଜିଙ୍କ ହାତ କଟି ଯାଇଛି । ଅନ୍ୟପକ୍ଷେ କୌଶଲ୍ୟା ଧଳଙ୍କ ପାଲଟା ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୬୪/୨୨) ରୁଜୁ କରିଛି। ଶନିବାର ପୂର୍ବାହ୍ନ ୧୧ଟାରେ ପୁଅ ଜଗଜୀବନଙ୍କୁ ଚନ୍ଦ୍ରମଣି ଧଳ, ତ୍ରିନାଥ ଧଳ, ମନୋଜ ଧଳ, ସାଗର ରାଉତ, ଇନ୍ଦ୍ରମଣି ସ୍ୱାଇଁ, ଉଦ୍ଧବ ଧଳ ପ୍ରମୁଖ ୬ଜଣ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଛି ।

## ନିର୍ବାଚନ ଗୀତରେ କମ୍ପୁଛି ପୁରୁଷୋତ୍ତମପୁର

**ପୁରୁଷୋତ୍ତମପୁର,୨୦।୩(ଡି.ଏନ.ଏ.)**

ପୁରୁଷୋତ୍ତମପୁର ଏନ୍‌ଏସିରେ ନିର୍ବାଚନ ଲାଗି ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଜୋରଦାର ଚାଲିଛି। ପ୍ରାର୍ଥୀମାନେ ଭୋଟରଙ୍କୁ ମନାଇବା ଲାଗି ଗୁଆଘିଅ, ଶଗଡ ଗାଡି, ରଙ୍ଗବତୀ ଭଳି ଗୀତକୁ ଆପଣେଇ ପ୍ରଚାର ଚଳାଇଛନ୍ତି। ଏହି ଗୀତରେ ସମ୍ପୂର୍ଣ୍ଣ ସହର କମ୍ପି ଉଠୁଥିବା ବେଳେ ପ୍ରାର୍ଥୀମାନେ ନିଜ ନିଜର ସମର୍ଥକଙ୍କୁ ନେଇ ଘରକୁ ଘର ବୁଲି ବିକାଶ କରିବାର ବାର୍ତ୍ତା ଦେଇ ଭୋଟରଙ୍କୁ ପ୍ରଭାବିତ କରୁଛନ୍ତି। ଏଠାରେ ଅଧକ୍ଷା ପ୍ରାର୍ଥୀ ଲାଗି ୪ଜଣ ବିଜେଡିରୁ ରଶ୍ମିରେଖା ତ୍ରିପାଠୀ, ଭାଜପାରୁ ପ୍ରଭାତୀ ପଟ୍ଟନାୟକ, କଂଗ୍ରେସରୁ ସୁରଚିତା ସାହୁ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରିୟଙ୍କା ଗୌଡ ରହିଛନ୍ତି। ପ୍ରଚାରରେ ବିଜେଡିର ରଶ୍ମିରେଖା ତ୍ରିପାଠୀ ଆଗରେ ରହିଛନ୍ତି। ରଶ୍ମିରେଖାଙ୍କ ସହ ବିଭିନ୍ନ ୱାର୍ଡର ଦଳୀୟ କାଉନସିଲ ପ୍ରାର୍ଥୀଙ୍କ ଲାଗି ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ବ୍ଲକ ଅଧକ୍ଷ ଦୈତାରୀ ବେହେରା, ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ର, ଜିଲା ଯୁବ ସମ୍ପାଦକ ପ୍ରେମାନନ୍ଦ ସାହୁ, ନଗର ସଭାପତି ପ୍ରଭାତ ପଟ୍ଟନାୟକ, ନଗର ଯୁବ ସଭାପତି ମନୋଜ ଗୌଡଙ୍କ ସମେତ ପୂର୍ବତନ କାଉନସିଲରମାନେ ଲାଗିପଡିଛନ୍ତି। ଭାଜପା ପ୍ରାର୍ଥୀ ପ୍ରଭାତୀ ପଟ୍ଟନାୟକ ଓ ଦଳୀୟ କାଉନସିଲର ପ୍ରାର୍ଥୀଙ୍କ ଲାଗି ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା, ରାଘବ ପ୍ରସାଦ ପଟ୍ଟନାୟକ । କଂଗ୍ରେସ ପ୍ରାର୍ଥୀ ସୁରଚିତା ସାହୁ ଓ କାଉନସିଲର ପ୍ରାର୍ଥୀଙ୍କ ଲାଗି ନଗର କଂଗ୍ରେସ ସଭାପତି ମନୋରଞ୍ଜନ ଦାଶ ଓ କର୍ମୀମାନେ ଲାଗିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ପ୍ରିୟଙ୍କା ଗୌଡଙ୍କ ଲାଗି ତାଙ୍କ ସ୍ୱାମୀ ଓ ସମର୍ଥକମାନେ ୱାର୍ଡ ନଂ ୪ର କାଉନସିଲର ପ୍ରାର୍ଥୀ ଅଶୋକ କୁମାର ମହାନ୍ତିଙ୍କ ପ୍ରଚାରରେ ଲାଗିଛନ୍ତି।

# ପୂଜକ ମହାସଂଘର ଜିଲାସ୍ତରୀୟ ବୈଠକ


ବୈଠକରେ ଯୋଗଦେଇଥିବା ପୂଜକ ମହାସଂଘର କର୍ମକର୍ତ୍ତା ।

**ନୟାଗଡ଼ ଅଫିସ,୨୦।୩**

ଶିବଶକ୍ତି ମନ୍ଦିର ପୂଜକ ମହାସଂଘର ନୟାଗଡ଼ ଜିଲାସ୍ତରୀୟ ବୈଠକ ଶରଣକୁଳ ଲଡୁବାବାଙ୍କ ମନ୍ଦିରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଶରଣକୁଳ ଶୈବ ସେବାୟତ ସଂଘର ସଭାପତି ତ୍ରିଲୋଚନ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜ୍ୟ ମହାସଂଘର ସଭାପତି ସ୍ୱାଧୀନ ମହାପାତ୍ର, ସମ୍ପାଦକ ଦେବୀଦତ୍ତ ମହାପାତ୍ର ଯୋଗଦେଇ ଶୈବ ସେବାୟତମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଜିଲା ସଭାପତି ପ୍ରଭାତ ମହାପାତ୍ର, ସମ୍ପାଦକ ସନ୍ତୋଷ ମହାପାତ୍ରଙ୍କ ସମେତ ସଂଘର କାର୍ଯ୍ୟକାରୀ କର୍ମକର୍ତ୍ତାମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଶେଷ କରି ସେବାୟତମାନଙ୍କ ଜମି ପଟ୍ଟା ସମ୍ବନ୍ଧୀୟ ସମସ୍ୟା ସହିତ ବିଭିନ୍ନ ସରକାରୀ ସହାୟତା କିପରି ସୁବିଧାରେ ମିଳିପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅନନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀରଘୁନାଥ ଜୀଉ ମନ୍ଦିର ନିକଟରେ ନିର୍ମାଣ ହେବ ମାର୍କେଟ କମ୍ପ୍ଲେକ୍ସ

## ୫୪ ହିତାଧିକାରୀଙ୍କୁ ଭଡ଼ାସୂତ୍ରରେ ଦିଆଯିବ

**ଓଡ଼ଗାଁ,୨୦।୩ (ସ୍ୱ.ପ୍ର.)**

ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ପ୍ରବେଶଦ୍ୱାରର ଉଭୟ ପାର୍ଶ୍ୱରେ ଦେବୋତ୍ତର ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ମନ୍ଦିର ତଥା ଦେବୋତ୍ତର ବିଭାଗ ନିଷ୍ପତ୍ତି ନେଇଛି । ପ୍ରସ୍ତାବିତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣକୁ ରାଜ୍ୟ ଏଣ୍ଡାମେଣ୍ଟ ଯୋଜନା କମିଶନର ଅନୁମୋଦନ କରିବା ପରେ ମନ୍ଦିର ପ୍ରଶାସନ ତରଫରୁ ନିର୍ମାଣ କାର୍ଯ୍ୟପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଶ୍ରୀଜୀଉଙ୍କ ମନ୍ଦିର ପ୍ରବେଶ ଦ୍ୱାର ଅର୍ଥାତ୍ ସାନ ସିଂହଦ୍ୱାରର ଉଭୟ ପାର୍ଶ୍ୱରେ ଥିବା ଅସ୍ଥାୟୀ ଦୋକାନଗୁଡ଼ିକୁ ସମ୍ପୂର୍ଣ୍ଣ ଭାଙ୍ଗିବା ପରେ ଦୁଇ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ । ଏସବୁ ଦୋକାନ ଗୃହ ୫୪ ଜଣ ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ବଣ୍ଟନ କରାଯିବ । ଉଭୟ ପାର୍ଶ୍ୱରେ ଥିବା ଦୋକାନୀମାନଙ୍କୁ ଶ୍ରୀରାମ ନବମୀ ଯାତ୍ରା ପରେ ଅସ୍ଥାୟୀ ମାର୍କେଟ କମ୍ପ୍ଲେକ୍ସକୁ ସ୍ଥାନାନ୍ତର କରାଯାଇ ନିର୍ମାଣକାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ । ନୂତନ ଦୋକାନ ଗୃହ ନିର୍ମାଣ ପରେ ସେମାନଙ୍କୁ ହସ୍ତାନ୍ତର କରାଯିବ । ଅନ୍ୟପକ୍ଷେ ନିର୍ମାଣ କାର୍ଯ୍ୟ ଶେଷ ହେବାପରେ ସମସ୍ତ ସର୍ତ୍ତପୂରଣ କରୁଥିବା ବ୍ୟବସାୟୀଙ୍କୁ ଅଗ୍ରାଧିକାର ଭିତ୍ତିରେ ପ୍ରଥମ ମହଲା ବଣ୍ଟନ କରାଯିବ । ପ୍ରସ୍ତାବିତ ୫୪ କୋଠରୀ ମଧ୍ୟରୁ ଅବଶିଷ୍ଟ କୋଠରୀଗୁଡ଼ିକ ଲଟେରୀ ମାଧ୍ୟମରେ ବଣ୍ଟନ କରାଯିବ । ନୟାଗଡ଼ ଉପଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶାନୁସାରେ ପ୍ରସ୍ତାବିତ ମାର୍କେଟ କମ୍ପ୍ଲେକ୍ସ ଭଡ଼ାସୂତ୍ରରେ ଦୋକାନ କୋଠରୀ ଅଧିଗ୍ରହଣ ପାଇଁ ପୁରୁଣା ଓ ନୂଆ ସମସ୍ତ ଆଶାୟୀମାନେ ୧ଲକ୍ଷ ୫୦ ହଜାର ଟଙ୍କା ଅଗ୍ରୀମ ଜମାଦେବା ସହିତ ଅବଶିଷ୍ଟ ୧ଲକ୍ଷ ୫୦ ହଜାର ଟଙ୍କା ମନ୍ଦିର ଉନ୍ନତି ନିମନ୍ତେ ଦାନ ସୂତ୍ରରେ ଜମା କରିବେ । ଆବେଦନକାରୀମାନେ ମୋଟ ୩ ଲକ୍ଷ ଟଙ୍କା ତା ୩୧।୩ ।୨୦୨୨ରିଖ ସୁଧା ମନ୍ଦିର ପ୍ରଶାସନଙ୍କଠାରେ ଜମା କରିବାକୁ ଦିନ ଧାର୍ଯ୍ୟ କରାଯାଇଛି ।

# ପଖାଳ ଦିବସ ପାଳିତ

**ଦଶପଲ୍ଲା,୨୦।୩ (ଡି.ଏନ.ଏ.)**

ପଖାଳ ସହିତ ଓଡିଆଙ୍କ ସମ୍ପର୍କ ଅତି ନିବିଡ଼ । ଓଡ଼ିଆ ପରମ୍ପରା ସହ ପଖାଳ ଯୋଡ଼ି ହୋଇ ରହିଛି । ଓଡ଼ିଆ ଜୀବନଶୈଳୀରେ ପଖାଳ କେବଳ ନିତିଦିନିଆ ଖାଦ୍ୟ ନୁହେଁ,ଏହା ଓଡ଼ିଆଙ୍କ ପରିଚୟ। ଜଗତରନାଥ ଜଗନ୍ନାଥ ମଧ ପଖାଳ ପ୍ରିୟ । ଏହାକୁ ଆଖି ଆଗରେ ରଖି ରବିବାର ପଖାଳ ଦିବସ ପାଳିତ ହୋଇଯାଇଛି । ଦଶପଲ୍ଲା ଶ୍ରୀ ସୀତାରାମ ବ୍ରହ୍ମଜ୍ୟୋତି ଆଶ୍ରମର ପ୍ରତିଷ୍ଠାତା ଶ୍ରୀ ଅବିନାଶ ଦାସ ଜୀ ମହାରାଜ (ଖୋଲବାବା)ଙ୍କ ଆଶ୍ରମରେ ପଖାଳ ଭୋଜନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ବେହେରାଙ୍କ ସମେତ ଦଶପଲ୍ଲାର ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।


ପଖାଳ ଭୋଜନରେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ।

# ତରକାରି ଖାଇ ଦମ୍ପତି ଅସୁସ୍ଥ

**ଆର.ଉଦୟଗିରି,୨୦।୩ (ଡି.ଏନ.ଏ.)**

ମୋହନା ବ୍ଲକ ମଳାସପଦର ପଞ୍ଚାୟତ ଅନ୍ତର୍ଗତ ହାଲାପଙ୍କା ଗ୍ରାମର ଏକ ଦମ୍ପତି ଗୁରୁବାର ସନ୍ଧ୍ୟାରେ ଫୁଲକୋବି ତରକାରି ଖାଇ ଅସୁସ୍ଥ ହୋଇ ପଡ଼ିଥିଲେ । ସେମାନେ ହେଲେ ଯବିତ୍ର ଗମାଙ୍ଗ ଓ ତାଙ୍କ ସ୍ତ୍ରୀ ନମିତା । ଦମ୍ପତି ନିଜ ବାଡ଼ିରେ ଚାଷ କରିଥିବା ଫୁଲକୋବିରେ ୩ଦିନ ପୂର୍ବରୁ କୀଟନାଶକ ସିଞ୍ଚନ କରିଥିଲେ। ଗୁରୁବାର ସନ୍ଧ୍ୟାରେ କୋବି ଆଣି ରୋଷେଇ କରି ଖାଇବା ପରେ ଦୁହେଁ ଅସୁସ୍ଥ ହୋଇପଡ଼ିଥିଲେ। ଗ୍ରାମବାସୀ ସେମାନଙ୍କୁ ମୋହନା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ଉଭୟେ ସୁସ୍ଥ ହୋଇଛନ୍ତି।

# ଗୋପାଳ ସମାଜ ପକ୍ଷରୁ ଦୋଳ ଉତ୍ସବ

**ଖଣ୍ଡପଡ଼ା,୨୦।୩ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନିକଟସ୍ଥ ପଥରଚକଡ଼ା, ଭୋଗଡ଼ା, ରାଣିଛେଲି ଓ ଗୋହିରିଆପଡ଼ାର ଗୋପାଳ ସମାଜ ପକ୍ଷରୁ ଦୋଳ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ନିକଟସ୍ଥ ପଥରଚକଡ଼ା ତଳସାହି ଓ ଗୋଡ଼ିସାହି ଗୋପାଳ ସମାଜ ପକ୍ଷରୁ ତଥା ସମାଜର ବେହେରା କସ୍ତୁରୀ ଚରଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଇଷ୍ଟଦେବ ଗୋପୀନାଥ ଜୀଉ ଗ୍ରାମ ପରିକ୍ରମା କରି ଚାଚେରୀ ଭୋଗ ଖାଇଥିଲେ। ସନ୍ଧ୍ୟାରେ ଲଉଡି ଖେଳ ପ୍ରଦର୍ଶନ କରାଯାଇଥିଲା। ବାଲୁକା ଶିଳ୍ପୀ ପ୍ରଶାନ୍ତ କୁମାର ସାହୁଙ୍କ ଦ୍ୱାରା ନିର୍ମିତ ରାଧାକୃଷ୍ଣଙ୍କ ମୂର୍ତ୍ତି ଗ୍ରାମରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା ।

ରାତିରେ କୃଷ୍ଣଲୀଳା ପରିବେଷଣ କରାଯାଇଥିଲା । ଦୋଳ ଅବସରରେ


ଦୋଳପୂର୍ଣ୍ଣମୀରେ ପୂଜା ପାଉଥିବା ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ।

ବନ୍ଦାଣ ଉତ୍ସବ ଆମର ପ୍ରଧାନ ପର୍ବ ଭାବେ ପାଳନ କରିଥାଉ ବୋଲି ସମାଜର ଗୁରୁ ପୂର୍ଣ୍ଣ ଚନ୍ଦ୍ର ଡାଳୁଆ ଓ ବୀର ବେହେରା ପ୍ରକାଶ କରିଥିଲେ ।

## ଗୋଲିଆ ପିଇଓଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

**ବୁଗୁଡ଼ା,୨୦।୩ (ଡି.ଏନ.ଏ.)**

ଫେବୃୟାରୀ ୨୬ ରାତିରେ ୪୧ ନମ୍ବର ଜୋନ୍‌ର ଭୋଟ ଗଣତି ସାରି ଫେରୁଥିବା ବେଳେ ବୁଗୁଡ଼ା ବ୍ଲକ ଛକରେ ଗୋଲିଆ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ ଚନ୍ଦ୍ର ସେଠୀଙ୍କୁ ହୋଇଥିବା ଆକ୍ରମଣ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ବୁଗୁଡା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ୪୨ ନମ୍ବର ଜୋନ୍‌ର ଭାଜପା ଜିଲା ପରିଷଦ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ଭୂୟାଁ ଏବଂ ଗୌଡିଆବୋରଦା ପଞ୍ଚାୟତର ଭାଜପା ସମର୍ଥିତ ବିଜୟୀ ସରପଞ୍ଚ ପ୍ରାର୍ଥିନୀଙ୍କ ପୁଅ ପ୍ରକାଶ ମହାରଥା। ଏନେଇ ବୁଗୁଡ଼ା ଥାନାରେ ନଂ. ୧୧୯/୨୨ରେ ଏକ ମାମଲା ରୁଜୁ ହେଇଥିଲା। ଘଟଣା ପରଠାରୁ ଅଭିଯୁକ୍ତ ଦ୍ୱୟ ଫେରାର ଥିଲାବେଳେ ପୋଲିସ ପ୍ରକାଶଙ୍କୁ ଚେନ୍ନାଇରୁ ଏବଂ ପୂର୍ଣ୍ଣଙ୍କୁ ଫୁଲବାଣୀରୁ ଧରିଛି।

# ୧୧ ଶମ୍ଭୁ ଗାଁ ବୁଲି ଭୋଗ ଖାଇଲେ

**ନୟାଗଡ଼ ଅଫିସ,୨୦।୩**

ଗୋଡ଼ିପଡ଼ା ଲଡୁକେଶ ମହେଶଙ୍କ ପୀଠରେ ଦୋଳପର୍ବ ମହାସମାରେହରେ ଅନୁଷ୍ଠିତ ହୋଇଯାଇଛି । ଏଠାରେ ୧୧ ବିମାନରେ ଠାକୁର ଆସି ଗୋଡ଼ିପଡା ଗାଁରେ ଭୋଗ ଖାଇ ଫେରିଥିଲେ । ପ୍ରାୟ ୩୦୧ ବର୍ଷ ହେଲା ଏଠାରେ ଦୋଳଯାତ୍ରା ଆଉ ବିଗତ ବର୍ଷ ପରି ହେଉ ନ ଥିଲା। ଧିରେ ଧରେ ବିମାନ ସଂଖ୍ୟା କମି ୨ରେ ପହଞ୍ଚିଥିଲା । ଦୋଳପର୍ବ କେବଳ ପର୍ବରେ ସୀମିତ ରହିଥିଲା । ୨୦୧୨ରେ ୯ଟି ବିମାନରେ ଠାକୁର ଆସି ମେଳଣ ପଡ଼ିଆରେ ସମାଗମ ହୋଇଥିଲେ । ଚଳିତ ବର୍ଷ ୧୧ ଠାକୁର ଏକ ଆଟୋପ ପଟୁଆର ଗାଁ ପରିକ୍ରମା କରିଥିଲେ। ଏଥିରେ ଗୋଡ଼ିପଡାର ଲଡୁକେଶ ମହେଶଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଓ ଗୋପୀନାଥ, ଡିମିଶର ଓ ଡମସାହିର ଦଧିବାମନ, ଡିମଶରର ଲଡୁବାବା, କେଶପାନିଆର ସ୍ୱପ୍ନେଶ୍ୱର, ପାଟୁଳିସାହିର ଆଖଣ୍ଡଳମଣି, ସାନଗୋରଡ଼ା ଗାଁର ଲଡୁକେଶ୍ୱର, ତଳାରିବନ୍ଧର ବିଶେଶ୍ୱରନାଥ ଠାକୁର ଅଂଶ ଗ୍ରହଣ କରିଥିଲେ । ଠାକୁର ଗୋଡ଼ିପଡ଼ା ଗାଁକୁ ଯାଇ ଭୋଗ ଖାଇଥିଲେ ।

## ନୟାଗଡ଼ରେ ୧୨ ଶମ୍ଭୁ ମେଳଣ

ସେହିପରି ନୟାଗଡ଼ ଜିଲା ସଦର ମହକୁମାରେ ଦୋଳ ପର୍ବ ମହାସମାରୋହରେ ପାଳିତ ହୋଇ ଯାଇଛି । ଦୋଳପୂର୍ଣ୍ଣିମା ଅବସରରେ ନୟାଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖରେ ୧୨ ଶମ୍ଭୁ ମେଳଣ ହୋଇଥିଲା। କରଣସାହିର ବିଶ୍ୱନାଥ, ଜଗନ୍ନାଥ ମନ୍ଦିରର କାଶି ବିଶ୍ୱନାଥ ଓ ଜଗନ୍ନାଥ, ପୁରୁଣା ସହରର ଗୋପିନାଥ, ଗୁଣ୍ଡିଚାମଣ୍ଡପର ରଘୁନାଥ, ରାମେଶ୍ୱର ସାହିର ରାମେଶ୍ୱର, ବ୍ରାହ୍ମଣସାହିର କୁଞ୍ଜ ବିହାରୀ, ରାଜବାଟି ପାଖର ରାଧାମୋହନ, ହରିଜନ ସାହି ପାଶକର ରଧାନାଥଙ୍କର ସମାଗମ ହୋଇଥିଲା । ସେହିଭଳି ଶରଣକୁଳ ଲଡୁବାବାଙ୍କ ପୀଠରେ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କ ସହିତ ଗୋପୀନାଥ ଠାକୁର ଓ ହରିହରପୁର ଗ୍ରାମର ଦଧିବାମନ ଜୀଉ ଠାକୁର ଦୋଳପୂର୍ଣ୍ଣିମାରେ ଦୋଳମଣ୍ଡପକୁ ବିଜେ କରିଥିଲେ । ଏଠାରେ ନୂତନ ପାଞ୍ଜି ପାଠ କରି ପୂଜକ ୨୦୨୨-୨୩ର ପର୍ବପର୍ବାଣୀ, ପାଣିପାଗ,କ୍ଷେତ ଅମଳ ଓ ଆୟବ୍ୟୟ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ସମସ୍ତ ଠାକୁରମାନଙ୍କୁ ବଡ଼ପଣ୍ଡାମାନେ ସୁ-ସଜ୍ଜିତ ବିମାନରେ ଉପବେଶନ କରି ଭୋଗଲାଗି ପାଇଁ ସୁଆର ସାହି,ଭିକାରୀପଡ଼ା ବ୍ରାହ୍ମଣ ଶାସନ ଯାଇ ମନ୍ଦିରକୁ ଫେରିଥିଲେ। ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ, ସମସ୍ତ ସେବାୟତ ଏହି ଉତ୍ସବରେ ସହଯୋଗ କରିଥିଲେ ।